


ଅଗଷ୍ଟ ୧୪ରେ
‘ନାଗଜିଲା’
▶ପୃଷ୍ଠା ୧୨ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-125 ◆SATURDAY ◆1 NOVEMBER 2025 ◆PAGE-12 ◆₹ 6.00

PANIKOILI

◆ବର୍ଷ-୪୩ ◆ସଂଖ୍ୟା-୧୨୫ ◆ଶନିବାର ◆୧ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଚିନ୍ତା ବଢ଼ାଇଲା ଦିଲ୍ଲୀ-ଏନ୍‌ସିଆର ବାୟୁ ପ୍ରଦୂଷଣ

**୭୫ ପ୍ରତିଶତ ପରିବାର ଜଣେ ଭୂତାଣୁଜନିତ ରୋଗର ଶିକାର**



■ **ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି):** ଦୀପାବଳି ପରେ ରାଜଧାନୀ ଦିଲ୍ଲୀ ଓ ଏନ୍‌ସିଆରରେ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି। ଏଠାରେ ରହୁଥିବା ଲୋକେ ନିଃଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ପ୍ରଦୂଷଣ କେବଳ ଫୁସ୍‌ଫୁସ୍ ଉପରେ ନୁହେଁ, ବରଂ ହୃଦୟ, ମସ୍ତିଷ୍କ, କିଡ୍‌ନୀ, ପାକସ୍ଥଳୀରେ ମଧ୍ୟ ନକରାତ୍ମକ ପ୍ରଭାବ ପକାଉଛି। ଶ୍ୱାସ ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଏହି ବାୟୁ ବିପଦ ପାଲଟି ଯାଇଛି। ତେଣୁ କିଛି ଦିନ ଦିଲ୍ଲୀ ବାହାରେ ରହିବାକୁ ଡାକ୍ତରମାନେ ଏହି ରୋଗୀଙ୍କୁ ପରାମର୍ଶ ଦେଉଛନ୍ତି। ଦିଲ୍ଲୀ ଓ ଏନ୍‌ସିଆରର ବାୟୁ ମଣ୍ଡଳରେ ଏବେ କେବଳ ଧୂଆଁ, କୁହୁଡି ଛାଇ ରହିଛି। ଏହାକୁ ନେଇ ଭୟଙ୍କର ତଥ୍ୟ ▶ପୃଷ୍ଠା-୭

# ‘ଟାଇମ୍’ର ପ୍ରଭାବଶାଳୀ ୧୦୦ ବ୍ୟକ୍ତିରେ ୱାଙ୍ଗଚୁକ୍

■ **ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି):** ନ୍ୟୁୟର୍କସ୍ଥିତ ଜଣାଶୁଣା ସମ୍ବାଦ ପତ୍ରିକା ଟାଇମ୍ ମାଗାଜିନ ବିଶ୍ୱର ୧୦୦ ଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶିତ କରିଛି। ଏହି ତାଲିକାରେ ଲଦାଖର ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ସାମିଲ ହୋଇଛନ୍ତି। ୱାଙ୍ଗଚୁକ୍ ଜଣେ ଇଞ୍ଜିନିୟର, ଶିକ୍ଷାବିତ୍ ଓ ସାମାଜିକ କର୍ମୀ ବୋଲି ଏହି ମାଗାଜିନ ଉଲ୍ଲେଖ କରିଛି। ଗତ ମାସରେ ଲଦାଖକୁ ପୂର୍ଣ୍ଣ ରାଜ୍ୟର ମାନ୍ୟତା ଦେବା ପାଇଁ ହୋଇଥିବା ଆନ୍ଦୋଳନରେ ହିଂସାକୁ ନେଇ ତାଙ୍କୁ ଗିରଫ କରାଯାଇଥିଲା। ସେ ଗତ ଗୋଟିଏ ଦଶନ୍ଧି ଧରି ପ୍ରାଚୀନ ସାଂସ୍କୃତିକ ପରମ୍ପରା, କୃତ୍ରିମ ଗ୍ଲାସିୟର ନିର୍ମାଣ କରିବାରେ ନୂଆ ବୈଜ୍ଞାନିକ ଜ୍ଞାନକୌଶଳର ପ୍ରୟୋଗ ନେଇ କାର୍ଯ୍ୟ କରିଆସୁଛନ୍ତି। ଏ ନେଇ ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଜେ ଅଙ୍ଗମୋ ‘ଏକ୍ସ’ରେ ପୋଷ୍ଟ କରିଛନ୍ତି। ‘ଟାଇମ ମାଗାଜିନ୍ ତାଙ୍କୁ ବିଶ୍ୱର ୧୦୦ ପ୍ରଭାବଶାଳୀ ତାଲିକାରେ ସାମିଲ କରିଛି, କିନ୍ତୁ ଆମ ସରକାର ତାଙ୍କୁ ଦେଶଦ୍ରୋହୀ ବୋଲି ଅଭିହିତ କରିଛନ୍ତି। ଦେଶ ପ୍ରତି ତାଙ୍କଠାରୁ ବିପଦ ରହିଛି ବୋଲି ସରକାର କହୁଥିବା’ ସେ ଲେଖିଛନ୍ତି। ସେପ୍ଟେମ୍ବର ୧୦ରେ ସୋନମଙ୍କୁ ▶ପୃଷ୍ଠା-୭



# ଭାରତ-ଆମେରିକା ପ୍ରତିରକ୍ଷା ଚୁକ୍ତି

## ୧୦ ବର୍ଷ ପାଇଁ ଉନ୍ନତ ଜ୍ଞାନକୌଶଳ ଯୋଗାଇବ ଆମେରିକା



■ **କୁଆଲାଲମପୁର, ୩୧।୧୦ (ଏଜେନ୍ସି):** ଚଢ଼ା ଶୁଳ୍କ, ବାଣିଜ୍ୟ ଚୁକ୍ତି ସହିତ ବିଭିନ୍ନ ପ୍ରସଙ୍ଗକୁ ନେଇ ଆମେରିକା ଏବଂ ଭାରତ ମଧ୍ୟରେ ବିବାଦ ବଢ଼ିବାରେ ଲାଗିଛି। ରୁଷଠାରୁ ତୈଳ କିଣିବାକୁ ନେଇ ଆମେରିକା ରାଷ୍ଟ୍ରପତି ଭାରତକୁ ନିଶାଣ କରୁଛନ୍ତି। ଯୁଦ୍ଧ ପାଇଁ ନୂଆଦିଲ୍ଲୀକୁ ଦାୟୀ କରି ଅତିରିକ୍ତ ଶୁଳ୍କ ମଧ୍ୟ ଲଗାଇଛନ୍ତି। ‘ଅପରେସନ ସିନ୍ଦୂର’ ରୋକିଥିବା ନେଇ ବାରମ୍ବାର ଦାବି କରି ଆସୁଛନ୍ତି। ଭାରତ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିବା ସତ୍ତ୍ୱେ ବି ଟ୍ରମ୍ପ ଅଟକୁ ନାହାନ୍ତି। ଏପରି ସମୟରେ ଶୁକ୍ରବାର ଭାରତ ଏବଂ ଆମେରିକା ମଧ୍ୟରେ ୧୦ ବର୍ଷ ପାଇଁ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର ହୋଇଛି। ଏହି ଅବଧି ମଧ୍ୟରେ ଦୁଇ ଦେଶ ମିଳିତ ଭାବେ ନିଜ ସେନା, ପ୍ରତିରକ୍ଷା ଉଦ୍ୟୋଗ ଏବଂ ଜ୍ଞାନକୌଶଳରେ ସହଯୋଗକୁ ଅଧିକ ମଜବୁତ କରିବେ। ଏହା ଅଧୀନରେ ଭାରତକୁ ଆମେରିକା ଉନ୍ନତ ଜ୍ଞାନକୌଶଳ ପ୍ରଦାନ କରିବ। ଏହି ଚୁକ୍ତି ମାଲେସିଆର କୁଆଲାଲମପୁରରେ ସ୍ୱାକ୍ଷର ହୋଇଛି। ଏଠାରେ ଅନୁଷ୍ଠିତ ଆସିଆନ ରାଷ୍ଟ୍ରର ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଦୁଇ ଦେଶର ପ୍ରତିନିଧି ସାମିଲ ହୋଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗ୍‌ସେଥ୍ ଏହି ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।

ଦିନକ ତଳେ ଇରାନର ଚାବାହାର ବନ୍ଦର ବିକାଶ କରୁଥିବା ଭାରତକୁ କଟକଣାରୁ ୬ ମାସ ପାଇଁ ଆଶ୍ୱସ୍ତି ପ୍ରଦାନ କରିଥିଲା। କିନ୍ତୁ ଏହା ପୂର୍ବରୁ ବନ୍ଦରର ପରିଚାଳନା, ଆର୍ଥିକ ସହାୟତା ଦେବା କିମ୍ବା ଏ ସମ୍ବନ୍ଧିତ କାମରେ ସାମିଲ କମ୍ପାନୀଙ୍କ ଉପରେ ଜୋରିମାନା ଲଗାଇବାକୁ କୁହାଯାଇଥିଲା। ଭାରତ ୧୦ ବର୍ଷ ପାଇଁ ଏହି ବନ୍ଦରର ପରିଚାଳନା ଦାୟିତ୍ୱ ନିଜ ହାତକୁ ନେଇଛି। ଆଜି ସ୍ୱାକ୍ଷର ପ୍ରତିରକ୍ଷା ଚୁକ୍ତି ଦ୍ୱାରା ୪ଟି ବଡ଼ ଲାଭ ମିଳିବ। ଉଭୟ ଦେଶର ସେନା ମିଳିତ ଭାବେ ପ୍ରଶିକ୍ଷଣ ▶ପୃଷ୍ଠା-୭

## ନୂଆପଡ଼ାବାସୀଙ୍କୁ ନବୀନଙ୍କ ବାର୍ତ୍ତା



**ନୂଆପଡ଼ାର ଜୀବନରେଖା ପାଲଟିଛି ବିଜୁ ଏକ୍ସପ୍ରେସ ୱେ**

**୪୮୦ କୋଟି ଟଙ୍କା ପ୍ରକଳ୍ପ ମଞ୍ଜୁର କରିଥିଲେ ନବୀନ**

# ମୁଇଁ ଆସୁଛେଁ; ଆପଣମାନେ ଖୁସି ତ?

■ **ଭୁବନେଶ୍ୱର, ୩୧।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ପ୍ରଚାର ପାଇଁ ଦୁଇଦିନ ପରେ ମଇଦାନକୁ ଓହ୍ଲାଇବେ ବିଜେଡ଼ି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ଆସନ୍ତା ୩ ତାରିଖରେ ନବୀନ କୋମନାରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ। ଏହା ପୂର୍ବରୁ ନୂଆପଡ଼ାବାସୀଙ୍କ ପାଇଁ ଏକ ଭିଡ଼ିଓବାର୍ତ୍ତା ଜାରି କରିଛନ୍ତି ନବୀନ ପଟ୍ଟନାୟକ। ସ୍ଥାନୀୟ ଭାଷାରେ ନବୀନଙ୍କ ଏହି ଛୋଟିଆ ଭିଡ଼ିଓଟି ନୂଆପଡ଼ାର ଜନସାଧାରଣଙ୍କ ମନରେ ଭରି ଦେଇଛି ଉତ୍ସାହ। ନବୀନଙ୍କୁ ସ୍ୱାଗତ କରିବା ପାଇଁ ନୂଆପଡ଼ାରେ ପ୍ରସ୍ତୁତି ଆରମ୍ଭ ହୋଇଛି।

ନୂଆପଡ଼ା ଜିଲ୍ଲାର କୋମନା ଅଞ୍ଚଳର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ନବୀନ କହିଛନ୍ତି ଯେ ‘କୋମନାର ପ୍ରିୟ ଭାଇ ବହେନ୍ ମାନ୍‌କେ ମୋର୍ ଜୁହାର୍। ଆସ୍‌ବାର୍ ୩ ତାରିଖ ମୁଇଁ କୋମନା ଆସୁଛେଁ। ଆପଣମାନ୍‌କେ ସବ୍‌କେ ଭେଟ୍‌ମି। ଆପଣମାନ୍‌କେ ସାଗେଁ ମୁଇଁ ଦୁଇପଦ୍ କଥା ହେମି। ▶ପୃଷ୍ଠା-୭

## ପ୍ରୀତିରଞ୍ଜନଙ୍କ ଭଡ଼ାଘରେ ଚଢ଼ଉ

# କିଛି ପାଇଲାନି ପୁଲିସ ଟିମ୍

**ସରକାରୀ କଳର ଦୁରୁପଯୋଗ ଅଭିଯୋଗ**

■ **ନୂଆପଡା, ୩୧।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ତିଥି ଯେତିକି ପାଖେଇ ଆସୁଛି ରାଜନୈତିକ ଉଷ୍ମତା ସେତିକି ସେତିକି ବଢ଼ି ଚାଲିଛି। ବିଭିନ୍ନ ସମୟରେ ଧରପଗଡ଼ ନାଁରେ ପ୍ରଶାସନିକ କଳର ଦୁରୁପଯୋଗ ହେଉଥିବା ଅଭିଯୋଗ ହେଉଛି। ଶୁକ୍ରବାର ମଧ୍ୟାହ୍ନରେ ସ୍ଥାନୀୟ ଖରିଆରରୋଡ଼ସ୍ଥିତ ବିଜେଡିର ଷ୍ଟାର ପ୍ରଚାରକ ତଥା ସୁକିନ୍ଦା ବିଧାୟକ ପ୍ରୀତି ରଞ୍ଜନ ଘଡ଼େଇଙ୍କ ଅସ୍ଥାୟୀ ବାସଭବନ ଉପରେ ପୁଲିସ ଚଢ଼ଉ କରିଥିବା ବେଳେ ସେଠାରୁ କିଛି ନପାଇ ଖାଲି ହାତରେ ଫେରିଛି। ହଠାତ ପୁଲିସର ଚଢ଼ଉକୁ ନେଇ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଇଥିଲା। ପୁଲିସ ସରକାରୀ କଳର ଦୁରୁପଯୋଗ ହୋଇଛି ବୋଲି ଅଭିଯୋଗ ହୋଇଛି। ପ୍ରକାଶ ଯେ ମଧ୍ୟାହ୍ନ ପ୍ରାୟ ଗୋଟାଏ ସମୟରେ ଏସଏସଟି (ଷ୍ଟାଟିକ ସର୍ଭିଲାନ୍ସ ଟିମ୍) ମାଜିଷ୍ଟ୍ରେଟ ଡ଼.ରେଶମଲାଲ ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ଖରିଆରରୋଡ଼ ଯୋଙ୍କ ଥାନା ନିକଟରେ ପ୍ରୀତି ରଞ୍ଜନ ▶ପୃଷ୍ଠା-୭

## ବେଆଇନ୍ କାର୍ଯ୍ୟକୁ ନେଇ ସିଇଓଙ୍କୁ ଭେଟିଲା ବିଜେଡି

**ନୂଆପଡ଼ା ଜିଲ୍ଲାପାଳଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି**

■ **ଭୁବନେଶ୍ୱର, ୩୧।୧୦ (ସମିସ):** ନୂଆପଡ଼ା ଉପ ନିର୍ବାଚନ ପାଇଁ ଜୋରଦାର ପ୍ରଚାର ଭିତରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ବରିଷ୍ଠ ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼ାଇଙ୍କ ଭଡ଼ା ଘରେ ଚଢ଼ଉ କରିଛି ପୁଲିସ। ଏହି ଘଟଣାକୁ ବିଜେଡି ତୀବ୍ର ବିରୋଧ କରିବା ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କୁ ଭେଟିଛି। ଏହି ଚଢ଼ାଉକୁ ବିଜେଡି ବେଆଇନ ଦର୍ଶାଇବା ସହ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୁଦନ ଦାସ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିଥିବା ଦଳ ଅଭିଯୋଗ କରିଛି। ତେଣୁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛି। ବିଜେଡିର ଏକ ପ୍ରତିନିଧି ଦଳ ସିଇଓଙ୍କୁ ଭେଟି ପ୍ରଦାନ କରିଥିବା ଦାବିପତ୍ରରେ ଦର୍ଶାଇଛି ଯେ ନୂଆପଡା ▶ପୃଷ୍ଠା-୭

## ବ୍ରହ୍ମପୁର ଏସ୍‌ପିଙ୍କୁ ସ୍ୱଷ୍ଟୀକରଣ ମାଗିଲେ ହାଇକୋର୍ଟ

**ହତ୍ୟା ମାମଲାରେ ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟ ସାର୍ବଜନୀନ କରିବା ମହଙ୍ଗା ପଡ଼ିଲା**

■ **କଟକ, ୩୧।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ନିର୍ବାଚନୀ ମକଦ୍ଦମା ସମ୍ପର୍କିତ ତଥ୍ୟକୁ ସାର୍ବଜନୀନ କରିବା ବ୍ରହ୍ମପୁର ଏସପିଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଏହି ଘଟଣାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିବା ସହ ବ୍ରହ୍ମପୁର ଏସପିଙ୍କୁ ସ୍ୱଷ୍ଟୀକରଣ ମାଗିଛନ୍ତି। ମନୋଜ କୁମାର ପଣ୍ଡାଙ୍କ ପକ୍ଷରୁ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାରଙ୍କ ବିରୋଧରେ ରୁଜୁ ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶୀକାନ୍ତ ମିଶ୍ର ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ପୀତବାସ ପଣ୍ଡା ହତ୍ୟା ଘଟଣା ସହ ଏହି ନିର୍ବାଚନୀ ମକଦ୍ଦମାକୁ ଲିଙ୍କ କରି ବ୍ରହ୍ମପୁର ଏସପି ସାର୍ବଜନୀନ ମନ୍ତବ୍ୟ ଦେବା ଘଟଣାକୁ ନେଇ ଅଦାଲତ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। ଏସପିଙ୍କ ଭଳି ଜଣେ ବରିଷ୍ଠ ପୁଲିସ ଅଧିକାରୀ କିଭଳି ଓ କେଉଁ କାରଣ ପାଇଁ ଅଦାଲତରେ ବିଚାରାଧିନ ଥିବା ମକଦ୍ଦମା ଫଳାଫଳ ▶ପୃଷ୍ଠା-୭






# ମଜୁରି ଦେଉନାହାନ୍ତି ସରକାର

## ଦେଢ଼ମାସ ହେଲା ଅନେଇ ବସିଛନ୍ତି ୩୦ ହଜାର ‘ମନରେଗା’ ଶ୍ରମିକ

■ ବାହାନଗା, ୩୧।୧୦

**ରୁଚିକ ରଞ୍ଜନ ମହାପାତ୍ର**




କେନ୍ଦ୍ର ସରକାରଙ୍କ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) ଏବେ ବାଲେଶ୍ୱର ଜିଲ୍ଲାରେ ଶ୍ରମିକଙ୍କ ପାଇଁ କଷଣ ପାଲଟିଛି। ଶ୍ରମିକଙ୍କୁ କାମ କରାଇ ପାଖାପାଖି ଦେଢ଼ ମାସର ମଜୁରି ଦେଇନାହାନ୍ତି ସରକାର। ଫଳରେ, ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ପ୍ରତି ଗ୍ରାମାଞ୍ଚଳ ଶ୍ରମିକଙ୍କ ମୋହ ଭଙ୍ଗ ହେବାରେ ଲାଗିଛି। ଗୋଟିଏ କି ଦୁଇଟି ନୁହେଁ, ପୂରା ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକ୍‌ରେ ସରକାର ଅଣକୁଶଳୀ ଶ୍ରମିକଙ୍କ ମଜୁରୀ ବାବଦ ୬ କୋଟି ୭୩ଲକ୍ଷ ୧୪ହଜାର ୫୩୩ ଟଙ୍କାର ପାଉଣା ବକେୟା ରଖିଛନ୍ତି। ବାହାନଗା ବ୍ଲକ୍‌ରେ ସର୍ବାଧିକ ୪୪୩୦ ଶ୍ରମିକଙ୍କ ୧ କୋଟି ୨୮ଲକ୍ଷ ୬୮ହଜାର ୯୪୭ ଟଙ୍କା ମଜୁରୀ ବକେୟା ପଡ଼ିଛି। ଫଳରେ ଗରିବ ଶ୍ରମିକଙ୍କ ପରିବାରରେ ଆର୍ଥିକ ସଂକଟ ଉତ୍କଟ ହୋଇଛି।

କେନ୍ଦ୍ର ସରକାର ଗ୍ରାମୀଣ ଅଞ୍ଚଳରେ ଅର୍ଥନୈତିକ ସୁରକ୍ଷା ଦେବା, ପ୍ରତି ଗ୍ରାମୀଣ ଘରୋଇ ପରିବାରକୁ ବର୍ଷକୁ ନ୍ୟୁନତମ ୧୦୦ ଦିନର କାମ ଯୋଗାଇବା, ଗ୍ରାମ ଉନ୍ନତି ସହ ନିର୍ବାହୀ ସୁଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ▶ପୃଷ୍ଠା-୭

# ଆଝାରୁଦ୍ଦିନ ତେଲଙ୍ଗାନାର ପ୍ରଥମ ମୁସ୍‌ଲିମ ମନ୍ତ୍ରୀ



ହାଇଦରାବାଦ୍, ୩୧ ।୧୦(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ତେଲଙ୍ଗାନାରେ ରେବନ୍ତ ରେଡ୍ଡୀ ସରକାରରେ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ଶୁକ୍ରବାର ରାଜଭବନରେ ଶପଥ ଗ୍ରହଣ ସମାରୋହ ଆୟୋଜିତହୋଇଥିଲା ।ତେଲଙ୍ଗାନାରଜୁବଲିହିଲ୍ସବିଧାନସଭା ସିଟ୍ ନଭେମ୍ବର ୧୧ରେ ଉପ- ନର୍ବାଚନ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ଏହି ସିଟ୍‌ରେ ମୁସଲିମ ଭୋଟରଙ୍କ ସଂଖ୍ୟା ୩୦ ପ୍ରତିଶତ । ତେଣୁ ଆଝାରୁଦ୍ଦିନଙ୍କୁ କ୍ୟାବିନେଟରେ ସାମିଲ କରାଯାଇଥିବାରୁ କଂଗ୍ରେସକୁ ଫାଇଦା ମିଳିବ ବୋଲି ଆଶା କରାଯାଉଛି । ଆଝାରୁଦ୍ଦିନ ୨୦୨୩ ନିର୍ବାଚନରେ ଏହି ସିଟ୍‌ରେ ପରାସ୍ତ ହୋଇଥିଲେ । ପୁଣି ତେଲଙ୍ଗନାର କଂଗ୍ରେସ ସରକାରରେ ଏପର୍ଯ୍ୟନ୍ତ ଜଣେ ହେଲେ ବି ମୁସଲିମ୍ ମନ୍ତ୍ରୀ ନଥିଲେ । ପୁଣି କ୍ୟାବିନେଟ ମନ୍ତ୍ରୀମଣ୍ଡଳରେ ଜଣେ ହେଲେ ବି ମୁସ୍‌ଲିମଙ୍କୁ ସାମିଲ କରାଯାଇ ନଥିବାରୁ ଆଲୋଚନା ମଧ ହେଉଥିଲା । ଏବେ ତାଙ୍କୁ ମନ୍ତ୍ରୀମଣ୍ଡଳରେ ସାମିଲ କରାଯାଇଥିବାରୁ ଏହି ଆଲୋଚାନ ପ୍ରଶମିତ ହେବ । ଏଥିସହ ରେବନ୍ତ ରେଡ୍ଡୀ ସରକାରରେ ମନ୍ତ୍ରୀ ସଂଖ୍ୟା ୧୬କୁ ବୃଦ୍ଧି ପାଇଛି । ରାଜ୍ୟରେ ସର୍ବାଧିକ ୧୮ ଜଣ ମନ୍ତ୍ରୀ ନିଯୁକ୍ତ ହେବାର ନିୟମ ରହିଛି । ୬୨ ବର୍ଷୀୟ ମହମ୍ମଦ ଆଝାରୁଦ୍ଦିନ ଦୀର୍ଘ ୧୬ ବର୍ଷର ଉଜ୍ଜ୍ୱଳମୟ କ୍ୟାରିଆରରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୯୯ଟି ଟେଷ୍ଟ, ୩୩୪ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି । ସେ ଟେଷ୍ଟରେ ୨୨ଟି ଶତକ, ୨୧ଟି ଅର୍ଦ୍ଧଶତକ ସହ ୪୫.୦୩ ହାରରେ ୬, ୨୧୫ ରନ ସଂଗ୍ରହ କରିଥିଲେ । ସେହିପରି ଦିନିକିଆରେ ୭ଟି ଶତକ ଓ ୫୮ଟି ଅର୍ଦ୍ଧଶତକ ସହ ୩୬.୯୨ ହାରରେ ୯, ୩୭୮ ରନ ସଂଗ୍ରହ କରିଛନ୍ତି ।

# କେଜ୍ରିୱାଲଙ୍କ ଆଉ ଏକ ଶିଶ୍ ମହଲ ଥିବା ବିଜେପିର ଦାବି



ନୂଆଦିଲ୍ଲୀ, ୩୧ ।୧୦(ଏଜେନ୍ସି): ଦିଲ୍ଲୀ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଆପ୍) ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ୍ ଉପରେ ଭାରତୀୟ ଜନତା ପାର୍ଟି (ବିଜେପି) ତରଫରୁ ଆଉ ଏକ ଶୀଶ ମହଲ ନିର୍ମାଣ କରିଥିବାର ଅଭିଯୋଗ କରାଯାଇଛି । ଦିଲ୍ଲୀ ବିଜେପି ଏହି କ୍ରମରେ 'ଗୁଗୁଲ ଆର୍ଥ'ର ଏକ ଚିତ୍ର ସୋସିଆଲ ମିଡିଆରେ ପୋଷ୍ଟ କରି ଏହି ଅଭିଯୋଗ ଆଣିଛି । କେଜ୍ରିୱାଲ ପଞ୍ଜାବରେ ଆଉ ଏକ ଶୀଶ ମହଲ ନିର୍ମାଣ କରିଛନ୍ତି ବୋଲି ବିଜେପି ତରଖରୁ କୁହାଯାଇଛି । ଆପ୍‌ର ରାଜ୍ୟସଭା ସାଂସଦ ସ୍ୱାତୀ ମଲିୱାଲ ଏହି ଚିତ୍ର 'ଏକ୍ସ'ରେ ସେୟାର କରି ଅଭିଯୋଗ ଆଣିଛନ୍ତି । ଣ୍ଡିଗଡ଼ର ଦୁଇ ଏକର ଜାଗାରେ ସେକ୍ଟର-୨ରେ ଏକ ବିଳାଷପୂର୍ଣ୍ଣ ୭ ଷ୍ଟାର ସରକାରୀ ବାସଭବନ କେଜ୍ରିୱାଲକୁ ପ୍ରଦାନ କରାଯାଇଛି ବୋଲି ବିଜେପି ତରଫରୁ କୁହାଯାଉଛି । ଦିଲ୍ଲୀରେ ଶୀଶ ମହଲ ନିର୍ମାଣ କରିବା ପରେ କେଜ୍ରୱାଲ୍ ଏବେ ଚଣ୍ଡିଗଡ଼ରେ ଶୀଶ ମହଲ ନିର୍ମାଣ କରିଛନ୍ତି ବୋଲି ଦିଲ୍ଲୀ ବିଜେପି ଅଧକ୍ଷ ବୀରେନ୍ଦ୍ର ସଚଦେବା କହିଛନ୍ତି । ଦିଲ୍ଲୀକୁ ଲୁଟିବା ପରେ ଏବେ କେଜ୍ରିୱାଲ ପଞ୍ଜାବୁ ଲୁଟିବା ଲକ୍ଷ୍ୟରେ ରହିଛନ୍ତି ବୋଲି କହିଛନ୍ତି । ତେବେ ଆପ୍ ତରଫରୁ ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି । ଯଦି ପ୍ରମାଣ ଅଛି ଆଲଟମେଣ୍ଟ ଲେଟର ଦେଖାଇବାକୁ ଆପ୍ ବିଜେପିକୁ କହିଛି ।

# ସ୍ୱାମୀ ସନ୍ଦେହୀ ହେଲେ ଜୀବନ ନର୍କ: ହାଇକୋର୍ଟ



କୋଚି, ୩୧ ।୧୦(ଏଜେନ୍ସି): ପତ୍ନୀଙ୍କୁ ସନ୍ଦେହ କରୁଥିବା ସ୍ୱାମୀର ଜୀବନ ନର୍କ ବୋଲି କେରଳ ହାଇକୋର୍ଟ କହିଛନ୍ତି । ଜଷ୍ଟିସ ଦେବନ ରାମଚନ୍ଦ୍ରନ ଓ ଜଷ୍ଟିସ ସ୍ନେହଲତାଙ୍କ ଖଣ୍ଡପୀଠ ଜଣେ ମହିଳାଙ୍କ ଛାଡ଼ପତ୍ର ଆବେଦନ ମାମଲାର ଶୁଣାଣି କରି ଏହି କଥା କହିଛନ୍ତି । ବିନା କାରଣରେ ପତ୍ନୀଙ୍କୁ ସନ୍ଦେହ କରିବା ଅର୍ଥ ମାନସିକ କ୍ରୁରତା । ସନ୍ଦେହ ବୈବାହିକ ଜୀବନକୁ ନର୍କରେ ପରିଣତ କରିଥାଏ ବୋଲି ଏହି ଖଣ୍ଡପୀଠ କହିଛନ୍ତି । ବିବାହ ପରସ୍ପର ବିଶ୍ୱାସ, ଭଲପାଇବା, ସମ୍ମାନ ଉପରେ ଆଧାରିତ । ବିଶ୍ୱାସ ସ୍ଥାନରେ ସନ୍ଦେହ ଆସିଲେ ସ୍ୱାମୀ- ସ୍ତ୍ରୀର ସମ୍ପର୍କ ଶେଷ ହୋଇଥାଏ । ଫଳରେ ଏହି ମାମଲାରେ ହାଇକୋର୍ଟ ଛାଡ଼ପତ୍ରକୁ ମଞ୍ଜୁରି ଦେଇଛନ୍ତି । ଏଭଳି ସମ୍ପର୍କକୁ ବଜାୟ ରଖିବା ମହିଳାଙ୍କ ସମ୍ମାନ ଓ ମାନସିକ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହେବ । ଜଣେ ମହିଳାଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି ବୋଲି କୋର୍ଟ କହିଛନ୍ତି । ପୂର୍ବରୁ ଏ ନେଇ ମହିଳା କୋଟିୟମ ଫ୍ୟାମିଲି କୋର୍ଟରେ ଆବେଦନ କରିଥିଲେ ମଧ ତାହାକୁ ମଞ୍ଜୁର କରାଯାଇ ନଥିଲା । ୧୯୯୪ରେ ସୁପ୍ରିମକୋର୍ଟର ବି ଭଗତ ବନାମ ଡି ଭଗତ ମାମଲାର ଉଦାହରଣ ଦେଇ ହାଇକୋର୍ଟ ଏହି ଛାଡ଼ପତ୍ର ପାଇଁ ଅନୁମତି ପ୍ରଦାନ କରିଥିଲେ । ଫଳରେ ମହିଳାଙ୍କୁ ଆଶ୍ୱସ୍ତି ମିଳିଛି ।

# କାନାଡ଼ାରେ ଭାରତୀୟଙ୍କୁ ୨୫ ବର୍ଷ ଜେଲ୍

ବ୍ରିଟିଶ କଲମ୍ବିଆ, ୩୧ ।୧୦(ଏଜେନ୍ସି): କାନାଡ଼ାର ଏକ କୋର୍ଟ ଜଣେ ୨୫ ବର୍ଷୀୟ ଭାରତୀୟ ଯୁବକ ବଲରାଜ ବସରାଙ୍କୁ ୨୫ ବର୍ଷର ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ୩ ବର୍ଷ ତଳେ ଘଟିଥିବା ଏକ ହତ୍ୟାକାଣ୍ଡ ଓ ଗାଡ଼ି ପୋଡିବା ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ପ୍ରଦାନ କରିଛନ୍ତି । ୨୦୨୨ ଅକ୍ଟୋବର ୨୭ରେ ୟୁନିଭର୍ସିଟି ଅଫ୍ ବ୍ରିଟିଶ କଲମ୍ବିଆର ଗଲ୍ କ୍ଲବ୍‌ରେ ୩୮ ବର୍ଷୀୟ ବିଶାଲ ବଲିଆଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ଏହାପରେ ୩ ଅଭିଯୁକ୍ତ ଏକ ଗାଡ଼ି ଚଢ଼ି ସେଠାରୁ ପଳାଇଯାଇଥିଲେ । ଏହାପରେ ସେମାନେ ଏହି ଗାଡିରେ ନିଆଁ ଲଗାଇ ଅନ୍ୟ ଏକ ଗାଡ଼ିରେ ଚାଲିଯାଇଥିଲେ । କିନ୍ତୁ ପୁଲିସ ୩ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିଥିଲା । ଏହି ମାମଲାରେ ବଲରାଜ ହେଉଛନ୍ତି ତୃତୀୟ ଅଭିଯୁକ୍ତ । ବଲରାଜଙ୍କୁ ବାଦ୍ ଦେଲେ ଅନ୍ୟ ଦୁଇ ଅଭିଯୁକ୍ତ ଇକ୍‌ବାଲ କାଙ୍ଗ ଓ ଡିଏଣ୍ଡ୍ରେ ବପ୍ଟିଷ୍ଟଙ୍କୁ ମଧ ଆଜୀବନ ଜେଲ୍ ଦଣ୍ଡାଦେଶ ହୋଇଛି ।

# ଟୋଲ୍ ଗେଟ୍‌ରେ ବିଜେପି ନେତାଙ୍କ ପୁଅର ହଙ୍ଗାମା

ବିଜୟପୁରା, ୩୧ ।୧୦(ଏଜେନ୍ସି): କର୍ଣ୍ଣାଟକର ବିଜୟପୁରା-କଲବୁର୍ଗୀ ହାଇୱେରେ ଥିବା ଏକ ଟୋଲ ଗୋଟ୍‌ରେ ଜଣେ ବିଜେପି ନେତାଙ୍କ ପୁଅ ହଙ୍ଗାମା କରିଥିବା ଘଟଣା ସାମ୍ନାକୁ ଆସିଛି । ନେତାଙ୍କ ପୁଅ ଓ ତାଙ୍କ ସାଙ୍ଗମାନେ ମାଗଣାରେ ଟୋଲ ପାର କରିବାକୁ ପ୍ରୟାସ କରୁଥିବା ବେଳେ ଟୋଲ କର୍ମଚାରୀ ଅଟକାଥିଲେ । ଅଭିଯୁକ୍ତ ନେତାଙ୍କ ପୁଅ ହେଉଛନ୍ତି ସମର୍ଥଗୌଡ଼ା ପାଟିଲ ବୋଲି ଜଣାପଡ଼ିଛି । ଅଟକାଇବା ପରେ ସମର୍ଥ ଓ ତାଙ୍କ ବନ୍ଧୁମାନେ ଟୋଲକର୍ମୀଙ୍କ ସହ ମାଡ଼ପିଟ୍ କରିବା ସହ ଗାଳିଗୁଳଜ କରିଥିଲେ । ଏହି ସମ୍ପୂର୍ଣ୍ଣ ଘଟଣାର ସିସିଟିଭି ଫୁଟେଜ ଏବେ ସାମ୍ନାକୁ ଆସିଛି । ତେବେ ଏ ନେଇ ଟୋଲ କର୍ମୀଙ୍କ ତରଫରୁ କୌଣସି ଅଭିଯୋଗ କରାଯାଇ ନାହିଁ ବୋଲି ପୁଲିସ ତରଫରୁ କୁହାଯାଇଛି । ସମର୍ଥ ହେଉଛନ୍ତି ବିଜେପି ନେତା ତଥା ବାବଲେଶ୍ୱରରୁ ନିର୍ବାଚନ ଲଢ଼ିଥିବା ବିଜୟ ଗୌଡ଼ା ପାଟିଲଙ୍କ ପୁଅ । ପୁଲିସ ଶୁକ୍ରବାର ଏ ଘଟଣା ସମ୍ପର୍କରେ ଅବଗତ ହୋଇଛି ବୋଲି କହିଛି ।

# ୧୪୬୬ ସୁରକ୍ଷାକର୍ମୀଙ୍କୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ

ନୂଆଦିଲ୍ଲୀ, ୩୧ ।୧୦(ଏଜେନ୍ସି): ଚଳିତ ୨୦୨୫ ବର୍ଷ ପାଇଁ ଦେଶବ୍ୟାପୀ ୧୪୬୬ ସୁରକ୍ଷାକର୍ମୀଙ୍କୁ ଗୃହମନ୍ତ୍ରଣାଳୟ ତରଫରୁ କେନ୍ଦ୍ରୀୟ ଗୃହମନ୍ତ୍ରୀ ଦକ୍ଷତା ପଦକ ପ୍ରଦାନ କରାଯିବ । ଶୁକ୍ରବାର ଏ ନେଇ ଗୃହ ମନ୍ତ୍ରଣାଳୟ ତରଫରୁ ଘୋଷଣା କରାଯାଇଛି । ଏହି ପଦକ ଚାରିଟି କ୍ଷେତ୍ରରେ ଯଥା ସ୍ପେଶାଲ ଅପରେସନ, ଇନ୍‌ଭେଷ୍ଟିଗେସନ, ଇଣ୍ଟେଲିଜେନ୍ସ ଓ ଫରେନସିକ ସାଇନ୍ସରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କର୍ମଚାରୀଙ୍କୁ ପ୍ରଦାନ କରାଯିବ । ଏହି ପଦକ ତଥା ସମ୍ମାନ ପେସାଦାର ମନୋବୃତ୍ତି ଓ ନିଜ ସାଥିଙ୍କ ମନୋବଳ ବୃଦ୍ଧି କରିବା ପାଇଁ ପ୍ରଦାନ କରାଯାଇଥାଏ । ତେବେ ଏହି ପଦକ କେବେ ଓ କେଉଁଠାରେ ପ୍ରଦାନ କରାଯିବ ସେ ନେଇ କିଛି କୁହାଯାଇନାହିଁ । ପହଲଗାମ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡକୁ ମାରିଥିବା ୨୦ଜଣ ପୁଲିସ କର୍ମୀଙ୍କୁ ମଧ ଏହି ପଦକ ପ୍ରଦାନ କରାଯିବ । ୨୦୨୪ ଫେବୃଆରୀ ୧ରୁ ଏହି ପଦକ ଦେବା ପ୍ରକ୍ରିୟା ଆରମ୍ଭ ହୋଇଥିଲା ।

## ବୁଲା କୁକୁର ଗଣନା ମାମଲାରେ ଅବହେଳାକୁ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

# ସବୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ହାଜର ନିର୍ଦ୍ଦେଶ

ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି): ବୁଲା କୁକୁର ମାମଲାରେ ରାଜ୍ୟମାନଙ୍କ ଆଭିମୁଖ୍ୟକୁ ଦେଖି ସୁପ୍ରିମକୋର୍ଟ କ୍ଷୁବ୍ଧ ହୋଇଛନ୍ତି । ଶୁକ୍ରବାର ଏ ସମ୍ବନ୍ଧିତ ମାମଲାର ଶୁଣାଣି କରି ସବୁ ରାଜ୍ୟର ମୁଖ୍ୟ ସଚିବଙ୍କୁ କୋର୍ଟରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ବ୍ୟକ୍ତିଗତ ହାଜିରାରୁ ଆଶ୍ୱସ୍ତି ଦେବା ପାଇଁ ହୋଇଥିବା ଆବେଦନକୁ ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହଟ୍ଟାଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି । ଏହାକୁ ଭର୍ତ୍ସନା କରି ଜଷ୍ଟିସ ନାଥ କହିଥିଲେ ଯେ ସତ୍ୟପାଠ ଦାଖଲ କରିବାକୁ କହିବା ବେଳେ ମୁଖ୍ୟ ସଚିବମାନେ ଚୁପ୍ ହୋଇ ଶୋଇ ରହୁଛନ୍ତି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଉନାହାନ୍ତି । ଠିକ୍ ଅଛି, ଏବେ ସେମାନଙ୍କୁ କୋର୍ଟରେ ହାଜର ହେବାକୁ ଦିଅନ୍ତୁ । ଆମେ ତାଙ୍କ କଥା ବୁଝିନେବୁ । ମୁଖ୍ୟ ସଚିବମାନଙ୍କୁ ବ୍ୟକ୍ତିଗତ ଭାବେ ନିହାତି ହାଜର ହେବାକୁ ପଡିବ ଏବଂ କାହିଁକି ସତ୍ୟପାଠ ଦାଖଲ

### ଶୋଇ ରହିଛନ୍ତି ସବୁ ମୁଖ୍ୟ ସଚିବ

### ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସମ୍ମାନ ଦେଇନାହାନ୍ତି

କଲେନି ତାହାର ଉତ୍ତର ଦେବାକୁ ହେବ ।

ଗତ ୨୭ ତାରିଖରେ ହୋଇଥିବା ଶୁଣାଣିରେ ଆସନ୍ତା ତିନି ତାରିଖରେ ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ସୁପ୍ରିମକୋର୍ଟ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ସତ୍ୟପାଠ ଦାଖଲ କରିଥିବାରୁ ପଶ୍ଚିମବଙ୍ଗ ଏବଂ ତେଲଙ୍ଗାନାକୁ ଏଥିରୁ ଆଶ୍ୱସ୍ତି ଦେଇଥିଲେ । ବୁଲା କୁକୁର କାମୁଡିବା ଯୋଗୁ ବ୍ୟାପୁଥିବା ରେବିଜ ବିଷୟରେ ଏକ ଗଣମାଧ୍ୟମ ରିପୋର୍ଟ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ । ଜୁଲାଇ ୨୮ ତାରିଖରୁ ଏହା ଉପରେ ଶୁଣାଣି ଜାରି ରହିଛି । ଆଜି ଜଷ୍ଟିସ ବିକ୍ରମ ନାଥ କହିଥିଲେ ଯେ ପୌର ନିଗମ ଏବଂ ରାଜ୍ୟ ସରକାରମାନେ ଯେଉଁ ସମସ୍ୟାର ସମାଧାନ କରିବା କଥା ସୁପ୍ରିମକୋର୍ଟ ତାହାର ଫଇସଲା ପାଇଁ ସମୟ ବର୍ବାଦ କରୁଛନ୍ତି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏବେ ମୁଖ୍ୟ ସଚିବଙ୍କୁ ହିଁ କୋର୍ଟରେ ହାଜର ହେବାକୁ ପଡ଼ିବ । ସେହିପରି ଗତ ଅଗଷ୍ଟ ୨୨ ତାରିଖରେ କୋର୍ଟ ଏହି ବୁଲା କୁକୁର ମାମଲାର ପରିସର ବୃଦ୍ଧି କରି ସବୁ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ପକ୍ଷଭୂକ୍ତ କରିଥିଲେ । ପଶୁ ଜନ୍ମ ନିୟନ୍ତ୍ରଣ (ଏବିସି) ନିୟମକୁ ସାରା ଦେଶରେ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।



# ଓକିଲଙ୍କୁ ସମନ କରିପାରିବେନି ଯାଞ୍ଚ ଏଜେନ୍ସି

ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି): ସୁପ୍ରିମକୋର୍ଟ ଶୁକ୍ରବାର ବଡ଼ ରାୟ ଦେଇଛନ୍ତି । ଆଇନଗତ ମାମଲାରେ ନିଜ ମହକିଲଙ୍କୁ ଦେଇଥିବା ପରାମାର୍ଶକୁ ନେଇ ଓକିଲଙ୍କୁ ଯାଞ୍ଚ ଏଜେନ୍ସିଗୁଡିକ ସମନ ଜାରି କରିପାରିବେ ନାହିଁ । ଏ ସମ୍ବନ୍ଧରେ ଓକିଲଙ୍କୁ ଜେରା ପାଇଁ ଡାକିପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଏବଂ ଜଷ୍ଟିସ କେ. ବିନୋଦଚନ୍ଦ୍ରନଙ୍କ ଖଣ୍ଡପୀଠ କହିଛନ୍ତି । ଏକ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଜଣେ ଓକିଲଙ୍କୁ ଜାରି କରାଯାଇଥିବା ସମନକୁ କୋର୍ଟ ରଦ୍ଦ କରିଦେଇଛନ୍ତି । ଏହା ସହିତ ଯାଞ୍ଚ ଏଜେନ୍ସିଗୁଡ଼ିକ ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ ଭାରତୀୟ ସାକ୍ଷ୍ୟ ଅଧିନିୟମର ଧାରା ୧୩୨ ଅନୁଯାୟୀ କେବଳ ଅସାଧାରଣ ସ୍ଥିତିରେ ଓକିଲଙ୍କୁ ସମନ ଜାରି କରାଯାଇପାରିବ । ଏକ ମନି ଲଣ୍ଡରିଂ ଯାଞ୍ଚ ପାଇଁ ବରିଷ୍ଠ ଓକିଲ ଅରବିନ୍ଦ ଦାତାର ଏବଂ ପ୍ରତାପ ବେଣୁଗୋପାଳଙ୍କୁ ଇଡି ସମନ ପଠାଇବା ମାମଲା ଉପରେ ନିଜ ଆଡୁ ବିଚାର କରି ସୁପ୍ରିମକୋର୍ଟ ଏହି ରାୟ ଦେଇଛନ୍ତି । ଏହି ନିଷ୍ପତ୍ତି ଶୁଣାଣି ଜଷ୍ଟିସ ଚନ୍ଦ୍ରନ କହିଥିଲେ ଯେ ଓକିଲଙ୍କୁ ମିଳିଥିବା ଆଇନଗତ ସୁରକ୍ଷା ଏବଂ ଯାଞ୍ଚ ଏଜେନ୍ସିଙ୍କ ଅଧିକାର ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କୋର୍ଟ ପ୍ରୟାସ କରିଛନ୍ତି । ଅନାବଶ୍ୟକ ଚାପରୁ ସୁରକ୍ଷା ଦେବା ଲାଗି ନୂଆ ମାର୍ଗଦର୍ଶିକା ଜାରି କରାଯାଇଛି । ଖଣ୍ଡପୀଠ ସ୍ପଷ୍ଟ କରିଥିଲେ ଯେ କେବଳ କୋର୍ଟଙ୍କ ଅନୁମତି ନେଇ କୌଣସି ଓକିଲଙ୍କ ଡିଜିଟାଲ ଉପକରଣକୁ ଜବତ କରାଯାଇପାରିବ । ଏହାକୁ ଓକିଲ ଏବଂ ସମ୍ବନ୍ଧିତ ପକ୍ଷର ଉପସ୍ଥିତିରେ ଖୋଲିବାକୁ ହେବ । କୋର୍ଟ ତାଙ୍କ ଆବେଦନ ଖାରଜ କଲା ପରେ ଯାଇ ହିଁ ଏପରି କରିହେବ । ଏହି ମାମଲାରେ ଓକିଲ ନିଯୁକ୍ତି କରିଥିବା ଅଭିଯୁକ୍ତଙ୍କ ମୌଳିକ ଅଧିକାରର ଉଲ୍ଲଙ୍ଘନ ହୋଇଛି । କାରଣ ସେମାନେ ନିଜ ଓକିଲଙ୍କୁ ହିଁ ଭରସା କରିଥିଲେ । ଯାଞ୍ଚ ଏଜେନ୍ସି କୌଣସି ଓକିଲଙ୍କୁ ତାଙ୍କ ମହକିଲଙ୍କ ସମ୍ବନ୍ଧିତ ସୂଚନା ମଧ ମାଗିପାରିବ ନାହିଁ । କେବଳ ଅସାଧାରଣ କ୍ଷେତ୍ରରେ ଏପରି କରାଯାଇପାରିବ । ଆଇନ ବୃତ୍ତିର ଗରିମା ଏବଂ ସ୍ୱାଧୀନତାର ସୁରକ୍ଷା ପାଇଁ ଏହା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

ପୂର୍ବରୁ ଇଡି ଦ୍ୱାରା ଜାରି ଏହି ସମନକୁ ସୁପ୍ରିମକୋର୍ଟ ଓକିଲ ସଂଘ ପକ୍ଷରୁ ବିରୋଧ କରାଯାଇଥିଲା । ଅଗଷ୍ଟ ୧୨ରେ କୋର୍ଟ ଏହି ମାମଲାର ଶୁଣାଣି କରି ରାୟକୁ ସଂରକ୍ଷିତ ରଖିଥିଲେ । ସୁପ୍ରିମକୋର୍ଟ ନିଜକୁ ଦେଶର ସବୁ ନାଗରିକଙ୍କ ସଂରକ୍ଷକ କହିଥିଲେ । ଓକିଲଙ୍କୁ ଏଭଳି ଭାବେ ଜେରା କରିବା ନ୍ୟାୟ ବ୍ୟବସ୍ଥାର ମୂଳଦୁଆକୁ ଦୁର୍ବଳ କରିପାରେ ବୋଲି ସୁପ୍ରିମକୋର୍ଟ ଉଲ୍ଲେଖ କରିଥିଲେ ।

**ଏନ୍‌ଡିଏର ବିହାର ନିର୍ବାଚନୀ ପ୍ରତିଶ୍ରୁତି**

# କୋଟିଏ ସରକାରୀ ଚାକିରି

ପାଟନା, ୩୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ କ୍ଷମତାସୀନ ଏନ୍‌ଡିଏମେଣ୍ଟ ଶୁକ୍ରବାର ଘୋଷଣାପତ୍ର ଜାରି କରିଛି । ଏଥିରେ କ୍ଷମତାରେ ଆସିଲେ କ'ଣ କ'ଣ କରାଯିବ ତାହାର ସୁନେଲୀ ସ୍ୱପ୍ନ ବିହାରବାସୀଙ୍କୁ ଦେଖାଇଛନ୍ତି । ପାଟନାର ମୌର୍ଯ୍ୟ ହୋଟେଲରେ ଆୟୋଜିତ ସାମ୍ବାଦିକ ସମ୍ମଳନୀରେ ବିଜେପି ଅଧକ୍ଷ ଜେପି ନଡ୍ଡା, ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, ଚିରାଗ ପାଶ୍ୱାନ ଏହି ଘୋଷଣାପତ୍ର ଜାରି କରିଛନ୍ତି । କ୍ଷମତାକୁ ଆସିଲେ ବିହାର ଲୋକଙ୍କୁ ଏକ କୋଟି ସରକାରୀ ଚାକିରି, ମହିଳାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା, କୋଟିଏ ମହିଳାଙ୍କୁ ଲକ୍ଷପତି ଦିଦି କରିବାକୁ ପ୍ରତିଶ୍ରୁତି ଦିଆଯାଇଛି । ଏହା ସହିତ ଗରିବଙ୍କ ପାଇଁ କେଜିରୁ ପିଜି ପର୍ଯ୍ୟନ୍ତ ଶିକ୍ଷାକୁ ମାଗଣା କରିବାକୁ, ୪ ସହରରେ ମେଟ୍ରୋ ସେବା ଆରମ୍ଭ କରାଯିବ ବୋଲି କୁହାଯାଇଛି ।


ଅନ୍ୟପକ୍ଷରେ ମୋକାମାରେ ଆରଜେଡି ନେତା ଦୁଲାରଚନ୍ଦ ଯାଦବଙ୍କ ହତ୍ୟା ମାମଲାରେ ବାହୁବଳୀ ଅନନ୍ତ ସିଂହ, ତାଙ୍କର ଦୁଇ ପୁତୁରା ରଣବୀର ଏବଂ କର୍ମବୀର, ଛୋଟନ ସିଂହ ଓ କଞ୍ଜୟ ସିଂହ ବ୍ୟତୀତ ଅନେକ ଲୋକଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି । ଏହାକୁ ନେଇ ଆରଜେଡି ନେତା ତେଜସ୍ୱୀ ଯାଦବ କହିଛନ୍ତି ଯେ ସିୱାନରେ ଏଏସଆଇକୁ ତଣ୍ଟି ଚିପି ହତ୍ୟା କରାଯାଇଛି । ମୋକାମାରେ ଦୁଲାରଚନ୍ଦଙ୍କୁ ମଧ ମାରି ଦିଆଯାଇଛି । ଏ ସବୁ କ'ଣ ଚାଲିଛି? ନିର୍ବାଚନ ଆଚରଣ ବିଧି ଲାଗୁ ହୋଇଥିବାବେଳେ ବନ୍ଧୁକ ଧରି ବୁଲୁଥିବା ଲୋକଙ୍କୁ କେମିତି ରାଜା କୁହାଯିବ ବୋଲି ସେ ପଚାରିଛନ୍ତି ।

**ମୁମ୍ବଇରେ ଶିଶୁଙ୍କୁ ପଣବନ୍ଦୀ ରଖିବା ମାମଲା**

# ୪ ଅଭିଭାବକଙ୍କୁ ଅଭିଯୁକ୍ତ ମାଗିଥିଲା ୪ କୋଟି

ମୁମ୍ବଇ, ୩୧।୧୦ (ଏଜେନ୍ସି): ମୁମ୍ବଇର ପୱଇ ସ୍ଥିତ ଆରଏ ଷ୍ଟୁଡିଓରେ ୧୭ ଶିଶୁଙ୍କୁ ପଣବନ୍ଦୀ କରି ରଖିଥିବା ଅଭିଯୁକ୍ତ ବିଷୟରେ ଅନେକ ଆଶ୍ଚର୍ଯ୍ୟଜନକ ତଥ୍ୟ ସାମ୍ନାକୁ ଆସିଛି । ନିଜ ନାତୁଣୀକୁ ଅଡିସନ ଦେବାକୁ ଏଠାକୁ ନେଇ ଯାଇଥିବା ବୃଦ୍ଧା ମଙ୍ଗଳା ପାଟନକର ଅନେକ ସୂଚନା ଦେଇଛନ୍ତି । ଶିଶୁଙ୍କୁ ବଞ୍ଚାଇବାରେ ମଙ୍ଗଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ମୁଣ୍ଡରେ କାଚ ବାଜିଯିବାରୁ ସେ ମଧ ଆହତ ହୋଇଥିଲେ । ଏବେ ତାଙ୍କର ଚିକିତ୍ସା ଚାଲିଛି । ସେ କହିଛନ୍ତି ଯେ ମୃତ ଅଭିଯୁକ୍ତ ରୋହିତ ତାଙ୍କ ପାଖରେ କିଛି ଶିଶୁଙ୍କୁ ଛାଡ଼ି ଯାଇଥିଲା । ଅନ୍ୟମାନଙ୍କୁ ଉପରକୁ ନେଇ ଯାଇଥିଲା । ସେ ୫ରକାରେ କଳା ପରଦା ଲଗାଇ ଷ୍ଟୁଡିଓରେ ବୋମା ଥିବା ଧମକ ଦେଇଥିଲା । ସେ ୪ ଶିଶୁଙ୍କ ମାତାପିତାଙ୍କୁ ଫୋନ କରି ପିଲାଙ୍କୁ ଛାଡ଼ିବା ପାଇଁ କୋଟିଏ ଲେଖାଏଁ ମାଗିଥିଲା । ସେ ପୂର୍ବରୁ ଯୋଜନା ପ୍ରସ୍ତୁତ କରି ଆସିଥିଲା ବୋଲି ଏଥିରୁ ଜଣା ପଡୁଥିଲା । ତେବେ ରୋହିତ କାହାକୁ ଖରାପ ବ୍ୟବହାର କରି ନ ଥିଲା । କିନ୍ତୁ ବହୁତ ଡ୍ରାମା କରିଥିଲା । ଦୀପାବଳିରେ ରଖିଥିବା ବାଣ ଫୁଟାଇ କୋଠାରେ ବାହାରେ ଗୁଳିମାଡ଼ ଚାଲିଥିବା କହିଥିଲା । ତେଣୁ ଆମେ କୋଠା ବାହାରକୁ ଯାଇ ନ ଥିଲୁ । ପୁଲିସ ଅଭିଯାନ ଆରମ୍ଭ କରିବା ପୂର୍ବରୁ ମଙ୍ଗଳା ଏହି ଶିଶୁଙ୍କ ଫଟୋକୁ ତାଙ୍କ ମାତାପିତାଙ୍କୁ ପଠାଇ ଥିଲେ । ଶିଶୁ ସୁରକ୍ଷିତ ଅଛନ୍ତି ଜଣାଇବା ପାଇଁ ସେ ଏପରି କରିଥିଲେ ।

# ଆର୍‌ଏସ୍‌ଏସ୍‌କୁ ନିଷିଦ୍ଧ କରାଯିବା ଉଚିତ୍: ଖଡ୍‌ଗେ



ନୂଆଦିଲ୍ଲୀ, ୩୧ ।୧୦(ଏଜେନ୍ସି): ଦେଶର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଅଧକ୍ଷ ମିଲ୍ଲିକାର୍ଜୁନ ଖଡ୍‌ଗେ ଶୁକ୍ରବାର ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀରେ କଂଗ୍ରେସକୁ ସମାଲୋଚନା କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜବାବ୍ ଦେଇଛନ୍ତି । ଦିଲ୍ଲୀରେ ଏକ ସମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ଭଳି ସଂଗଠନକୁ ନିଷିଦ୍ଧ କରାଯିବା ଉଚିତ୍ । ଯଦି ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ବିଚାରଧାରକୁ ସମ୍ମାନ କରୁଛନ୍ତି, ତେବେ ଆରଏସ୍‌ଏସ୍ ଉପରେ ବ୍ୟାନ ଲଗାନ୍ତୁ ବୋଲି ସେ ଆହ୍ୱାନ୍ନ କରିଛନ୍ତି । ଆରଏସ୍‌ଏସ୍ ଉପରେ ନିଷେଧାଦେଶ ଜାରି କରାଯିବା ଉଚିତ ବୋଲି ଖୋଲା ଖୋଲି କହୁଛି । ଦେଶରେ ଆରଏସ୍‌ଏସ୍ ଓ ବିଜେପି କାରଣରୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି ବୋଲି ସେ କହିଛନ୍ତି । ଏହି କ୍ରମରେ ସେ ୧୯୪୮ ଜୁଲାଇ ୧୮ ରେ ସେତେବେଳର ଗୃହମନ୍ତ୍ରୀ ସର୍ଦ୍ଦାର ପଟେଲଙ୍କ ଚିଠିର ଉଦାହରଣ ଦେଇଛନ୍ତି । ଏହି ଚିଠିରେ ସେ ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କୁ ପଟେଲ ମହାତ୍ମା ଗାନ୍ଧୀଙ୍କ ହତ୍ୟା ପାଇଁ ପରୋକ୍ଷରେ ଆରଏସ୍‌ଏସ୍‌କୁ ଦାୟୀ କରିଥିବା କଥା ଉଲ୍ଲେଖ କରିଛନ୍ତି । ଆରଏସ୍‌ଏସ୍ ଏଭଳି ସ୍ଥିତି ସୃଷ୍ଟି କରିବାର କାରଣରୁ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା ବୋଲି ସେ କହିଛନ୍ତି । ସର୍ଦ୍ଦାର ପଟେଲଙ୍କୁ ସେ ଲୌହ ମାନବ ଓ ଇନ୍ଦିରା ଗାନ୍ଧୀଙ୍କୁ ଲୌହ ମାନବୀ ବୋଲି କହିଛନ୍ତି । ଦେଶର ଏକତା ପାଇଁ ଏହି ଦୁଇ ମହନ ବ୍ୟକ୍ତିତ୍ୱଙ୍କ ଯଥେଷ୍ଟ ଅବଦାନ ରହିଛି ବୋଲି ସେ କହିଛନ୍ତି । ଜବାହରଲାଲ ନେହରୁ ଓ ପେଟଲଙ୍କ ମଧ୍ୟରେ ଭେଦ ସୃଷ୍ଟି କରିବାକୁ ବିଜେପି ପ୍ରୟାସ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି । ଉଲ୍ଲେଖଥାଉ କି, ମହାତ୍ମା ଗାନ୍ଧୀଙ୍କ ହତ୍ୟା ପରେ ସର୍ଦ୍ଦାର ପଟେଲ ୧୯୪୮ ଫେବୃଆରୀ ୪ରେ ସେ ଆରଏସ୍‌ଏସ୍ ଉପରେ ନଷେଧାଦେଶ ଲଗାଇଥିଲେ ।

# ଭାଇ ଆଣ୍ଡ୍ରୁ୍ୟଙ୍କୁ ଘରୁ ବାହାର କଲେ କିଙ୍ଗ୍ ଚାର୍ଲ୍ସ



ଲଣ୍ଡନ, ୩୧ ।୧୦(ଏଜେନ୍ସି): ବ୍ରିଟେନରେ କିଙ୍ଗ ଚାର୍ଲ୍ସ ନିଜର ସାନ ଭାଇ ଆଣ୍ଡ୍ରୁଙ୍କଠାରୁ ରାଜପରିବାରର ପ୍ରିନ୍ସ ଉପାଧି ପ୍ରତ୍ୟାହାର କରିଛନ୍ତି । କେବଳ ସେତିକି ନୁହଁ ୱିଣ୍ଡସରସ୍ଥିତ ବିଳାଷପୂର୍ଣ୍ଣ 'ରୟାଲ ଲଜ୍'ରୁ ମଧ ତାଙ୍କୁ ଚାଲି ଯିବାକୁ ଆଦେଶ ଦିଆଯାଇଛି । ଏ ନେଇ ବର୍କିଂଙ୍ଗହାମ ପ୍ୟାଲେସ ତରଫରୁ ଗୁରୁବାର ଏକ ପ୍ରେସ୍ ବିଜ୍ଞପ୍ତି ମାଧମରେ ସୂଚନା ଦିଆଯାଇଛି । ତାଙ୍କଠାରୁ ରାଜ ପରିବାରର ଉପାଧୀ ଓ ସମ୍ମାନ ପ୍ରତ୍ୟାହାର କରିବା ନେଇ ପ୍ରକ୍ରିୟାର ଆରମ୍ଭ ହୋଇଛି । ଯୌନ ଶୋଷଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜେଫ୍ରି ଏପଷ୍ଟିନ ସହ ଆଣ୍ଡ୍ରୁଙ୍କ ସମ୍ପର୍କ ଥିବାରୁ ରାଜ ପରିବାର ପ୍ରବଳ ଚାପର ସମ୍ମୁଖୀନ ହୋଇଥିଲା । କିଛିଦିନ ତଳେ କିଙ୍ଗ୍ ଚାର୍ଲ୍ସ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଆଣ୍ଡ୍ରୁଙ୍କୁ ନେଇ ସର୍ବାଜନୀନ ଭାବେ କଡ଼ା ବିରୋଧର ସମ୍ମୁଖୀନ ହୋଇଥିଲେ । ତେଣୁ ଆଣ୍ଡ୍ରୁ୍ୟଙ୍କୁ ନେଇ କିଙ୍ଗ୍ ଚାର୍ଲ୍ସଙ୍କ ସବୁଆଡୁ ଚାପର ସମ୍ମୁଖୀନ ହୋଇଥିଲେ । ଆଣ୍ଡ୍ରୁ୍ୟ ହେଉଛନ୍ତି ସ୍ୱର୍ଗତ ମହାରାଣୀ ଏଲିଜାବେଥଙ୍କ ଦ୍ୱିତୀୟ ପୁତ୍ର ଓ ଚାର୍ଲ୍ସଙ୍କ ସାନ ଭାଇ । ଛୋଟ ପିଲାଙ୍କ ଯୌନ ଶୋଷଣ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏପଷ୍ଟିନଙ୍କ ସହ ଥିବା ସମ୍ପର୍କ ନେଇ ଆଣ୍ଡ୍ରୁ୍ୟ ମଧ ବିବାଦରେ ଫସିଥିଲେ । ଆଣ୍ଡ୍ରୁ୍ୟ କିଶୋର ଅବସ୍ଥାରେ ଜଣେ ୧୭ ବର୍ଷୀୟ ଝିଅକୁ ଦୁଷ୍କର୍ମ କରିବା ଅଭିଯୋଗ କାରଣରୁ ଆଣ୍ଡ୍ରୁ୍ୟଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ପୀଡିତା ବାଳିକା ଜଣକ ଭିର୍ଜିନିଆ ଗିଫ୍ରେ ଅଭିଯୋଗ କରିଛନ୍ତି ଯେ, ୨୦୦୧ରେ ମୋତେ ୧୭ ବର୍ଷ ହୋଇଥିବା ବେଳେ ଆଣ୍ଡ୍ରୁ୍ୟ ମୋର ଯୌନ ଶୋଷଣ କରିଥିଲେ । ଗ୍ରିଫେ ଚଳିତବର୍ଷ ଏପ୍ରିଲ୍‌ରେ ୪୧ ବର୍ଷ ବୟସରେ ଆତ୍ମହତ୍ୟା କରିଥିଲେ । କିନ୍ତୁ ଆଣ୍ଡ୍ରୁ୍ୟ ତାଙ୍କ ବିରୋଧରେ ଆସିଥିବା ଏହି ଅଭିଯୋଗକୁ ବାରମ୍ବାର ଖଣ୍ଡନ କରିଆସିଛନ୍ତି । ଚଳିତ ମାସ ଆଣ୍ଡ୍ରୁ୍ୟ ଏଥିପାଇଁ ରାଜ ପରିବାରର 'ଡ୍ୟୁକ୍ ଅଫ୍ ୟର୍କ' ଉପାଧିକୁ ପରିତ୍ୟାଗ କରିଥିଲେ । ଗୁରୁବାର ରାଜ ପରିବାର ତରଫରୁ ଏହି ଘୋଷଣା ସତ୍ତ୍ୱେ ଆଣ୍ଡ୍ରୁ୍ୟ ବ୍ରିଟିଶ ସିଂହାସନର ଉତ୍ତରାଧିକାରୀ ଭାବେ ଅଷ୍ଟମ ଦାବିଦାର ଭାବେ ବଜାୟ ରହିବେ ।

# ଆମେରିକା ଚଳିତ ବର୍ଷ ୨, ୭୯୦ ଭାରତୀୟଙ୍କୁ ବିଦା କରିଛି

ନୂଆଦିଲ୍ଲୀ, ୩୧ ।୧୦(ଏଜେନ୍ସି): ଚଳିତ ବର୍ଷ ଆମେରିକାର ଏପର୍ଯ୍ୟନ୍ତ ଅବୈଧ ଭାବେ ରହୁଥିବା ୨, ୭୯୦ ଜଣ ଭାରତୀୟଙ୍କୁ ଡିପୋର୍ଟ କରିଛି ଅର୍ଥାତ ଦେଶରୁ ବିଦା କରିଛି । ବୈଦେଶିକ ମନ୍ତ୍ରଣାଳୟ ଏ ନେଇ ଶୁକ୍ରବାର ସୂଚନା ଦେଇଛି । ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୟସ୍ୱାଲ ଏକ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି । ଚଳିତ ବର୍ଷ ଜାନୁଆରୀରୁ ଅକ୍ଟୋବର ୨୯ ପର୍ଯ୍ୟନ୍ତ ୨, ୭୯୦ରୁ ଅଧିକ ଭାରତୀୟ ନାଗରିକଙ୍କୁ ଭାରତ ପଠାଇ ଦିଆଯାଇଛି । ଏହି ଭାରତୀୟ ନାଗରିକମାନେ ଆମେରିକାରେ ରହିବା ପାଇଁ ମାନଦଣ୍ଡ ପୂରଣ କରିପାରି ନଥିଲେ କିମ୍ବା ସେଠାରେ ଅବୈଧ ଭାବେ ରହୁଥିଲେ । ଆମେ ଏହି ନାଗରିକଙ୍କ ପ୍ରମାଣ ପତ୍ର ଓ ନାଗରିକତା ବିଷୟରେ ସୂଚନା ଦେବା ପରେ ସେମାନଙ୍କୁ ଭାରତ ଫେରାଇ ଦିଆଯାଇଛି । କେବଳ ଆମେରିକା ନୁହଁ ବ୍ରିଟେନ ଅର୍ଥାତ ୟୁନାଇଟେଡ କିଙ୍ଗଡମ୍‌ରୁ ମଧ ବିଦା ହୋଇଥିବାଭାରତୀୟନାଗରିକଙ୍କସମ୍ପର୍କରେଜୟସ୍ୱାଲସୂଚନାଦେଇଥିଲେ ।ଏପର୍ଯ୍ୟନ୍ତୟୁକେରୁ ପାଖାପାଖି ୧୦୦ଜଣ ଭାରତୀୟ ନାଗରିକଙ୍କୁ ଡିପୋର୍ଟ କରାଯାଇଛି ବୋଲି ସେ କହିଛନ୍ତି ।

# ଯୁବବର୍ଗ ବେକାର; ବୃଦ୍ଧଙ୍କୁ ଚାକିରି


■ କଲେଜରେ ଅତିଥି ଅଧ୍ୟାପକ ନିଯୁକ୍ତିକୁ ବିରୋଧ
■ କୋର୍ଟରେ ଗଡୁଛି ମାମଲା; ପକ୍ଷ ରଖୁନାହାନ୍ତି ସରକାର
■ କର୍ଣ୍ଣପାତ କରୁ ନାହାନ୍ତି ଉଚ୍ଚଶିକ୍ଷା ଓ ଆଇନ ମନ୍ତ୍ରୀ

**ଭୁବନେଶ୍ୱର, ୩୧।୧୦(ସମିସ):** ଉଚ୍ଚ ଶିକ୍ଷାନୁଷ୍ଠାନରେ ଅର୍ଦ୍ଧାଧିକ ଅଧ୍ୟାପକ ପଦ ଖାଲି ପଡ଼ିଛି; ହେଲେ ସରକାର ନୂତନ ନିଯୁକ୍ତି ଦେଉ ନାହାନ୍ତି। ଅପରପକ୍ଷରେ ଅବସରପ୍ରାପ୍ତ ଅଧ୍ୟାପକ/ଅଧ୍ୟାପିକାଙ୍କୁ ଉଚ୍ଚଶିକ୍ଷାନୁଷ୍ଠାନରେ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏପରିକି ଅଣଶିକ୍ଷକ ପଦରେ ମଧ୍ୟ ଅବସରପ୍ରାପ୍ତ ଅଧିକାରୀଙ୍କୁ ମଧ୍ୟ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଶିକ୍ଷିତ ଯୁବକ ଯୁବତୀ ବେକାର ବୁଲୁଥିବାବେଳେ ଅବସରପ୍ରାପ୍ତ ବୃଦ୍ଧଙ୍କୁ ସରକାର ନିଯୁକ୍ତି ଦେବାକୁ ନେଇ ସାଧାରଣରେ ସୃଷ୍ଟି ହୋଇଛି ତୀବ୍ର ପ୍ରତିକ୍ରିୟା

ଗତ ୨୩ ତାରିଖରେ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ୪୮୮ ଓ ୬୬୨ ବର୍ଗ ଏବଂ ସଂସ୍କୃତ କଲେଜରେ ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ବିଜ୍ଞପ୍ତି ପ୍ରକାଶ କରିଛି। ଚଳିତ ଶିକ୍ଷାବର୍ଷରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଅବସରପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏପଟେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଅଣ୍ଟା ଭିଡ଼ିଥିବା ସରକାର ନୂତନ ଅଧ୍ୟାପକ ନିଯୁକ୍ତି କରିବା ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି। ଯୋଗ୍ୟତା ମାନଦଣ୍ଡକୁ ନେଇ ଆଶାୟୀମାନେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିବାବେଳେ ସରକାର ନିଜର ପକ୍ଷ ରଖୁ ନାହାନ୍ତି। ଏପରିକି ଡବଲ୍ ବେଞ୍ଚରେ ହୋଇଥିବା ମାମଲାର ଶୁଣାଣି ସମୟରେ ଆଡଭୋକେଟ୍ ଜେନେରାଲ୍ (ଏଜି) ଉପସ୍ଥିତ ରହୁ ନ ଥିବାରୁ ମାମଲାର ଶୁଣାଣି ହୋଇ ପାରୁ ନ ଥିବା ଆଶାୟୀମାନେ ଅଭିଯୋଗ କରିଛନ୍ତି। ଖାଲି ପଦରେ ନିଯୁକ୍ତି ଦେବାକୁ ପଦକ୍ଷେପ ନେବା ପରିବର୍ତ୍ତେ ଅବସରପ୍ରାପ୍ତଙ୍କୁ ନିଯୁକ୍ତି ପ୍ରଦାନ କରିବାକୁ ଏସ୍ଏସ୍ବି ଅଧ୍ୟାପକ ଆଶାୟୀମାନେ ଦୃଢ଼ ନିନ୍ଦା କରିଛନ୍ତି। ଅପରପକ୍ଷରେ ଚାକିରି ଆଶାୟୀଙ୍କ ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ ସରକାରୀ ବ୍ୟବସ୍ଥାକୁ କଟୁ ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଉଚ୍ଚ ଶିକ୍ଷାନୁଷ୍ଠାନରେ ଅଧ୍ୟାପକ ପଦ ପୂରଣ କରିବାରେ ସରକାର ଆନ୍ତରିକତା ପ୍ରକାଶ କରୁ ନାହାନ୍ତି। ୨୦୨୪ ମାର୍ଚ୍ଚରେ ଏସ୍ଏସ୍ବି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ୍ୟ ଏଯାଏଁ କୋର୍ଟରେ ବିଚାରାଧୀନ ରହିବା ସରକାରଙ୍କ ଆନ୍ତରିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଫଳରେ ବହୁ ପଦ ଫାଙ୍କା ପଡ଼ିଛି। ନିୟମିତ ଭାବେ ନିଯୁକ୍ତି ପରୀକ୍ଷାରେ ବିଭ୍ରାଟ ହେଉଛି। ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ତ୍ରୁଟି କାରଣରୁ ପ୍ରାୟ ସମସ୍ତ ବିଜ୍ଞପ୍ତି କୋର୍ଟକୁ ଯାଉଛି। ଫଳରେ ସମଗ୍ର ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ହେଉଛି। ଏଥିପାଇଁ ସରକାର ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ପ୍ରତିବର୍ଷ ଏସ୍ଏସ୍ବି ନିଯୁକ୍ତି କରାଗଲେ ଅଧ୍ୟାପକ ଅଭାବ ପରି ଅଶୋଭନୀୟ ପରିସ୍ଥିତି ସୃଷ୍ଟି ନ ହେବ ବୋଲି ସେ ପରାମର୍ଶ ଦେଇଛନ୍ତି।

ଅବସରପ୍ରାପ୍ତଙ୍କୁ ନିଯୁକ୍ତି ଦେବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଆଶାୟୀମାନେ ଦୃଢ଼ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସରକାର ନିଯୁକ୍ତି ଦେବା ପାଇଁ ତ୍ୱରିତ ପଦକ୍ଷେପ ନ ନେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଆଶାୟୀମାନେ ଚେତାବନୀ ଦେଇଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଟ୍ଟନାୟକଙ୍କ ସହ ସଂଗ୍ରାମ ମୋହାଲିକ, କମଳାକାନ୍ତ ଶତପଥି, ବିଜୟ ମଲ୍ଲିକ, ରଞ୍ଜିତ ପ୍ରଧାନଙ୍କ ସହ ବହୁ ଯୁବକଯୁବତୀ ଉପସ୍ଥିତ ଥିଲେ।

# ରାଧାପାଦ ଦର୍ଶନ କଲେ ୨ ଲକ୍ଷ ଶ୍ରଦ୍ଧାଳୁ



**ସାକ୍ଷୀଗୋପାଳ, ୩୧।୧୦ (ସମିସ):** ପବିତ୍ର କାର୍ତ୍ତିକ ଶୁକ୍ଳ ନବମୀ ଅବସରରେ ପ୍ରସିଦ୍ଧ ସାକ୍ଷୀଗୋପାଳ ମନ୍ଦିରରେ ୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତ ଆଜି ମା' ରାଧାରାଣୀଙ୍କ ଦୁର୍ଲଭ ପାଦ ଦର୍ଶନ କରିଛନ୍ତି। ମା'ଙ୍କ ପାଦ ଦର୍ଶନ ପାଇଁ ଦିନତମାମ ମନ୍ଦିରଠାରୁ ୩ କି.ମି ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ବର୍ଷକରେ କେବଳ ଏହି ଗୋଟିଏ ଦିନ ମା' ରାଧାରାଣୀ ଶ୍ରଦ୍ଧାଳୁଙ୍କ ଓଡ଼ିଆଣୀ ବେଶରେ ଦର୍ଶନ ଦେଇଥା'ନ୍ତି। ପୂର୍ବରାତ୍ରିରୁ ଦେବନୀତି ସମ୍ପନ୍ନ କରାଯାଇ ଭୋର୍ ପ୍ରାୟ ୫ଟାରେ ସାହାଣମେଲା ଦର୍ଶନ ଆରମ୍ଭ ହୋଇଥିଲା। ଶ୍ରଦ୍ଧାଳୁମାନେ ପ୍ରଶାସନ ଦ୍ୱାରା ନିର୍ମିତ ବ୍ୟାରିକେଡ୍ ମଧ୍ୟରେ ଶାନ୍ତିଶୃଙ୍ଖଳାରେ ଯାଇ ଦର୍ଶନ କରିଥିଲେ।

କୁହାଯାଏ, ମହାପ୍ରଭୁ ସାକ୍ଷୀଗୋପାଳ ଉତ୍ତର-ଭାରତରୁ ଆସିଥିବାରୁ ଠାକୁରାଣୀ ଶ୍ରୀଶ୍ରୀରାଧାରାଣୀ ଉତ୍ତର-ଭାରତୀୟ ବେଶଭୂଷା ପରିଧାନ କରିଥା'ନ୍ତି। ଫଳରେ ବର୍ଷସାରା ମା'ଙ୍କ ପାଦପଦ୍ମ ପିନ୍ଧା ବସନରେ ଆବୃତ୍ତ ହୋଇ ରହିଥାଏ। କେବଳ ପବିତ୍ର ଅଁଳା ନବମୀ ତିଥିରେ ଗୋଟିଏ ଦିନ ନିମନ୍ତେ ଠାକୁରାଣୀ ଓଡ଼ିଆଣୀ ବେଶ ହୋଇ କାଣିଆ କଚ୍ଛା ମାରିଥା'ନ୍ତି। ଫଳରେ ଠାକୁରାଣୀଙ୍କ ପିନ୍ଧା ବସନ ପାଦପଦ୍ମ ଉପରକୁ ଉଠି ରହିଥାଏ ଏବଂ ପାଦ ଦର୍ଶନର ସୁଯୋଗ ମିଳିଥାଏ।

ଏଥିପାଇଁ ପୂର୍ବ ରାତ୍ରରୁ ଦେବନୀତି ସମ୍ପନ୍ନ କରାଯାଇ ଠାକୁରାଣୀଙ୍କୁ ଓଡ଼ିଆଣୀ ବେଶ କରାଯାଇଥିଲା। କାନିରେ ଅରୁଆ ଚାଉଳ, ଦୁବ ଓ ଗୁଆ ବନ୍ଧା ଯାଇଥିଲା। ପାଦରେ ଅଳତା ଓ ଆଖିରେ କଜଳ ଲଗାଯାଇଥିଲା। ସେହିପରି ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ଅଁଳା ଫଳମାଳ ଓ ଡାଇମଣ୍ଡ କଟା ଚାପସରୀ, ଅଣ୍ଟାରେ ସୁବର୍ଣ୍ଣ ବେଙ୍ଗ ପାଟିଆମାଳ, ସୁବର୍ଣ୍ଣ ଚକିମାଳ, ସୁବର୍ଣ୍ଣ କମରପଟି, ସୁବର୍ଣ୍ଣ ଚାରି ସରିଆ ଚନ୍ଦ୍ର ହାର ଶିକୁଳି, ବାହୁରେ ସୁବର୍ଣ୍ଣ ଡେଉଁରିଆ ମାଳ, ସୁବର୍ଣ୍ଣ ତାବିଜ ମାଳ ଓ ସୁବର୍ଣ୍ଣ ତାବିଜ ଶୋଭା ପାଉଥିଲା।ସେହିପରି ଠାକୁର ଶ୍ରୀଶ୍ରୀଗୋପାଳଜିଉଙ୍କର ମନୋରମ ନଟବର ବେଶ ହୋଇଥିଲେ।ଠାକୁର ନୂତନ ପାଟବସ୍ତ୍ର ପରିଧାନ କରିଥିଲେ। ଠାକୁରଙ୍କ ମସ୍ତକରେ ସୁବର୍ଣ୍ଣ କିରୀଟ, ଗଳାରେ ସୁବର୍ଣ୍ଣ ସେବତୀ ଫୁଲହାର, ହସ୍ତରେ ସୁବର୍ଣ୍ଣବଂଶୀ, ନାସାରେ ଗଜମୁକ୍ତା, କର୍ଣ୍ଣରେ ସୁବର୍ଣ୍ଣ କୁଣ୍ଡଳ ଓ ଆଙ୍ଗୁଠିରେ ହୀରକ ମୁଦ୍ରିକା ଶୋଭା ପାଉଥିଲା।

# ନୂଆପଡ଼ା ପାଇଁ ଆଉ ୧୭ ନେତାଙ୍କୁ ଦାୟିତ୍ୱ ଦେଲେ ନବୀନ

**ଭୁବନେଶ୍ୱର, ୩୧।୧୦ (ସମିସ):** ନଆପଡ଼ା ଉପନିର୍ବାଚନରେ ଦଳର ବିଭିନ୍ନ ସ୍ତରରେ ସାଂଗଠନିକ କାର୍ଯ୍ୟକ୍ରମରେ ସଂଯୋଜନା କରିବା ପାଇଁ ଆଉ ୧୭ ଜଣ ନେତାଙ୍କୁ ଦାୟିତ୍ୱ ଦେଇଛି ବିଜେଡି। ଦାୟିତ୍ୱ ପାଇଥିବା ନେତାଙ୍କ ମଧ୍ୟରେ ପଦ୍ମନାଭ ବେହେରା, ଅଶୋକ ଚନ୍ଦ୍ର ପଣ୍ଡା, ମହେସ ସାହୁ, ସୁମିତ୍ରା ଜେନା, ସୁଲୋଚନା ଦାସ, ଶର୍ମିଷ୍ଠା ସେଠୀ, ମହୀଧର ରଣା, ରଘୁରାମ ପାଡ଼ଲ, ମାସ ମାଡକାମୀ, ଝିନ୍ନ ହିକ୍କା, ସାନନ୍ଦ ମାର୍ଣ୍ଡି, ରୂପେଶ କୁମାର ପାଣିଗ୍ରାହୀ, ବେଣୁଧର ପ୍ରଧାନ, ଦେବାଶିଷ ପଟ୍ଟନାୟକ, ଇଶ୍ୱର ପାଣିଗ୍ରାହୀ, ସୁବ୍ରତ ସିଂ, ଦୁଷ୍ମନ୍ତ ନାୟକ ପ୍ରମୁଖ ସାମିଲ ଅଛନ୍ତି। ଏହି ନେତାମାନଙ୍କୁ ତତ୍କାଳୀନ କାର୍ଯ୍ୟରେ ନିୟୋଜିତ ହେବାକୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି।

## ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀ ଉଦ୍‌ଘାଟିତ

# ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ




**ଭୁବନେଶ୍ୱର,୩୧।୧୦(ସମିସ):** ହସ୍ତତନ୍ତ ଓ ହସ୍ତଶିଳ୍ପ ଆମ ସାଂସ୍କୃତିକ ଐତିହ୍ୟର ବାର୍ତ୍ତାବହ। ଏହାର ସଂରକ୍ଷଣ ସହ ବୁଣାକାର ଓ କାରିଗରଙ୍କ ଆର୍ଥିକ ସମୃଦ୍ଧି ପାଇଁ ବଜାର ସଂଯୋଗ ଓ ସହଯୋଗର ଆବଶ୍ୟକତା ରହିଛି ବୋଲି ଓଡିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ଭାରତ ସରକାରଙ୍କର ବୟନ ମନ୍ତ୍ରାଳୟ ପକ୍ଷରୁ ଭୁବନେଶ୍ୱର ହୋଟେଲ୍ ତାଜ୍ ଭିଭାନ୍ତାଠାରେ ଆୟୋଜିତ ଦୁଇ ଦିନିଆ ଜାତୀୟ ହସ୍ତତନ୍ତ ଓ ହସ୍ତଶିଳ୍ପ ସମ୍ମିଳନୀର ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ବୟନ ମନ୍ତ୍ରାଳୟର ହସ୍ତତନ୍ତ ବିଭାଗର ଉନ୍ନୟନ ଆୟୁକ୍ତ ବୀଣା କୁମାରୀ ମୀନା ଏବଂ ହସ୍ତଶିଳ୍ପ ବିଭାଗର ଉନ୍ନୟନ ଆୟୁକ୍ତ ଅମୃତା ରାଜ୍ ଯୋଗ ଦେଇ ଶିଳ୍ପୀମାନଙ୍କ ଜୀବନ-ଜୀବିକାକୁ ଅଧିକ ସମୃଦ୍ଧ କରିବା ପାଇଁ କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତା ସମ୍ପର୍କରେ ଉପସ୍ଥାପନ କରିଥିଲେ। ଓଡିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରରେ ପରମ୍ପରା ଓ ନବସୃଜନର ମିଶ୍ରଣ ସହ ବଜାର ଚାହିଦା ବୃଦ୍ଧି ପାଇଁ ଓଡିଶା ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସେ ଉପସ୍ଥାପନ କରିଥିଲେ। ଓଡିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ସମଗ୍ର ଦେଶ ପାଇଁ ଉଦାହରଣ ବୋଲି ସେ କହିଥିଲେ। ଓଡିଶାରେ ଆୟୋଜିତ ଏହି ସମ୍ମିଳନୀରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି। ବୁଣାକାର ଓ କାରିଗରଙ୍କ ସାମାଜିକ-ଆର୍ଥିକ ଉନ୍ନତି ପାଇଁ ବିଚାର ବିମର୍ଶ ହେବା ସହ ନୂତନ ଯୋଜନା ପ୍ରଣୟନ ପାଇଁ ଆଲୋଚନା ହୋଇଛି। ମୁକ୍ତ ଆଲୋଚନାଚକ୍ରରେ ନୀତି ନିର୍ଦ୍ଧାରକ, ବୁଣାକାର, କାରିଗର, ବୁଦ୍ଧିଜୀବୀମାନେ ଭାରତର ହସ୍ତତନ୍ତ ଓ ହସ୍ତଶିଳ୍ପର ସମୃଦ୍ଧି ପାଇଁ ଆବଶ୍ୟକୀୟ ପଦକ୍ଷେପ ଉପରେ ଆଲୋଚନା ହେବା ସହ ହସ୍ତତନ୍ତ ଓ ହସ୍ତଶିଳ୍ପ ଉପରେ ପ୍ରସ୍ତୁତ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

## ଗାଡ଼ି ଚାଳକଙ୍କ ସଫଳତା

# ଜାପାନ ଯିବେ କେନ୍ଦୁଝରର ରାକେଶ



**କଟକ, ୩୧।୧୦(ସମିସ):** ଜଣେ ଗାଡ଼ି ଚାଳକ ହୁଏତ ଉଚ୍ଚଶିକ୍ଷିତ ନ ହୋଇପାରନ୍ତି କିନ୍ତୁ ଯଦି ନିଷ୍ଠାର ସହ ପ୍ରଶିକ୍ଷଣ ନେବେ, ତେବେ ରୋଜଗାର କ୍ଷେତ୍ରରେ ମଧ୍ୟ ନିଜ ପାଇଁ ଭଲ ସମ୍ଭାବନା ସୃଷ୍ଟି କରିପାରିବେ। ଯାହା ପ୍ରମାଣିତ କରିପାରିଛନ୍ତି କେନ୍ଦୁଝର ଜିଲ୍ଲାର ରାକେଶ ଦାସ। ଓଡ଼ିଶା ସରକାରଙ୍କ ଛତିଆ ଯାନ ଚାଳନା ତାଲିମ କେନ୍ଦ୍ରରୁ ପ୍ରଶିକ୍ଷିତ ଜଣେ ଗାଡ଼ିଚାଳକ ରାକେଶ ଆଜି ବିଶ୍ୱସ୍ତରରେ ନିଜର ସୁନାମ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଶ୍ରୀ ଦାସ ଜାପାନର ଏକ ପ୍ରତିଷ୍ଠିତ କମ୍ପାନୀରେ ନିଯୁକ୍ତି ପାଇ ଜାପାନ ଅଭିମୁଖେ ଯାଇଛନ୍ତି। ରାକେଶ ଛତିଆ ପ୍ରଶିକ୍ଷଣ କେନ୍ଦ୍ରରୁ ସୁବାହକ ଭାବେ ପ୍ରଶିକ୍ଷିତ ହୋଇଥିଲେ। ସଫଳତାର ସହ ଯାନ ଚାଳନା ଶିଖିବା ପରେ ଜାପାନର ମାରୁଇ କମ୍ପାନୀରେ ସେ ନିଯୁକ୍ତି ପାଇଁ ମନୋନୀତ ହୋଇଛନ୍ତି। ଜାପାନ ଯିବା ପାଇଁ ସେଠାକାର ଭାଷା ଏବଂ ଚାଲିଚଳଣି ବାବଦରେ ନାଭିସ୍ ଏଚଆର ନାମକ ଚୁକ୍ତିବଦ୍ଧ କମ୍ପାନୀରୁ ପ୍ରଶିକ୍ଷଣ ନେଇଥିଲେ ରାକେଶ। ଗାଡ଼ି ଚାଳନା ପ୍ରଶିକ୍ଷଣର ସୁଯୋଗ ତାଙ୍କ ଜୀବନରେ ଏକ ବଡ଼ ପରିବର୍ତ୍ତନ ଆଣିଥିବା ସେ କହିଛନ୍ତି। ଓଡ଼ିଶା ସରକାରଙ୍କ ପକ୍ଷରୁ ଯାନଚାଳନା ତାଲିମ ଓ ଗବେଷଣା ପ୍ରତିଷ୍ଠାନ ବଣାଇ, ଛତିଆ, ପାଲୁର, କେନ୍ଦୁଝରରେ ରହିଛି। ଏଠାରେ ପ୍ରଶିକ୍ଷାର୍ଥୀଙ୍କ ତାଲିମ୍ ସହ ରହିବା ଖାଇବାର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ କରାଯାଇଥାଏ। ରାକେଶଙ୍କ ନିଯୁକ୍ତି ନେଇ ତାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଶୁଭେଚ୍ଛା ଜଣାଇଛନ୍ତି।

# ପୁଲିସ ପକ୍ଷରୁ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ



**କଟକ,୩୧।୧୦(ସମିସ):** କଟକସ୍ଥିତ ଷଷ୍ଠ ଓଏସ୍ଏପି ବାଟାଲିୟନ୍ ପରିସରରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଏକତା ଦିବସ ଆଜି ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଏଥିରେ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଲୌହମାନବ ସର୍ଦ୍ଦାର ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ସେ ରାଷ୍ଟ୍ରର ଏକତା, ଅଖଣ୍ଡତା, ସୁରକ୍ଷା ତଥା ଦେଶର ଆଭ୍ୟନ୍ତରୀଣ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଉପସ୍ଥିତ ପୁଲିସ ଅଧିକାରୀ, କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଆଗାମୀ ଦିନରେ ସମସ୍ତେ ମିଳିମିଶି ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣ, ଅପରାଧ ଦମନ ଓ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାକୁ ଶ୍ରୀ ମିଶ୍ର ଗୁରୁତ୍ୱାରୋପ କରିଥିଲେ। ତୃତୀୟ ଆଇ.ଆର. ବାଟାଲିୟନ କମାଣ୍ଡାଣ୍ଟ ୟାକୁବ ଖାନ ପରେଡ୍‌ର ନେତୃତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ(ମୁଖ୍ୟାଳୟ) ଅରୁଣ ବୋଥ୍ରା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଯୋଗାଯୋଗ) ଦୟାଳ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍ଏପି) ରାଜେଶ କୁମାରଙ୍କ ସମେତ ପୁଲିସ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ସ୍କୁଲରେ ଛାତ୍ରୀଙ୍କୁ କାମୁଡ଼ିଲା ସାପ



**ଦେବଗଡ଼, ୩୧।୧୦ (ସମିସ):** ରିଆମାଳ ବ୍ଲକ୍ ଅନ୍ତର୍ଗତ ଚଢ଼େଇମରା ପ୍ରାଥମିକ ବିଦ୍ୟାଳୟ ପରିସରରେ ସାପ କମୁଡ଼ାରେ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଛାତ୍ରୀ ଜଣଙ୍କ ହେଲେ, ଲୁଇସରାଣୀ ବେହେରା। ତାଙ୍କୁ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବର ଲେଖା ହେବା ସୁଦ୍ଧା ଛାତ୍ରୀଙ୍କ ଚିକିତ୍ସା ଜାରି ରହିଛି। ସୂଚନାନୁଯାୟୀ, ଲୁଇସ୍ ଆଜି ଶୌଚାଳୟକୁ ଶୌଚ ହେବା ପାଇଁ ଯାଇଥିଲେ। ଏହି ସମୟରେ ଶୌଚାଳୟ ନିକଟରେ ଥିବା ଏକ ଚିତିସାପ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ଲୁଇସ୍‌ଙ୍କ ଚିତ୍କାର ଶୁଣି ଶିକ୍ଷକମାନେ ତାଙ୍କୁ ଉଦ୍ଧାର କରି ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇବା ସହ ତାଙ୍କ ପରିବାରଲୋକଙ୍କୁ ଖବର ଦେଇଥିଲେ।

## ପୁଲିସ ଏସ୍ଆଇ ଚାକିରି ବିକ୍ରି

# ଘଟଣା ପଛରେ ବଡ଼ ନେଟୱର୍କ: କ୍ରାଇମ୍‌ବ୍ରାଞ୍ଚ ଡିଜି

**ସିବିଆଇ ତଦନ୍ତ ବିଳମ୍ବ ହେଉଥିବାରୁ ପ୍ରମାଣ ନଷ୍ଟ ଭୟ**

**ଶଙ୍କରକୁ ଏପର୍ଯ୍ୟନ୍ତ ଧରିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ**



**ଭୁବନେଶ୍ୱର,୩୧।୧୦(ସମିସ):** ପୁଲିସ୍ ଏସ୍ଆଇ ପରୀକ୍ଷା କେଳେଙ୍କାରି ମାମଲା ସିବିଆଇକୁ ହସ୍ତାନ୍ତର ହେବାର ସପ୍ତାହେ ପୂରିବ। ହେଲେ ଏପର୍ଯ୍ୟନ୍ତ ସିବିଆଇ ତା'ର ତଦନ୍ତ ଆରମ୍ଭ କରିନାହିଁ। ସେପେଟେ ଗିରଫ ହୋଇଥିବା ୧୧୪ ଜଣ ପରୀକ୍ଷାର୍ଥୀ ଜାମିନ୍ ପାଇ ଘରକୁ ଫେରିଥିବାରୁ ସିବିଆଇ ତଦନ୍ତ ଆରମ୍ଭ କରିବା ପୂର୍ବରୁ ସବୁ କିଛି ପ୍ରମାଣ ନଷ୍ଟ ହୋଇ ସାରିଥିବ ବୋଲି ଆଶଙ୍କା ପ୍ରକାଶ ପାଇଛି।

ଅନ୍ୟପଟରେ ଏହି ପ୍ରସଙ୍ଗରେ, କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ପ୍ରତିକ୍ରିୟା ରଖି କହିଛନ୍ତି ଯେ ଏହି ଘଟଣା ପଛରେ ବଡ଼ ଧରଣର ଆନ୍ତଃରାଜ୍ୟ ଲିଙ୍କ୍ ରହିଛି। ବଡ଼ ଷଡ଼ଯନ୍ତ୍ର ଏବଂ ମନି ଟ୍ରଲ୍‌ର ସଂପୃକ୍ତି ରହିଛି। ସେହି କାରଣରୁ ରାଜ୍ୟ ସରକାର ଏହାକୁ ସିବିଆଇ ତଦନ୍ତ କରିବାକୁ କହିଛନ୍ତି। ଯେହେତୁ ସିବିଆଇର ସମ୍ପୂର୍ଣ୍ଣ ଭାରତରେ ତଦନ୍ତ କରିବାର କ୍ଷମତା ରହିଛି ତେଣୁ ଷଡ଼ଯନ୍ତ୍ର ଦିଗକୁ ଭଲ ଭାବେ ସେମାନେ ତଦନ୍ତ କରିବେ। ଦୋଷୀମାନଙ୍କ ପାଖରେ ପହଞ୍ଚିବେ। କେବଳ ବିଜୟନଗରମ କିମ୍ବା ଦୀଘା ମୋଡୁଲ ନୁହେଁ; ଏହା ପଛରେ ଅନେକ ମୋଡୁଲ ରହିଥାଇପାରେ। ସିବିଆଇ ଏ ସବୁକୁ ବାହାର କରିବ। ଯେତିକି ପ୍ରମାଣ ଆମେ ପାଉଛୁ, ସେତିକି ତଥ୍ୟ ଆମେ କହୁଛୁ। ଅନୁମାନ କରି କହିବା ମାମଲାକୁ ହାନି ପହଞ୍ଚାଇପାରେ। ଯେହେତୁ ସିବିଆଇ ମାମଲାର ତଦନ୍ତ କରିବ, ସେମାନେ ଯେତେବେଳେ ଆସିବେ ଆମେ ତାଙ୍କୁ 'ଅପ୍‌ଟୁଡେଟ୍' କେସ୍ ରେକର୍ଡ ହସ୍ତାନ୍ତର କରିବୁ। ଦୋଷୀମାନଙ୍କ ପାଖରେ ସିବିଆଇ ପହଞ୍ଚିପାରିବ ବୋଲି କ୍ରାଇମ ବ୍ରାଞ୍ଚ ଡିଜି ଶ୍ରୀ ମିଶ୍ର କହିଛନ୍ତି। ତେବେ ଦିଲ୍ଲୀରେ ଲୁଚିଥିବା ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିକୁ ଧରିବାରେ ବିଫଳ ହୋଇଛି କ୍ରାଇମ୍‌ବ୍ରାଞ୍ଚ। ଶଙ୍କର ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ ଜାଣିଥିଲେ ମଧ୍ୟ କ'ଣ ପାଇଁ ଗିରଫ କରିପାରୁନି, ତାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

# ୧୦ ମାସରେ ୪ କୋଟିର ଧଳାଜହର ଜବତ, ୧୬୮ ଗିରଫ

**ଖୋର୍ଦ୍ଧାରୁ ସର୍ବାଧିକ, ପଛକୁ ପୁରୀ**

**କଟକ, ୩୧।୧୦ (ସମିସ):** କଟକ କେନ୍ଦ୍ରାଞ୍ଚଳ ପୁଲିସ ରେଞ୍ଜ ଅନ୍ତର୍ଗତ ମୋଟ ୭ଟି ଜିଲ୍ଲାରେ ଧଳାଜହରର ବିପୁଳ କାରବାର ପୁଲିସର ଚିନ୍ତା ବଢ଼ାଇଲାଣି। ଜାନୁଆରିରୁ ଅକ୍ଟୋବର୨୯ ପର୍ଯ୍ୟନ୍ତ ଗତ ୧୦ ମାସ ମଧ୍ୟରେ ୪କିଲୋ୨୨ଗ୍ରାମ ୪୨୮ ମିଲିଗ୍ରାମ ଓଜନର ବ୍ରାଉନସୁଗର ବା ଧଳାଜହର ଜବତ କରାଯାଇଛି। ମୋଟ ୮୧ଟି ମାମଲାରେ ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୪କୋଟି ୨୪ଲକ୍ଷ ୪୬ ହଜାର ୫୪୦ ଟଙ୍କା। ଏହି କାରବାରରେ ସମ୍ପୃକ୍ତ ମୋଟ ୧୬୮ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୨୫ଟି ମାମଲାରେ ୧ କୋଟି ୬୧ ଲକ୍ଷ ଟଙ୍କାର ୧ କିଲୋ ୬୧୬ ଗ୍ରାମ ଜବତ କରାଯିବା ସହ ୫୯ ଜଣଙ୍କୁ ଗିରଫ କରାଯାଇଛି। ଏହା ପଛକୁ ପୁରୀ ଜିଲ୍ଲାରେ ସର୍ବାଧିକ ୧୮ଟି ମାମଲାରେ ୧ କିଲୋ ୧୨ ଗ୍ରାମ ଧଳାଜହର ଜବତ କରାଯିବା ସହ ୩୭ଜଣଙ୍କୁ ଗିରଫ କରାଯାଇଛି। ସେହିଭଳି ଜଗତସିଂହପୁରରେ ୧୭ଟି ମାମଲା ରୁଜୁ ସହ ୯୮ଲକ୍ଷ ୬୪ହଜାର ଟଙ୍କାର ୧ କିଲୋ୯୫ ଗ୍ରାମ୍ ଧଳାଜହର ଜବତ କରାଯାଇଛି ଓ ୪୧ ଜଣ ଗିରଫ ହୋଇଛନ୍ତି। ନୟାଗଡ଼ରେ ୮ଟି ମାମଲାରେ ୧୬୯ ଗ୍ରାମ ଜବତ ସହ ୧୩ଜଣ ଗିରଫ ହୋଇଥିବା ବେଳେ କଟକ ଜିଲ୍ଲାରେ ୫ଟି ମାମଲାରେ ୩୦ଗ୍ରାମ ଜବତ ସହ ୫ଜଣ ଗିରଫ ହୋଇଛନ୍ତି। କେନ୍ଦ୍ରାପଡ଼ାରେ ୨ଟି ମାମଲାରେ ୧୬ଗ୍ରାମ ଜବତ ସହ ୨ ଗିରଫ, ଯାଜପୁରରେ ୬ଟି ମାମଲାରେ ୮୩ ଗ୍ରାମ୍ ଜବତ ସହ ୧୧ ଜଣ ଗିରଫ ହୋଇଛନ୍ତି।

ଅନୁରୂପ ଭାବେ, ଗଞ୍ଜେଇ କାରବାର କ୍ଷେତ୍ରରେ ମୋଟ ୬୪ଟି ମାମଲା ରିପୋର୍ଟ କରାଯାଇଛି। ଏଥିରେ ୧୧୦୭ କେଜି ଗଞ୍ଜେଇ ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୭୨ଲକ୍ଷ ଟଙ୍କା ହେବ। ଏହି ମାମଲାଗୁଡ଼ିକରେ ସମ୍ପୃକ୍ତ ୧୦୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।


# ଆଜିଠୁ ସମୁଦ୍ରରେ ମାଛଧରା କଟକଣା

**ପ୍ରସ୍ତୁତି ଅଧାପନ୍ତରିଆ, କଇଁଛଙ୍କୁ ସୁରକ୍ଷା ଦେବ କିଏ?**

**ଉଦ୍‌ବେଗ ପ୍ରକାଶ କଲେ ପ୍ରକୃତି ବନ୍ଧୁ**

**ପୁରୀ, ୩୧।୧୦(ସମିସ):** ପୁରୀ ଜିଲ୍ଲା ଉପକୂଳରେ ଅଲିଭ୍‌ରିଡଲେ କଇଁଛଙ୍କ ପ୍ରଜନନ ପାଇଁ ଶନିବାରଠାରୁ ସାମୁଦ୍ରିକ କଟକଣା ଜାରି ହେବ। ବନ ବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ନଭେମ୍ବର ୧ରୁ ଲାଗୁ ହେଉଥିବା ଏହି କଟକଣା ଆସନ୍ତା ମେ' ୩୧ ତାରିଖ ପର୍ଯ୍ୟନ୍ତ ବଳବତ୍ତର ରହିବ। ଓଡ଼ିଶା ମେରାଇନ୍ ଫିସିଙ୍ଗ୍ ରେଗୁଲେସନ୍ ଆକ୍ଟ ବା ଓମ୍‌ଫ୍ରା ଅନୁଯାୟୀ ମତ୍ସ୍ୟଜୀବୀମାନଙ୍କ ପାଇଁ ପୁରୀ ଉପକୂଳରୁ ସମୁଦ୍ର ମଧ୍ୟକୁ ପ୍ରବେଶ ଏବଂ ମାଛ ଧରିବା ଉପରେ କଟକଣା ଲଗାଯିବ। କେଳୁଣୀ ମୁହାଣରୁ ଦେବୀନାସୀ ସମୁଦ୍ର କୂଳରୁ ୨୦ କିମି ପର୍ଯ୍ୟନ୍ତ ଅଞ୍ଚଳ ନୋ-ଫିସିଂ ଜୋନ୍ ରହିବ। ଅର୍ଥାତ୍ ଏହି ଅଞ୍ଚଳ ମଧ୍ୟରେ ଯନ୍ତ୍ରଚାଳିତ ଡଙ୍ଗା, ଟ୍ରଲର୍ ମାଛ ଧରିପାରିବେ ନାହିଁ। ଏଥିସହ ଫାଶି ଜାଲ ବ୍ୟବହାର ଉପରେ ମଧ୍ୟ କଟକଣା ଲଗାଯିବ। ଅଲିଭରିଡ୍‌ଲେ କଇଁଛଙ୍କ ସୁରକ୍ଷା ଏବଂ ପ୍ରଜନନକୁ ଗୁରୁତ୍ୱ ଦିଆଯାଇ ଏହି କଟକଣା ଲାଗୁ ହେବ। ତେବେ ବନ ବିଭାଗ ଏବଂ ମତ୍ସ୍ୟ ବିଭାଗ ପକ୍ଷରୁ ଅଲିଭ୍‌ରିଡଲେ କଇଁଛଙ୍କ ସୁରକ୍ଷା ପାଇଁ ଯେଉଁସବୁ ପ୍ରସ୍ତୁତି କରାଯିବା କଥା, ତାହା ଅଧାପନ୍ତରିଆ ରହିଛି। ଫଳରେ କଇଁଛଙ୍କ ସୁରକ୍ଷାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ପ୍ରକୃତିବନ୍ଧୁ ସରୋଜ କୁମାର ଜେନା।

ପ୍ରାୟ ପ୍ରତିବର୍ଷ ନଭେମ୍ବର ଆରମ୍ଭରୁ ଅଲିଭରିଡ୍‌ଲେ ଓଡ଼ିଶା ଉପକୂଳକୁ ଆସିବା ଆରମ୍ଭ କରିଥା'ନ୍ତି। କୂଳରୁ ୫ରୁ ୧୦କିମି ମଧ୍ୟରେ ଏମାନେ ସମବେତ ହୁଅନ୍ତି ଓ ସେଠାରେ ତାଙ୍କର ମିଳନ ହୁଏ। ଓଡ଼ିଶାର ଗହୀରମଥା ପରେ ପୁରୀ ଜିଲ୍ଲା ଉପକୂଳ ଏମାନଙ୍କ ଅନ୍ୟତମ ପସନ୍ଦର ସ୍ଥାନ ପାଲଟିଥାଏ। ଡିସେମ୍ବରରେ ହଜାରହଜାର ସଂଖ୍ୟାରେ ଅଲିଭରିଡ୍‌ଲେ ପୁରୀ ଜିଲ୍ଲାର ବାଲି ହରଚଣ୍ଡୀଠାରୁ ଦେବୀ ମୁହାଣ ଇଲାକାକୁ ଆସିଥାନ୍ତି। କୋଣାର୍କଠାରୁ ଦେବିନାସୀ ବେଳାଭୂମି ଇଲାକାରେ ଏମାନେ ଅଣ୍ଡା ଦେଇଥାନ୍ତି। ଜାନୁୟାରୀ ଶେଷ ଆଡ଼କୁ ମାଈ କଇଁଛ କୂଳମୁହାଁ ହୋଇ ଅନ୍ଧାର ରାତିରେ ବେଳାଭୂମିକୁ ଉଠି ଅଣ୍ଡା ଦିଅନ୍ତି। କଇଁଛର ଅଣ୍ଡାଗୁଡ଼ିକ ୪୫ରୁ ୬୦ ଦିନରେ ଛୁଆ ଫୁଟିଥାଏ। ଏଥିପାଇଁ ନିୟୋଜିତ ବନ କର୍ମଚାରୀ ଅଣ୍ଡାଗୁଡ଼ିକ ସଂଗ୍ରହ କରି କୃତ୍ରିମ ହାଚେରୀ ବା ଅସ୍ଥାୟୀ ପ୍ରଜନନ କେନ୍ଦ୍ରରେ ବାଲିରେ ପୋତିଥାନ୍ତି। ପ୍ରତିବର୍ଷ ପୁରୀ ଉପକୂଳରେ ୧୩ଟି ଜାଗାରେ ଅସ୍ଥାୟୀ ପ୍ରଜନନ କେନ୍ଦ୍ର କରାଯାଉଛି। ଏଗୁଡ଼ିକ ହେଉଛି ବାଲୁଖଣ୍ଡ ରେଞ୍ଜର ନୂଆନଇ, ବେଲେଶ୍ୱର, ବ୍ରହ୍ମଗିରି ରେଞ୍ଜର ହରଚଣ୍ଡୀ ଓ ଚାପମାଣିକ, କୋଣାର୍କ ରେଞ୍ଜର ଚନ୍ଦ୍ରଭାଗା, ଦାଶଧଡ଼ିଆ, କଅଁରପୁର ଓ ରାମଚଣ୍ଡୀ, ଅସ୍ତରଙ୍ଗ ରେଞ୍ଜର ଦେବୀନାସୀ, ଜାହାନିଆ, ଡାଲୁଅକଣି, ଗୁଣ୍ଡଳବା ଓ ଗଙ୍ଗାଦେବୀ।



କଇଁଛଙ୍କ ସୁରକ୍ଷା ପାଇଁ କାମ କରୁଥିବା ସେଭ୍ କୋଷ୍ଟାଲ ଲାଇଫ୍ ସଦସ୍ୟ ପ୍ରକୃତି ବନ୍ଧୁ ସରୋଜ କୁମାର ଜେନା କହିଛନ୍ତି, ଚଳିତବର୍ଷ ଅଲିଭ୍‌ରିଡଲେ ପ୍ରଜନନ ଋତୁ ପୂର୍ବରୁ ପୁରୀ ଉପକୂଳକୁ ଆସିଲେଣି। ଇତିମଧ୍ୟରେ କୋଣାର୍କ ରେଞ୍ଜରେ ଗୋଟିଏ କଇଁଛ ୧୨୪ଟି ଅଣ୍ଡା ମଧ୍ୟ ଦେଇସାରିଲାଣି। ତେଣୁ କଇଁଛଙ୍କ ସୁରକ୍ଷା ଏବଂ ପ୍ରଜନନକୁ ଗୁରୁତ୍ୱ ଦିଆଯିବା ଦରକାର। ହେଲେ ଏ ପର୍ଯ୍ୟନ୍ତ ବିଭାଗ ପକ୍ଷରୁ ପ୍ରସ୍ତୁତି ଅଧାପନ୍ତରିଆ ରହିଛି। ବେଳାଭୂମି ସଫା କରାଯାଇନାହିଁ। କଇଁଛଙ୍କ ସୁରକ୍ଷା ନେଇ ଉପକୂଳବର୍ତ୍ତୀ ଗାଁଗୁଡ଼ିକରେ ସୂଚନା ଫଳକ କିମ୍ବା ସଚେତନ କରାଯାଇନାହିଁ। ରାମଚଣ୍ଡୀରୁ ଚନ୍ଦ୍ରଭାଗା ସମୁଦ୍ର କୂଳରେ ମନଇଚ୍ଛା ବଣଭୋଜି ଚାଲିଛି। ଫଳରେ ପ୍ଲାଷ୍ଟିକ ଆବର୍ଜନା ସମୁଦ୍ରକୁ ଯାଉଛି। ଏ ଦିଗରେ ଲୋକଙ୍କୁ ସଚେତନ କରାଯାଉ ନ ଥିବାବେଳେ କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇନାହିଁ। ଚନ୍ଦ୍ରଭାଗା ନୋଳିଆବସ୍ତିରୁ କଅଁରପୁର ଆଡକୁ ସମୁଦ୍ରକୂଳରେ ଚାରିଚକିଆ ଯାନ ଚଳାଚଳ ଦିଗରେ କୌଣସି କଟକଣା ଲାଗି ନାହିଁ। ଚନ୍ଦ୍ରଭାଗା ଏବଂ ରାମଚଣ୍ଡୀ ଏଫ୍ଏଲ୍‌ସି କର୍ମଚାରୀଙ୍କୁ ନେଇ କଇଁଛ ପ୍ରଜନନ ବିଷୟରେ ସଚେତନ କରାଯାଇ ନାହିଁ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବେଲେଶ୍ୱର ବେଳାଭୂମିରେ ପ୍ରି-ୱେଡିଂ ପାଇଁ ଜେନେରେଟର୍ ନେଇ ଲାଇଟ୍ ଲଗାଯାଉଛି। ଏଥିସହ ନିଆଁ ଲଗାଇ ଭିଡିଓ ସୁଟିଂ କରାଯାଉଛି। ଏସବୁ କିପରି ବନ୍ଦ କରାଯିବ, ସେ ଦିଗରେ ନା ବନ ବିଭାଗ ନା ମତ୍ସ୍ୟ ବିଭାଗ ଗୁରୁତ୍ୱ ଦେଉଛନ୍ତି। ସେହିପରି ୱାଚର୍ ଏବଂ ଆଣ୍ଟି ୱାଚରଙ୍କୁ ଅଲଗା କାମରୁ ନିବୃତ୍ତ ରଖି କେବଳ କଇଁଛଙ୍କ ସୁରକ୍ଷା ଦିଗରେ ନିୟୋଜିତ କରାଯାଉ ବୋଲି ପ୍ରକୃତି ବନ୍ଧୁ ଶ୍ରୀ ଜେନା କହିଛନ୍ତି।

ଏ ସମ୍ପର୍କରେ ସହକାରୀ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ କହିଛନ୍ତି, ଏଫ୍ଏଲ୍‌ସି କର୍ମଚାରୀଙ୍କର ବୈଠକ ପ୍ରତିବର୍ଷ ହେଉଛି। ଏବର୍ଷ ମଧ୍ୟ କରାଯିବ। ସେହିପରି ବିଭାଗ ପକ୍ଷରୁ କଇଁଛଙ୍କ ସୁରକ୍ଷା ପାଇଁ ଅନ୍ୟାନ୍ୟ ପ୍ରସ୍ତୁତି କରାଯାଉଛି।

**ପ୍ରସିଦ୍ଧ ରାହାସ ଉତ୍ସବ ପାଇଁ ପ୍ରସ୍ତୁତି**

# ନିର୍ମାଣ ଚାଲିଛି ଚିତ୍ର, ମୂର୍ତ୍ତି ଓ କୁଞ୍ଜ





ଯାଜପୁର, ୩୧।୧୦(ସମିସ)

ଆସୁଛି ରାହାସ ପୂର୍ଣ୍ଣିମା। ଯାଜପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହି ରାହାସ ପୂର୍ଣ୍ଣିମା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଯାକଜମକରେ ପାଳନ କରାଯାଏ। ଏଥିପାଇଁ ସବୁଆଡେ ଏହାକୁ ନେଇ ଚାଲିଛି ବ୍ୟାପକ ପ୍ରସ୍ତୁତି। ଯାଜପୁର ବ୍ଲକର ମହେଶ୍ୱରପୁର ପଞ୍ଚାୟତ, ଶାମଦାସପୁର ପଞ୍ଚାୟତ, ରସୁଲପୁର ବ୍ଲକର ନରସିଂହପୁର ପଞ୍ଚାୟତର ପ୍ରତ୍ୟେକ ରାଧାକୃଷ୍ଣ ମନ୍ଦିର କମିଟି ଦ୍ୱାରା ଆୟୋଜିତ ହୁଏ କୁଞ୍ଜଯାତ୍ରା। ଏଥିପାଇଁ କୁଞ୍ଜ ମଣ୍ଡପର ଥାଟ ନିର୍ମାଣ କରିବା ପାଇଁ ପୁରୀ ଅଞ୍ଚଳରୁ ଆସିଥିବା କାରିଗରମାନେ ଲାଗି ପଡ଼ିଛନ୍ତି। ସେମାନଙ୍କୁ ସହଯୋଗ କରିବା ପାଇଁ ସ୍ଥାନୀୟ କାରିଗରମାନେ କାଠ, ସୋଲ, ବାଉଁଶ ଓ ରଙ୍ଗବେରଙ୍ଗର ଜରି ଜମ୍ଭୁରା ଓ କାଗଜ, ଚୁମକି ଆଦି ବିଭିନ୍ନ ଅନୁସଙ୍ଗିକ ଦ୍ରବ୍ୟ ବ୍ୟବହାର କରି କୁଞ୍ଜ ପ୍ରସ୍ତୁତିରେ ଲାଗିଛନ୍ତି। ରାଧାକୃଷ୍ଣଙ୍କ ଦିବ୍ୟ ପ୍ରେମ ରାହାସ ଉତ୍ସବ ମୂର୍ତ୍ତି ଓ ଚିତ୍ର ମାଧ୍ୟମରେ ପରିକଳ୍ପନା ରୂପକ କୁଞ୍ଜମଣ୍ଡପ ତିଆରି କରୁଛନ୍ତି। ରାଧାକୃଷ୍ଣଙ୍କ ସମସ୍ତ ଦିବ୍ୟ ଲୀଳା, ଗୋପୀ ସଖୀ, ବୃକ୍ଷଲତା ପଶୁପକ୍ଷୀ, ପାହାଡ଼ ଝରଣା ନଦୀ ଆଦି ଚିତ୍ର ଓ ମୂର୍ତ୍ତି ଭାବେ ସ୍ଥାନ ପାଇବା ସହିତ ଆଧୁନିକ କଥାବସ୍ତୁକୁ ନେଇ ବହୁ ବାରୁଆଳି ତିଆରି କରୁଛନ୍ତି। ଯାହାକି ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ ବୋଲି ମନ୍ଦିର କମିଟିର ସଦସ୍ୟ ମାନେ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଡିଅସାହି ରାଧାଗୋପିନାଥ ଠାରେ ରୂପେଲି ରଙ୍ଗର କୁଞ୍ଜ ଥାଟକୁ ପରିବର୍ତ୍ତନ କରି ସୁନେଲି ରଙ୍ଗର କରାଯାଉଥିବା ବେଳେ ନରସିଂହପୁରପୁର କଚେରିପଡ଼ିଆ ନିକଟରେ ଥିବା ମଦନମୋହନ (ଗାଙ୍ଗୁଲା) ମଠରେ ପୁରୀରୁ

**ଗୋବିନ୍ଦ ମଠରେ ହେବ ସୁନାବେଶ**

କାରିଗର ଆସି ନୂଆକରି ମଣ୍ଡପ ସହିତ ସୁନେଲି ରଙ୍ଗର କୁଞ୍ଜ ଥାଟ ନିର୍ମାଣ କରୁଛନ୍ତି। ଚଳିତ ବର୍ଷ ମହେଶ୍ୱରପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମରେ ଥିବା ଗୋପାଳଜୀଉ ମଠରେ ନୂଆକରି ସ୍ଥାନୀୟ କାରିଗରଙ୍କ ଦ୍ୱାରା କୁଞ୍ଜମଣ୍ଡପ ନିର୍ମାଣ କରାଯାଉଥିବା ସହିତ ବ୍ରାହ୍ମଣବାଛପୁର ବାଲ୍ୟଲୀଳା ମଠରେ ମଧ କୁଞ୍ଜ ସାଜସଜ୍ଜା ହେଉଛି। ଶାମଦାସପୁର ପଞ୍ଚାୟତର ଗୋବିନ୍ଦ ମଠରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଠାକୁରଙ୍କ ସୁନାବେଶ ହେବ ବୋଲି ଜଣାପଡ଼ିଛି। ରାହାସକୁଞ୍ଜ ମଣ୍ଡପ ସହିତ ଅନୁରୂପ ଯାତ୍ରା ଅନୁଷ୍ଠାନ ଗୁଡିକ ବଢ଼ି ଚାଲୁଛି। ଚଳିତ ବର୍ଷ ଏହି ୨ ପଞ୍ଚାୟତର ୨ କିମି ମଧ୍ୟରେ ୧୦ ଗୋଟି ଅପେରା ମଞ୍ଚସ୍ଥ କରିବ। ଦୈନିକ ହଜାର ହଜାର ଲୋକଙ୍କ ସମାଗମ ହେବ। ୧୦ଗୋଟି ଅପେରା ନାଟକ ମଞ୍ଚସ୍ଥ କରିବାକୁ ନେଇ ପ୍ରଶାସନର ଅନୁମତି ପତ୍ରମିଳିବା ସହିତ ଶାନ୍ତି ଶୃଙ୍ଖଳାକୁ ନେଇ ପୋଲିସ ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି ବୋଲି ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି। ଏନ୍ଏଚ୍ ୨୦ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ବିଭିନ୍ନ ଅପେରା ଦଳର ବିଜ୍ଞାପନ ହୋର୍ଡିଂ ଦ୍ୱାରା ସଜାଇ ହେଉଛି। ପ୍ରତିବର୍ଷ ଏହି ଉତ୍ସବରେ କୋଟି କୋଟି ଟଙ୍କାର କାରବାର ହୋଇଥାଏ। ସେଥିପାଇଁ ଯାତ୍ରା ଅନୁଷ୍ଠାନ ସହିତ ସ୍ଥାୟୀ ଦୋକାନ ଗୁଡିକ ଭଲ କାରବାର ପାଇଁ ଆଶାବାଦୀ ହୋଇଛନ୍ତି। ଚଳିତ ବର୍ଷ ରାହାସ ଉତ୍ସବରେ ଶାନ୍ତିଶୃଙ୍ଖଳା ସହିତ ସଫେଇ, ପାନୀୟ ଜଳଯୋଗାଣ ବିଶେଷକରି ମୁଗୁପାଳ ଠାରୁ ବରୁଆଁ ଛକ ପର୍ଯ୍ୟନ୍ତ ଥିବା ୨୦ ନମ୍ବର୍ ଜାତୀୟ ରାଜପଥରେ ଥିବା ଖାଲଖମା ରାସ୍ତାକୁ ତୁରନ୍ତ ମରାମତି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ୨ରୁ ୧୨ ତାରିଖ ମଧ୍ୟରେ କୁଆଖିଆ ଠାରୁ ବରୁଆଁ ମଧ୍ୟରେ କେବଳ ଯାତ୍ରୀବାହୀ ଗାଡ଼ି ଓ ଜରୁରୀ ସେବା ଗାଡ଼ି ବ୍ୟତୀତ ଭାରୀଯାନ ଚଳାଚଳ ନିଷେଧ କରିବାକୁ ଆଖ ପାଖ ଅଞ୍ଚଳର ସାଧାରଣ ଜନତା ଓ ବହୁ ବୁଦ୍ଧିଜୀବୀ ଜିଲ୍ଲା ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି।

## ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା




ମଇଁଦା, ୩୧।୧୦(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମୁରଲୀଧର ମେମୋରିଆଲ ଗ୍ରାମପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆର୍ଯ୍ୟନାରାୟଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ପଞ୍ଚାୟତ ସରପଞ୍ଚ ପାର୍ବତୀ ମଲିକ, ମୁଖ୍ୟବକ୍ତା ଭାବେ ସମାଜସେବୀ ପ୍ରଦୀପ ମଲିକ, ସମ୍ମାନିତ ଅତିଥିଭାବେ ସମିତି ସଭ୍ୟା ସ୍ୱର୍ଣ୍ଣଲତା ବେହେରା, ପୂର୍ବତନ ସରପଞ୍ଚ ଧ୍ରୁବଚରଣ ସେଠୀ, ଭୁବନାନନ୍ଦ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ମଲିକ, ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଜଗବନ୍ଧୁ ଯେନା, ଯୋଗଦେଇ ଶ୍ରୀଯୁକ୍ତ ବାରିକଙ୍କ ଅଭିଭାଷଣ ରଖିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ହେମନ୍ତ କୁମାର ନାୟକ, ହେମେନ୍ଦ୍ର ରାଉତ, ବିଦ୍ୟାସାଗର ବେହେରା, ଅଭିମନ୍ୟୁ ସାହୁ, ପ୍ରଭାତୀ ସାହୁ, ମିନାକ୍ଷୀ ଦାଶ, ବିପିନ ବିହାରି ବଳ, ଅକ୍ଷୟ ସେଠୀ, ପଞ୍ଚାନନ ମିଶ୍ର, ଇନ୍ଦ୍ରମଣି ପଣ୍ଡା, ଦିଲିପ କୁମାର ସାମଲ, ପିତବାସ ନାୟକ, ଶୈଳେନ୍ଦ୍ର କୁମାର ସାମଲ, ବିରଞ୍ଚିନାରାୟଣ ରାଉଳ, ବିଜୟ କୁମାର ଦାସ, ଶୁକଦେବ ମୁଣ୍ଡା, ବୈଦ୍ୟନାଥ ପରିଡ଼ା, ଆରତୀ ବେହେରା, ଆଦି ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏକ ବିରାଟ ପଟୁଆର ଗ୍ରାମ ପରିକ୍ରମା କରାଯାଇ ଘରେ ଛଡା ଯାଇଥିଲା। ଅରୁପାନନ୍ଦ ମଲିକ ଓ ରାଧାଶ୍ୟାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମିଶନ୍ ଜ୍ୟୋତି ଟ୍ରଷ୍ଟ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଯାଜପୁର, ୩୧।୧୦(ସମିସ): ଯାଜପୁର ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସରକାରୀ ସୁବିଧା ମିଳିପାରୁନଥିବା ଅଭିଯୋଗ ହୋଇଛି। ବିଶେଷକରି ଆଦିବାସୀ ମାନଙ୍କ ପାଖରେ ଆଧାର କାର୍ଡ ନଥିବାରୁ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆଦିବାସୀମାନଙ୍କୁ ତୁରନ୍ତ ସରକାରୀ ସୁବିଧାରେ ସାମିଲ କରିବା ପାଇଁ ଅଣ୍ଟା ଭିଡିଛି ମିଶନ ଜ୍ୟୋତି ଟ୍ରଷ୍ଟ। ସୁକିନ୍ଦା ବ୍ଲକ ଚିଙ୍ଗୁଡିପାଳ ଗ୍ରାମପଞ୍ଚାୟତର ନଗଡ଼ା ସବୁବେଳେ ଚର୍ଚ୍ଚାରେ ରହି ଆସୁଥିବା ବେଳେ ତଳଢିହ, ତୁମୁଣି ଓ ଗୁହୁଆଶାଳ ଗ୍ରାମବାସୀ ମଧ୍ୟ ସମାନ ସମସ୍ୟା ଦେଇ ଗତି କରୁଥିବା ଅଭିଯୋଗ ହୋଇଛି। ତେଣୁ ଏହାର ସ୍ଥାୟୀ ସମାଧାନ ନିମନ୍ତେ ମିଶନ୍ ଜ୍ୟୋତି ଟ୍ରଷ୍ଟ ଦୀର୍ଘ ବର୍ଷ ହେବ ପ୍ରୟାସ ଜାରି ରଖିଥିବା ବେଳେ ଟ୍ରଷ୍ଟର ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବିସ୍ତୃତ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ଏହାର ନିଶ୍ଚୟ ସ୍ଥାୟୀ ସମାଧାନ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିବା ଟ୍ରଷ୍ଟର ସଭାପତି ରଶ୍ମିଲତା ବଳ ମତ ଦେଇଛନ୍ତି। ଏହି ସମୟରେ ଟ୍ରଷ୍ଟର ସମ୍ପାଦକ ମାନସ ବେହେରା, ସଦସ୍ୟ ମେଘନାଦ ଜେନା, ସନ୍ଦୀପ ବିଶ୍ୱାଳ, କ୍ଷୀରୋଦ ସାହୁ, ସତ୍ୟଜିତ୍ ଦାସ, ସୋମେଶ ପ୍ରଧାନ, ଗୀତାଞ୍ଜଳି ପାତ୍ର ଓ ସବ୍ୟସାଚୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀମଦ ଭାଗବତ ପରାୟଣ

କୟାଁଗୋଲା, ୩୧।୧୦(ସମିସ): ଦଶରଥପୁର ବ୍ଲକର ମଲ୍ଲିକାପୁର ପଞ୍ଚାୟତ ଦାଣ୍ଡିସାହି ଗ୍ରାମର ପାତ୍ରସାହିରେ ଭାଗବତ ପରାୟଣ ସପ୍ତା ଅନୁଷ୍ଠିତ ହୋଇଯାଇଛି।



ଏହି ଭାଗବତ ସପ୍ତା ୩୦ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଛି। ସଂକଳ୍ପଧାରୀ ଭାବେ ଗଜେନ୍ଦ୍ର ପାତ୍ର ଓ ପତ୍ନୀ ଚନ୍ଦ୍ରକଳା ପାତ୍ର ପୂଜାରେ ବସିଛନ୍ତି। ମୁଖ୍ୟ ପଣ୍ଡିତ ରାଧାରମଣ ପଣ୍ଡା ଭାଗବତ ପଠା ଗାନ କରିଥାନ୍ତି। ସ୍ୱର୍ଗତ ଚକ୍ରଧର ପାତ୍ର, ଭଜଗୋବିନ୍ଦପାତ୍ର, କାର୍ତ୍ତିକ ଚନ୍ଦ୍ର ପାତ୍ର ଓ ଗୌରାଙ୍ଗ ପାତ୍ର ଆଦି ସମସ୍ତଙ୍କୁ ନେଇ ଏହି ଅନୁଷ୍ଠାନ ଗଢିଉଠିଥିଲା। ଏବେ ଅଶୋକ କୁମାର ମହାପାତ୍ର ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ସମସ୍ତ କାର୍ଯ୍ୟ ପରିଚାଳନା କରାଯାଉଛି।

## ରାଧାଗୋବିନ୍ଦଜିଉ ମନ୍ଦିରରେ ରାହାସ ଯାତ୍ରା

ସିଂହପୁର, ୩୧।୧୦(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ରାଧାଗୋବିନ୍ଦଜିଉ ବଡ଼ଠାକୁର ବାଡ଼ିରେ ରାହାସ ଯାତ୍ରା ହେବାକୁ ଥିବା ବେଳେ ନଅ ଦିନ ବ୍ୟାପି ଭାଗବତ ପାରାୟଣ ଅନୁଷ୍ଠିତ ହେଉଛି। ୪ ତାରିଖ ଦିନ ନୃତ୍ୟ ପ୍ରତିଯୋଗିତା, ୫ ଓ ୬ ତାରିଖରେ ଅପେରା ପରିବେଷଣ କରାଯିବ ବୋଲି କମିଟି ପକ୍ଷରୁ ସଭାପତି ପ୍ରଦୀପ କୁମାର ଜେନା, ସମ୍ପାଦକ ମଳୟ ଥାଟୋଇ, ଅସିତ୍ କୁମାର ଧଳ, ଅମରେନ୍ଦ୍ର ଜେନା, ସୁଶାନ୍ତ ଦାସ, କାଳନ୍ଦୀ ମହାକୁଡ, ସୁନିଲ ସାହୁ, ଉମେଶ ଥାଟୋଇ, ରାମନାରାୟଣ ବଳିଆର ସିଂହ, ବିନୋଦ ବାରିକ, ବିପିନ ବିହାରୀ ଜେନା, ନାଇଆ ଦାସ, ପୂଜକ ରଘୁନାଥ ଦାସ, ପଦ୍ମନାଭ ଦାଶ, ରାମଚନ୍ଦ୍ର ଦାଶ, ବାବନ ଦାଶ, ଦାମନ୍ ଦାଶ, ସସୁନ ଦାଶ ପ୍ରମୁଖ ସୂଚନା ଦେଇଛନ୍ତି।

## ୟୁପିଏସ୍ ପେନ୍ସନ୍ ସ୍କିମ୍ ଲାଗୁ ଦାବି

ପ୍ରୀତିପୁର, ୩୧।୧୦(ସମିସ): ରାଜ୍ୟ ସରକାରଙ୍କ ଅନୁମୋଦିତ ଏବଂ ଘୋଷିତ ୟୁପିଏସ୍ ପେନସନ ସ୍କିମ୍ ଚଳିତ ବର୍ଷ ଅପ୍ରେଲ ପହିଲାରୁ କାର୍ଯ୍ୟକାରୀ ହେବା ନେଇ ସରକାର ଘୋଷଣା କରିଥିଲେ ହେଁ ଏପର୍ଯ୍ୟନ୍ତ ତାର କୌଣସି ଗାଇଡ୍ଲାଇନ ଆସିନାହିଁ। କେବେଠାରୁ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀମାନେ ୟୁପିଏସ୍ ସ୍କିମରେ ପେନସନ୍ ପାଇବା ପାଇଁ ଆବେଦନ କରିବେ ତାର ମଧ୍ୟ କୌଣସି ନିର୍ଦ୍ଧାରିତ ପୋର୍ଟାଲ ଏଯାବତ ରାଜ୍ୟ ସରକାର ଉନ୍ମୋଚନ କରିଲେନାହିଁ। ଫଳରେ ଏହି ସ୍କିମରେ ପେନସନ ପାଇବା ପାଇଁ ଅପେକ୍ଷା କରିଥିବା ବହୁ ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀମାନେ ଅନିଶ୍ଚିତତା ମଧ୍ୟରେ ରହିଛନ୍ତି। ଏହା ମଧ୍ୟରେ କେନ୍ଦ୍ର ସରକାର ଗତ ସେପ୍ଟେମ୍ବର ୩୦ ତାରିଖକୁ ଶେଷ ତାରିଖ ଭାବେ ଘୋଷଣା କରି କେନ୍ଦ୍ର କର୍ମଚାରୀ ତଥା ଓଡ଼ିଶାର କେନ୍ଦ୍ର କର୍ମଚାରୀ ମାନେ ୟୁପିଏସ୍ ଯୋଜନାରେ ପେନସନ ପାଇବା ପାଇଁ ଓଡ଼ିଶା ସରକାରଙ୍କର ଅର୍ଥ ବିଭାଗ ମଞ୍ଜୁର ଦେବା ପରେ ଘୋଷଣା କରିବା ପରେ ରାଜ୍ୟ କର୍ମଚାରୀମାନେ ସେଥିରୁ ବାଦ ପାଡିଛନ୍ତି। ଏହା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭା ବୋଲି କୁହାଯାଉଛି। ରାଜ୍ୟ ସରକାର ଏ ଦିଗରେ ତୁରନ୍ତ ଚିନ୍ତା କରିବା ସହିତ ୟୁପିଏସ ଯୋଜନାରେ ପେନସନ ପାଇବା ପାଇଁ ଆବେଦନ କରିବା ନିମନ୍ତେ ନିର୍ଦ୍ଧାରିତ ସମୟ ଓ ପୋର୍ଟାଲ ଖୋଲିବା ପାଇଁ ବ୍ଲକସ୍ତରୀୟ ଅବସରପ୍ରାପ୍ତ କର୍ମଚାରୀ ସମିତି ବିଞ୍ଝାରପୁର ଶାଖା ପକ୍ଷରୁ ଦାବି କରାଯାଇଛି।

## ଇନର୍ ହୁଇଲ୍ ଅଧ୍ୟକ୍ଷାଙ୍କ ଜାରକା କ୍ଲବ୍ ପରିଦର୍ଶନ




ଧର୍ମଶାଳା, ୩୧।୧୦(ସମିସ): ଇନର ହୁଇଲ କ୍ଲବ ୩୨୬ ଜିଲ୍ଲାର ନବନିର୍ବାଚିତ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ଆଜି ପୂର୍ବାହ୍ନରେ ଜାରକାସ୍ଥିତ ଇନରହୁଇଲ କ୍ଲବ ପରିଦର୍ଶନରେ ଆସି ବିଭିନ୍ନ ପ୍ରକଳ୍ପ ଓ ନଥିପତ୍ରକୁ ତଦାରଖ କରିବା ସହିତ ଏକ ଉତ୍ସବରେ ଯୋଗ ଦେଇଛନ୍ତ। ଇନରହୁଇଲ କ୍ଲବର ସଭାପତି ଲୋପାମୁଦ୍ରା ଷେଣ୍ଢଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ମୁଖ୍ୟଅତିଥି, ପୂର୍ବତନ ଜିଲ୍ଲା ଅଧ୍ୟକ୍ଷା ନଳିନୀ ମହାପାତ୍ର ଓ ସୁରମା ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କ୍ଲବ ପକ୍ଷରୁ ପ୍ରକାଶ ପାଉଥିବା ବାର୍ଷିକ ମୁଖପାତ୍ର 'ଅସ୍ମିତା'କୁ ଉନ୍ମୋଚନ କରିଥିଲେ। ଏହି ଉତ୍ସବରେ କ୍ଲବର ସମ୍ପାଦକ ପ୍ରଭାତ ନଳିନୀ ସାହୁ ବିବରଣୀ ପ୍ରଦାନ କରିଥିବା ବେଳେ ସଦସ୍ୟା ଅର୍ଚ୍ଚନା ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ କ୍ଲବର ପୂର୍ବତନ ସଭାପତି ରଶ୍ମିତା ନାୟକ, ଆଇଏସଓ ଅଜନ୍ତା ପାଣିଗ୍ରାହୀ ଓ ପତ୍ରିକା ସମ୍ପାଦକ କଳ୍ପନା ପରିଡ଼ା ମଞ୍ଚରେ ଉପସ୍ଥିତ ଥିଲେ। ବିଶ୍ୱାମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ବତନ ସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, ଶୁଭଲକ୍ଷ୍ମୀ କର, କଳ୍ପନା ନାୟକ, ଅରୁଣାରଶ୍ମି ସାମଲ, କଳ୍ପନା ଖୁଣ୍ଟିଆ, କାଦମ୍ବିନୀ ମିଶ୍ର ଓ ଗୋଲାପ ମଞ୍ଜରୀ ପଣ୍ଡା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ଏହି ଉତ୍ସବରେ ରୋଟାରି କ୍ଲବର ସଭାପତି ଇଂ. ସୁକାନ୍ତ କୁମାର ସ୍ୱାଇଁ, ସମ୍ପାଦକ ଦୀପକ କୁମାର ଜେନାଙ୍କ ସହିତ ଉଭୟ କ୍ଲବର ଅନ୍ୟ ସଦସ୍ୟ ସଦସ୍ୟାମାନେ ଯୋଗ ଦେଇଥିଲେ।

## ପଟେଲଙ୍କ ଜୟନ୍ତୀରେ ଜିଲ୍ଲାବ୍ୟାପୀ ଏକତା ଦୌଡ଼

ଯାଜପୁର, ୩୧।୧୦(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ତଥା ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଏକତା ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳଙ୍କ ଉପସ୍ଥିତିରେ ପୁଲିସ ଆରକ୍ଷୀ ଅଧିକ୍ଷକ ୟଶପ୍ରତାପ ଶ୍ରୀମାଲ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ଏହି ଗଣଦୌଡ ଏନ୍.ସି. ମହାବିଦ୍ୟାଳୟରୁ ଆରମ୍ଭ ହୋଇ ଯାଜପୁର ଇଣ୍ଡୋର ଷ୍ଟାଡିୟମଠାରେ



ଶେଷ ହୋଇଥିଲା। ଏହି ଅବସରରେ ସମସ୍ତ ବିଭାଗୀୟ ଅଧିକାରୀ, ଛାତ୍ରଛାତ୍ରୀ ଓ କ୍ରୀଡ଼ାବିତମାନେ ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ ସୁନିଶ୍ଚିତ କରିବା କ୍ଷେତ୍ରରେ ନିଜକୁ ସମର୍ପିତ କରିବା ପାଇଁ ଶପଥ ପାଠ କରିଥିଲେ। ପରେ ଇଣ୍ଡୋର ଷ୍ଟାଡିୟମରେ ଆୟୋଜିତ ଉଦ୍ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ ଲୌହମାନବଙ୍କ ଜୀବନାଦର୍ଶ ସମ୍ପର୍କରେ ଅବଗତ କରିଥିଲେ।

ସେହିପରି ଯାଜପୁର ଜିଲ୍ଲାର ପ୍ରତ୍ୟେକ ଥାନା ପକ୍ଷରୁ ମଧ୍ୟ ଏକତା ଦୌଡ଼ ଅନୁଷ୍ଠିତ ହୋଇଯାଇଛି। ବିଞ୍ଝାରପୁର, ଅଳକୁଣ୍ଡ, ମଙ୍ଗଳପୁର, ଦଶରଥପୁର, ପାଣିକୋଇଲି, କୋରେଇ, ଯାଜପୁରରୋଡ, କଳିଙ୍ଗନଗର, ଯଖପୁରା, ସୁକିନ୍ଦା, କାଳିଆପାଣି, ଧର୍ମଶାଳା, କୁଆଖିଆ, ବଡଚଣା, ବାଲିଚନ୍ଦ୍ରପୁର ଆଦି ଥାନା ପକ୍ଷରୁ ଏହି ଏକତା ଦୌଡ଼ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଥାନା ଅଧିକାରୀ, ଏସ୍ଡିପିଓମାନେ ସାମିଲ ହୋଇ ଲୌହମାନବଙ୍କ ସମ୍ପର୍କରେ ସଚେତନ କରିଥିଲେ। ଏହି ଏକତା ଦୌଡରେ ବିଭିନ୍ନ ସ୍କୁଲ, କଲେଜର ଛାତ୍ରଛାତ୍ରୀଙ୍କ ସମେତ ବିଭିନ୍ନ ସଂଗଠନର ସଦସ୍ୟ ମାନେ ସାମିଲ ହୋଇ ଉତ୍ତମ ନାଗରିକ ହେବା ପାଇଁ ଶପଥ ପାଠ କରିଥିଲେ।

**● କୁମାରୀ ଗ୍ରାମରେ ସିରିଜ ଚୋରି**

## ଲୁଟି ନେଲେ ନଗଦ ଟଙ୍କା ଓ ସୁନା

ଧର୍ମଶାଳା, ୩୧।୧୦(ସମିସ): ଧର୍ମଶାଳା ଥାନା ଅଞ୍ଚଳରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଅପରାଧ। ପ୍ରାୟ ପ୍ରତିଦିନ କିଛି ନା କିଛି ଅପରାଧ ଘଟୁଛି। ଅପରାଧୀଙ୍କ ଆତଙ୍କରେ ସାଧାରଣ ଲୋକେ ତ୍ରାହି ତ୍ରାହି ଡାକିଲେଣି। ଗୋଟିଏ ଗୋଟିଏ ଦିନରେ ଏକାଧିକ ଘରୁ ଚୋରି ହେଉଛି। ଖାଲି ଚୋରି ହେଉନି ଚୋରି କରି ଅପରାଧିମାନେ ନିର୍ବିଘ୍ନରେ ଫେରାର ହେବାରେ ସକ୍ଷମ ହେଉଛନ୍ତି। ସ୍ଥାନୀୟ କୁମାରୀ ଗ୍ରାମରେ ଗୁରୁବାର ବିଳମ୍ବିତ ରାତ୍ରରେ ଚୋରମାନେ ୫ଟି ଘରୁ ଚୋରି ପାଇଁ ଉଦ୍ୟମ କରୁଥିବା ବେଳେ ଦୁଇଟି ଘରୁ ୫୦ ଗ୍ରାମ ସୁନା ଅଳଙ୍କାର ସହିତ ନଗଦ ୨୦ ହଜାର ଟଙ୍କା ଲୁଟି ନେବାରେ ସକ୍ଷମ ହୋଇଛନ୍ତି। ପୁଲିସ ଅନୁସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ଦ୍ୱାରା ପ୍ରାଥମିକ ତଦନ୍ତ କରିଥିଲେ ସୁଦ୍ଧା କୌଣସି ସୁରାକ ପାଇ ପାରିନାହିଁ। ଚୋର ମାନେ ପ୍ରଥମେ ବ୍ୟବସାୟୀ ଅର୍ପିତ ମିଶ୍ରଙ୍କ ଘରେ ପଶି ଥିଲେ ସୁଦ୍ଧା କିଛି ପାଇ ନଥିଲେ। ସେହିପରି ସୁଶାନ୍ତ ନାୟକଙ୍କ ଘରେ ଭଡ଼ା ରହୁଥିବା ବ୍ଲକ ପିଇଓ ପ୍ରଜ୍ଞାପାରମିତା ମଲିକ ଅନ୍ୟ ଏକ ବଖରାରେ ଶୋଇଥିବା ବେଳେ ଝରକା ବାଟେ ଆଲମିରା ସାହାଯ୍ୟରେ ଆଲମିରା ଖୋଲି ୩୧ ଗ୍ରାମ ଓଜନର ସୁନା ଅଳଙ୍କାର ଓ ୧୨ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଏହା ପରେ ପଡୋଶୀଙ୍କ ଘରେ ଝରକା ଭାଙ୍ଗିଥିଲେ ସୁଦ୍ଧା ଚୋରି କରିବାରେ ସକ୍ଷମ ହୋଇନଥିଲେ। ପରେ ନିକଟରେ ରହିଥିବା ଅବସରପ୍ରାପ୍ତ ଇଞ୍ଜିନିୟର ହରିହର ସାହୁଙ୍କ ପାଚେରି ଡେଇଁ ଝରକା ଗ୍ରୀଲ୍ ଭାଙ୍ଗି ଘରେ ପଶି ଥିଲେ। ଏକ ଘଣ୍ଟା ରହି ବହୁ ଖୋଜା ଖୋଜି କରି ଉକ୍ତ ବଖରାରୁ ନଗଦ ୧୬ ହଜାର ଟଙ୍କା ଓ ୨୦ ଗ୍ରାମ ଓଜନର ସୁନାଚେନ ଓ ମୁଦି ନେଇ ଯାଇଛନ୍ତି। ତେବେ ହରିହରଙ୍କ ଘରେ ୪ ଜଣ ଜଣ ଚୋର ପଶିବା ଓ ବାହାରିବା ଦୃଶ୍ୟ ସିସିଟିଭିରେ କଏଦ ହୋଇରହିଛି। ଏହାପରେ ପୂର୍ବତନ ସାଂସଦ ରିତା ତରାଇ ଓ ଅବସରପ୍ରାପ୍ତ ରାଜସ୍ୱ ନୀରିକ୍ଷକ ରବୀନ୍ଦ୍ର ନାୟକଙ୍କ ଘର ଆଗ ଗେଟ୍ ବାହାରୁ ଦେଇଦେଇଥିବା ଜଣାଯାଇଛି। ଖବର ପାଇ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ପହଞ୍ଚି ସଂକ୍ଷନୀ କୁକୁର ସହାୟତା ନେବା ସହିତ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ କରି ଥିଲେ ସୁଦ୍ଧା କୌଣସି ସୁରାକ ପାଇ ପାରିନାହାଁନ୍ତି। ଏ ସଂକ୍ରାନ୍ତରେ ଥାନାରେ ଦୁଇଟି ପୃଥକ୍ ପୃଥକ୍ ଏତଲା କରାଯାଇଛି।

**● ବରୁଣେଶ୍ୱର କ୍ଷେତ୍ରରେ ମାଙ୍କଡ଼ ଆତଙ୍କ**

## ମହିଳା ଓ ଛାତ୍ରଛାତ୍ରୀ ଗୁରୁତର

ବିଞ୍ଝାରପୁର, ୩୧।୧୦(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତଗତ ଅରେଇ ପଞ୍ଚାୟତରେ ଅବସ୍ଥିତ ବାବା ବରୁଣେଶ୍ୱର ଶୈବ କ୍ଷେତ୍ର ଏବଂ ଏହି କ୍ଷେତ୍ରକୁ ଲାଗି ରହିଛି ରାମ ମନ୍ଦିର। ଏହି ଦୁଇଟି କ୍ଷେତ୍ର ମଧ୍ୟରେ ଏକ ନାଲି ମାଙ୍କଡ ରହୁଛି। ଯାହାର ଆକ୍ରମଣରେ ମହିଳା ମାନେ ଶିକାର ହେଉଛନ୍ତି। ବରୁଣେଶ୍ୱର କ୍ଷେତ୍ରକୁ ଆସୁଥିବା ମହିଳାମାନଙ୍କ ମଧ୍ୟରୁ ଅରେଇ ପଞ୍ଚାୟତ ଜଣେ ମହିଳାଙ୍କୁ ଦୁଇ ମାସରୁ ଊର୍ଦ୍ଧ୍ୱ ହେବ ଏହି ମାଙ୍କଡ଼ ଆକ୍ରମଣ କରିବା ସହ କାମୁଡ଼ି ପକାଇଥିଲା ବେଳେ ଆଜି ଆଉ ଜଣେ ମହିଳା ଅରେଇ ଗ୍ରାମର ପ୍ରମିଳା ମଲ୍ଲିକଙ୍କୁ ବରୁଣେଶ୍ୱର କ୍ଷେତ୍ର ପରିସରରେ ମାଙ୍କଡ଼ କାମୁଡି ଥିବା ନେଇ ଅଭିଯୋଗ ହୋଇଛି। ଏହା ସହ ସ୍କୁଲ ଛାତ୍ରଛାତ୍ରୀଙ୍କୁ ମଧ୍ୟ ଆକ୍ରମଣ କରୁଛି। ବରୁଣେଶ୍ୱର କ୍ଷେତ୍ରକୁ ଲାଗି ବିଦ୍ୟାଳୟ ରହିଛି। ମାଙ୍କଡ଼ଟଇ ସ୍କୁଲରେ ପ୍ରବେଶ କରି ଛାତ୍ରଛାତ୍ରୀଙ୍କ ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି।

# କଂଗ୍ରେସ ପାଳିଲା ଇନ୍ଦିରାଙ୍କ ବଳିଦାନ ଦିବସ





ଯାଜପୁର, ୩୧।୧୦(ସମିସ)

ଯାଜପୁର ନଗର କଂଗ୍ରେସ ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ବଳିଦାନ ଦିବସ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବାରୁଣୀ ପଡ଼ିଆସ୍ଥିତ ପ୍ରତିମୂର୍ତ୍ତି ନିକଟରେ ମାଲ୍ୟାର୍ପଣ କରାଯାଇ ନଗର ସଭାପତି ନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସାଂସଦ ଅଞ୍ଚଳ ଦାସ, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ବିଷ୍ଣୁଚରଣ ରାଉତ, ସନ୍ତୋଷ କୁମାର ନନ୍ଦ, ପୂର୍ବତନ ଯାଜପୁର ପୌରାଧ୍ୟକ୍ଷ ଆଲୋକ ବେହେରା, ଦିଲ୍ଲୀପ ଦାଶ, ଦୁର୍ଯ୍ୟୋଧନ ବେହେରା, ରାଜୀବ ମହାପାତ୍ର, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ଅବଦୁଲ ସଲିମ, ଆଇନଜୀବୀ ଗୋବିନ୍ଦ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ଗରିଆପୁର ସ୍କୁଲ ସମ୍ମୁଖରେ ଥିବା ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ରେଡ୍କ୍ରସ ଛକ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଇନ୍ଦିରାଙ୍କ ଫଟୋଚିତ୍ରରେ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା।

**ବିଞ୍ଝାରପୁର:** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର, ଜରି, ନାଉବାଙ୍କ ମଧ୍ୟସ୍ଥଳ ଇନ୍ଦିରା ଗାନ୍ଧୀ ଛକ ଠାରେ ଅବସ୍ଥିତ ଇନ୍ଦିରାଙ୍କ ପ୍ରତିମୂର୍ତ୍ତୀ ନିକଟରେ ଆଜି ବଳିଦାନ ଦିବସ ପାଳିତ ହୋଇଯାଇଛି। କଂଗ୍ରେସ ନେତ୍ରୀ କନକଲତା ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିପିନ ବିହାରୀ ସାମଲ, ଚକ୍ରଧର ନାୟକ, ଧନେଶ୍ୱର ଜେନା, ପ୍ରବୋଧ ଦାସ, ପ୍ରତାପ ଦାସ ପ୍ରମୁଖ ଯୋଗ ଦେଇଥିଲେ।

**ଦାନଗଦି:** ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ପୁଣ୍ୟତିଥି ଅବସରରେ ସୁକିନ୍ଦା କଂଗ୍ରେସ ପକ୍ଷରୁ ମାଲ୍ୟାର୍ପଣ, ସ୍ମୃତିଚାରଣ ସଭା ଦାନଗଦି କଂଗ୍ରେସ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଇଂ.ବିଭୁଭୂଷଣ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ମହିଳା କଂଗ୍ରେସ ସମ୍ପାଦିକା ସ୍ୱର୍ଣ୍ଣଲତା ବାନାରା, ରାଜ୍ୟ ଆଦିବାସୀ ସେଲ୍ଫର ସମ୍ପାଦକ ହିନ୍ଦୁ ଜାମୁଦା, ବରିଷ୍ଠ ନେତା ମହେନ୍ଦ୍ର ଦାସ, ରଞ୍ଜିତ ରାଜ, ମଦନମୋହନ ଖୁଣ୍ଟିଆ, ଦୟାନିଧି ପଲେଇ, ଉମାକାନ୍ତ ଜେନାମଣୀ, ଦାମଦର ପୁହାଣ, ବୀର କିଶୋର ସାହୁ, ନିଲୁ ଦେଓ, ଅମର ସିଂ ବାନାରା, ସଞ୍ଜୁଲତା ଦାଶ, ରାଇଚରଣ ମହାନ୍ତି, ରଞ୍ଜନ କୁମାର ଧୀର, ଅଜୟ ଭୂଇଁଆ ପ୍ରମୁଖ ଉପସ୍ଥିତ ଥିଲେ।

**ଧର୍ମଶାଳା:** ଧର୍ମଶାଳା ବ୍ଲକ ଅନ୍ତର୍ଗତ କୁମାରୀସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଇନ୍ଦିରା ଗାନ୍ଧିଙ୍କ ପୁଣ୍ୟତିଥି ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଂଯୋଜକ ପ୍ରଫୁଲ୍ଲ କୁମାର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶାନ ପଣ୍ଡା, ଜିଲ୍ଲା କିଷାନ ସେଲର ସଭାପତି ବସନ୍ତ କୁମାର ପରିଡ଼ା, ପୁର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ତରେଇ, ପୂର୍ବତନ ସମିତି ସଭ୍ୟ ନରୋତ୍ତମ ନାୟକ, ମିଡିଆ ସେଲର ସଦସ୍ୟ ସୁଶୀଲ କୁମାର ଡୋରା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ମହାମାୟୀଙ୍କୁ ମେଲାଣି ଦେଲେ ବ୍ୟାସନଗରବାସୀ












**ବ୍ୟାସନଗର, ୩୧।୧୦(ସମିସ)**

ବ୍ୟାସନଗରର ଗଣପର୍ବ କାଳୀପୂଜା ଶୁକ୍ରବାର ସମାପ୍ତ ହୋଇଛି। ଦୀର୍ଘ ୧୧ ଦିନ ଯାତ୍ରାରେ ହଜାର ହଜାର ଦର୍ଶକ ସମାଗମ ଦେଖିବାକୁ ମିଳିଥିବା ବେଳେ ଶୁକ୍ରବାର ମହାମାୟୀଙ୍କ ମହାମେଲାଣି ଯାତ୍ରାରେ ଲକ୍ଷ ଲକ୍ଷ ଜନ ସମାଗମ ହୋଇଛି। ଚଳିତ ଥର ସମସ୍ତ ୧୭ ମୋଟି ମେଢ଼ର ଗତିପଥକୁ ୫ ଗୋଟି ରୁଟ୍‌ରେ ବିଭକ୍ତ କରାଯାଇଥିଲା। ସେହି ଅନୁସାରେ ପ୍ରଥମ ରୁଟରେ ଥିବା ମେଢ଼ ଗୋପବନ୍ଧୁଛକ କେଟିଲ ଛକ ଚୋରଦା ଦେଇ ମେଲଣ ପଡ଼ିଆ, ୨ୟ ରୁଟରେ ଥିବା ମେଢ଼ ମେଡିକାଲ ସାଇ ମନ୍ଦିର ତହସିଲ ଗୋପବନ୍ଧୁ ଛକ କେଟିଲ ଛକ ଦେଇ ମେଲଣ ପଡ଼ିଆ, ୩ୟ ରୁଟ ଦଳା ଛକ ନହକା ବାଇପାସ କେଟିଲଛକ ଦେଇ ମେଲଣ ପଡ଼ିଆ, ୪ର୍ଥ ରୁଟ ମେଢ଼ ପାଛିକା ଚୋରଦା ଛକ ଦେଇ ମେଲଣ ପଡ଼ିଆ ଏବଂ ୫ମ ରୁଟ ମେଢ଼ ପୁଲିସ ଛକ ଗୋଲେଇ ଦେଇ ମେଲଣ ପଡ଼ିଆରେ ପହଞ୍ଚିବାକୁ ନିଷ୍ପତ୍ତି ହୋଇଥିଲା। ସେହି ଆଧାରେ ୫୦ ବର୍ଷ ପାଳୁଥିବା ଚୋରଦା ମେଢ଼ ୨ ଘଟିକାରେ ଗୋପବନ୍ଧୁ ଛକ ପରେ ପରେ ବ୍ୟାଙ୍କଷ୍ଟ୍ରିଟ ୨.୩୦ରେ ରାଧାନାଥ ମାର୍ଗ ୪.୧୫ରେ, ଗୋପବନ୍ଧୁ ନଗର ୪.୩୦ରେ ଆର୍ଯ୍ୟନ କ୍ଲବ ୪.୪୫ରେ, କୋପଣ୍ଡ ୫ଟାରେ, ଷ୍ଟେସନ ବଜାର ୫.୩୦ରେ, ନୂଆ ମାର୍କେଟ ୫.୪୫ରେ ଗୋପବନ୍ଧୁଛକରେ ପହଞ୍ଚିବାକୁ ଥିବା ବେଳେ ପ୍ରାୟ ସମସ୍ତେ ବିଳମ୍ବରେ ପହଞ୍ଚିଥିଲେ। ସେହିପରି ବାକି ମେଢ଼ ସିଧାସଳଖ କେଟିଲ ଛକ ଏବଂ ଚୋରଦା ଛକରେ ପହଞ୍ଚି ମେଲଣ ପଡ଼ିଆ ଅଭିମୁଖେ ଅଗ୍ରସର ହୋଇଥିଲେ। ଦର୍ଶକଙ୍କ ମନୋରଞ୍ଜନ ପାଇଁ ରାଜସ୍ଥାନ ଏବଂ ହରିୟାଣାର ଅଘୋରୀ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସେହିପରି ବାଡି ଖେଳ, ମହିଳାମାନଙ୍କ ମାଠିଆ ନୃତ୍ୟ, ଆଦିବାସୀ ନୃତ୍ୟ ମଧ ବେଶ୍ ଉଚ୍ଚ କୋଟିର ହୋଇଥିଲା।

## ରାଜସ୍ୱ ଗ୍ରାମ ନାମ ପରିବର୍ତ୍ତନ ଦାବିରେ ଅନଶନ

**ମଙ୍ଗଳପୁର, ୩୧।୧୦(ସମିସ):** ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତ ପାରିପଦା ଗ୍ରାମର ବାସିନ୍ଦାମାନେ ୬ ଦଫା ଦାବିରେ ଅନଶନରେ ବସିଛନ୍ତି। ଅଭିଯୋଗ ଅନୁସାରେ ପାରିପଦା ଗ୍ରାମକୁ ଗତ ୫ ବର୍ଷ ହେବ ରାଜସ୍ୱ ଗ୍ରାମର ମାନ୍ୟତା ସରକାର ଦେଇଛନ୍ତି। ଏହାପରେ ଭୋଟ କାର୍ଡ, ଆଧାର କାର୍ଡ, ଭୋଟ କେନ୍ଦ୍ର, ଅଙ୍ଗନବାଡି ଆଦି ପାରିପଦା ଗ୍ରାମର ମାନ୍ୟତା ମିଳିସାରିଥିବା ବେଳେ ବର୍ତ୍ତମାନ ସୁଧା ୱେବ ପୋଟାଲରେ ପୂର୍ବ ରାଜସ୍ୱ ଗ୍ରାମ ନିଜାମପୁର ରହିଛି। ରାସନ କାର୍ଡ, ଆୟୁଷ୍ମାନ କାର୍ଡ ଆଦି ଅତ୍ୟାବଶ୍ୟକ ଜିନିଷକୁ ସଂଶୋଧନ କରାଯାଇନାହିଁ। ଏଥିରେ ପୁରୁଣା ରାଜସ୍ୱ ଗ୍ରାମ ନିଜାମପୁର ପରିବର୍ତ୍ତେ ପାରିପଦା କରିବାକୁ ଦାବି ହୋଇଛି। ଏହାଛଡା ପାରିପଦା ଗ୍ରାମକୁ ୪ଟି ୱାର୍ଡ ସହିତ ଅନ୍ୟ ଗ୍ରାମକୁ ମିଶାଇ ନୂତନ ପଞ୍ଚାୟତ କରିବାକୁ ଦାବୀ କରାଯାଇଛି। ଏଥିନେଇ ଗ୍ରାମବାସୀ ଜିଲ୍ଲାପାଳ, ବିଡ଼ିଓ, ତହସିଲଦାର, ଆଇଆଇସି, ମେଡିକାଲଙ୍କୁ ଅବଗତ କରାଯଇଥିଲା। ମାତ୍ର କେହି ନଶୁଣିବାରୁ ଗ୍ରାମବାସୀ ଗ୍ରାମ ନିକଟ ବିଦ୍ୟାଳୟ ସାମ୍ନାରେ ଅନଶନରେ ବସିଛନ୍ତି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନଶନରେ ବସିରହିବାକୁ ଗ୍ରାମବାସୀଙ୍କ ପକ୍ଷରୁ ସରୋଜ ସାହୁ, ରବୀନ୍ଦ୍ର ବାରିକ, ନିରାକାର ଦାସ, ବାଇଧର ସାହୁ, ସୁଜନ ସାହୁ, ରବୀନ୍ଦ୍ର ସାହୁ, ସନାତନ ଦାସ, ଅଜୟ ଦାସ, ରଜନୀକାନ୍ତ ସାହୁ, ଦୀପକ ଓଝା, ଭାବଗ୍ରାହୀ ବାରିକ, ଧ୍ରୁବ ଚରଣ ସାହୁଙ୍କ ସମେତ ଶତାଧିକ ଲୋକେ ସୂଚନା ଦେଇଛନ୍ତି।

## ମାସେ ବ୍ୟାପୀ ଆୟୋଜିତ ହେବ ପଟେଲଙ୍କ ଜୟନ୍ତୀ



**ଯାଜପୁର, ୩୧।୧୦(ସମିସ):** ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜିଲ୍ଲାସ୍ତରୀୟ ଜୟନ୍ତୀ ଅବସରରେ ଆଗାମୀ ଏକ ମାସ ବ୍ୟାପୀ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଓ ପଦଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଅବସରରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ ଜିଲ୍ଲାର ୩ଟି ସ୍ଥାନରେ ପଦଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ, ସମ୍ମାନ ସଭା ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପଦଯାତ୍ରାରେ ଜିଲ୍ଲା ଭିତରୁ ୧୦୦୦ ରୁ ୧୫୦୦ (୧୪ ବର୍ଷରୁ ଅଧିକ) ଯୁବ ଓ ନାଗରିକ, ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ, ଏନ୍‌ସିସି, ନେହେରୁ ଯୁବ କେନ୍ଦ୍ର, ସ୍ୱେଚ୍ଛାସେବୀ ସଂଗଠନ, କ୍ରୀଡ଼ାବିତ୍, ସ୍ୱୟଂସହାୟିକ ଦଳ ସଦସ୍ୟ, ବରିଷ୍ଠ ନାଗରିକ ବୃନ୍ଦ ଯୋଗଦେବେ। ଏହି କାର୍ଯ୍ୟକ୍ରମ ଅବସରରେ ୩୧ ଅକ୍ଟୋବର ଠାରୁ ୨୫ ନଭେମ୍ବର ପର୍ଯ୍ୟନ୍ତ ଜିଲ୍ଲାସ୍ତରୀୟ ପଦଯାତ୍ରା ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଓ ନୋଡାଲ ମହାବିଦ୍ୟାଳୟ ଅଧ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଜିଲ୍ଲାସ୍ତରୀୟ ପ୍ରବନ୍ଧ, ବକ୍ତୃତା, ପୋଷ୍ଟର ମେକିଙ୍ଗ, ସ୍ଲୋଗାନ ରାଇଟିଙ୍ଗ ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ଆଜି ଅଧିକାରୀ ମାନଙ୍କୁ ନେଇ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ପଦଯାତ୍ରା ସ୍ଥାନ ଓ ଯୋଗଦେବାକୁ ଥିବା ଅତିଥିଙ୍କ ସମ୍ପର୍କରେ ସ୍ଥିର କରାଯିବ। ଏହି ମାସ ପାଳନ ଅବସରରେ ଜିଲ୍ଲାର ପ୍ରତି ପଞ୍ଚାୟତ ଓ ମ୍ୟୁନିସିପାଲିଟିରେ ସ୍ୱଚ୍ଛତା ଅଭିଯାନ କରାଯିବ। ପ୍ରତି ବ୍ଲକ ପାଇଁ ସୋସିଆଲ ମେଡ଼ିଆ ଇନ୍‌ଫ୍ଲୁଏନ୍ସର ଚୟନ କରାଯାଇ ବ୍ୟାପକ ପ୍ରଚାର ପ୍ରସାର କରାଯିବ। ପ୍ରତ୍ୟେକ କାର୍ଯ୍ୟକ୍ରମରେ ସାଂସଦ ଓ ବିଧାୟକମାନେ ଅତିଥି ଭାବେ ଯୋଗଦେବେ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ଏହି ଅଭିଯାନ ମାଧ୍ୟମରେ ଯୁବପିଢ଼ି ମଧ୍ୟରେ ଜାତୀୟ ଏକତା, ସାମ୍ପ୍ରଦାୟିକ ସମ୍ମିଳନ ଓ ଦେଶପ୍ରେମର ବାର୍ତ୍ତା ପ୍ରଚାର ହେବ ବୋଲି କହିଥିଲେ। ଉକ୍ତ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଉପ ଜିଲ୍ଲାପାଳ, ଜିଲ୍ଲା କ୍ରୀଡା ଅଧିକାରୀ. ଜିଲ୍ଲା ଯୁଥ ଅଫିସର, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଉପସ୍ଥିତ ଥିଲେ।

## ଭୁବନେଶ୍ୱରପୁର ପଞ୍ଚାୟତରେ ବିଜେଡିର ପଦଯାତ୍ରା



**ଯାଜପୁର, ୩୧।୧୦(ସମିସ):** ରାଜ୍ୟ ଓ କେନ୍ଦ୍ରରେ ଏବେ ବିଜେପି ସରକାର ଚାଲିଛି। ଏହାକୁ ଡବଲ ଇଞ୍ଜିନ ସରକାର କହି ଡିଣ୍ଡିମ ପିଟୁଥିବା ବେଳେ ଏହା ପ୍ରକୃତରେ ଅଚଳ ସରକାର ବୋଲି ଲୋକେ ଅନୁଭବ କଲେଣି। ସରକାର ଗଠନ ହେବାକୁ ଦୁଇ ବର୍ଷ ବସିଲାଣି। ଗାଁରେ ମାଟି ମୁଠେ ପଡ଼ିନାହିଁ। ନବୀନ ପଟ୍ଟନାୟକଙ୍କ ଅମଳରେ ବିକାଶର ଗାଡି ଯେଉଁଠି ଥିଲା ଆଜି ବି ସେଇଠି ଅଟକି ଯାଇଛି। ତେଣୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ଜନଜାଗରଣ ସୃଷ୍ଟି କରିବା ଲକ୍ଷ୍ୟରେ ବିଜୁ ଜନତା ଦଳ ପକ୍ଷରୁ ପଦଯାତ୍ରା ଅନୁଷ୍ଠିତ ହେଉଛି। ଆଗାମୀ ଦିନରେ ଡବଲ ଇଂଜିନ ସରକାରର ବିଫଳତା ସମ୍ପର୍କରେ ଘରେ ଘରେ ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ ଦିଆଯାଇଛି। ଯାଜପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତରେ ବିଜୁ ଜନତା ଦଳ ପକ୍ଷରୁ ଆୟୋଜିତ ପଦଯାତ୍ରାରେ ସାମିଲ ହୋଇ ଉପରୋକ୍ତ ଆହ୍ୱାନ ଦେଇଛନ୍ତି ବିଜେଡି ନେତା। ଏହି ପଦଯାତ୍ରାରେ ଯାଜପୁର ବିଧାୟିକା ସୁଜାତା ସାହୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବିଜେଡି ନେତା ଭବପ୍ରସାଦ ଦାସ ଯୋଗ ଦେଇ ବିଜେପି ସରକାରଙ୍କୁ ତିବ୍ର ସମାଲୋଚନା କରିଥିଲେ। ଯାଜପୁର ବ୍ଲକ ସଭାପତି ପରେଶ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଦଳୀୟ କାର୍ଯ୍ୟକ୍ରମରେ ବିଜେଡି ନେତା ପ୍ରକାଶ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ମନିଦିପା ରାୟ, ସମିତି ସଭ୍ୟା ଜୟପ୍ରଦା ଦାସ, ସୁନାକର ସାହୁ, ଜଗବନ୍ଧୁ ପଣ୍ଡା, ସତ୍ୟାନନ୍ଦ ମହାପାତ୍ର ପ୍ରମୁଖ ସାମିଲ ହୋଇ ନବୀନ ସରକାର ସମୟରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟ ସମ୍ପର୍କରେ ମନେ ପକାଇ ବିଜେପି ସରକାରଙ୍କୁ ସମାଲୋଚନା କରିଥିଲେ। ଏହି ପଦଯାତ୍ରାରେ ପଞ୍ଚାୟତର ଶତାଧିକ ବିଜେଡି କର୍ମକର୍ତ୍ତା ସାମିଲ ହୋଇଥିଲେ।

## ବ୍ଲକ୍‌ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ

**ଦାନଗଦି, ୩୧।୧୦(ସମିସ):** ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ମାନପୁର ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କର ଲୁକ୍କାୟିତ ପ୍ରତିଭା ବିକଶିତ ପାଇଁ ସଙ୍ଗୀତ ନୃତ୍ୟ,



ବକ୍ତୃତା, ରଚନା, ଚିତ୍ରାଙ୍କନ, ଅଭିନୟ ଇତ୍ୟାଦି ପ୍ରତିଯୋଗିତା ଛାତ୍ରଛାତ୍ରୀ ମଧ୍ୟରେ କରାଯାଇଥିଲା। ଏଥିରେ ମୋଟ ୨୯୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଅପରାହ୍ନରେ ପୁରସ୍କାର ବିତରଣ ଉତ୍ସବ ଆୟୋଜନ କରାଯାଇଥିଲା। ମାନପୁର ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ, ମୁଖ୍ୟବକ୍ତା ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଶାନ୍ତ କୁମାର ରାୟ, ସମ୍ମାନିତ ଅତିଥି ଭାବେ ଯାଜପୁର ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ର କୁମାର ଜେନା, ବ୍ଲକ ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ପୁହାଣ, ଅତିରିକ୍ତ ବିଇଓ ଲକ୍ଷ୍ମଣ ଜାମୁଦା, ପୂର୍ବତନ ବିଇଓ ବଳରାମ ନାୟକ, ମାନପୁର ୱାର୍ଡମେମ୍ବର ଦାମୋଦର ପୁହାଣ, ସିଆରସିସି ଧର୍ମେଜୟ ରାଉତ, ପୂର୍ବତନ ବିଇଓ କଣ୍ଠ ଦେହୁରୀ ପ୍ରମୁଖ ଯୋଗଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବାବାଜୀ ଚରଣ ଜେନା, ତାରିଣୀ ପୁହାଣମଞ୍ଚ ପରିଚାଳନା କରିଥିଲେ, ୧୨ଜଣ ସିଆରସି, ଶିକ୍ଷକ ସଂଘର କର୍ମକର୍ତ୍ତା, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ, ମାନପୁର ବିଦ୍ୟାଳୟକୁ ସମସ୍ତ ଅତିଥି ଭୂୟସୀ ପ୍ରଶଂସା କରିଥିଲେ। ଏଥିରେ ବ୍ଲକର ସମସ୍ତ ୨୧୯ ଗୋଟି ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

### ଦ୍ରୁତଗତିରେ ବାଇକ୍ ଚାଳନା ହେଲା କାଳ

## କଲଭର୍ଟରେ ପିଟି ହୋଇ ୨ ମୃତ; ଜଣେ ଗୁରୁତର

**ବ୍ୟାସନଗର, ୩୧।୧୦(ସମିସ):** ଦ୍ରୁତ ଗତି ହେଲା କାଳ। କଲଭର୍ଟ ବାଡ଼ାରେ ବାଇକ୍ ପିଟିହୋଇ ଚାଲିଗଲା ୨ ଜଣଙ୍କ ଜୀବନ। ବ୍ୟାସନଗରରେ ସହରରେ ଘଟିଛି ଏମିତି ମର୍ମନ୍ତୁଦ ଦୁର୍ଘଟଣା। ସୂଚନାଯୋଗ୍ୟ ଯେ ଶଙ୍ଖଚିଲା-ତଣ୍ଡରା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ତଣ୍ଡରା ଗ୍ରାମର ସଦାନନ୍ଦ ମଲିକଙ୍କ ପୁଅ ରୁଦ୍ର, ସୁକୁଟା ମଲିକଙ୍କ ପୁଅ ଜିତେନ୍ଦ୍ର ଓ ବଙ୍କିମ୍ ମଲିକଙ୍କ ପୁଅ ମାନସ ଏକ ବାଇକ୍‌ରେ ବ୍ୟାସନଗର ପୌରାଞ୍ଚଳରେ ହେଉଥିବା କାଳୀଙ୍କ ଭସାଣି ଦେଖିବା ପାଇଁ ଯାଉଥିଲେ। ତେବେ ସ୍ଥାନୀୟ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟରେ ବାଇକ୍‌ର ଗତି ଅଧିକ ଥିବାରୁ ଭାରସାମ୍ୟ ହରାଇ ଗାଡ଼ିଟି ରାସ୍ତା କଡ଼ରେ ଥିବା କଲଭର୍ଟ ବାଡ଼ାରେ ପିଟି ହୋଇଯାଇଥିଲା। ଜିତେନ୍ଦ୍ର ବାଇକ ଚଲାଉଥିବା ବେଳେ ରୁଦ୍ର ଓ ମାନସ ପଛରେ ବସିଥିଲେ। ଫଳରେ ଜିତେନ୍ଦ୍ର ଓ ରୁଦ୍ର ଗୁରୁତର ହୋଇଥିଲେ। ଖବରପାଇ ଶଙ୍ଖଚିଲା ଫାଣ୍ଡି ଅଧିକାରୀ ଦେବପଦ ମହାନ୍ତି ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ତିନି ଜଣକୁ ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଜିତେନ୍ଦ୍ର ଓ ରୁଦ୍ରକୁ ମୃତ ଘୋଷଣା କରିଥିବା ବେଳେ ମାନସ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଉକ୍ତ ଘଟଣା ତଣ୍ଡରା ପଞ୍ଚାୟତରେ ଶୋକର ଛାୟା ଖେଳାଇ ଦେଇଛି।

### ମାନବିକତା ଦେଖାଇଲେ ଭବପ୍ରସାଦ

## ଦୁର୍ଘଟଣାଗ୍ରସ୍ତଙ୍କୁ ନିଜ ଗାଡ଼ିରେ ନେଲେ ଡାକ୍ତରଖାନା



**ଯାଜପୁର, ୩୧।୧୦(ସମିସ):** ଦୁର୍ଘଟଣାରେ ଗୁରୁତର ହୋଇ ଛଟପଟ ହେଉଥିବା ଜଣେ ଯୁବକଙ୍କୁ ନିଜ ଗାଡ଼ିରେ ଡାକ୍ତରଖାନା ପଠାଇ ମାନବିକତା ଦେଖାଇଛନ୍ତି ବିଜେଡି ଯୁବ ନେତା ଭବପ୍ରସାଦ। ଆଜି ତଣ୍ଡରା ନିକଟରେ ଘଟିଥିବା ଦୁର୍ଘଟଣାରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ କୋରେଇ ଥାନା ତଣ୍ଡରା ଗ୍ରାମର ମାନସ ରଞ୍ଜନ ମଲ୍ଲିକ (୧୫) ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସାର ଆବଶ୍ୟକତା ଥିବା ବେଳେ ସେହି ବାଟ ଦେଇ ଯାଉଥିବା ବିଜେଡି ଯୁବ ନେତା ଭବପ୍ରସାଦ ଦାସ ନିଜ ଗାଡ଼ରେ ମାନସଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣାସ୍ଥଳକୁ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଭବପ୍ରସାଦ ନିଜ ଗାଡ଼ରେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ମାନସଙ୍କ ଅବସ୍ଥା ଭଲ ଥିବା ଜଣାପଡ଼ିଛି। ତେବେ ଭବପ୍ରସାଦଙ୍କ ଏପରି ମାନବିକତାକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି।

# ସମ୍ପାଦକୀୟ



ଲେଖକ ବହିଟିଏ ଆରମ୍ଭ କରେ, କିନ୍ତୁ ଜଣେ ପ୍ରକୃତ ପାଠକ ଏହାକୁ ସଫଳ କରିଥାଏ।

-ସାମୁଏଲ୍ ଜନ୍‌ସନ୍

ସକାଳ
THE SAKALA

## ଭୂସ୍ଖଳନ ଓ ଅବରୋଧ

ଚଳିତ ମୌସୁମୀ ଋତୁ ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ ଓ ଜାମ୍ମୁ–କାଶ୍ମୀରରେ ଯେଉଁ ବିପର୍ଯ୍ୟୟ ଘଟାଇଛି ତାହା ଅକଳ୍ପନୀୟ। ସେହିଭଳି ପଞ୍ଜାବର ଶସ୍ୟାଗାର ପ୍ରଳୟଙ୍କରୀ ବର୍ଷାରେ ଧ୍ୱସ୍ତବିଧ୍ୱସ୍ତ ହୋଇଛି। ବାରମ୍ବାର ଭୂସ୍ଖଳନ କାରଣରୁ ହିମାଳୟ ପାଦଦେଶରେ ଥିବା ହିମାଚଳ ଓ ଉତ୍ତରାଖଣ୍ଡର ପର୍ଯ୍ୟଟନ କେନ୍ଦ୍ରଗୁଡ଼ିକ ମାଟିତଳେ ଏକପ୍ରକାର ପୋତି ହୋଇପଡ଼ିଛି। ମୌସୁମୀ ବିଦାୟ ନେବା ପୂର୍ବରୁ 'ମୋନ୍ଥା' ବାତ୍ୟା ଆନ୍ଧ୍ର, ତେଲଙ୍ଗାନା ଓ ଓଡ଼ିଶାର ବିପୁଳ କ୍ଷୟକ୍ଷତି ଘଟାଇଛି। ଆମ ରାଜ୍ୟର ଦକ୍ଷିଣାଞ୍ଚଳ ଅନ୍ତର୍ଗତ ୧୦ଟି ଜିଲ୍ଲାରେ 'ମୋନ୍ଥା' ପ୍ରଭାବିତ ବର୍ଷା କେବଳ ବ୍ୟାପକ ଫସଲହାନି ଘଟାଇନି, ଭୂସ୍ଖଳନରେ ରାସ୍ତା ଅବରୋଧ ଯୋଗୁଁ ଗମନାଗମନ ବାଧାପ୍ରାପ୍ତ ହୋଇଛି। ପାହାଡ଼ତଳି ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରଦ୍ୱାର ଭୁଶୁଡ଼ି ପଡ଼ିଛି। ତେବେ ଏହି ବିପର୍ଯ୍ୟୟ ପୂର୍ବରୁ ସଂପୃକ୍ତ ଅଞ୍ଚଳର ବାସିନ୍ଦାଙ୍କୁ ସ୍ଥାନାନ୍ତର କରାଯାଇଥିବାରୁ କେହି ମୃତାହତ ହୋଇନାହାନ୍ତି।

ଗତ ମଙ୍ଗଳବାର ଓ ବୁଧବାର ପାର୍ବତ୍ୟାଞ୍ଚଳ ଘେରା ଓଡ଼ିଶାର ତିନିଟି ଜିଲ୍ଲାରେ ଶହେ ମିଲିମିଟରରୁ ଅଧିକ କ୍ରମାଗତ ବର୍ଷା ହେବାରୁ ଭୂସ୍ଖଳନ ଘଟିଥିଲା। ଗଞ୍ଜାମ ଜିଲ୍ଲାର ରାଇପାଟ ନିକଟସ୍ଥ ତିଡ଼ିକାସାରି-ଅଙ୍କୁଲି ରୋଡ୍ ଉପରେ ମାଟି ଅତଡ଼ା ଧସି ଅବରୁଦ୍ଧ ହୋଇଯିବାରୁ ପ୍ରାୟ ୨୦ଟି ଗ୍ରାମମଧ୍ୟରେ ଗମନାଗମନ ବ୍ୟବସ୍ଥା ସଂପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଥିଲା। ସେହିଭଳି ଚାରିଆବାଡ଼ ଘାଟ ସଂଲଗ୍ନ ରାସ୍ତାରେ ମଧ୍ୟ ଅନୁରୂପ ସ୍ଥିତି ଉପୁଜିଥିଲା। କନ୍ଧମାଳର ରାଇକିଆ ବ୍ଲକ ଅନ୍ତର୍ଗତ ଖାରିଆଗୁଡ଼ା ଘାଟ ମଧ୍ୟ ଭୂସ୍ଖଳନରେ ଅବରୋଧ ହୋଇଥିଲା। ବଡ଼ ପଥର ଖଣ୍ଡ ବର୍ଷାର ପ୍ରଭାବରେ ଗଡ଼ି ଆସି ଗୋଟିଏ ବାସଗୃହ ସମ୍ମୁଖରେ ଅଟକି ଯାଇଥିଲା। ସୌଭାଗ୍ୟକ୍ରମେ ସେଠାରେ ଅବସ୍ଥାନ କରୁଥିବା ପରିବାର ସଦସ୍ୟଙ୍କ କୌଣସି କ୍ଷତି ଘଟିନାହିଁ। ସେହିଭଳି ଗଜପତି ଜିଲ୍ଲାର ଶାଙ୍କୁଡ଼ା-ଖିଲିଗଣ୍ଡା ଘାଟି ରାସ୍ତା ମାଟି ଅତଡ଼ା ଧସି ସଂପୂର୍ଣ୍ଣ ରୂପେ ଅବରୁଦ୍ଧ ହୋଇପଡ଼ିଥିଲା। ଫଳରେ ବୋଣ୍ଡା ଓ ଖିଲିଙ୍ଗ ଅଞ୍ଚଳ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇ ପଡ଼ିଛି। ତେବେ ଅବରୋଧ ହୋଇଥିବା ରାସ୍ତାକୁ ତ୍ୱରିତ ପଦକ୍ଷେପ ମାଧ୍ୟମରେ ଗମନାଗମନ ଉପଯୋଗୀ କରାଯାଇ ପାରିଛି। କାଶୀନଗର ଦେଇ ପ୍ରବାହିତ ବଂଶଧାରା ନଦୀର ଜଳପତନ ବିପଦ ସଂକେତ ଅତିକ୍ରମ କରିନଥିବାରୁ ବନ୍ୟା ବିପର୍ଯ୍ୟୟ ଉପୁଜି ନାହିଁ। ତେବେ ଗୁମ୍ମା କେନାଲର ଜଳ ପ୍ଲାବନ ଯୋଗୁଁ ସଂଲଗ୍ନ ଗ୍ରାମଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ସଂପୃକ୍ତ ଅଞ୍ଚଳରେ ୫,୯୨୫ ସୁଦକ୍ଷ କର୍ମୀଙ୍କୁ ନିୟୋଜିତ କରାଯାଇଥିବାରୁ ସେମାନଙ୍କ ଅକ୍ଳାନ୍ତ ପରିଶ୍ରମ ସ୍ଥିତିରେ ସୁଧାର ଆଣିବାରେ ସହାୟକ ହୋଇଛି। ବର୍ଷା ଓ ବାତ୍ୟା ପ୍ରଭାବିତ ଅଞ୍ଚଳରେ ବାଧାପ୍ରାପ୍ତ ବିଦ୍ୟୁତ ପ୍ରବାହରେ ସ୍ୱାଭାବିକତା ଫେରାଇ ଆଣିବାରେ ଟିପିଏସଓଡିଏଲ ମାତ୍ର ୧୪ ଘଣ୍ଟା ମଧ୍ୟରେ ପ୍ରଶଂସନୀୟ କାର୍ଯ୍ୟ କରିଛନ୍ତି।

ପ୍ରାକୃତିକ ଦୁର୍ବିପାକର ପ୍ରଶମନ ଦିଗରେ ଉଲ୍ଲେଖନୀୟ ସଫଳତା ହାସଲ କରି ଆନ୍ତର୍ଜାତିକ ସ୍ତରରେ ସମ୍ମାନିତ ଓ ପ୍ରଶଂସିତ ହୋଇଥିଲେ ଆମ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ୧୯୯୯ର ମହାବାତ୍ୟା ପରେ ଓଡ଼ିଶା ଏକାଧିକ ଅନୁରୂପ ବିପର୍ଯ୍ୟୟର ସଫଳ ମୁକାବିଲା ମଧ୍ୟ କରିପାରିଛି। ଏଥିପାଇଁ ପ୍ରସ୍ତୁତ ଢାଞ୍ଚା ଓ କାର୍ଯ୍ୟଧାରାକୁ ଏକ ଆଦର୍ଶ ବ୍ୟବସ୍ଥା ବା ନକ୍ସା ରୂପେ ଅନ୍ୟମାନେ ଗ୍ରହଣ କରିଛନ୍ତି। ତେଣୁ 'ମୋନ୍ଥା'ର ଦୁର୍ବଳ ସ୍ଥିତିକୁ ଏବର ସରକାର ମୁକାବିଲା କରିବାର ସେଭଳି ଅସୁବିଧାର ସମ୍ମୁଖୀନ ନହେବା ସ୍ୱାଭାବିକ। କାରଣ ସେହି ପୁରୁଣା ଧାରା ଓ ନକ୍ସା ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି।

## ଯୁଦ୍ଧ ବିରତି ଓ ଅଶାନ୍ତ ଗାଜା

ଇସ୍ରାଇଲ ଓ ଗାଜା ମଧ୍ୟରେ ଯୁଦ୍ଧ ବିରାମର ଭବିଷ୍ୟତ ନେଇ ଅନିଶ୍ଚିତତା ଜାରି ରହିଛି। ନିରନ୍ତର ନାନା ଅଭିଯୋଗ ଦର୍ଶାଇ ସାମରିକ କାର୍ଯ୍ୟାନୁଷ୍ଠାନକୁ ଏକ ଅସ୍ତ୍ର ରୂପେ ପ୍ରୟୋଗ କରିବାର ମସୁଧାରୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ନ ଓହରିବା ପର୍ଯ୍ୟନ୍ତ ସେଠାରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ନୁହେଁ। ଏପରିକି କିଛି ଆତ୍ମଘାତୀ ପଦକ୍ଷେପ ଗ୍ରହଣ କରି ହମାସକୁ ଦୋଷାରୋପ କରିବା ଓ ସେହି ଆଳରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଏବଂ ସେଥିପ୍ରତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସମର୍ଥନ ସମସ୍ତଙ୍କୁ ଚକିତ କରିଛି। ଇସ୍ରାଏଲ ପକ୍ଷରୁ ଗାଜା ଉପରେ ହୋଇଥିବା ବାୟୁସେନାର ଆକ୍ରମଣରେ ୧୦୪ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ୪୬ ଶିଶୁ। ଅକ୍ଟୋବର ୧୦ ରୁ ଯୁଦ୍ଧ ବିରାମ ଘୋଷଣା କରାଯାଇଥିବା ବେଳେ ଅମାନବୀୟ ନରସଂହାର ଜାରି ରହିଛି। ହୋଇପାରେ କାହା ପକ୍ଷରୁ ଚୁକ୍ତିର ଖିଲାପ ହୋଇଛି, ତାହାର କ'ଣ ସମାଧାନ ଘନଘନ ବୋମାମାଡ଼ରେ ସମ୍ଭବ? ସବୁଠାରୁ ବିଚଳିତ କଲାଭଳି ଖବର ହେଲା ଏହି ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଯୁଦ୍ଧ ବିରାମ ଚୁକ୍ତିକୁ ଇସ୍ରାଏଲ ମାନିବ। ହମାସ ମୁଣ୍ଡ ଜାମିନ ରଖିଥିବା ଇସ୍ରାଏଲ ନାଗରିକଙ୍କୁ ଫେରାଇବାର ସର୍ତ୍ତ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ହୋଇଛି। ଏପରିକି ତାହା ସହ ସମ୍ପୃକ୍ତ ଥିଲା ମୃତ ପଣବନ୍ଦୀଙ୍କ ଶରୀର ଫେରସ୍ତ। ମୃତ ଶରୀରର ସବୁ ଅଂଶ ଫେରାଇନଥିବାର ମଧ୍ୟ ଅଭିଯୋଗ ହେଲା। ତାହାକୁ ନେଇ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି। ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଗୁରୁବାର ହମାସ ଆଉ ଦୁଇଟି ଶରୀର ଫେରାଇଛି। କିନ୍ତୁ ଘଟଣାକ୍ରମର ଯେ ଏହିଠାରେ ଅନ୍ତ ଘଟିବ, ଏକଥା ନୁହେଁ।

ଗାଜାରେ ସୃଷ୍ଟି ହୋଇଥିବା ଉତ୍ତେଜନାର ଅନ୍ୟ ଏକ ଦିଗ ହେଲା ଦକ୍ଷିଣାଞ୍ଚଳରେ ଘଟିଥିବା ଗୁଳି ବିନିମୟରେ ଜଣେ ଇସ୍ରାଏଲ ସୈନ୍ୟଙ୍କ ମୃତ୍ୟୁ। ଏହା ପଛରେ ହମାସର କେତେ ସଂପୃକ୍ତି ଅଛି ତାହା ଭିନ୍ନ କଥା। ଟ୍ରମ୍ପଙ୍କ ସମର୍ଥନ ଲାଭ ପାଇଁ ମୃତ ସୈନିକଙ୍କୁ ଆମେରିକୀୟ ଦର୍ଶାଇ ଇସ୍ରାଏଲ୍ ନିଜ ଆଡୁ ଏ ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାରେ କାହାର ବିସ୍ମିତ ହେବାର ନାହିଁ। ଯୁଦ୍ଧ ବିରତି ଚୁକ୍ତି ପ୍ରତି ନେତାନ୍ୟାହୁଙ୍କ ଆଦୌ ନିଷ୍ଠା ନାହିଁ। ଏଭଳି ଏକ ରୁଗ୍ଣ ମାନସିକତା ସଂପନ୍ନ ବ୍ୟକ୍ତିଠାରୁ ଯୁଦ୍ଧବିରାମ ବା ଶାନ୍ତି ଆଶା କରିବା ବୃଥା। ବିଶ୍ୱ ସମୁଦାୟର ଚାପ ଓ ଟ୍ରମ୍ପ ନିଜେ ଏହି ପ୍ରସଙ୍ଗରେ ମଧ୍ୟସ୍ଥତା କରୁଥିବାରୁ ଇସ୍ରାଏଲ ପାଇଁ ଗତ୍ୟନ୍ତର ନଥିଲା। କିନ୍ତୁ ପ୍ରତି ମୂହୂର୍ତ୍ତରେ କିଛି ନା କିଛି ମନଗଢ଼ା ଆରୋପ ଓ ଏପରିକି ନେତାନ୍ୟାହୁ ନିଜ ଆଡୁ କିଛି ବିଭ୍ରାଟ ସୃଷ୍ଟି କରି ଯୁଦ୍ଧ ଜାରି ରଖିବାକୁ ଚାହାନ୍ତି। ଏକଥା ମଧ୍ୟ ସତ୍ୟ ଯେ ଆମେରିକାର ସାମରିକ ସାହାଯ୍ୟ ବିନା ଏହି ଯୁଦ୍ଧ ଗୋଟିଏ ଇଞ୍ଚ ଆଗକୁ ବଢ଼ିପାରିବ ନାହିଁ। ମୁଣ୍ଡ ଜାମିନ ଥିବା ୨ ଜଣଙ୍କ ମୃତ ଶରୀର ଫେରସ୍ତ ପରେ ସ୍ଥିତି ବଦଳିବ ବୋଲି ଆଶା କରାଯାଇଛି।

ଇସ୍ରାଏଲ ପକ୍ଷରୁ ଯୁଦ୍ଧ ବିରାମ ଘୋଷଣା କରାଯାଇଥିଲେ ମଧ୍ୟ ନ୍ୟୁଗାଜାରେ ଆଉ ୨ ଜଣଙ୍କୁ ହତ୍ୟା କରାଯାଇଛି। ତୁର୍କୀର ରାଷ୍ଟ୍ରପତି ଗାଜାରେ ଶାନ୍ତି ଫେରାଇ ଆଣିବା ପାଇଁ ଜର୍ମାନୀର ହସ୍ତକ୍ଷେପ ଲୋଡ଼ିଛନ୍ତି। କାତାର ପକ୍ଷରୁ ମଧ୍ୟ ଅନୁରୂପ ନିବେଦନ କରାଯାଇଛି। ଏସବୁ ସତ୍ତ୍ୱେ ନେତାନ୍ୟାହୁ ଓ ଟ୍ରମ୍ପଙ୍କ ଅସଲ ମସୁଧା କ'ଣ ତାହା ସ୍ୱଷ୍ଟ ହେଉନାହିଁ। ଅଥଚ ଯୁଦ୍ଧ ବିରାମ ଓ ଶାନ୍ତି ପ୍ରତିଷ୍ଠା ସପକ୍ଷରେ ଜେରୁଜେଲମରେ ଜନମତ ସୃଷ୍ଟି ପାଇଁ ଅତିରକ୍ଷଣବାଦୀ ଇହୁଦୀଙ୍କ ପକ୍ଷରୁ ଶୋଭାଯାତ୍ରା ବାହାର କରାଯାଇଛି। ଏସବୁ ସତ୍ତ୍ୱେ ଆମେ ଆଶା କରିବା ମଧ୍ୟପ୍ରାଚ୍ୟରେ ଖୁବଶୀଘ୍ର ଶାନ୍ତିର ପଥ ପରିଷ୍କାର ହେଉ।

# କୀଟନାଶକ: ସବୁଜ ବିପ୍ଳବର ଅଲୋଡ଼ା ଉପହାର

ସବୁଜ ବିପ୍ଳବ ସ୍ୱାଧୀନ ଭାରତର ବିପୁଳ ଜନସଂଖ୍ୟାକୁ ଖାଦ୍ୟ ସୁରକ୍ଷା ଦେଲା ସତ; କିନ୍ତୁ ଭାରତୀୟ କୃଷି ଓ କୃଷକଙ୍କ ପାଇଁ ନେଇ ଆସିଲା କୀଟ ଓ କୀଟନାଶକ ରୂପକ ବୋଝ। ଅଧୁନା ଆଧୁନିକ କୃଷି କୀଟନାଶକ ବିନା ପରିକଳ୍ପନା ମଧ୍ୟ କରାଯାଇପାରିବ ନାହିଁ। କୃଷିକୁ ଅଧିକ ଅମଳକ୍ଷମ ଓ ପରିବେଶ ସହନଶୀଳ କରିବା ପାଇଁ ଯେତେଯେତେ ନୂଆ ନୂଆ କିସମ ଉଦ୍‌ଭାବନ ହେଉଛି, ତା'ସହିତ ତାଳ ଦେଇ ନୂଆ ନୂଆ ରୋଗ ପୋକ ସୃଷ୍ଟି ହେଉଛନ୍ତି। କେବଳ ସେତିକି ନୁହେଁ, ସାମ୍ପ୍ରତିକ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନରେ ଜନ୍ମ ନେଉଥିବା ଏହି ନୂଆ ରୋଗପୋକଗୁଡ଼ିକ ଅତିମାତ୍ରାରେ କୀଟନାଶକ ଓ ରୋଗନାଶକ ସହନଶୀଳ ହୋଇଗଲେଣି। ବିଶେଷଜ୍ଞମାନେ ରୋଗ, ପୋକ ନିଦାନ କରି ପ୍ରତିକାର ଆବିଷ୍କାର କରିବା ପୂର୍ବରୁ ଫସଲ ଉଜୁଡ଼ି ଯାଉଛି। ଚାଷୀ ଆତ୍ମହତ୍ୟାର ଅନେକ କାରଣ ମଧ୍ୟରୁ ଏହା ପ୍ରମୁଖ।

ଅପରପକ୍ଷରେ ଏହି କୀଟ ଓ କୀଟନାଶକ ବହୁଦେଶୀୟ କମ୍ପାନୀମାନଙ୍କ ପାଇଁ ଅତିମାତ୍ରାରେ ଅନୁକୂଳ ହୋଇଛି। ରାସାୟନିକ ସାର ପ୍ରୟୋଗ ବଢ଼ିବା ସହିତ ସୃଷ୍ଟି ହେଉଥିବା ନୂଆ ନୂଆ କୀଟ ଓ ରୋଗ ଅନୁଯାୟୀ କୀଟନାଶକ ଓ ରୋଗନାଶକର ନୂଆ ନୂଆ ଉତ୍ପାଦ ବଜାରକୁ ଆସୁଛି, ଯାହାକୁ ଚାଷୀ କିଣିବାକୁ ବାଧ୍ୟ ହେଉଛି। ବହୁଦେଶୀୟ କମ୍ପାନୀମାନେ କୀଟନାଶକକୁ ଏଭଳି ଉପାଦାନରେ ବିକଶିତ କରୁଛନ୍ତି ଯେ ଥରେ ତାହା ପ୍ରୟୋଗ ହେଲା ପରେ ଦ୍ୱିତୀୟ କିମ୍ବା ତୃତୀୟ ବର୍ଷକୁ କାମ ଦେଉନାହିଁ। ଆଉ କେତେକ ସ୍ଥାନରେ ବଜାର ଅଂଶ ଓ ବାର୍ଷିକ ରୋଜଗାର ହରାଇବା ଭୟରେ ଚାଷୀମାନେ ପ୍ରତିଷେଧକ ରୂପେ ବେଉଷଣ ବେଳେ ହିଁ ତୃଣନାଶକ ଓ କବକନାଶକ ଜମିରେ ପ୍ରୟୋଗ କରୁଛନ୍ତି। ଏହି ଉଦ୍ୟମ କେତେକାଂଶରେ ସଫଳ ହେଉଛି ସତ, କିନ୍ତୁ ଯେଉଁଠାରେ ସେଭଳି କବକ ବା ଅନାବଶ୍ୟକ ତୃଣ ଉର୍ଦ୍ଧ୍ୱେଇବାର ସମ୍ଭାବନା ନାହିଁ ସେଠାରେ କବକନାଶକ ଓ ତୃଣନାଶକର ଅନାବଶ୍ୟକ ପ୍ରୟୋଗ ପରବର୍ତ୍ତୀ ସମୟରେ ସେହି ପରିବେଶ ଓ ମାଟିକୁ ରାସାୟନିକ ସହନଶୀଳ କରିଦେଉଛି। ଏହିକ୍ରମରେ କୀଟ ଓ କୀଟନାଶକ ଚାଷୀର ସର୍ବନାଶ କରୁଥିବା ବେଳେ ବହୁଦେଶୀୟ କମ୍ପାନୀମାନଙ୍କ ପାଇଁ ପୁଷ ମାସ ଡାକି ଆଣୁଛି।

ସବୁଜ ବିପ୍ଳବର ଅଲୋଡ଼ା ଉପହାର ସ୍ୱରୂପ ଆସିଥିବା ଏହି ରାସାୟନିକ ଉତ୍ପାଦଗୁଡ଼ିକର ଭାରତରେ ସଂଗଠିତ ବଜାର ମୂଲ୍ୟ ପ୍ରାୟ ୨୪, ୫୦୦ କୋଟି ଟଙ୍କା। ପେଷ୍ଟିସାଇଡ୍ ବା କୀଟନାଶକ ଭାବରେ ଜଣାଶୁଣା ଓ ବ୍ୟବହୃତ ଏହି ରାସାୟନିକ ଉପାଦନ ମୁଖ୍ୟତଃ ତିନିଭାଗରେ ବିଭକ୍ତ। ସେଗୁଡ଼ିକ ହେଲା, କୀଟନାଶକ(ଇନସେକ୍ଟିସାଇଡ), ତୃଣନାଶକ(ହର୍ବିସାଇଡ୍‌ସ) ଓ କବକନାଶକ(ଫୁଙ୍ଗିସାଇଡ୍)। ଏଥିମଧ୍ୟରେ ସବୁଠାରୁ ବଡ଼ ଅଂଶ ହେଉଛି କୀଟନାଶକର। ଭାରତରେ କୀଟନାଶକର ବାର୍ଷିକ କାରବାର ୧୦, ୭୦୦ କୋଟି ଟଙ୍କା ଥିବା ବେଳେ ତୃଣନାଶକର ୮, ୨୦୦ କୋଟି ଟଙ୍କା ଏବଂ କବକନାଶକର କାରବାର ୫, ୬୦୦ କୋଟି ଟଙ୍କା। ତୃଣନାଶକର ବଜାର ସର୍ବାଧିକ ବାର୍ଷିକ ୧୦% ହାରରେ ବୃଦ୍ଧି ପାଉଛି। ଏଥିରୁ ଭାରତୀୟ କୀଟନାଶକ ବଜାର ପ୍ରତି ବହୁଦେଶୀୟ କମ୍ପାନୀମାନଙ୍କ ଲୋଭ ଓ ଲାଭ ସହଜେ ଅନୁମେୟ। ଅଧୁନା ଭାରତୀୟ କୀଟନାଶକ ବଜାରରେ 'ବେୟର ଏଜି' ନାମକ ବହୁଦେଶୀୟ କମ୍ପାନୀର ଆନୁମାନିକ ଅଂଶ ୧୫% ଥିବା ବେଳେ 'ସିଞ୍ଜେଣ୍ଟା'ର ୧୨%, 'ଏଡିଏଏମଏ'ର ୧୦%, 'କର୍ଟେଭା ଏଗ୍ରୀସାଇନ୍ସ'ର ୭% ଏବଂ 'ସୁମିତୋମୋ କେମିକାଲ'ର ୬% ରହିଛି। ଆଶ୍ଚର୍ଯ୍ୟର କଥା ଯେ ଏଭଳି ବିପୁଳ ଲୋଭନୀୟ ଭାରତୀୟ କୀଟନାଶକ ବଜାରରେ ଭାରତୀୟ ସଂସ୍ଥା ବା ଉଦ୍ୟୋଗର ପଦଚିହ୍ନ ଅତି ନଗଣ୍ୟ। ସବୁଠାରୁ ବଡ଼ ଭାରତୀୟ କମ୍ପାନୀ 'ଧନୁକା ଆଗ୍ରିଟେକ୍'ର ଆନୁମାନିକ ବଜାର ଅଂଶ ୬% ଥିବା ବେଳେ 'ସିସିପିଏଲ୍'ର ୪%। ଅନ୍ୟ କେତେକ କମ୍ପାନୀ ବହୁଦେଶୀୟ କମ୍ପାନୀଙ୍କ ସହିତ ଯୌଥ ଉଦ୍ୟୋଗରେ ଭାରତରେ କୀଟନାଶକ ଉତ୍ପାଦନ କରୁଛନ୍ତି।

ଜଣେ କୃଷି ବୈଜ୍ଞାନିକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କୀଟନାଶକ ବଜାର ସମ୍ପର୍କରେ ଯେଉଁ ଗୋପନୀୟ ତଥ୍ୟ ପ୍ରଘଟ କରିଛନ୍ତି ତାହା ଯଦି ସତ ହୋଇଥାଏ ତେବେ ଭାରତୀୟ କୃଷି ଓ କୃଷକ କୀଟନାଶକର ଅଦୃଶ୍ୟ ପଞ୍ଝା ଭିତରକୁ ଯାଇସାରିଛନ୍ତି, ଯେଉଁଥିରୁ ମୁକୁଳିବା ନିକଟ ଭବିଷ୍ୟତରେ ଏତେ ସହଜ ନୁହେଁ। କମ୍ପ୍ୟୁଟରର ଆଣ୍ଟିଭାଇରସ୍ ବିକଶିତ କରୁଥିବା କମ୍ପାନୀମାନେ ଯେପରି ସ୍ୱୟଂ ନିୟମିତ ବ୍ୟବଧାନରେ ଭାଇରସ୍‌ମାନ ବିକଶିତ କରି ଇଣ୍ଟରନେଟ୍ ମାଧ୍ୟମରେ ଛାଡ଼ିଦିଅନ୍ତି ସେଭଳି କିସମ ଉଦ୍ଭାବନ କରୁଥିବା କେତେକ ଲୋଭୀ ଓ ଅସାଧୁ କୃଷି ବିଶେଷଜ୍ଞଙ୍କୁ ବହୁଦେଶୀୟ କମ୍ପାନୀମାନେ ବିପୁଳ ଉତ୍କୋଚ ଦେଇ ନବବିକଶିତ କିସମରେ ରୋଗପୋକର ବୀଜାଣୁମାନଙ୍କୁ ଛାଡ଼ିଦିଅନ୍ତି। ତାହା କାଳକ୍ରମେ ରୂପପରିବର୍ତ୍ତନ କରି(ମ୍ୟୁଟେସନ୍) ବ୍ୟାପକ କ୍ଷେତ୍ରକୁ ପ୍ରଭାବିତ କରେ। ଏହାକୁ ଏବେ 'ସବୁଜ ଆତଙ୍କ' ନାମରେ ଅଭିହିତ କରାଯାଉଛି। ନିକଟରେ ଆମେରିକାରେ ସୋୟାବିନ୍ ଫସଲକୁ ଏହି ଉପାୟରେ ବିଧ୍ୱଂସ କରିବା ପାଇଁ ଦୁଇ ଚୀନ୍ କୃଷି ବୈଜ୍ଞାନିକଙ୍କ ଷଡ଼ଯନ୍ତ୍ର ଧରାପଡ଼ିବା ପରେ ସେମାନଙ୍କୁ ଗିରଫ କରାଯାଇଛି।

କେତେକ କୃଷିବିଜ୍ଞାନୀଙ୍କ ମତରେ ସଙ୍କରଜାତୀୟ ବିହନ ବିକାଶ ବେଳେ ଗୁଣସୂତ୍ର ପରିବର୍ତ୍ତନ ହିଁ ଅନେକ ରୋଗକୁ ସ୍ୱତଃ ସୃଷ୍ଟି କରୁଛି, ଯାହାର ନିରାକରଣ ପାଇଁ କୀଟନାଶକ ଅପରିହାର୍ଯ୍ୟ ହୋଇପଡୁଛି। ଆଉ କିଛି ବିଶେଷଜ୍ଞଙ୍କ ମତାନୁଯାୟୀ ଚାଷୀ ପ୍ରୟୋଗ କରୁଥିବା ରାସାୟନିକ ସାରରେ ମଧ୍ୟ କୀଟ ଓ କବକ ସୃଷ୍ଟିକାରୀ ତତ୍ତ୍ୱର ଅସାଧୁ ସମ୍ମିଶ୍ରଣ ହେଉଛି। ଏହା ପଛରେ ରହିଛି ଭାରତ ସରକାରଙ୍କ ବିପୁଳ ରିହାତି ଯୋଜନା। କହିବା ବାହୁଲ୍ୟ କୃଷି ଓ କୃଷକ ଜରିଆରେ ସରକାରଙ୍କ ଏହି ବିପୁଳ ରିହାତିର ଅସଲି ହକ୍‌ଦାର ବା ହିତାଧିକାରୀ ହେଉଛନ୍ତି ସାର ଓ କୀଟନାଶକ ଉତ୍ପାଦନ କରୁଥିବା କମ୍ପାନୀ। କୀଟନାଶକଠାରୁ ସାର ବଜାର ଆହୁରି କେତେଗୁଣା ଅଧିକ। ତେଣୁ ଏତେ ଶୀଘ୍ର ଯେ ସେମାନେ ଭାରତୀୟ ବଜାରକୁ ହାତଛଡ଼ା କରିଦେବେ ସେ ସମ୍ଭାବନା ମଧ୍ୟ ଦେଖାଯାଉନାହିଁ।

ସାମଗ୍ରିକ ଭାବେ କହିବାକୁ ଗଲେ ବିହନ, ସାର ଓ କୀଟନାଶକ ମଧ୍ୟରେ ଏକ ମଧୁଚନ୍ଦ୍ରିକା ବା ଅସାଧୁ ମେଣ୍ଟ ସୃଷ୍ଟି ହୋଇସାରିଛି, ଯାହା ବିଶ୍ୱର ଖାଦ୍ୟ ନିରାପତ୍ତା ଆଗରେ ବିରାଟ୍ ଆହ୍ୱାନ ସୃଷ୍ଟି କରିଛି। ସାମ୍ପ୍ରତିକ ବଜାର ଅର୍ଥନୀତି ଓ ଆମଦାନୀ-ରପ୍ତାନୀ ବାଧ୍ୟବାଧକତାରେ ଶସ୍ୟ ଓ କୃଷି ସମସ୍ୟା ଆଉ କୌଣସି ଦେଶ କିମ୍ବା ଅଞ୍ଚଳରେ ସୀମିତ ହୋଇରହିନାହିଁ; ରୋଗପୋକ ସମସ୍ୟା ମଧ୍ୟ ଲକ୍ଷ୍ୟ-ଅଲକ୍ଷ୍ୟରେ ଆମଦାନୀ ରପ୍ତାନୀ ହୋଇଚାଲିଛି। ଅପରପକ୍ଷରେ ଏହାଦ୍ୱାରା ସାର ଓ କୀଟନାଶକ ଉଦ୍ୟୋଗ ଏବଂ ପରୋକ୍ଷରେ ସେମାନଙ୍କ ଟିକସରେ ବିଭିନ୍ନ ଦେଶର ରାଜକୋଷମାନ ପୁଷ୍କଳ ହେଉଛି। ଏହି ମଧୁଚନ୍ଦ୍ରିକାକୁ ଭାଙ୍ଗିବାକୁ ହେଲେ ରାଜନୈତିକ ଇଚ୍ଛାଶକ୍ତି, କୃଷିକ୍ଷେତ୍ରର ସାମୟିକ ବଳିଦାନ, ସର୍ବୋପରି କୃଷି ବୈଜ୍ଞାନିକଙ୍କ ରାଷ୍ଟ୍ରପ୍ରତି ସମର୍ପିତ କର୍ତ୍ତବ୍ୟବୋଧ, ସାଧୁତା ଓ ନିଷ୍ଠାର ସମନ୍ୱୟ ଆବଶ୍ୟକ। ଏହି ବିଷଚକ୍ର ଯେତେଶୀଘ୍ର ଭାଙ୍ଗିବ ବିଶ୍ୱ କୃଷି ଓ ଖାଦ୍ୟ ନିରାପତ୍ତା ପ୍ରତି ସେତେ କଲ୍ୟାଣକାରୀ ସାବ୍ୟସ୍ତ ହେବ।

ରୋଗ, ପୋକ ଫସଲକୁ କ୍ଷତି କରୁଥିବା ବେଳେ କୀଟନାଶକ ଫସଲ, ପାଣି, ପବନ ଜରିଆରେ ପରୋକ୍ଷ ଭାବେ ତାହାକୁ ଖାଉଥିବା ମଣିଷ, ଗାଈଗୋରୁଙ୍କ ଶରୀରକୁ ବିଷାକ୍ତ କରି ନା ନା ରୋଗ ସୃଷ୍ଟି କରିଚାଲିଛି। ପରିସ୍ଥିତି ଏଭଳି ହୋଇଛି ଯେ ସବୁଜ ବିପ୍ଳବର ଏହି ଅଲୋଡ଼ା ଉପହାରଟିକୁ ତତ୍କାଳ କିମ୍ବା ନିକଟ ଭବିଷ୍ୟତରେ ମଧ୍ୟ ପରିହାର କରିବା ଏକପ୍ରକାର ଅସମ୍ଭବ। ଏବେ ଆମ ଦେଶରେ କୃଷିଶ୍ରମିକଙ୍କ ଘୋର ଅଭାବ ସୃଷ୍ଟି ହୋଇଛି। ତେଣୁ ଚାଷୀମାନେ ବାଧ୍ୟବାଧକତାରେ ଘାସମରା ଔଷଧ ବା ତୃଣନାଶକ ଉପରେ ନିର୍ଭର କରୁଛନ୍ତି, ଯାହାର ଫାଇଦା ବହୁଦେଶୀୟ କମ୍ପାନୀମାନେ ନେଉଛନ୍ତି। ଏହି ଶ୍ରମକାତରତା ଯୋଗୁଁ କୀଟନାଶକର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସୁଥିବା ଚାଷୀ ଏବଂ ପରୋକ୍ଷ ପ୍ରଭାବିତ ଖାଉଟି ନିଜ ପାଇଁ କ୍ଷତି ଡାକି ଆଣୁଛନ୍ତି। କୃଷିଜାତ ମୂଲ୍ୟ ବୃଦ୍ଧି ଆଶଙ୍କାରେ ସରକାର ମଧ୍ୟ କୃଷି ଶ୍ରମିକଙ୍କ ମଜୁରୀ ବଢ଼ାଇବାକୁ ସାହସ କରୁନାହାନ୍ତି। ଡିସେମ୍ବର ୨୦୨୪ ସୁଦ୍ଧା ପ୍ରାପ୍ତ ତଥ୍ୟ ଅନୁଯାୟୀ ୨୦୧୯ ରେ ଉଦ୍ଭିଦ ସୁରକ୍ଷା କର୍ମୀ ଓ କୃଷି ଶ୍ରମିକଙ୍କ ପାଇଁ ଜାତୀୟସ୍ତରରେ ହାରାହାରି ଦୈନିକ ମଜୁରୀ ହାର ପ୍ରାୟ ୩୨୬ ଟଙ୍କା ଥିବା ବେଳେ ୨୦୨୪ ଶେଷ ସୁଦ୍ଧା ତାହା ୪୪୭ ଟଙ୍କାରୁ ସାମାନ୍ୟ ବୃଦ୍ଧି ପାଇଥିଲା। ଆଜିର ବଜାର ଦରରେ ଏତେ କମ୍ ମଜୁରୀରେ ମାନବ ସମ୍ବଳ ଉପଲବ୍ଧ ନ ହେବା ସ୍ୱାଭାବିକ। ଏହାଛଡ଼ା ହାତରେ ଘାସ ବାଛିବା ପାଇଁ ଏକର ପିଛା ୮/୧୦ ଘଣ୍ଟା ସମୟ ଲାଗୁଥିବା ବେଳେ ମାତ୍ର ୨/୩ ଘଣ୍ଟାରେ ଏକ ଏକରରେ ତୃଣନାଶକ ପ୍ରୟୋଗ କରାଯାଇପାରୁଛି। ଏଣୁ ଶସ୍ତାରୁ ପରବର୍ତ୍ତୀ ସମୟରେ ହୀନସ୍ତା ଭଳି ପରିସ୍ଥିତି ସୃଷ୍ଟି ହେଉଛି।

କୀଟନାଶକର ପଞ୍ଝାରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ଜୈବିକ କୃଷି, ଯାହାକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ପଡ଼ିବ। ଏହାଛଡ଼ା ଆମେ ନିଜକୁ ଯନ୍ତ୍ର ଓ ରାସାୟନିକ ନିର୍ଭରଶୀଳତା ହ୍ରାସ କରି ପରିଶ୍ରମୀ ହେବା ଆବଶ୍ୟକ। ସାମଗ୍ରିକ, ସମନ୍ୱିତ ଓ ସହଯୋଗୀ ଉଦ୍ୟମ ବିନା ଭାରତୀୟ କୃଷିକୁ ଏହି ସମସ୍ୟାରୁ ମୁକ୍ତ କରାଯିବା ଏକପ୍ରକାର ଅସମ୍ଭବ।

ସକାଳ ମିଡିଆ ସର୍ଭିସ୍

# ହରିକେନ୍ ମେଲିସା

ଡ. ବିଜୟ କେତନ ପଟ୍ଟନାୟକ

ଗତ ଅକ୍ଟୋବର ୨୭/୨୮ ତାରିଖରେ ଓଡ଼ିଶା ମହାବାତ୍ୟା 'ମୋନ୍ଥା'ର ଆନୁମାନିକ ପ୍ରଳୟଙ୍କରୀ ପ୍ରଭାବରୁ ବର୍ତ୍ତି ଯାଇଥିବା ବେଳେ ଅକ୍ଟୋବର ୨୮ ତାରିଖରେ ପଶ୍ଚିମ ଗୋଲାର୍ଦ୍ଧରେ ଉତ୍ତର ଆମେରିକା ତଟଦେଶରେ ତଥା ଉତ୍ତର-ଆଟଲାଣ୍ଟିକ ମହାସାଗର ଭିତରେ ଥିବା କାରବିୟାନ ସମୁଦ୍ରର ଦ୍ୱୀପ ଦେଶଗୁଡ଼ିକରେ, ବିଶେଷକରି ଜାମାଇକାରେ, ହରିକେନ 'ମେଲିସା' ଖଣ୍ଡପ୍ରଳୟ ସୃଷ୍ଟି କରିଛି। କ୍ୟୁବା, ବାହାମା ଆଦି ଦ୍ୱୀପଦେଶଗୁଡ଼ିକ ମଧ୍ୟ କ୍ଷତିଗ୍ରସ୍ତ ହୋଇଛନ୍ତି। 'ମେଲିସା' ଆଟଲାଣ୍ଟିକ ମହାସାଗରେ ଚଳିତ ବାତ୍ୟାଋତୁର ସଂଘଟିତ ପଞ୍ଚମ ହରିକେନ ଏବଂ ଶତାବ୍ଦୀର ସବୁଠାରୁ ଭୟଙ୍କର ବାତ୍ୟା। ଅକ୍ଟୋବର ମାସ ପ୍ରାରମ୍ଭରେ ପଶ୍ଚିମ ଆଫ୍ରିକା ତଟରୁ ଏକ ଉଷ୍ମ ମଣ୍ଡଳୀୟ ଢେଉ ଦ୍ୱାରା ଏହାର ଜନ୍ମ ହୋଇଥିଲା। ପାଣିପାଗ ବିଜ୍ଞାନୀଙ୍କ ମତରେ ଜଳବାୟୁ ପରିବର୍ତ୍ତନ କାରଣରୁ ସମୁଦ୍ରର ଜଳରାଶି ୧.୪ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ହେଲେ ସେଠାରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ଓ ଗଭୀର ଅବପାତରେ ପରିଣତ ହୋଇ ବାତ୍ୟା ସୃଷ୍ଟି ହୋଇଥାଏ। ହରିକେନ୍ 'ମେଲିସା' ମଧ୍ୟ ଧୀରେ ଧୀରେ ଉତ୍ତପ୍ତ ସାମୁଦ୍ରିକ ଜଳରାଶିରୁ ବଳ ଗୋଟାଇ ଆଟଲାଣ୍ଟିକ ମହାସାଗରରେ ଆଗକୁ ବଢ଼ିଥିଲା।

ଘୂର୍ଣ୍ଣିବାତ୍ୟାକୁ ସ୍ଥାନବିଶେଷରେ ତିନିପ୍ରକାର ନାମରେ ଅଭିହିତ କରାଯାଇଛି। ଯଥା ହରିକେନ, ସାଇକ୍ଲୋନ ଓ ଟାଇଫୁନ। ଉତ୍ତର ଆଟଲାଣ୍ଟିକ ମହାସାଗର, କେନ୍ଦ୍ରାଞ୍ଚଳ, ପୂର୍ବାଞ୍ଚଳ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବାତ୍ୟାକୁ କୁହାଯାଏ ହରିକେନ। ଉତ୍ତର-ପଶ୍ଚିମ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଲେ ଏହାକୁ କୁହାଯାଏ ଟାଇଫୁନ। ଦକ୍ଷିଣ ପ୍ରଶାନ୍ତ ମହାସାଗର ଓ ଭାରତ ମହାସାଗର ସଂଲଗ୍ନସ୍ଥାନ ଆରବ ସାଗର ଓ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଚକ୍ରବାତ ବା ଘୂର୍ଣ୍ଣିବାତ୍ୟାକୁ କୁହାଯାଏ ସାଇକ୍ଲୋନ।

ଗତ ୨୮ ଅକ୍ଟୋବରରେ ଜାମାଇକା ଦ୍ୱୀପଦେଶର ଦକ୍ଷିଣ-ପଶ୍ଚିମରେ ଥିବା ନିଉହୋପ ଇଲାକାରେ ସ୍ଥଳଭାଗ ସ୍ପର୍ଶ କଲା ବେଳେ ହରିକେନ 'ମେଲିସା'ର ବାୟୁର ଗତି ଥିଲା ଘଣ୍ଟା ପ୍ରତି ୧୮୫ ମାଇଲ ବା ୨୯୫ କିଲୋମିଟର ଏବଂ ଏହାର କେନ୍ଦ୍ରସ୍ଥଳର ବାୟୁଚାପ ରହିଥିଲା ୮୯୨ ମିଲିବାର ବା ୨୬.୩୪ ଇଞ୍ଚ। ଏହା ତୁଳନାରେ ୧୯୯୯ ମସିହାର ଓଡ଼ିଶା ସୁପର ସାଇକ୍ଲୋନ ସମୟରେ ପବନର ଗତି ଥିଲା ଘଣ୍ଟାପ୍ରତି ୨୬୦ କିଲୋମିଟର ଓ କେନ୍ଦ୍ରସ୍ଥଳର ବାୟୁ ଚାପ ଥିଲା ୮୯୮ ମିଲିବାର ବା ୨୬.୫୨ ଇଞ୍ଚ। ୨୦୧୯ ମସିହାରେ ଜାମାଇକା ନିକଟସ୍ଥ ବାହାମା ଦ୍ୱୀପଦେଶରେ ବୋରିଆନ୍ ନାମକ ଅନ୍ୟ ଏକ ଘୂର୍ଣ୍ଣିବାତ୍ୟା ଆଘାତ ଦେଇଥିଲା, ଯାହାର ବାୟୁ ଗତି ଥିଲା ଘଣ୍ଟାପ୍ରତି ୧୮୫ ମାଇଲ।

ବାୟୁର ଗତି ଓ ତୀବ୍ରତା ଦୃଷ୍ଟିରୁ 'ମେଲିସା' ଶ୍ରେଣୀ ବିଭାଗ କ୍ରମରେ ଥିଲା ୫ମ ଶ୍ରେଣୀ ବା କାଟାଗୋରି -୫। ୧ମ ଶ୍ରେଣୀ ହରିକେନର ବାୟୁ ଗତି ୭୦ରୁ ୯୫ ମାଇଲ, ଦ୍ୱିତୀୟ ଶ୍ରେଣୀର ୯୬ ରୁ ୧୧୦ ମାଇଲ, ତୃତୀୟ ଶ୍ରେଣୀର ୧୧୧ ରୁ ୧୨୯ ମାଇଲ, ଚତୁର୍ଥ ୧୩୦ ରୁ ୧୫୬ ମାଇଲ ଏବଂ ପଞ୍ଚମ ୧୫୭ ମାଇଲ ବା ତଦୂର୍ଦ୍ଧ୍ୱ। ଅର୍ଥାତ୍ ଏହି ଶ୍ରେଣୀରେ ବାୟୁର ଗତି ଘଣ୍ଟା ପ୍ରତି ୨୫୨ କି.ମି ବା ତହିଁରୁ ଅଧିକ ହୋଇଥାଏ। କାଟାଗୋରୀ ୫ ହରିକେନରେ ପବନର ଗତି ଓ ତୀବ୍ରତା ଏବେ ଅଧିକ ଯେ ଏହା ଦ୍ୱାରା ଭିତ୍ତିଭୂମି ଅଧିକ କ୍ଷତିଗ୍ରସ୍ତ ହୋଇଥାଏ। ଏପରିକି ମଜବୁତ ସିମେଣ୍ଟ ଓ କଂକ୍ରିଟ ଘର ଭାଙ୍ଗି ଯାଏ ବା ଛାତ ଉଡ଼ିଯାଏ। ବଡ଼ ବଡ଼ ଗଛ ଉପୁଡ଼ି ପଡ଼େ। ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ି ପଡ଼ିବା କାରଣରୁ ବିଦ୍ୟୁତ୍ ସରବରାହ ଓ ଯୋଗାଯୋଗ ବ୍ୟବସ୍ଥା ସଂପୂର୍ଣ୍ଣ ଠପ ହୋଇଯାଏ। ସମୁଦ୍ରରେ ସୁନାମି ଭଳି ଉଚ୍ଚ ଜୁଆର ଆସିଥାଏ।

ହରିକେନ୍ 'ମେଲିସା' ପ୍ରଭାବରେ ୧୪ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ଜୁଆର ଉଠି ସମୁଦ୍ର ଉପକୂଳର ଭିତ୍ତିଭୂମିକୁ ଗ୍ରାସ କରିଥିଲା। ପ୍ରାୟ ୫୦, ୦୦୦ ଜାମାଇକା ଅଧିବାସୀ ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଥିଲେ। ସମପରିମାଣର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଇଥିଲା। ଏହି ହରିକେନ୍‌ରେ ପାଖାପାଖି ୧୫ ଲକ୍ଷ ଲୋକ ସିଧାସଳଖ କ୍ଷତିଗ୍ରସ୍ତ ହୋଇଛନ୍ତି।

ଜାମାଇକା ଦ୍ୱୀପ କ୍ୟାରିବିୟାନ ସାଗର ମଧ୍ୟରେ ତୃତୀୟ ବୃହତ୍ତମ ଦ୍ୱୀପ। ଏହାର ରାଜଧାନୀ କିଙ୍ଗସ୍ଟନ। ଜନସଂଖ୍ୟା ୨୭ ଲକ୍ଷରୁ ୩୦ ଲକ୍ଷ ମଧ୍ୟରେ। ଜାମାଇକାର ଭୂଭାଗ ଶ୍ୟାମଳ ସବୁଜିମାମୟ। ପର୍ବତ, ଜଙ୍ଗଲ ବିଶେଷତଃ ବୃଷ୍ଟିବନରେ ଭରପୂର। ଉପକୂଳ କଡ଼େ କଡ଼େ ଛୋଟ ଛୋଟପଥରର ପାହାଡ଼। ଭରପୂର ପର୍ଯ୍ୟଟନ ସମ୍ଭାର। ବିଦେଶୀ ପର୍ଯ୍ୟଟକଙ୍କ ନିମନ୍ତେ ଜାମାଇକା ଏକ ଆକର୍ଷଣର କେନ୍ଦ୍ରବିନ୍ଦୁ। ପ୍ରତିବର୍ଷ ପ୍ରାୟ ୪୩ ଲକ୍ଷ ପର୍ଯ୍ୟଟକ ଏଠାକୁ ଆସନ୍ତି। 'ମେଲିସା' ଦ୍ୱୀପର ପର୍ଯ୍ୟଟନ ଶିଳ୍ପକୁ ଅଧିକ କ୍ଷତିଗ୍ରସ୍ତ କରିଛି। ଜାମାଇକାରେ ପ୍ରଳୟ ସୃଷ୍ଟି କରିବା ପରେ 'ମେଲିସା' ସାମାନ୍ୟ ଦୁର୍ବଳ ହୋଇ ଚତୁର୍ଥ କାଟାଗୋରି ବାତ୍ୟାରେ ପରିଣତ ହୋଇଥିଲା ଏବଂ କ୍ୟୁବା ଅଭିମୁଖେ ଅଗ୍ରସର ହୋଇଥିଲା।

ପ୍ରକୃତିର ଏଇ କ୍ରୋଧ ଓ ତାଣ୍ଡବ ଲୀଳା ବିଶ୍ୱ ତାପନ ଜନିତ ଜଳବାୟୁ ପରିବର୍ତ୍ତନର କରୁଣ ପରିଣତି। ପୃଥିବୀର ତାପମାତ୍ରା ବଢ଼ିବା ସଂଗେ ସଂଗେ ବିଭିନ୍ନ ସାଗର ଓ ମହାସାଗରରେ ସୃଷ୍ଟି ହେଉଥିବା ଘୂର୍ଣ୍ଣିବାତ୍ୟାଗୁଡ଼ିକର ପୌନଃପୁନିକତା ବଢୁ ନ ଥିଲେ ମଧ୍ୟ ଏହାର ତୀବ୍ରତା ଯଥେଷ୍ଟ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ଜଳବାୟୁ ପରିବର୍ତ୍ତନର ପରିଣତି, ପ୍ରକୃତିର କୋପ ଭାବରେ ଭିନ୍ନ ଭିନ୍ନ ରୂପରେ ପ୍ରକାଶ ପାଉଛି। ସମଗ୍ର ଜୀବଜଗତ ପାଇଁ ଏହା ଏକ ସତର୍କ ଘଣ୍ଟି।

(ପୂର୍ବତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ପଦ୍ମସମ୍ଭବଙ୍କ ତିବ୍ବତରୁ ପ୍ରତ୍ୟାବର୍ତ୍ତନ

ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବପ୍ରକାଶିତ ଉତ୍ତାରୁ...*

ଏହିଭଳି ଭାବରେ ବଜ୍ରଯାନ ଶିକ୍ଷା ଓ ପରମ୍ପରା ଦ୍ୱାରା ସଂପୂର୍ଣ୍ଣ ରୂପାନ୍ତରିତ ହୋଇଥିବା ପଦ୍ମସମ୍ଭବ ହେଉଛନ୍ତି ଉଭୟ ଜନ୍ମଶୂନ୍ୟ ତଥା ମୃତ୍ୟୁଶୂନ୍ୟ। ସେ ଗୋଟିଏ ଆକୃତିରେ ଅନ୍ତର୍ଦ୍ଧାନ ହୋଇପାରନ୍ତି। ପୁଣି ବହୁପ୍ରକାରର ଆକୃତିରେ ପୁନଃଆବିର୍ଭାବ ହୋଇପାରନ୍ତି। ତାଙ୍କ ଜ୍ଞାନ, ଶିକ୍ଷା ତଥା ସାଧନା ଦ୍ୱାରା ସୃଷ୍ଟ ପ୍ରବୁଦ୍ଧ ଶିଷ୍ୟଗୋଷ୍ଠୀ ସମଗ୍ର ବିଶ୍ୱରେ ତାଙ୍କ ମହତ୍ତ୍ୱର ଆଲୋକ ବିଚ୍ଛୁରିତ କରି ଚାଲିଛନ୍ତି। ଏହା ଫଳରେ ସମସ୍ତ ଜୀବିତ ମନୁଷ୍ୟ ପାଇଁ ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ସବୁକାଳରେ ଜଣେ ଜଣେ ପଦ୍ମସମ୍ଭବ ଉପସ୍ଥିତ ହୋଇପାରିବେ।

ଗୁରୁ ପଦ୍ମସମ୍ଭବଙ୍କ ଜୀବନ ଯେପରି ଚମକପ୍ରଦ, ତାଙ୍କର ତିବ୍ବତ ପରିତ୍ୟାଗ ମଧ୍ୟ ସେହିଭଳି ଏକ ବିସ୍ମୟଜନକ ବ୍ୟାପାର। ତିବ୍ବତରେ ସେ ପ୍ରାୟ ପଚାଶ ବର୍ଷ କାର୍ଯ୍ୟନିର୍ବାହ ପାଇଁ ନିବାସ କରିବା ପରେ ଏବଂ



### ଦ୍ୱିତୀୟ-ବୁଦ୍ଧ କଥା

ଲାମା ଧର୍ମକୁ ସେଠାରେ ଅତ୍ୟନ୍ତ ଦୃଢ଼ଭିତ୍ତିର ସହ ପ୍ରତିଷ୍ଠା କରିବା ପରେ ଏବଂ ତାହାକୁ ସମସ୍ତ ନିରାପତ୍ତାର ସହ ବ୍ୟବସ୍ଥିତ କରିସାରିବା ପରେ ଖ୍ରୀ ୮୦୨ ରେ ସମସ୍ତ ତିବ୍ବତୀୟଙ୍କୁ ଦୁଃଖ ସାଗରରେ ଭସାଇ ଅନ୍ୟସ୍ଥାନରେ ବୌଦ୍ଧ ଧର୍ମର ସଂସ୍ଥାପନ ନିମିତ୍ତ ତିବ୍ବତରୁ ତାଙ୍କର ବିଦାୟ ନେବାର ସମୟ ହୋଇଗଲା ବୋଲି ସେ ଘୋଷଣା କରିଦେଲେ। ତାଙ୍କର ଦୁଇ ପରମପ୍ରିୟା ସହଚରୀ ଜଣେ ପତ୍ନୀ ମନ୍ଦରଭା ଓ ଅନ୍ୟ ଜଣକ ହେଲେ ତାଙ୍କର ଅତ୍ୟନ୍ତ ବିଶ୍ୱାସଯୋଗ୍ୟା ସହାୟିକା ବା ସହକର୍ମୀ ତଥା ପରମ-ଭକ୍ତି ୟେଶେ ସୋଗ୍ୟାଲ ଏହି ଦୁହିଁଙ୍କ ଗହଣରେ ସେ ତିବ୍ବତର ଉତ୍ତର ପାଖରେ ଥିବା ମଙ୍ଗ୍-ୟୁଲରେ ରହିଥିବା ଗୁଙ୍ଗ୍-ଥାଙ୍ଗ-ଲା ନିକଟରେ ପହଞ୍ଚିଲେ। ସେଠାରେ ପଦ୍ମସମ୍ଭବ ରାଜା, ଧର୍ମାଧୀଶଗଣ ଓ ଜମା ହୋଇଥିବା ସମସ୍ତଙ୍କୁ ବିଦାୟ ଜଣାଇବା ସହ ସମସ୍ତଙ୍କ ପାଇଁ ତାଙ୍କର ବିଦାୟ ବେଳର ଉପଦେଶ ରହିଲା, 'ଯାହାସବୁ ଧର୍ମଶିକ୍ଷା ପାଇଛୁ ତା'କୁ ବଜାୟ ରଖିବା, ଯାହା ସବୁ ଗୁପ୍ତବିଦ୍ୟାର ଭଣ୍ଡାର ଦେଶସାରା ବିଭିନ୍ନ ସ୍ଥାନରେ ଲୁକ୍କାୟିତ ହୋଇ ରଖାଯାଇଛି ଉପଯୁକ୍ତ ସମୟରେ ସେ ସବୁର ପ୍ରକଟନ ଏବଂ ପ୍ରଚାର ପ୍ରସାର କରାଇବା ଆବଶ୍ୟକ।' ଏହା କହି ଅଶ୍ୱଚାଳିତ ଯାନରେ ଆରୋହଣ କରି ସ୍ୱଳ୍ପସଂଖ୍ୟକ ସହାୟକଙ୍କ ସହ ଦକ୍ଷିଣ ପଶ୍ଚିମ ଦିଗକୁ ଯାତ୍ରା ଆରମ୍ଭ କଲେ। ମନ୍ଦରଭା ସାଂଗରେ ରହିଲେ; ମାତ୍ର ୟେଶେ ତିବ୍ବତରେ ହିଁ ଗୁରୁଙ୍କ ଉପଦେଶ ଓ ନିର୍ଦ୍ଦେଶ ମୁତାବକ ସମସ୍ତ କାର୍ଯ୍ୟର ସଞ୍ଚାଳନ ନିମନ୍ତେ ରହିଲେ।

ସାଧାରଣ ଭାବେ ଦର୍ଶାଯାଇଛି ଯେ ବୌଦ୍ଧଧର୍ମର ପ୍ରବେଶ ଓ ବିସ୍ତାରକୁ ତିବ୍ବତରେ ବିରୋଧ କରୁଥିବା ଶକ୍ତିସବୁକୁ ସଂପୂର୍ଣ୍ଣଭାବେ ପଦ୍ମସମ୍ଭବ ଆୟତ୍ତ କରିଥିଲେ। ତଥାପି ମଧ୍ୟ ଅଭିଜାତ ଗୋଷ୍ଠୀର କେତେକ ପ୍ରଭାବଶାଳୀ ବ୍ୟକ୍ତି ପଦ୍ମସମ୍ଭବଙ୍କ କାର୍ଯ୍ୟଧାରାକୁ ବିରୋଧ କରୁଥିଲେ ଏବଂ ତାଙ୍କ ବିରୋଧରେ ରାଜାଙ୍କ କାନରେ ବାରମ୍ବାର ଅନେକ ଅଭିଯୋଗମୂଳକ ବିଷୟ ପକାଇ ରାଜାଙ୍କ ମନକୁ ବିଷାକ୍ତ କରାଉଥିଲେ। ମାତ୍ର ରାଜା ସେସବୁକୁ କର୍ଣ୍ଣପାତ ନ କରି ଗୁରୁଙ୍କ ପ୍ରତ୍ୟାବର୍ତ୍ତନର ସମସ୍ତ ସୁବ୍ୟବସ୍ଥା କରାଇଥିଲେ।(ସମାପ୍ତ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଫୁଲବାଣୀ ସର୍କଲ ଜେଲକୁ ସ୍ଥାନାନ୍ତର ହେଲେ ପିଣ୍ଟୁ ଦାଶ

**ଫୁଲବାଣୀ, ୩୧।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ଅନ୍ୟତମ ଅଭିଯୁକ୍ତ ତଥା ବ୍ରହ୍ମପୁର ମହାନଗର ନିଗମର ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଦାଶଙ୍କୁ ଶୁକ୍ରବାର ଫୁଲବାଣୀ ସର୍କଲ ଜେଲକୁ ସ୍ଥାନାନ୍ତର କରାଯାଇଛି। କଡ଼ା ସୁରକ୍ଷାବଳୟ ମଧ୍ୟରେ ତାଙ୍କୁ ବ୍ରହ୍ମପୁରରୁ ଫୁଲବାଣୀ ଅଣାଯାଇଛି।

ସକାଳ ୮ଟା ୧୫ରେ ବ୍ରହ୍ମପୁର ଜେଲରୁ ବାହାରି ଦିନ ୧୧ଟା ୫୦ରେ ଫୁଲବାଣୀ ଜେଲକୁ ନିଆଯାଇଥିଲା। ପିଣ୍ଟୁଙ୍କ ଉପସ୍ଥିତି ଦୃଷ୍ଟିରୁ ଫୁଲବାଣୀ ମଣ୍ଡଳ କାରାଗାରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ କରାଯାଇଛି। ଜେଲ ଅଧିକାରୀଙ୍କ ସୂଚନା ଅନୁସାରେ, ଜେଲର ଅନ୍ତେବାସୀ କ୍ଷମତା ୩୭୦ ଥିବା ବେଳେ ପିଣ୍ଟୁଙ୍କୁ ମିଶାଇ ବର୍ତ୍ତମାନ ଏଠାରେ ୨୨୯ଜଣ କଏଦୀ ଅଛନ୍ତି। ପିଣ୍ଟୁଙ୍କ ପାଇଁ ସେମିତି କିଛି ସ୍ୱତନ୍ତ୍ର ବ୍ୟବସ୍ଥା ହୋଇନଥିବା ଜେଲଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟ କଏଦୀଙ୍କ ଭଳି ଏକ ୱାର୍ଡରେ ତାଙ୍କୁ ରଖାଯାଇଛି।

ସୂଚନାଯୋଗ୍ୟ, ବ୍ରହ୍ମପୁରର ବରିଷ୍ଠ ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଗତ ୨୨ ତାରିଖରେ ଅନ୍ୟମାନଙ୍କ ସହ ପିଣ୍ଟୁଙ୍କୁ ପୁଲିସ ଗିରଫ କରିଥିଲା। ସେଠାରେ ତାଙ୍କ ଜୀବନ ପ୍ରତି ବିପଦ ଆଶଙ୍କାରେ ତାଙ୍କୁ ଅନ୍ୟ ଜେଲକୁ ସ୍ଥାନାନ୍ତର ପାଇଁ ଯୋଜନା କରାଯାଇଥିଲା। ପ୍ରଥମେ ଭଞ୍ଜନଗର କିମ୍ବା ଆସିକା ଜେଲକୁ ପଠାଇବାକୁ ଚିନ୍ତା କରାଯାଇଥିବା ବେଳେ ଶେଷରେ ଫୁଲବାଣୀ ମଣ୍ଡଳ କାରାଗାରକୁ ସ୍ଥାନାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ପୁଲିସର କଡ଼ା ସୁରକ୍ଷାବଳୟ ଭିତରେ ତାଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିଲା। ଫଳରେ ପିଣ୍ଟୁ ଦାଶଙ୍କ ଠିକଣା ବଦଳିଛି।

# ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ




**ଭୁବନେଶ୍ୱର,୩୧।୧୦(ସମିସ):** ପବିତ୍ର ଓଡ଼ିଶା ମାଟି ଅନେକ ବୀର ପୁରୁଷଙ୍କୁ ଜନ୍ମ ଦେଇଛି। ଦେଶ ପ୍ରେମରେ ଜୀବନକୁ ଉଦ୍ଭାସିତ କରିଥିବା, ଚିନ୍ତାର ଉତ୍ତମ ଶୃଙ୍ଗକୁ ସ୍ପର୍ଶ କରିଥିବା, ଦୃଢ଼ ସଂକଳ୍ପର ପରିଚୟ ଦେଇଥିବା ସେହିପରି ଜଣେ ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ ଥିଲେ ବିପ୍ଳବୀ ଜୟୀ ରାଜଗୁରୁ। ସାରା ଦେଶ ଯେତେବେଳେ ଇଂରେଜମାନଙ୍କ ଅଧୀନକୁ ଆସିଯାଇଥିଲା, ସେତେବେଳେ ଖୋର୍ଦ୍ଧା ମାଟିରୁ ବିଦ୍ରୋହର ଅଗ୍ନି ସ୍ଫୁଲିଙ୍ଗ ନିର୍ଗତ ହୋଇଥିଲା। ଜୟୀ ରାଜଗୁରୁଙ୍କ ଜୀବନୀ ଓ ବୀରତ୍ୱର ପଟାନ୍ତର ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଶୁକ୍ରବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ, ଓଡ଼ିଶାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ମହାନ ବିପ୍ଳବୀ ଶହୀଦ ଜୟୀ ରାଜଗୁରୁଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁରୀ ଗଜପତି ଦିବ୍ୟସିଂହ ଦେବ କହିଲେ ଯେ ଜାତି ଉଦେଶ୍ୟରେ ଯେଉଁ ମହାନ ବ୍ୟକ୍ତିମାନେ ତାଙ୍କ ତ୍ୟାଗ, ବଳିଦାନ ସହିତ କାର୍ତ୍ତି ଓ ସଂସ୍କୃତିକୁ ଉଜ୍ଜୀବିତ କରିଛନ୍ତି

### ରାଜ୍ୟସ୍ତରୀୟ ଜୟନ୍ତୀରେ ମହାନ ବିପ୍ଳବୀଙ୍କୁ ଶ୍ରଦ୍ଧାଞ୍ଜଳି

ତାଙ୍କ ମହିମା ଗାନ କରିବାର ଆବଶ୍ୟକତା ରହିଛି। ବୀର ପାଇକମାନଙ୍କୁ ଏକାଠି କରି ଜୟୀ ରାଜଗୁରୁ ଇଂରେଜମାନଙ୍କ ବିରୋଧରେ ଯେଉଁ ସଂଗ୍ରାମ ଆରମ୍ଭ କରିଥିଲେ ତାହା ସାରା ଇଂରେଜ ଶାସନକୁ ହତବାକ୍ କରିଦେଇଥିଲା। ତେଣୁ ଏହି ବୀରତ୍ୱର ଗାଥାକୁ ସମଗ୍ର ଭାରତ ବର୍ଷ ଜାଣିବାର ଆବଶ୍ୟକତା ରହିଛି। ଏଥିପାଇଁ ଗବେଷକମାନେ ଆଗେଇ ଆସିବା ଦରକାର। ବିପ୍ଳବୀଙ୍କ ପାଇଁ ଉପଯୁକ୍ତ ସ୍ଥାନ ଇତିହାସରେ ମିଳିବା ଦରକାର। ଐତିହ୍ୟ ବଞ୍ଚିଲେ ଜାତି ବଞ୍ଚିବ, ଜାତି ବଞ୍ଚିଲେ ଆମ କୀର୍ତ୍ତି ଓ ସଂସ୍କୃତି ସୁରକ୍ଷିତ ରହିବ। ଏଥିପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ, ଏବଂ ବିଶ୍ୱ ବିଦ୍ୟାଳୟ ସ୍ତରରେ ଉପଯୁକ୍ତ ଭାବେ ଜୟୀ ରାଜଗୁରୁଙ୍କ ବଳିଦାନ ସ୍ଥାନିତ ହେବା ଆବଶ୍ୟକ ବୋଲି କହିବା ସହିତ ଏଭଳି ମହାପୁରୁଷଙ୍କ କୀର୍ତ୍ତି ସମସ୍ତଙ୍କୁ ଅନୁପ୍ରାଣିତ କରୁ ବୋଲି ଗଜପତି ଦିବ୍ୟସିଂହ ଦେବ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଶିକ୍ଷାବିତ ତଥା ଗବେଷକ ଅନିଲ ଧୀର ପ୍ରମୁଖ ଯୋଗଦେଇ ଜୟୀ ରାଜଗୁରୁଙ୍କୁ ଜଣେ ବିଶିଷ୍ଟ ଦେଶଭକ୍ତ, ରାଜଭକ୍ତ ଓ ଜାତିଭକ୍ତ ବୋଲି କହିବା ସହ ଜୟଗୁରୁଙ୍କ ଉପରେ ଅଧିକ ଗବେଷଣା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ଜୟୀ ରାଜଗୁରୁଙ୍କ ବଳିଦାନ ସମ୍ପର୍କିତ ଏକ ଇଂରାଜୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହାସହ ଗବେଷଣା ଓ ଅନୁସନ୍ଧାନ କ୍ଷେତ୍ରରେ ୫ ଜଣ ବରିଷ୍ଠ ଐତିହାସିକମାନଙ୍କୁ ପରିଷଦ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ 'ଜୟୀ ରାଜଗୁରୁଙ୍କ ଜୀବନୀ ଓ କାର୍ଯ୍ୟାବଳୀ' ସମ୍ପର୍କିତ ଆଲୋଚନାଚକ୍ରରେ ପ୍ରାକ୍ତନ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର, ନିଗମାନନ୍ଦ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ମେଜର ପୁଷ୍ପଲତା ଦତ୍ତ, କୁଜଙ୍ଗ ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଡ. ସସ୍ମିତା ସାହୁଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଜୟୀ ରାଜଗୁରୁଙ୍କ ଜୀବନଆଦର୍ଶ ଉପରେ ଆଲୋଚନା କରିଥିଲେ। ଶେଷରେ ପରିଷଦର ସମ୍ପାଦକ ଜଟାଧାରୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମାରୋହରେ ବିଭାଗର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ବାରିପଦା, ୩୧।୧୦(ସମିସ):** ମୟୂରଭଞ୍ଜ ସ୍ୱତନ୍ତ୍ର ପକ୍ସୋ କୋର୍ଟର ବିଚାରପତି ପ୍ରତିମା ପାତ୍ର ଶୁକ୍ରବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାର କରି ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ କାରାଦଣ୍ଡର ଆଦେଶ ପ୍ରଦାନ କରିଛନ୍ତି। ଏହାସହ ୬୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୭ମାସର କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହ ପୀଡ଼ିତାଙ୍କୁ ୬ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିବାକୁ ଜିଲ୍ଲା ଆଇନ ସହାୟତା ବିଭାଗଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆସାମୀଜଣଙ୍କ ହେଲେ, ବୈଶିଙ୍ଗା ଥାନା ଅନ୍ତର୍ଗତ ହୋତାପୁର ଗ୍ରାମର ପ୍ରଫୁଲ୍ଲ ମହାନ୍ତ(୬୮)। ଘଟଣାରୁ ପ୍ରକାଶ ଯେ, ଜଣେ ନାବାଳିକା ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ଅଭିଯୁକ୍ତଙ୍କ ନାତୁଣୀ ସହିତ ସେ ପଡିଆରେ ଖେଳୁଥିବା ବେଳେ ଦୋକାନକୁ ସାମଗ୍ରୀ କିଣିବାକୁ ପଠାଇ ପୀଡିତାଙ୍କୁ ଏକୁଟିଆ ପାଇ ଦୁଷ୍କର୍ମ କରିଥିଲା। ସେ ଜୋରରେ ପାଟି କରିଥିଲେ ମଧ୍ୟ କେହି ଉଦ୍ଧାର କରିନଥିଲେ। ପରେ ନାବାଳିକା ଜଣକ ଭୟଭୀତ ଅବସ୍ଥାରେ ଘରକୁ ଆସି ଘଟଣା ବାବଦରେ ପରିବାରଙ୍କୁ ଜଣାଇଥିଲେ। ପରେ ପରିବାରଲୋକେ ସ୍ଥାନୀୟ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ଥାନାରେ ଏକ ମାମଲା ରୁଜୁ କରି ପିଡୀତାଙ୍କର ବୟାନ ରେକର୍ଡ କରିଥିଲା। ଏଥିସହ ପୁଲିସ ମାମଲା ରୁଜୁ କରି ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ସମୟରେ ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ଉକ୍ତ ମାମଲାକୁ ପୋକସୋ କୋର୍ଟର ସ୍ୱତନ୍ତ୍ର ପିପି ଅଭିନ୍ନ ପଟ୍ଟନାୟକ ପରିଚାଳନା କରୁଥିଲେ।

### ଆଇନଜୀବୀ 'ପୀତବାସ ପଣ୍ଡା' ହତ୍ୟା ମାମଲା

# ଫେରାର୍ ଉମା ଓ କୁରୁପତିଙ୍କ ଲାଷ୍ଟ ଲୋକେସନ୍ ଝାଡ଼ଖଣ୍ଡ

**ବ୍ରହ୍ମପୁର, ୩୧।୧୦(ସମିସ):** ଆଇନଜୀବୀ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାକୁ ଇତି ମଧ୍ୟରେ ବିତିଯାଇଛି ଦୀର୍ଘ ୨୬ଦିନ। ତଥାପି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ଓ ସୁପାରି କିଲରଙ୍କ ନିକଟରେ ପହଞ୍ଚିପାରିନି ପୁଲିସ। ଫେରାର୍ ଉମା ବିଶୋୟୀ ଏହି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ହୋଇଥିବା ବେଳେ କୁରୁପତି ଭୂୟାଁ ସୁପାରି ନେଇ ଗୁଳି କରିଛି। ଘଟଣାରେ ଇତି ମଧ୍ୟରେ ମୋଟ ୧୪ଜଣଙ୍କୁ ଗିରଫ କରିସାରିଛି ପୁଲିସ। ବର୍ତ୍ତମାନ ମଧ୍ୟ ୪ଜଣଙ୍କୁ ନିୟମିତ ବ୍ୟବଧାନରେ ଥାନାକୁ ଡାକି ପଚରାଉଚରା କରୁଥିବା ଜଣାପଡ଼ିଛି। ଉଭୟ ଫେରାର୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସର ସ୍ୱତନ୍ତ୍ର ଟିମ୍ ରାଜ୍ୟରେ ଓ ରାଜ୍ୟ ବାହାରେ ତନାଘନା ଜାରି ରଖିଥିବା ଜଣାପଡ଼ିଛି। ପୀତବାସ ପଣ୍ଡାଙ୍କୁ ସୁଚିନ୍ତିତ ଏବଂ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ଏଥିପାଇଁ ଦୀର୍ଘଦିନରୁ ଯୋଜନା ହୋଇଥିବା ବେଳେ ସେପ୍ଟେମ୍ବର ୩ ତାରିଖ ପରେ ଏହାକୁ ରୂପ ଦେବାକୁ ପ୍ରସ୍ତୁତ ହୋଇଥିଲା ବ୍ଲୁ-ପ୍ରିଣ୍ଟ। ତେବେ ଏହା ପଛରେ ଗୋଟିଏ କିମ୍ବା ଦୁଇଟି ନୁହେଁ, ବରଂ ଅନେକ କାରଣ ରହିଛି। ଅଭିଯୁକ୍ତଙ୍କୁ ଗିରଫ କରି ଜେରା କରିବା ସମୟରେ ସେମାନଙ୍କ ସ୍ୱୀକାରୋକ୍ତି ପରେ ବହୁ ତଥ୍ୟ ପଦାକୁ ଆସିଥିବା କହିଛନ୍ତି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ। ହତ୍ୟାକାଣ୍ଡ ପଛରେ ବ୍ୟକ୍ତିଗତ, ବୃତ୍ତିଗତ, ରାଜନୈତିକ ଏବଂ ବ୍ୟବସାୟିକ ଆଦି ବିଭିନ୍ନ କାରଣର କିଛି ନା କିଛି ଲିଙ୍କ୍ ରହିଛି। ଜେରା ସମୟରେ ଅଭିଯୁକ୍ତଙ୍କଠାରୁ ମିଳିଥିବା ତଥ୍ୟ ଓ ବୟାନ ଆଧାରରେ ଅନ୍ୟ କାହାରି ସମ୍ପୃକ୍ତି ରହିଛି କି ନାହିଁ, ସେନେଇ ଅନ୍ୟମାନଙ୍କୁ ପଚରାଉଚରା କରାଯାଉଛି। ଫେରାର୍ ଉମା ଓ କୁରୁପତିଙ୍କ ଗିରଫ ପରେ ହତ୍ୟାକାଣ୍ଡ ସମ୍ପର୍କିତ ଅଧିକ କିଛି ତଥ୍ୟ ମିଳିବ ବୋଲି ଆଶା ରଖିଛି ପୁଲିସ।

ଗୁଳିକାଣ୍ଡ ପରେ ଚିଣ୍ଟୁ ପ୍ରଧାନ ଓ ସୁପାରିକିଲର୍ କୁରୁପତି ଭୂୟାଁ ବାଇକ୍‌ରେ ପୁରୁଷୋତ୍ତମପୁର ଦେଇ ୧୬ନମ୍ବର ଜାତୀୟ ରାଜପଥରେ ପହଞ୍ଚିଥିଲେ। ସେଠାରୁ ରାମେଶ୍ୱର ଛକ ପରେ ଭୁବନେଶ୍ୱର ଓ ପୁରୀ ଚାଲିଯାଇଥିଲେ। ପୁରୀରୁ ଚିଣ୍ଟୁ ପ୍ରଧାନ ବେଙ୍ଗାଲୁରୁ ଫେରି ଯାଇଥିବା ବେଳେ କୁରୁପତି ଜୟପୁର ଯାଇଥିଲା। ଜୟପୁରରେ ପୂର୍ବରୁ ଅପେକ୍ଷା କରିଥିବା ଉମା ବିଶୋୟୀ ସହ କୁରୁପତିର ସାକ୍ଷାତ ହୋଇଥିଲା। ସୁନୀଲ ହୋତାଙ୍କ ଫାର୍ମହାଉସ୍‌ରେ ଆଶ୍ରୟ ନେବା ପରେ ଉଭୟେ ଝାଡ଼ଖଣ୍ଡ ଅଭିମୁଖେ ଚାଲିଯାଇଥିଲେ। ସେମାନଙ୍କର ଲାଷ୍ଟ ଲୋକେସନ ଝାଡ଼ଖଣ୍ଡ ଥିଲା। ସେହିଦିନଠାରୁ ଉଭୟଙ୍କର ଟେର୍ ପାଇପାରୁନି ପୁଲିସ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଚିନ୍ତା ବଢ଼ାଇଲା...

ସାମ୍ନାକୁ ଆସିଛି। ଏଠାରେ ରହୁଥିବା ପ୍ରତ୍ୟେକ ପରିବାରର ୪ ଜଣରୁ ୩ ଜଣ ଅସୁସ୍ଥ ଅନୁଭବ କରୁଛନ୍ତି। ୭୫ ପ୍ରତିଶତ ଘରେ କେହି ଜଣେ ଭୂତାଣୁ ଜନିତ ରୋଗର ଶିକାର ହୋଇଛନ୍ତି ବୋଲି ଏକ ସର୍ଭେରୁ ଜଣାପଡ଼ିଛି।

ରିପୋର୍ଟ ଅନୁଯାୟୀ ବାୟୁମଣ୍ଡଳରେ ଥିବା ବିଷାକ୍ତ ବାୟୁ ଓ ମୌସୁମୀ ଜନିତ ଭୂତାଣୁ ତଥା ଋତୁ ପରିବର୍ତ୍ତନ ଜନିତ ସଂକ୍ରମଣରେ ପୀଡ଼ିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ପୂରା ଅଞ୍ଚଳରେ ସ୍ୱାସ୍ଥ୍ୟ ଜନିତ ସମସ୍ୟା ସୃଷ୍ଟି ହୋଇଛି। ଦିଲ୍ଲୀ, ଗୁରୁଗ୍ରାମ, ନୋଏଡା, ଫରିଦାବାଦ୍ ଓ ଗାଜିଆବାଦ୍‌ରେ ୧୫, ୦୦୦ ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଗତ ମାସ ମଧ୍ୟରେ ଏହି ଅଞ୍ଚଳରେ ବ୍ୟାପକ ଭାବେ ଅସୁସ୍ଥତା ବୃଦ୍ଧି ପାଇଛି ବୋଲି ସର୍ଭେରେ ଉଲ୍ଲେଖ କରାଯାଇଛି। ସେପ୍ଟେମ୍ବର ଶେଷ ଆଡକୁ ୫୬ ପ୍ରତିଶତ ପରିବାରେ ଜଣେ କିମ୍ବା ଅଧିକ ଲୋକ ଅସୁସ୍ଥତା ଅନୁଭବ କରୁଥିଲେ। କିନ୍ତୁ ଏବେ ଏହା ୭୫ ପ୍ରତିଶତକୁ ବୃଦ୍ଧି ପାଇଛି। ଅର୍ଥାତ ଦିଲ୍ଲୀରେ ଏବେ ୭୫ ପ୍ରତିଶତ ଘରେ ଜଣେ ଭୂତାଣୁ ଜନିତ ରୋଗର ଶିକାର ହୋଇଛନ୍ତି ବୋଲି ଜଣାପଡ଼ିଛି। ଡାକ୍ତରମାନେ ଏଚ୍‌୩ଏନ୍‌୨ ଇନଫ୍ଲୁଏଞ୍ଜା ଓ ଅନ୍ୟାନ ଭାଇରାଲ ସଂକ୍ରମଣ ନିରନ୍ତର ବୃଦ୍ଧି ପାଉଛି ବୋଲି ରିପୋର୍ଟ କରୁଛନ୍ତି। ଲଗାତର ଜ୍ୱର, କାଶଠାରୁ ଆରମ୍ଭ କରି ଗଳା ଯନ୍ତ୍ରଣା ଓ ଥକ୍କାପଣର ଲକ୍ଷଣ ଦେଖିବାକୁ ମିଳୁଛି। ଏପରିସ୍ଥଳେ ପ୍ରଦୂଷଣ ଦୂର ନ ହେବା ପର୍ଯ୍ୟନ୍ତ ଏହି ସମସ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶାଙ୍କା କରାଯାଉଛି।

### 'ଟାଇମ୍'ର ପ୍ରଭାବଶାଳୀ...

ଗିରଫ କରାଯାଇଥିଲା। ଏବେ ତାଙ୍କୁ ଯୋଧପୁର କେନ୍ଦ୍ରୀୟ ଜେଲ୍‌ରେ ରଖାଯାଇଛି। ୱାଙ୍ଗଚୁକ୍‌ଙ୍କ ଜୀବନୀ ଓ ସଂଘର୍ଷକୁ ଭିତ୍ତି କରି ଲୋକପ୍ରିୟ ଚଳଚ୍ଚିତ୍ର '୩ ଇଡିୟଟ୍ସ' ନିର୍ମାଣ କରାଯାଇଥିଲା। ତାଙ୍କ ଭୂମିକାରେ ସୁପରଷ୍ଟାର ଅମୀର ଖାନ୍ ଅବତୀର୍ଣ୍ଣ ହୋଇଥିଲେ। ଏହି ଚଳଚ୍ଚିତ୍ର ସୁପରହିଟ୍ ହୋଇଥିଲା। ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଏବଂ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ସାମିଲ କରିବାକୁ ସୋନମ ଦାବି କରିଆସୁଛନ୍ତି। ବିଜେପି ଏହି ମାନ୍ୟତା ଦେବାକୁ ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏବେ ସେଥିରୁ ଓହରି ଯାଇଛି।

### ଭାରତ-ଆମେରିକା...

ନେବେ ଏବଂ ସମରାଭ୍ୟାସ କରିବେ। ଦୁଇ ଦେଶ ମିଳିତ ଭାବେ ଅସ୍ତ୍ରଶସ୍ତ୍ର, ପ୍ରତିରକ୍ଷା ଉପକରଣ ଏବଂ ନୂଆ ଜ୍ଞାନକୌଶଳ ପ୍ରସ୍ତୁତ କରିବେ। ଆମେରିକା ନିଜର କିଛି ଉନ୍ନତ ପ୍ରତିରକ୍ଷା ଜ୍ଞାନକୌଶଳକୁ ଭାରତ ସହ ସେୟାର କରିବ। ଭାରତ ଏବଂ ଆମେରିକାର ଏଜେନ୍ସିଗୁଡିକ ପରସ୍ପରକୁ ସୁରକ୍ଷା ସମ୍ବନ୍ଧିତ ସୂଚନା ପ୍ରଦାନ କରିବେ। ହେଗସେଥ୍ କହିଥିଲ ଯେ ଏହି ପ୍ରତିରକ୍ଷା ଚୁକ୍ତି ଦ୍ୱାରା ଦୁଇ ଦେଶ ମଧ୍ୟରେ ସହଯୋଗ ଅଧିକ ମଜବୁତ ହେବ। ଦୁଇ ଦେଶ ମଧ୍ୟରେ ସମନ୍ୱୟ, ମିଳିତ ସୂଚନା ପ୍ରଦାନ ଏବଂ ଜ୍ଞାନକୌଶଳ ସହଯୋଗରେ ନୂଆ ଯୁଗ ଆରମ୍ଭ ହେବ। ଏହି ଚୁକ୍ତି ପାଇଁ ରାଜନାଥ ତାଙ୍କ ସମକକ୍ଷ ହେଗ୍‌ସେଥ୍‌ଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ ଏହା ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ସମ୍ବନ୍ଧ ମଧ୍ୟରୁ ଅନ୍ୟତମ। ଦୁଇ ଦେଶ ପରସ୍ପରକୁ ଭରସା କରନ୍ତି ଏବଂ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ରରେ ସୁରକ୍ଷା ଏବଂ ଶାନ୍ତି ଚାହାନ୍ତି। ଏହା ଦ୍ୱାରା ଭାରତର 'ଆକ୍ଟ ଇଷ୍ଟ ପଲିସି'କୁ ବଳ ମିଳିବ।

### ମୁଇଁ ଆସୁଛେଁ...

ଆପଣମାନେ ଖୁସି ତ?" ନବୀନଙ୍କ ଏହି ବାର୍ତ୍ତା ପରେ ସାରା ନୂଆପଡ଼ାରେ ବିଜେଡି ଶିବିରରେ ଉତ୍ସାହ ଭରିଯାଇଛି। ବିଜେଡି ନେତା ଓ କର୍ମୀମାନେ ନବୀନଙ୍କ ଏହି ଭିଡିଓକୁ ସୋସିଆଲ ମିଡିଆରେ ସେୟାର କରିବା ସହିତ ନବୀନଙ୍କ ଗସ୍ତକୁ ସାରା ନୂଆପଡ଼ାବାସୀ ଚାହିଁ ରହିଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକ ୩ ତାରିଖରେ କୋମନାରେ ଜନସଭାକୁ ସମ୍ବୋଧିତ କରିବେ ଓ ଆସନ୍ତା ୭ ତାରିଖରେ ନୂଆପଡ଼ାରୁ ଖରିଆର ରୋଡ୍ ପର୍ଯ୍ୟନ୍ତ ଏକ ବିଶାଳ ରୋଡ୍‌ଶୋ' କରିବେ। ମୁଖ୍ୟମନ୍ତ୍ରୀ ଥିବାବେଳେ ନବୀନ ପଟ୍ଟନାୟକ ୨୦୨୪ ଫେବ୍ରୁଆରୀ ମାସରେ ନୂଆପଡ଼ା ଜିଲ୍ଲାର ବିକାଶମୂଳକ କାର୍ଯ୍ୟ ପାଇଁ ୪୮୦ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏହା ବ୍ୟତୀତ ପ୍ରତ୍ୟେକ ପଞ୍ଚାୟତକୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ୫୦ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦିଆଯାଇଥିଲା। ମାତ୍ର ନବୀନ ପଟ୍ଟନାୟକଙ୍କ ସରକାର ପରିବର୍ତ୍ତନ ପରେ ଏହାମଧ୍ୟରୁ ଅନେକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରି ନାହିଁ। ଆମ ଓଡ଼ିଶା ନବୀନ ଓଡ଼ିଶା ପରିବର୍ତ୍ତେ ଏବର ସରକାର ପ୍ରଚଳନ କରିଥିବା ବିକଶିତ ଗାଁରେ ମିଳିଥିବା ନାମମାତ୍ର ଅନୁଦାନ ବି ଏଯାଏ ପହଞ୍ଚିନାହିଁ। ଯାହାକୁ ନେଇ ଏବେ ସ୍ଥାନୀୟ ଜନସାଧାରଣ କ୍ଷୋଭ ପ୍ରକାଶ କରିଛନ୍ତି।

ରାଜ୍ୟରେ ଏବେ ବି ଲୋକପ୍ରିୟତାରେ ନବୀନ ଏକ ନମ୍ବର ନେତା ଭାବେ ଗଣା ହେଉଥିବା ବେଳେ ନବୀନଙ୍କ ଆଗରେ ବିରୋଧୀଙ୍କ କୌଣସି କୌଶଳ କାମ ଦିଏନି। ଏଥର ମଧ୍ୟ ନବୀନଙ୍କ ଗସ୍ତ ନୂଆପଡ଼ାରେ ବିଜେପି ଓ କଂଗ୍ରେସର ଖେଳ ବିଗାଡ଼ିଦେବ ବୋଲି ରାଜନୈତିକ ସମୀକ୍ଷକମାନେ ଅଙ୍କ କଷିଛନ୍ତି। ନୂଆପଡ଼ାର ବିକାଶରେ ନବୀନଙ୍କ ଅନେକ ଅବଦାନ ରହିଛି। ବିଶେଷ ବିଜୁ ଏକ୍ସପ୍ରେସ୍ ୱେ ପଶ୍ଚିମ ଓଡ଼ିଶାର ଲାଇଫ୍ ଲାଇନ୍ ସାଜିଥିବା ବେଳେ ଏହା ନବୀନଙ୍କର ହିଁ ଅବଦାନ। ତେଣୁ ନବୀନଙ୍କ ଗସ୍ତରେ ନୂଆପଡ଼ାରେ ବିଜେଡି ଆହୁରି ଶସକ୍ତ ହେବାର ସମ୍ଭାବନା ରହିଛି। ନୂଆପଡ଼ା ଉପନିର୍ବାଚନ ପାଇଁ ୧୧ ତାରିଖରେ ଭୋଟ୍ ପଡ଼ିବ। ଏହାର ୪୮ ଘଣ୍ଟା ଅର୍ଥାତ ୯ ତାରିଖ ସନ୍ଧ୍ୟାରେ ଏଠାରେ ପ୍ରଚାର ସରିବ। ତେଣୁ ସବୁ ରାଜନୈତିକ ଦଳ ସେମାନଙ୍କ ପ୍ରଚାର କାମକୁ ଜୋରଦାର କରିଛନ୍ତି। ସଭା ସମିତି ସାଙ୍ଗକୁ ଘରକୁ ଘର ବୁଲି ପ୍ରାର୍ଥୀମାନେ ଭୋଟ ମାଗୁଛନ୍ତି।

### କିଛି ପାଇଲାନି...

ବିଧାୟକ ଘଡ଼ାଇ ଏକ ଭଡା ଘରେ କ୍ୟାମ୍ପ କରି ରହୁଛନ୍ତି। ଶ୍ରୀ ଘଡ଼ାଇଙ୍କ ଉକ୍ତ ଭଡଡ଼ା ଘରେ ହଠାତ୍ ଷ୍ଟାଟିକ ସର୍ଭିଲାନ୍ସ ଟିମ୍ ପହଞ୍ଚିଥିଲା ସେତେବେଳେ ଘଡେଇ ନଥିବାବେଳେ ତାଙ୍କର ଜଣେ ସହଯୋଗୀ ଗେଟ ଖୋଲି ଦେଇଥିଲେ। ଟିମ ଘରର ଛାନ ଭିନ୍ କରିଥିଲେ ହେଁ କୌଣସି ବେଆଇନ ଜିନିଷ ପତ୍ର କି ଟଙ୍କା ପାଇ ନଥିଲେ। ଖବର ପାଇ ବିଜେଡି ସମର୍ଥକମାନେ ଆସି ଟିମ୍ ପୁଲିସର କାର୍ଯ୍ୟଧାରାକୁ ବିରୋଧ କରିଥିଲେ। ବିନା କୌଣସି ସର୍ଚ୍ଚ ୱାରେଣ୍ଟରେ କାହିଁକି ପଶିଲେ ବୋଲି ପ୍ରଶ୍ନ କରିଥିଲେ। ଏହାକୁ ନେଇ ମାଜିଷ୍ଟ୍ରେଟ ନାଏକଙ୍କୁ ପଚାରିବାରେ ଏଥି ପାଇଁ କୌଣସି ସର୍ଚ୍ଚ ୱାରେଣ୍ଟର ଆବଶ୍ୟକତା ନାହିଁ। ସି-ଭିଜିଲ ପୋର୍ଟାଲରେ ଅଭିଯୋଗ ପାଇ ଆମେ ତଦନ୍ତ କରିଥିଲୁ କିଛି ମିଳିନଥିଲା ବୋଲି କହିଛନ୍ତି।

### ବେଆଇନ୍ କାର୍ଯ୍ୟକୁ...

ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୁ ଜନତା ଦଳ ପାଇଁ ପ୍ରୀତିରଞ୍ଜନ ଘଡ଼ାଇଙ୍କୁ ନିର୍ବାଚନ ପ୍ରଚାରର ତଦାରଖ ଦାୟିତ୍ୱ ଦିଆଯାଇଛି। ନିଜର ଦାୟିତ୍ୱ ନିର୍ବାହ କରିବା ପାଇଁ ସେ ଆଇନଗତ ଭାବେ ସେଠାରେ ଏକ ଭଡ଼ା ଘରେ ରହୁଛନ୍ତି। ଗଣତାନ୍ତ୍ରିକ ପ୍ରକ୍ରିୟା ଓ ନିର୍ବାଚନରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଇ ସେ ସେଠାରେ କାର୍ଯ୍ୟ କରୁଛନ୍ତି। ମାତ୍ର ନୂଆପଡା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ପୁଲିସ ସହିତ ଶ୍ରୀ ଘଡ଼ାଇଙ୍କ ବାସଭବନରେ ବିନା ସର୍ଚ୍ଚ ୱାରେଣ୍ଟେ ଚଢାଉ କରିଛନ୍ତି। ଏହି ଚଢ଼ାଉ ସମୟରେ ସେହି ଘରୁ କୌଣସି ଅପରାଧିକ ସାମଗ୍ରୀ ମିଳି ନାହିଁ। ଏହି ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟକୁ ବିରୋଧ କରି ସ୍ଥାନୀୟ ବାସିନ୍ଦା ଏବଂ ଦଳର କାର୍ଯ୍ୟକର୍ତ୍ତାମାନଙ୍କ ଦ୍ୱାରା ଶାନ୍ତିପୂର୍ଣ୍ଣ ପ୍ରଦର୍ଶନ ପରେ ସେଠାରୁ ସେମାନେ ଚାଲିଯାଇଥିଲେ। ବିଜେଡି କହିଛି ଯେ ଗତ ୨୭ ତାରିଖରେ ଦଳ ତରଫରୁ ନୂଆପଡା ଜିଲ୍ଲାପାଳ ଏବଂ ଏସ୍ପିଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କ ନିକଟରେ ଏକ ଦାବିପତ୍ର ଦିଆଯାଇଥିଲା। ଦଳ ସେତେବେଳେ ସେମାନଙ୍କ କାର୍ଯ୍ୟକଳାପକୁ ନେଇ ଗମ୍ଭୀର ଚିନ୍ତା ପ୍ରକଟ କରିବା ସହ ସେମାନେ ବିଜେପି ସରକାର ଦ୍ୱାରା ପ୍ରଭାବିତ ହୋଇ ବିଜେପି ସପକ୍ଷରେ ଭୋଟରମାନଙ୍କୁ ପ୍ରଭାବିତ କରୁଥିବା ନେଇ ଅଭିଯୋଗ କରିଥିଲା। ଦୁର୍ଭାଗ୍ୟବଶତଃ ସେବେଠାରୁ କୌଣସି ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ସରକାରୀ କ୍ଷମତାର ଅଧିକ ଅପବ୍ୟବହାର ହୋଇଛି। ଏଥିରେ ଉପରୋକ୍ତ ଚଢ଼ାଉ ଅନ୍ତର୍ଭୁକ୍ତ ରହିଛି ଓ ଏହାଦ୍ୱାରା ଶ୍ରୀ ଘଡ଼ାଇଙ୍କ ସମେତ ବିଜେଡି କର୍ମୀମାନଙ୍କୁ ଲଜ୍ଜିତ କରିବାକୁ ଚେଷ୍ଟା କରାଯାଇଛି। ଏହି ଆଚରଣ ଦ୍ୱାରା ବିଜେଡି କର୍ମୀମାନେ ଗଭୀର ଭାବେ ନିରୁତ୍ସାହିତ ହୋଇଛନ୍ତି ଓ ଏହି ବେଆଇନ ଏବଂ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ କାର୍ଯ୍ୟ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଛି। ଏଭଳି ଦୁଃସାହସ ଦ୍ୱାରା ହୋଇଥିବା କ୍ଷତି ଅପୂରଣୀୟ। ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ସିଇଓଙ୍କ ନିକଟରେ ଦାବି କରିଛି।

### ବ୍ରହ୍ମପୁର ଏସପିଙ୍କୁ...

ସମ୍ପର୍କରେ ଏଭଳି ମନ୍ତବ୍ୟକୁ ସାର୍ବଜନୀନ କରିଲେ ସେ ସମ୍ପର୍କରେ ଏସପି ସ୍ୱଷ୍ଟୀକରଣ ରଖିବେ। ଏଥିସହ ଏହାକୁ କାହିଁକି ଅଦାଲତ ଅବମାନନା ବୋଲି ବିବେଚନା କରାନଯିବ ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି। ଆସନ୍ତା ନଭେମ୍ବର ୭ ତାରିଖ ସୁଦ୍ଧା ଏହି ସ୍ୱଷ୍ଟୀକରଣ ଅଦାଲତରେ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦିଆଯାଇଛି।

ଆବେଦନକାରୀଙ୍କ ଆଇନଜୀବୀ ମଧ୍ୟ ଉକ୍ତ ହତ୍ୟାକାଣ୍ଡ ସମ୍ପର୍କିତ ଏସପିଙ୍କ ସାମ୍ବାଦିକ ସମ୍ମିଳନୀର ଭିଡିଓ ଉପଲବ୍ଧ ରହିଛି ଯେଉଁଥିରେ ଏସପି ଏହି ନିର୍ବାଚନୀ ମକଦ୍ଦମା ଫଳାଫଳ ସମ୍ପର୍କରେ ମନ୍ତବ୍ୟ ଦେଉଥିବା ଦେଖାଯାଇଛି। ସେହିଭଳି ଏକ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଉକ୍ତ ହତ୍ୟା ଘଟଣାର ତଦନ୍ତ ସମୟରେ ହତ୍ୟା ଅଭିଯୁକ୍ତ ବିକ୍ରମ ପଣ୍ଡା ଓ ଶିବଶଙ୍କର ଦାସଙ୍କ ମଧ୍ୟରେ ସାଧାରଣ ସଂଯୋଗ ଭାବେ ଏହି ନିର୍ବାଚନୀ ମକଦ୍ଦମା ଉଭା ହୋଇଥିଲା ବୋଲି ଏସପି କହିଥିଲେ। ବ୍ରହ୍ମପୁର ବିଧାୟକଙ୍କ ବିରୋଧରେ ଦାୟର ଏହି ନିର୍ବାଚନୀ ମକଦ୍ଦମା ଶିବଶଙ୍କର ଦାସଙ୍କ ବାସଭବନରେ କାମ କରୁଥିବା ଜଣେ ସହାୟକଙ୍କ ନାମରେ ଦାଖଲ କରାଯାଇଥିଲା। ବାସ୍ତବରେ ଏହାକୁ ଶିବଶଙ୍କର ଦାସ ନିଜେ ଦାଖଲ କରିଥିଲେ। ନିର୍ବାଚନ ମକଦ୍ଦମା ପାଇଁ ଆଇନଗତ ଖର୍ଚ୍ଚ ଓ ଓକିଲତି ଫିକୁ ବିକ୍ରମ ପଣ୍ଡା ଭରଣା କରୁଥିଲେ ବୋଲି ଏସପି କହିଥିବା ଗଣମଧ୍ୟମରେ ପ୍ରକାଶ ପାଇଥିଲା। ଯାହାକୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

ଅନ୍ୟପଟରେ ନିର୍ବାଚନୀ ମକଦ୍ଦମାର ଆବେଦନକାରୀ ଏକ ସତ୍ୟପାଠ ଦାଖଲ କରିଥିଲେ। ଏଥିରେ ଦର୍ଶାଇଥିଲେ ଯେ ଗତ ୨୦୨୫ ଅକ୍ଟୋବର ୨୨ରେ ଘରକୁ ଫେରୁଥିବା ବେଳେ କିଛି ପୁଲିସ କର୍ମଚାରୀ ସାଦା ପୋଷାକରେ ରହି ତାଙ୍କୁ ବ୍ରହ୍ମପୁର ପୁଲିସ ବାରାକକୁ ଉଠାଇ ନେଇଥିଲେ। ଏପରିକି, ସେଠାରେ ୨୪ ତାରିଖ ପର୍ଯ୍ୟନ୍ତ ଅଟକ ରଖି ବିଧାୟକ କେ.ଅନୀଲ କୁମାରଙ୍କ ନାମରେ କାହିଁକି ନିର୍ବାଚନୀ ମକଦ୍ଦମା ଦାୟର କରିଛ ବୋଲି ପଚରାଉଚୁରା କରିଥିଲେ। ପ୍ରକାଶଥାଉକି ଏହି ପ୍ରସଂଗରେ ଗତ ଶୁଣାଣି ବେଳେ ଏସପିଙ୍କୁ ସୁରକ୍ଷା ଯୋଗାଇଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲାରେ ସାକ୍ଷୀଙ୍କ ଜୀବନ ପ୍ରତି ବିପଦ ରହିଛି। ଏପରିକି, ନିକଟରେ କିଛି ବ୍ୟକ୍ତି ତାଙ୍କୁ ଉଠାଇନେଇ ଅଟକ ରଖିବା ସହ ନିର୍ଯାତନା ଦେଇଥିବା ନେଇ ଆବେଦନକାରୀ ଅଭିଯୋଗ କରିଥିଲେ। ଆବେଦନକାରୀଙ୍କ ଓକିଲ ଗୋପାଳ ଅଗ୍ରୱାଲ ଓ ଏସ.ଶ୍ରୀବାସ୍ତବ ହାଇକୋର୍ଟଙ୍କୁ ସମଗ୍ର ଘଟଣାବଳୀ ସମ୍ପର୍କରେ ଅବଗତ କରିବା ସହ ସୁରକ୍ଷା ଓ ଏସପିଙ୍କୁ ସ୍ୱଷ୍ଟୀକରଣ ପାଇଁ ଅନ୍ତରୀଣ ଆବେଦନ ଦାୟର କରିଥିଲେ। ଏହି ଅନ୍ତରୀଣ ଆବେଦନର ଶୁଣାଣି ଆସନ୍ତା ୭ତାରିଖରେ ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ଗତ ୨୦୨୪ ବିଧାନସଭା ନିର୍ବାଚନ ନାମାଙ୍କନ ସମୟରେ ବିଧାୟକ ଦାଖଲ କରିଥିବା ସତ୍ୟପାଠ ତ୍ରୁଟିପୂର୍ଣ୍ଣ ତଥା ଏଥିରେ ମିଥ୍ୟା ତଥ୍ୟ ଦିଆଯାଇଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି।

### ମଜୁରି ଦେଉନାହାନ୍ତି...

କର୍ମ ନିଯୁକ୍ତି ଯୋଜନା ସୃଷ୍ଟି କରାଯାଇଥିଲା। ସେହିଦିନଠାରୁ ଏମଏନଆରଜିଏ ଯୋଜନାରେ ବିଭିନ୍ନ ସମୟରେ ଦୈନିକ ମଜୁରୀରେ ପରିବର୍ତ୍ତନ ଘଟି ବର୍ତ୍ତମାନ ପଞ୍ଚାୟତସ୍ତରରେ ଜବ୍‌କାର୍ଡଧାରୀଙ୍କୁ ଦୈନିକ ୨୭୩ଟଙ୍କା ମଜୁରୀରେ ଶ୍ରମିକଙ୍କୁ ସରକାର କାମ କରାଉଛନ୍ତି। ନିୟମ ମୁତାବକ, କାର୍ଯ୍ୟ କରିବାର ୧୫ ଦିନ ମଧ୍ୟରେ ଶ୍ରମିକଙ୍କୁ ସେମାନଙ୍କ ମଜୁରୀ ଡିବିଟି ଜରିଆରେ ବ୍ୟାଙ୍କ ଖାତାକୁ ପ୍ରଦାନ କରିବାର ବ୍ୟବସ୍ଥା ରହିଛି। କିନ୍ତୁ, ଖଟିଖିଆ, ଦିନମଜୁରିଆ ଲୋକଙ୍କୁ ସରକାର କାମରେ ଲଗାଇ ପାଖାପାଖି ଦେଢ଼ ମାସ ହେବ ସେମାନଙ୍କ ପାଉଣା ନ ଦେବା ଶ୍ରମିକମହଲରେ ଅସନ୍ତୋଷ ସୃଷ୍ଟି କରିଛି।

ସରକାରୀ ଏମଜିଏନଆରଜିଏ ୱେବସାଇଟ୍ ତଥ୍ୟ ମୁତାବକ, ଜଳେଶ୍ୱର ବ୍ଲକରେ ସେପ୍ଟେମ୍ବର ୨୦ତାରିଖରୁ ଶ୍ରମିକଙ୍କୁ ମଜୁରୀ ମିଳି ନଥିବା ବେଳେ ଅନ୍ୟ ୧୧ଟି ବ୍ଲକ୍‌ରେ ମଧ୍ୟ ସେପ୍ଟେମ୍ବର ୨୨ରୁ ଶ୍ରମିକଙ୍କୁ ମଜୁରୀ ମିଳିନି। ବାଲେଶ୍ୱର ଜିଲ୍ଲାରେ ସମୁଦାୟ ୧୨ଟି ବ୍ଲକରେ ଆଜି ସୁଦ୍ଧା ୩୦,୭୯୦ଜଣ ଶ୍ରମିକଙ୍କର ୬ କୋଟି ୭୩ ଲକ୍ଷ ୧୪ ହଜାର ୫୩୩ ଟଙ୍କା ବକେୟା ରହିଛି। ଏ ସଂପର୍କରେ ବାଲେଶ୍ୱର ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସଞ୍ଜୟ ରାଉତ କହିଛନ୍ତି, ମନରେଗା ଯୋଜନା କେନ୍ଦ୍ର ସରକାରଙ୍କ। ସରକାରଙ୍କଠାରୁ ଟଙ୍କା ଆସିଲେ ଶ୍ରମିକଙ୍କୁ ଦିଆଯିବ। ଉଲ୍ଲେଖଯୋଗ୍ୟ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ୨୦୦୫ର ସିଡ୍ୟୁଲ ୨, ପାରାଗ୍ରାଫ ୨୯(୧) ମୁତାବକ ମଷ୍ଟର ରୋଲ ସରିବାର ୧୫ ଦିନ ମଧ୍ୟରେ ଶ୍ରମିକଙ୍କୁ ମଜୁରି ଦେଇନଥିଲେ ଶ୍ରମିକଙ୍କୁ ୧୬ ଦିନରୁ ପ୍ରତି ଦିନ ୦.୦୫ ପ୍ରତିଶତ ହାରରେ ଦେୟ ସୁଧ ଶ୍ରମିକଙ୍କୁ ଦିଆଯିବାର ନିୟମ ରହିଛି। ନିୟମ ମୁତାବକ ଶ୍ରମିକଙ୍କୁ ତୁରନ୍ତ ସେମାନଙ୍କର ମଜୁରୀ ସହ ମଜୁରୀର ବିଳମ୍ବ ସୁଧ ପ୍ରଦାନ କରିବାକୁ ଦାବି ହୋଇଛି।


**AFFIDAVIT**
I, Pramodini Mohanty, W/o-Geetiranjan Mohanty, resident of At/Po- Kalyani Nagar, PS-Madhupatna, District- Cuttack, Pin-753013, Odisha declare by this affidavit No.- 2489 dated 31/10/2025 that now onwards I shall be known as **Shruti Mohanty** for all future purposes.

**AFFIDAVIT**
I, Rajakishore Mohanty, S/o Ganeswar Mohanty, resident of AT/PO-Kalyani Nagar, PS-Madhupatna, District- Cuttack, Pin-753013, Odisha declare by this affidavit No.- 2488 dated 31/10/2025 that now onwards I shall be known as **Braja Kishore Mohanty** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**Notice**
**(Above 18 years of age)**
By Virtue of an Affidavit sworn before the Executive Magistrate, Udala, Mayurbhnaj, dated 30.10.2025, I, Umakanta Sahu, Address At/ Po- Dhanghera , Ps-Udala, Dist- Mayurbhanj, Pin-757087 declare that I have changed my name Sipu Sahu to Umakanta Sahu. Henceforth I shall be known as **Umakanta Sahu** for all purposes.
**Umakanta Sahu**

**AFFIDAVIT**
By virtue of an Affidavit before Notary Public, Malkangiri, **I, Rinku Dhali**, aged about 24 years, W/o.: Dhananjaya Dhali, D/o.: Ramababu Biswas, resident of Village: M.P.V-77, PO.: Telarai, P.S: M.V-79, Dist: Malkangiri, Odisha, declare by this Affidavit No.: 1635/2025, Dated: 30.10.2025 that I have changed my name from Rinku Biswas to **Rinku Dhali.** Henceforth I shall be known as **Rinku Dhali** for all future purposes.

**AFFIDAVIT**
I, Mira Das, W/O-Nirmal Kumar Mohakud, resident of staff Qtrs-S/18, KIMS Campus-5, KIIT, Patia, Bhubaneswar-24, Odisha, declare by this affidavit no.-381, Dated. 11.10.2025 that, now onwards I shall be known as **Mirabai Das** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, **I, Ananda Madhi**, aged about 23 years, S/o.: Beera Madhi, resident of Village: Kurub, PO.: Telarai, P.S: M.V-79, Dist: Malkangiri, Odisha, declare by this Affidavit No.: 1655/2025, Dated: 30.10.2025 that I have changed my name from Adama Madi to **Ananda Madhi.** Henceforth I shall be known as **Ananda Madhi** for all future purposes.

**AFFIDAVIT**
By virtue of an affidavit sworn before the Executive Magistrate, Berhampur on dtd.30.10.2025, I, Tapan Ranjan Sahoo, S/o- Pramod Kumar Sahoo, At- Chakamadhupr, P.O.- Madhupr, P.S.-Mahanga, Dist.-Cuttack do hereby declare that my father's correct name is Pramod Kumar Sahoo but in my H.S.C. Certificate it wrongly mentioned as Pramoda Kumar Sahoo. That both the names are one and same person.
**Sd/- Tapan Ranjan Sahoo**

**AFFIDAVIT**
I Kanduru Majhi, At-Kailashchandrapur, Budhikhamari, Dist - Mayurbhanj, Odisha, Pin - 757029 declared by affidavit before in The court of Executive Magistrate Baripada, Si No -1495, dtd - 15/09/2025 that my actual name is KANDURU MAJHI, S/O RUHYA MAJHI which is mentioned in my Aadhaar card and voter card.That my name wrongly mentioned as KANDRU MAJHI SRIDHAR S/O RUHIA MAJHI in my Driving License No - OR1120000006889. That I declared that KANDURU MAJHI, S/O RUHYA MAJHI and KANDRU MAJHI SRIDHAR, S/O RUHIA MAJHI is same and one person for all purpose.
**Sd/- Kanduru Majhi**

**AFFIDAVIT**
By virtue of an affidavit (CF No. 43) sworn before The Executive Magistrate, Bhubaneswar dated- 29/10/2025. I, **Deepti Verma,** W/o Amar Verma, Address: Plot No. 5/280, Gopinathpur, Ghodapadiya, Near Ruchika Restaurant, Dhauli, Bhubaneswar, Dist-Khordha, PIN- 751012, Odisha declare that I have changed my name from **Deepti Singh Bhadauriya** to **Deepti Verma.** Henceforth, I shall be known as **Deepti Verma** (new name) for all purposes.
**Deepti Verma**

**ପୂର୍ବ ତଟ ରେଳପଥ**
**ରେଡ଼ିଓଲୋଜିକାଲ ଯାଞ୍ଚ(Radiological Investigation) ନିମନ୍ତେ ନିଦାନ କେନ୍ଦ୍ର(Diagnostic Centre)/ ଚିକିତ୍ସାଳୟଗୁଡ଼ିକର ସୂଚୀକରଣ ନିମନ୍ତେ ଆଗ୍ରହର ପରିପ୍ରକାଶ**
ସଂ. ECoR/MD/CH/BBS/Radiology/Tie-up/775, ତା.24.10.2025ରିଖ
କେନ୍ଦ୍ରୀୟ ଚିକିତ୍ସାଳୟ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର(BBS) ହେଉଛି 110 ଶଯ୍ୟା ବିଶିଷ୍ଟ ଏକ ଚିକିତ୍ସାଳୟ, ଯେ କି ମୋଟ୍ 4,670 ରେଳ କର୍ମଚାରୀ, ସେମାନଙ୍କ ଆଶ୍ରିତ, 4030 RELHS କର୍ମଚାରୀ, ସେମାନଙ୍କ ଆଶ୍ରିତ ତଥା ମଣ୍ଡଳଗୁଡ଼ିକରୁ ସନ୍ଦର୍ଭିତ ରୋଗୀମାନଙ୍କୁ ଚିକିତ୍ସା ସେବା ପ୍ରଦାନ କରୁଛି। ନିୟମିତ ଭାବେ ରେଡ଼ିଓଲୋଜିକାଲ ଯାଞ୍ଚ(Radiological Investigation) ନିମନ୍ତେ କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱରରେ ମଧ୍ୟ ଏକ ଏକ୍ସ-ରେ(Ex-Ray) ଏବଂ USG ୟୁନିଟ୍ କାର୍ଯ୍ୟ କରୁଛି। ଅନୁବନ୍ଧିତ ରିଫେରାଲ (Referral) ଚିକିତ୍ସାଳୟଗୁଡ଼ିକରୁ ଉଚ୍ଚ କ୍ଷମତା ସମ୍ପନ୍ନ ରେଡ଼ିଓଲୋଜିକାଲ ଯାଞ୍ଚର ଆଉଟ୍‌ସୋର୍ସିଙ୍ଗ୍ ନିମନ୍ତେ ଚିକିତ୍ସାଳୟ ତରଫରୁ ଯୋଜନା କରାଯାଇଛି।
କେନ୍ଦ୍ରୀୟ ଚିକିତ୍ସାଳୟ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର "ରେଳବାଇ ବୋର୍ଡ ପତ୍ର ସଂ. 2011/H/6-4/policy, ତା.03.02.2015ରିଖ ଅନୁଯାୟୀ ରେଡ଼ିଓଲୋଜିକାଲ ଯାଞ୍ଚର ଆଉଟ୍‌ସୋର୍ସିଙ୍ଗ୍ କାର୍ଯ୍ୟରେ ମାନକ ପରିଚାଳନା କାର୍ଯ୍ୟ ପ୍ରକ୍ରିୟା(Standard Operation Procedure)" ସମ୍ବନ୍ଧରେ ରେଳବାଇ ବୋର୍ଡ ମାର୍ଗଦର୍ଶିକା ଅନୁଯାୟୀ ରେଳବାଇ ହିତାଧିକାରୀମାନଙ୍କୁ ଉପରୋକ୍ତ ଯାଞ୍ଚ ସୁବିଧା ପ୍ରଦାନ ନିମନ୍ତେ ଭୁବନେଶ୍ୱରରେ ନିଦାନ କେନ୍ଦ୍ର(Diognostic Centers)/ଚିକିତ୍ସାଳୟମାନଙ୍କ ସୂଚୀକରଣ ନିମନ୍ତେ ଯୋଜନା ପ୍ରସ୍ତୁତ କରିଛି।
ଉପରୋକ୍ତ ସେବା ପ୍ରଦାନ ନିମନ୍ତେ କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର ସହିତ ପାରସ୍ପରିକ ବୁଝାମଣାପତ୍ର (Mutual Agreement)ରେ ଅଂଶଗ୍ରହଣ ନିମନ୍ତେ ଇଚ୍ଛୁକ ଭୁବନେଶ୍ୱର ସ୍ଥିତ ନିଦାନ କେନ୍ଦ୍ର(Diognostic Centers)/ଚିକିତ୍ସାଳୟଗୁଡ଼ିକ ଠାରୁ ଜଉମୁଦା ଦରଖାସ୍ତ ଜରିଆରେ ଆଗ୍ରହର ପରିପ୍ରକାଶ(EOI) ଆମନ୍ତ୍ରଣ କରୁଛି।
ଉପରୋକ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ତଥା ଯାଞ୍ଚ ସୁବିଧା ପ୍ରଦାନ ନିମନ୍ତେ ସୂଚୀକରଣ ପାଇଁ ଇଚ୍ଛୁକ ଥିବା ସେଣ୍ଟର/ଚିକିତ୍ସାଳୟଗୁଡ଼ିକ ନିର୍ଦ୍ଧାରିତ ନଥିପତ୍ର ସହିତ ଏକ ଜଉମୁଦା ଲଫାଫାରେ ତା.28.11.2025 ରିଖ 1700 ଘଟିକା ସୁଦ୍ଧା କିମ୍ବା ତା' ପୂର୍ବରୁ ଚିକିତ୍ସା ନିର୍ଦ୍ଦେଶକ, କେନ୍ଦ୍ରୀୟ ଚିକିତ୍ସାଳୟ, ପୂର୍ବ ତଟ ରେଳପଥ, ମଞ୍ଚେଶ୍ୱର, ଭୁବନେଶ୍ୱର-751017 ଙ୍କ କାର୍ଯ୍ୟାଳୟରେ ଆଗ୍ରହର ପରିପ୍ରକାଶ(EOI) ଦାଖଲ କରିପାରିବେ।
ସ୍ୱଷ୍ଟୀକରଣ ନିମନ୍ତେ ଦୟାକରି ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ହସ୍ପିଟାଲ/ପୂର୍ବ ତଟ ରେଳପଥ/ଭୁବନେଶ୍ୱର-751017, ଫୋନ୍ ନଂ.: 0674-2748895, ଇ-ମେଲ : medicaldirector8@gmail.com ଙ୍କ ସହିତ ଯୋଗାଯୋଗ କରନ୍ତୁ।
ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ www.eastcoastrail.indianrailways.gov.in → Tenders → Expression of interest ଅବଲୋକନ କରନ୍ତୁ।
PR-742/Q/25-26 | ଚିକିତ୍ସା ନିର୍ଦ୍ଦେଶକ/କେନ୍ଦ୍ରୀୟ ଚିକିତ୍ସାଳୟ/ଭୁବନେଶ୍ୱର

## ପୁଲିସଠାରୁ ମିଳିଲାନି ନ୍ୟାୟ କି ସୁରକ୍ଷା

# ଏସ୍‌ପି ଅଫିସ ଆଗରେ ବାସନ୍ଦ ପରିବାରର ଅନଶନ




**ଭଦ୍ରକ, ୩୧।୧୦(ସମିସ)**

ଭଦ୍ରକ ଜିଲ୍ଲା ପୀରହାଟ ଥାନା ତିଆଡିସାହି ତଳଦପା ଗାଁରେ ଗୋଟିଏ ପରିବାରକୁ ଗାଁର କେତେକ ଲୋକେ ବଳପୂର୍ବକ ବାସନ୍ଦ (ଏକଘରିଆ) କରିଛନ୍ତି। ଏପରିକି ତାଙ୍କ ତେଜରାତି ଦୋକାନରୁ କିଛି କାରବାର ନ କରିବାକୁ ଗାଁ ଲୋକଙ୍କୁ ବାରଣ ମଧ କରାଯାଇଛି ବୋଲି ଅଭିଯୋଗ ହୋଇଛି; ହେଲେ ସମ୍ପୃକ୍ତ ପରିବାର ପୁଲିସ ନିକଟରୁ ନ୍ୟାୟ କି ସୁରକ୍ଷା ନ ପାଇ ଏସ୍‌ପିଙ୍କ ଅଫିସ ମୁଖ୍ୟ ଫାଟକ ଆଗରେ ଅନଶନରେ ବସିଥିଲେ। ଅଭିଯୋଗରୁ ପ୍ରକାଶ ଯେ, ତଳଦପା ଗାଁର ବିଷ୍ଣୁମୋହନ ମଳିକଙ୍କ ପରିବାରକୁ ବିନା ଦୋଷରେ ଗାଁର ସଂଖ୍ୟାଧିକ ଲୋକ ବାସନ୍ଦ କରିଛନ୍ତି। ଏପରିକି ବିଷ୍ଣୁ ନିଜ ପରିବାର ପୋଷଣ ପାଇଁ ଗାଁରେ କରିଥିବା ଏକ ତେଜରାତି ଦୋକାନରୁ କେହି ଗାଁଲୋକ ସଉଦା ପତ୍ର ନକିଣିବାକୁ ତାଗିଦ କରିଛନ୍ତି। ଏ ସମ୍ପର୍କରେ ବିଷ୍ଣୁଙ୍କ ପରିବାର ପକ୍ଷରୁ ପୀରହାଟ ଥାନାରେ ୧୦.୯.୨୫ରେ ଏତଲା ଦିଆଯାଇଥିଲା। ପରେ ଏହି ଅଭିଯୋଗ ନେଇ ଗତ ୧୪.୯.୨୫ରେ ବିଷ୍ଣୁ ପୀରହାଟ ଥାନାକୁ ପୁନର୍ବାର ଯାଇଥିବା ବେଳ ଥାନାର ଜଣେ ହାବିଲଦାର ତାଙ୍କୁ ମାଡ ମାରିଥିଲେ। ଏ ନେଇ ସେ ଭଦ୍ରକ ଆଡିସନାଲ ଏସ୍‌ପିଙ୍କ ନିକଟରେ ଅଭିଯୋଗ କରିଥିଲେ ବି ପୀରହାଟ ଆଇଆଇସି ତାଙ୍କୁ ନ୍ୟାୟ ପ୍ରଦାନ କରିନଥିଲେ। ପୁଲିସ ବିଷ୍ଣୁଙ୍କ ପରିବାରକୁ ନ୍ୟାୟ ଓ ସୁରକ୍ଷା ଦେଉନଥିବା ବେଳେ ଗାଁଲୋକେ ଅତ୍ୟଧିକ କ୍ରୋଧାନ୍ୱିତ ହୋଇ ଜୀବନରୁ ମାରି ଦେବାକୁ ବିଷ୍ଣୁଙ୍କ ପରିବାରକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ପୂର୍ବ ସୂଚନାକୁ ଭିତ୍ତିକରି ବିଷ୍ଣୁଙ୍କ ସପରିବାରେ ଶୁକ୍ରବାର ପୂର୍ବାହ୍ନରୁ ଏସ୍‌ପିଙ୍କ ଅଫିସ ସମ୍ମୁଖ ଫାଟକରେ ଅନଶନରେ ବସି ରହିଛନ୍ତି।

# ଆଜିଠୁ ପଞ୍ଚୁକ ବ୍ରତ ଆରମ୍ଭ



**ବାରିକପୁର, ୩୧।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ଶନିବାରଠାରୁ କାର୍ତ୍ତିକ ପୂର୍ଣ୍ଣିମା ଯାଏଁ ହବିଷ୍ୟାଳୀ ମାନେ ପଞ୍ଚୁକ ବ୍ରତ ଆରମ୍ଭ କରିଛନ୍ତି। ଏହି ଉପଲକ୍ଷେ ବ୍ଲକର ରହଣିଆ ଉତ୍ତରେଶ୍ୱର ମହାଦେବ ମନ୍ଦିର ଠାରେ ଦୈନିକ ଶୈବ ପୁରାଣ ପାଠ ହେଉଛି। ଏଥିରେ ଗ୍ରାମବାସୀଙ୍କ ସମେତ ହବିଷାଳୀ ଯୋଗଦେଇ ଶିବ ପୁରାଣ ଶ୍ରବଣ କରୁଛନ୍ତି। ତିଆଡି ସାହି ଧବଳେଶ୍ୱର ପୀଠରେ ମଧ ବ୍ରତ ଉପଲକ୍ଷେ ଶୈବ ପୁରାଣ ପାଠ ହେଉଛି। ସେହିପରି ସାନମାଳଦା ରାମେଶ୍ୱର ଶିବ ମନ୍ଦିର ଠାରେ ଚଳିତ ବର୍ଷ ପ୍ରଥମ ଥର ଶିବ ପୁରାଣ ପାଠ ଉତ୍ସବ ଆରମ୍ଭ ହୋଇଛି। ଏଥିରେ ସଙ୍କୁଳ କର୍ତା ଭାବେ ରବୀନ୍ଦ୍ର ଦାସ ଦାୟିତ୍ୱ ନିର୍ବାହ କରିଥିବା ବେଳେ ବଳରାମ ତ୍ରିପାଠୀ ଶାସ୍ତ୍ର ପାଠ କରିଛନ୍ତି। ଅନୁରୂପ ଭାବେ ରାଢୋ ବିଶ୍ୱେଶ୍ୱର ମହାଦେବଙ୍କ ପୀଠରେ ନବଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଶୈବ ପୁରାଣ ପାଠ ଉତ୍ସବରେ ଆଜିଠାରୁ ପଞ୍ଚୁକ ବ୍ରତ ଶୁଭାରମ୍ଭ ହୋଇଛି। ଶଙ୍କର୍ଷଣ ତ୍ରିପାଠୀ ଶିବ ପୁରାଣ ପାଠ କରିଥିବା ବେଳେ ସଙ୍କଳ୍ପ କର୍ତା ଭାବେ ବିଶ୍ୱନାଥ ନାୟକ ଓ ନୀଳିମା ନାୟକ ଦାୟିତ୍ୱ ସମ୍ପନ୍ନ କରିଛନ୍ତି। ଉତ୍ସବରେ ପ୍ରତ୍ୟେକ ଦିନ ଦିନ ଗ୍ରାମର ହବିଷାଳୀ ଯୋଗଦେଇ ଶୈବ ପୁରାଣ ଶ୍ରବଣ କରୁଛନ୍ତି। ଏହାଛଡା ବ୍ଲକର ଅନ୍ୟାନ୍ୟ ଦେବଦେବୀ ପୀଠରେ ଆଜି ଠାରୁ କାର୍ତ୍ତିକ ବ୍ରତ ଆରମ୍ଭ ହୋଇଛି।

# ବରିଷ୍ଠ ବିଜେଡି ନେତା ରଘୁନାଥ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ତିହିଡି, ୩୧।୧୦(ସମିସ):** ତିହିଡି ବ୍ଲକ ବିଜୁ ଜନତା ଦଳର ପ୍ରାକ୍ତନ ସଭାପତି, ବରିଷ୍ଠ ରାଜନେତା, ସମାଜସେବୀ ରଘୁନାଥ ପଣ୍ଡାଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ସ୍ମୃତିଚାରଣ ସଭା ଓ ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ପ୍ରାକ୍ତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ପରେ ସାହିତ୍ୟିକ, ସ୍ତମ୍ଭକାର ଯଦୁମଣି ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶ୍ରୀ ରାଉତରାୟ ସ୍ୱର୍ଗତ ପଣ୍ଡା ତାଙ୍କ ପରିବାରର ଜଣେ ସଦସ୍ୟ ବୋଲି କହିବା ସହିତ ତିହିଡି ବ୍ଲକରେ ବିଜୁ ଜନତା ଦଳକୁ ମଜବୁତ କରିବାରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି କହିଥିଲେ। ସେହିପରି ତିହିଡି ଅଞ୍ଚଳରେ କୃଷି ଓ କୃଷକର ଉନ୍ନତି ଠାରୁ ଆରମ୍ଭ କରି ରାସ୍ତାଘାଟର ଉନ୍ନତି ଉପରେ ସେ ସର୍ବଦା ଗୁରୁତ୍ୱ ଦେଉଥିଲେ ବୋଲି ଶ୍ରୀ ରାଉତରାୟ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ବିଜେଡି ନେତା ଡାକ୍ତର ସଞ୍ଜୟ କୁମାର ଦାସ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ତିହିଡି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲ୍ଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ସମାଜସେବୀ ସମାଜସେବୀ ଅଜୟ ନାୟକ, ଶିକ୍ଷାବିତ ସୋମନାଥ ପାଢ଼ୀ, କମଳାକାନ୍ତ ଦାସ, ପ୍ରାକ୍ତନ ସରପଞ୍ଚ କୀର୍ତ୍ତନ ରାଉତ, ବୈକୁଣ୍ଠ ପାଣି, ଦୁôଃଖି ଅନିରୁଦ୍ଧ ବାରିକ, ଗଣେଶ ନାୟକ, ଆଲୋଚକ ନିର୍ମଳ ସେନାପତି, ସମାଜସେବୀ ଅମୂଲ୍ୟ ସେନାପତି, ସମାଜସେବୀ କୃତିବାସ ନାୟକ, ପ୍ରିୟବନ୍ଧୁ ମାଝୀ, ସରପଞ୍ଚ ତାପସ ବେହେରା, ଧନଞ୍ଜୟ ନାୟକ, ପୀତାମ୍ବର ସେଠୀ, ଶଶିକାନ୍ତ ବିଶ୍ୱାଳ, ଟୁଟୁ ପତି ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ଶେଷରେ ସ୍ୱର୍ଗତ ପଣ୍ଡାଙ୍କ ପୁଅ ରୋହିତାଶ୍ୱ ଶେଖର ପଣ୍ଡା ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ସକାଳେ ତିହିଡି ମେଡିକାଲର ରୋଗୀଙ୍କୁ ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା।

# ୪ରୁ ବିଜେଡିର ଜନ ସମ୍ପର୍କ ପଦଯାତ୍ରା ନେଇ ପ୍ରସ୍ତୁତି ବୈଠକ



**ଧାମନଗର, ୩୧।୧୦(ସମିସ):** ବିଜୁ ଜନତା ଦଳର ସଭାପତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେଉଛି। ଏହି ଅବସରରେ ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଧାମନଗର ବିଜୁ ଜନତା ଦଳ ପକ୍ଷରୁ ନଭେମ୍ବର ୪ରୁ ଧାମନଗର ବ୍ଲକ ଓ ଏନଏସି ଅଞ୍ଚଳରେ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହେବ। ଏନେଇ ଧାମନଗର ବ୍ଲକ ଅନ୍ତର୍ଗତ ଚୁଡାକୁଟି ପଞ୍ଚାୟତ ଠାରେ ବିଜେଡି ବ୍ଲକ ସଭାପତି ପ୍ରତାପ ସାମଲଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ ଭଦ୍ରକ, ଧାମନଗର ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସାରଦା ପସନ୍ନ ସାହୁ, ବିଭିନ୍ନ ପଞ୍ଚାୟତ ର ସରପଞ୍ଚ ଓ ସମିତି ସଭ୍ୟ ଏବଂ ପଞ୍ଚାୟତ ସଭାପତି, ଛାମୁଆ କର୍ମୀ ପ୍ରମୁଖ ଯୋଗ ଦେ ଜନ ସମ୍ପର୍କ ପଦଯାତ୍ରାକୁ ବ୍ୟାପକ ସଫଳ କରିବା ସହ ନବୀନ ସରକାରଙ୍କ ସଫଳତାର ବାର୍ତ୍ତା ଦେବା ଏବଂ ମୋହନ ସରକାରଙ୍କ ବିଫଳତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ନିମନ୍ତେ ବକ୍ତବ୍ୟ ରଖିଥିଲେ।

# ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ




**ଭଦ୍ରକ, ୩୧।୧୦(ସମିସ):** ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଦଳୀୟ କାର୍ଯ୍ୟାଳୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଇନ୍ଦିରା ଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ଦଳୀୟ ନେତା ଓ କର୍ମୀ କାର୍ଯ୍ୟାଳୟରେ ଇନ୍ଦିରା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଏହି ଅବସରରେ ତାଙ୍କର ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିବା ସହ ଦେଶ ପାଇଁ ଇନ୍ଦିରା ଗାନ୍ଧୀଙ୍କ ବଳିଦାନ ଅତୁଳନୀୟ ବୋଲି କହିଥିଲେ। ଆୟୋଜିତ ଏହି ଶ୍ରାଦ୍ଧବାର୍ଷିକୀରେ ଜିଲ୍ଲା କଂଗ୍ରେସ ର ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ପିସିସି ଅନୁସୂଚିତ ଜାତି ବିଭାଗ ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଭଦ୍ରକ ବ୍ଲକର ପୂର୍ବତନ ସଭାପତି ପୀତବାସ ଧଳ, ଯୁବନେତା ପ୍ରକାଶଜ୍ୟୋତି ମହାକୁଡ଼, ଅନୁସୂଚିତ ଜାତି ବିଭାଗ ରାଜ୍ୟ ସମ୍ପାଦକ ରଞ୍ଜନ ଜେନା, ଆରଜିପିଏସର ପ୍ରଦ୍ୟୁମ୍ନ ଦାସ, ଯୁବ ନେତା ଇଲିଆସ ଖାଁ, ନାରୀନେତ୍ରି ଶର୍ମିଷ୍ଠା ପଣ୍ଡା, ଦୀନବନ୍ଧୁ ଦାସ, ଅନୁସୂଚିତ ଜାତି ବିଭାଗ ସମ୍ପାଦକ ଶଶିକାନ୍ତ ଜେନା, ଧରିତ୍ରୀ ଜେନା, ଯୁବ ନେତା ବିଜୟ ବାରିକ, ମନୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ଗାଡ଼ି ଧକ୍କାରେ ୨ ଗୋରୁ ଆହତ

**ବାରିକପୁର, ୩୧।୧୦(ସମିସ):** ଭଣ୍ଡାରିପୋଖରୀ ଥାନା ଦେଇ ଯାଇଥିବା ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣା ଘଟି ବହୁ ଗୋରୁଗାଈର ମୃତ୍ୟୁ ହେଉଥିବା ବେଳେ ଅନେକ ଗୁରୁତର ହେଉଛନ୍ତି। ଅନୁରୂପ ଭାବେ ଏବେ ମଧ ଗ୍ରାମାଞ୍ଚଳ ରାସ୍ତାରେ ବିଭିନ୍ନ ଯାନବାହାନ ଧକ୍କା କାରଣରୁ ଗାଈଗୋରୁ ଆହତ ହେଉଛନ୍ତି। ଆଜି ଛତାବର ମଞ୍ଜୁରୀ ରୋଡ ପୂର୍ତ୍ତ ବିଭାଗ ରାସ୍ତାରେ ଏକ ଦ୍ରୁତଗାମୀ ଗାଡି ଧକ୍କାରେ ୨ଟି ଗୋରୁ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଲୋକେ ଉଦ୍ଧାର କରି ପଶୁ ନିରୀକ୍ଷକଙ୍କୁ ଡକାଇ ଚିକିତ୍ସା କରିଛନ୍ତି। ଏହି ରାସ୍ତାରେ ଦୈନିକ ଦୁର୍ଘଟଣା ଘଟି ଛୋଟ ଛୋଟ ବାଛୁରୀ ଓ ଗାଈ ଆହତ ହେଉଥିବା ଜଣାପଡ଼ିଛି। ରାସ୍ତା ଏବେ ନବୀକରଣ ହେବା ପରେ ଗାଡ଼ି ଗୁଡ଼ିକ ଅତି ଦ୍ରୁତଗତିରେ ବେପରୁଆ ଭାବେ ଚଳପ୍ରଚଳ କରୁଛି। ତେଣୁ ଏଥିପାଇଁ ଅନେକ ସମୟରେ ବିଭିନ୍ନ ପ୍ରକାରର ଦୁର୍ଘଟଣା ଘଟୁଛି। କେତେ ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା କରୁଥିବା ଯୋଗୁଁ ଦୁର୍ଘଟଣା ଘଟୁଥିବା କୁହାଯାଇଛି। ନିଶାମୁକ୍ତ ଗାଡି ଚଳାଚଳ ପାଇଁ ଜନସଚେତନତା ସୃଷ୍ଟି କରାଯାଉଥିବା ବେଳେ ବାସ୍ତବ କ୍ଷେତ୍ରରେ ତାହା ଦେଖିବାକୁ ମିଳୁନାହିଁ। ତେଣୁ ଏହା ଉପରେ ପ୍ରଶାସନ ଦୃଷ୍ଟି ଦେବାକୁ ବୃଦ୍ଧିଜୀବୀ ମହଲରେ ଦାବି ହୋଇଛି।



# ୪ ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା



**ବାରିକପୁର, ୩୧।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଆଲିହା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅବସର ନେଇଥିବା ଏବଂ ଅନ୍ୟ ସ୍ଥାନକୁ ବଦଳି ହୋଇ ଯାଇଥିବା ଆଦର୍ଶ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ ପ୍ରଧାନଶିକ୍ଷୟିତ୍ରୀ ସୁଷମା ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସମିତି ସଭ୍ୟା ଅନିତା ବଳ, ଶିକ୍ଷାବିତ ସନାତନ ରାଉତ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅନାଦି ଚରଣ ବାରିକ, ଶିକ୍ଷାପ୍ରେମୀ ଗଗନ ବିହାରୀ ଶଙ୍ଖୁଆ, ଶିକ୍ଷା ସଂଯୋଜକ ପ୍ରକାଶ ଦାସ, ଚନ୍ଦ୍ରାବତୀ ନାୟକ, ନିରଞ୍ଜନ ସେନାପତି ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଆଦର୍ଶ ଶିକ୍ଷକ ରବିନାରାୟଣ ମଲ୍ଲିକ, ସନ୍ତୋଷ ଜେନା, ପୁଷ୍ପାଞ୍ଜଳି ସେନାପତି ଓ ବିଜୟଲକ୍ଷ୍ମୀ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ ଗଦାଧର ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ସସ୍ମିତା ମଳିକ ଧନ୍ୟବାଦ ଦେଇଥିଲେ।

# ମୁଣ୍ଡପିଛା ୫ କିଲୋ ଚାଉଳ ଦେବାକୁ ଦାବି

**ଦୋଳସାହି, ୩୧।୧୦(ସମିସ):** କାର୍ଡ ପିଛା ୫ କେଜି ଚାଉଳକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ। ସୂଚନାଯୋଗ୍ୟ, ସାରା ରାଜ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାତ୍ୟା ମୋନ୍ଥା ପାଇଁ ରାସନ କାର୍ଡ ହିତାଧିକାରୀଙ୍କୁ କାର୍ଡ ପିଛା ୫ କିଲୋ ଲେଖାଏଁ ୩ ମାସ ପାଇଁ ପ୍ରଦାନ କରାଯାଉଛି। ହେଲେ ଏ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗୋଟିଏ ରାସନ କାର୍ଡରେ ୨ରୁ ୩ ପରିବାରର ୫ ଜଣରୁ ଅଧିକ ସଦସ୍ୟଙ୍କ ନାମ ରହୁଛି। ଅନେକ ରାସନ କାର୍ଡ ସ୍ୱାମୀ ଓ ସ୍ତ୍ରୀଙ୍କଙ୍କ ନାମରେ ଅଲଗା ଅଲଗା ହୋଇଥିବା ଦେଖିବାକୁ ମିଳୁଛି। ସରକାରଙ୍କ ତରଫରୁ ଅକ୍ଟୋବର, ନଭେମ୍ବର, ଡିସେମ୍ବର ମାସ ପାଇଁ ରାସନ କାର୍ଡ ହିତାଧିକାରୀଙ୍କୁ କାର୍ଡ ପିଛା ୫ କିଲୋ ପରିବର୍ତ୍ତେ ମୁଣ୍ଡ ପିଛା ଚାଉଳ ଯୋଗାଇ ଦେବାକୁ ହିତାଧିକାରୀ ଦାବି ଜଣାଇଛନ୍ତି।



# ଜିଲ୍ଲାସ୍ତରୀୟ ଯୁବ ତାଲିମ ଶିବିର



**ବାରିକପୁର, ୩୧।୧୦(ସମିସ):** ଭଣ୍ଡାରିପୋଖରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଜିଲ୍ଲା ସ୍ତରୀୟ ଜାତୀୟ ଯୁବ ସେବା ଯୋଜନା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ତାଲିମ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜାତୀୟ ସେବା ଯୋଜନା ସଂଯୋଜକ ବିଶ୍ୱମୋହନ ଜେନା ଓ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ କମଳାକାନ୍ତ ଓଝା ଯୋଗଦେଇ ୧୧୦ଜଣ ସ୍ୱେଚ୍ଛାସେବୀଙ୍କୁ ତାଲିମ ପ୍ରଦାନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତୀ ସେଠୀ, ବିଡ଼ିଓ ଦେବଦତ୍ତ ଦାସ, ସରପଞ୍ଚ ବର୍ଷାରାଣୀ ଜେନା, ନାରାୟଣ ଚନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ସେଠୀ, ଅବୁଦୁଲ କାଲାମ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ହରିହର ସାହୁ ଅତିଥି ପରିଚୟ ଓ ଗୀତାଞ୍ଜଳି ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନନ୍ତ କିଶୋର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପିକା ଶ୍ରାବଣୀ ଦାସ ଓ ମମିତାରାଣୀ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ବର୍ଷ ହେଲା ଜନ୍ମମୃତ୍ୟୁ ପଞ୍ଜୀକରଣ ସହାୟକ ପଦ ଖାଲି

# ସେବା ନ ପାଇ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା

**ବାସୁଦେବପୁର, ୩୧।୧୦(ସମିସ)**




ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ୩ ବର୍ଷ ହେଲା ଜନ୍ମମୃତ୍ୟୁ ପଞ୍ଜୀକରଣ ସହାୟକ ପଦବୀ ଖାଲି ରହିଛି। ଫଳରେ ଲୋକେ ସେବା ନ ପାଇ ଅସନ୍ତୋଷ ତେଜିବାରେ ଲାଗିଛି। ଲୋକେ ଜନ୍ମ ମୃତ୍ୟୁ ପଞ୍ଜୀକରଣ କରି ସାର୍ଟିଫିକେଟ ନେବାକୁ ଦୌଡି ଦୌଡି ଖର୍ଚ୍ଚାନ୍ତ ହେବାକୁ ପଡୁଛି। ଏପରିକି କେତେକ ଲୋକ ଏକାଧିକ ଥର ଆସି ଶେଷରେ ନିରାଶ ହୋଇ ପାଇବାର ଆଶା ଛାଡି ଦେଉଛନ୍ତି। ଏ ନେଇ ଆଗାମୀ ଦିନରେ ସାଧାରଣ ଲୋକଙ୍କ ପୁଞ୍ଜିଭୂତ ଅସନ୍ତୋଷ ଜନଆନ୍ଦୋଳନର ରୂପ ନେବ ଆଲୋଚନା ହେଉଛି। ବାସୁଦେବପୁର ବ୍ଲକରେ ୩୬ ପଞ୍ଚାୟତ ଓ ପୌରପାଳିକାର ୨୩ଟି ୱାର୍ଡ଼ ରହିଛି। ଏଥି ସହିତ ଚାନ୍ଦବାଲି ବ୍ଲକ କିଛି ଅଂଶ, କେନ୍ଦ୍ରାପଡ଼ାର ଆଂଶିକ, ସୋର ଓ ସିମୁଳିଆ ବ୍ଲକ କିଛି ଅଞ୍ଚଳ ବାସୁଦେବପୁର ମେଡିକାଲ ଉପରେ ନିର୍ଭର କରିଥାନ୍ତି। ବାସୁଦେବପୁର ସିଏଚସିରେ ମାସିକ ୩ ଶହରୁ ଅଧିକ ଜନ୍ମ ଏବଂ ୨ଶହରୁ ଉର୍ଦ୍ଧ୍ୱ ପଞ୍ଜୀକରଣ ହୋଇଥାଏ। ଏହାବ୍ୟତୀତ ଘରୋଇ ଜନ୍ମ ଓ ମୃତ୍ୟୁ ରହିଛି। ଏଠାରେ ସହରାଞ୍ଚଳ ପାଇଁ ଜଣେ ଏବଂ ଗ୍ରାମାଞ୍ଚଳ ପାଇଁ ଜଣେ ସହାୟକ ପଦବୀ ରହିଛି; ହେଲେ ଜଣେ ହେଲେ ବି କର୍ମଚାରୀ ନ ଥିବାରୁ ଲୋକେ ଦୌଡି ଦୌଡି ନୟାନ୍ତ ହେଉଛନ୍ତି। ପୂର୍ବରୁ ଏଠାରେ ଥିବା ମୃତ୍ୟୁ ପଞ୍ଜୀକରଣ ସହାୟକଙ୍କର ପଦୋନ୍ନତି ହେବାରୁ ୨୦୨୨ ମସିହା ଫେବୃଆରୀରେ ତାଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ସେହିଦିନରୁ ବାସୁଦେବପୁର ସିଏଚସିରେ ପଦବୀ ଖାଲି ପଡ଼ିଛି। ଏଥିପାଇଁ ଜଣେ ଫିଲ୍ଡ କର୍ମଚାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ତେବେ ଏହି କର୍ମଚାରୀ ଜଣକ ମୃତ୍ୟୁ ପଞ୍ଜୀକରଣ ନୀତିନିୟମ ନଥିବାରୁ ବହୁ ଅସୁବିଧା ସୃଷ୍ଟି ହେଉଛି। ତଥାପି ଲୋକମାନେ ଦିନ ଦିନ ଧରି ଲାଇନରେ ଅପେକ୍ଷା କରୁଛନ୍ତି। ଭଦ୍ରକ କୁ ଛାଡି ଦେଲେ ଜିଲ୍ଲାର ଅନକ୍ ବ୍ଲକ ତୁଳନାରେ ଦୁଇ ଗୁଣା ଲୋକଙ୍କର ଭିଡ ଜମୁଛି। ନିକଟରେ ସରକାର ଅନ୍ୟ ବ୍ଲକର ନିଯୁକ୍ତି ଦେଇଥିବା ବେଳେ ବାସୁଦେବପୁର ପ୍ରତି ବୈମାତୃକ ମନୋଭାବ ଯୋଗୁଁ ଏହି ପଦ ଖାଲି ପଡ଼ିଛି। ଏଥିପ୍ରତି ଲୋକ ପ୍ରତିନିଧି କି ଜିଲ୍ଲା ସ୍ତରୀୟ ଅଧିକାରୀ ଗୁରୁତ୍ୱ ଦେଉନାହାନ୍ତି। ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ଜନ୍ମ ଓ ମୃତ୍ୟୁ ସାର୍ଟିଫିକେଟ ନେବାକୁ ଆସୁଥିବା ସାଧାରଣ ଲୋକଙ୍କ ହନ୍ତସନ୍ତ ହେଉଛନ୍ତି। କିଛି କର୍ମଚାରୀ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ବସି ରହି କାମ କରୁଛନ୍ତି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ଯୋଗୁଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ପଦବୀ ଖାଲି ପଡ଼ିଛି। ଡାକ୍ତରଙ୍କ କଥା ନ କହିବା ଭଲ। ହଜାର ହଜାର ରୋଗୀଙ୍କୁ କେବଳ ଭଗବାନ ଭରସା। ପେରିଫେରି ଡାକ୍ତର ପ୍ରକ୍ସି ପକାଉଛନ୍ତି। ଏଥିପ୍ରତି ସିଡିଏମଓ ଦୃଷ୍ଟି ନଦେଲେ ବାସୁଦେବପୁର ସିଏଚସିର କର୍ମଚାରୀ କେତେବେଳେ ଲୋକଙ୍କ ଆକ୍ରମଣର ଶିକାର ହେବେ କହିହେବନାହିଁ। କର୍ମଚାରୀଙ୍କ ଅଭାବ ପୂରଣ ନ ହେଲେ ପୁଞ୍ଜିଭୂତ ଅସନ୍ତୋଷ ଜନଆନ୍ଦୋଳନର ରୂପ ନେବ। ଏଥିପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟୀ ରହିବେ। ତେଣୁ ଭଦ୍ରକ ଜିଲ୍ଲାପାଳ ହସ୍ତକ୍ଷେପ କରିବାକୁ ଦାବି ହେଉଛି।

**ଜନଆନ୍ଦୋଳନର ରୂପ ନେବ ପୁଞ୍ଜିଭୂତ ଅସନ୍ତୋଷ**

# ପୁରୁଷଣ୍ଡ ବିଦ୍ୟାଳୟରେ ବୋଇତ ତିଆରି କର୍ମଶାଳା



ବନ୍ତ/ଆଗରପଡ଼ା, ୩୧।୧୦(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ପୁରୁଷଣ୍ଡ ନୋଡ଼ାଲ ବିଦ୍ୟାଳୟ ପରିସରରେ ଏକ ବୋଇତ ତିଆରି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଳା ଶିକ୍ଷକ ପଦ୍ମନାଭ ସେଠୀଙ୍କ ତତ୍ତ୍ୱାବଧାନରେ ୫୫ ଜଣ ଛାତ୍ରଛାତ୍ରୀ ଆକର୍ଷଣୀୟ ବୋଇତ ତିଆରି କରିଥିଲେ। ଆଗରପଡ଼ା ଡ଼ାଏଟ୍ ଶିକ୍ଷିକା ପ୍ରଶିକ୍ଷିକା ରେଖା ମିଶ୍ର, ବିଜୟିନୀ ସ୍ୱାଇଁ, ତୋଫାବିବି ସିଆରସିସି ନିରଞ୍ଜନ ଖିଲାର, ପୁରୁଷଣ୍ଡ ପଞ୍ଚାୟତ ସରପଞ୍ଚ ପ୍ରକାଶ ବିଶ୍ୱାଳ, ସମିତିସଭ୍ୟା ସୁଶୀଳା ଜେନାଙ୍କ ସମେତ ପରିଚାଳନା କମିଟି ସଭ୍ୟସଭ୍ୟା ଓ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଭାରତୀ ମିଶ୍ର ଏହି କର୍ମଶାଳାକୁ ବୁଲି ଦେଖିବା ସହ ଛାତ୍ରଛାତ୍ରୀଙ୍କ କାରୁକାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ସ୍ମିତାରାଣୀ ମାଝି, ସୁରେଶ ସାହୁ, ସ୍ୱର୍ଣ୍ଣଲତା ମିଶ୍ର, ଅନିତା ଭୂୟାଁ, ପରମେଶ୍ୱର ପୃଷ୍ଟି ଓ ଗାୟତ୍ରୀ ନାୟକ ପ୍ରମୁଖ ଶିକ୍ଷକଶିକ୍ଷୟିତ୍ରୀ ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ୩ଟି ନୂଆ ଗୋଦାମ ନିର୍ମାଣ ଦାବି

# ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ରାଜଭବନରୁ ଚିଠି

ଭଦ୍ରକ, ୩୧।୧୦(ସମିସ)

ଭଦ୍ରକ ଜିଲ୍ଲାରେ ୨୫୦୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ୩ଟି ଗୋଦାମ ନିର୍ମାଣ ଲାଗି ଜିଲ୍ଲା ରାଇସ ମିଲର ଆସୋସିଏସନ ପକ୍ଷରୁ ଦାବି ହୋଇଥିଲା। ଗତ ଅଗଷ୍ଟ ୧୯ ତାରିଖରେ ରାଜ୍ୟପାଳଙ୍କ ଭଦ୍ରକ ଗସ୍ତ କାଳରେ ମିଲର ଆସୋସିଏସନ ପକ୍ଷରୁ ରାଜ୍ୟପାଳଙ୍କୁ ସାକ୍ଷାତ କରାଯାଇ ଏକ ଲିଖିତ ଦାବିପତ୍ର ଦିଆଯାଇଥିଲା। ଆସୋସିଏସନର ଉକ୍ତ ଦାବିପତ୍ର ଉପରେ ଆବଶ୍ୟକ ପଦକ୍ଷେପ ନେବାକୁ ନିକଟରେ ରାଜଭବନରୁ ଜିଲାପାଳଙ୍କୁ ଚିଠି (୧୧୪୧୯) ଆସିଛି।

ମିଲର ଆସୋସିଏସନ ପକ୍ଷରୁ ଦର୍ଶାଯାଇଛି ଯେ ଭଦ୍ରକ ଜିଲ୍ଲାର ମିଲରମାନଙ୍କ ମିଲିଂ କ୍ଷମତା ଯଥେଷ୍ଟ ଅଧିକ ଥିବା ବେଳେ ଚାଉଳ ସାଇତିବା ଲାଗି ସମାନୁପାତିକ ସରକାରୀ ଗୋଦାମ ଘରର ଅଭାବ ରହିଛି। ଭଦ୍ରକ ଜିଲ୍ଲାରେ ଗତ ୨୪-୨୫ ବର୍ଷରେ ୩୩ ଲକ୍ଷ କ୍ୱିଣ୍ଟାଲ ଧାନ ଚାଷୀଙ୍କଠାରୁ ସଂଗ୍ରହ କରାଯାଇଛି। ହେଲେ ମିଲିଂ ପରେ ଚାଉଳ ସାଇତିବା ଲାଗି ଗୋଦାମ ଘରର ଅଭାବ ଯୋଗୁଁ ଅନ୍ୟୂନ ୧୨ ଲକ୍ଷ କ୍ୱିଣ୍ଟାଲ ଧାନ ଭଦ୍ରକ ଜିଲ୍ଲାରୁ ବାହାର ଜିଲ୍ଲାର ମିଲରଙ୍କୁ ଦିଆଯାଇଛି। ଏ ବାବଦରେ ସରକାରଙ୍କୁ ପରିବହନ ଖର୍ଚ୍ଚ ବାବଦ ବିପୁଳ ଅର୍ଥ ବ୍ୟୟ କରିବାକୁ ପଡିଛି।

ଅପରପକ୍ଷେ ମିଲିଂ କରିବାର ସମସ୍ତ କ୍ଷମତା ଥାଇ ସୁଦ୍ଧା ସରକାରୀ ଗୋଦାମ ଅଭାବରୁ ମିଲରମାନେ ଜିଲାରେ ଅଧିକ ଧାନ ନେବାକୁ ଇଚ୍ଛୁକ ହେଉନାହାନ୍ତି। ଏହାଦ୍ୱାରା ଜିଲାରେ ଉପଲବ୍ଧ ସମ୍ବଳର ସଠିକ ବିନିଯୋଗ ହେଉନାହିଁ, ନିଯୁକ୍ତି ସୁଯୋଗ ମଧ୍ୟ ହ୍ରାସ ପାଉଛି। ଏହା ରାଜସ୍ୱ ମଧ୍ୟ ହ୍ରାସ ପାଉଛି। ଗୋଦାମ ଘର ଅଭାବରୁ ମିଲିଂ ପରେ ବି ମିଲରମାନଙ୍କଠାରୁ ସରକାର ଚାଉଳ ନେଇପାରୁ ନାହାନ୍ତି। ଏହା ଧାନ ସଂଗ୍ରହକୁ ମଧ୍ୟ ପ୍ରଭାବିତ କରୁଛି।

ଏ ପରିପ୍ରେକ୍ଷୀରେ ୩ଟି ୨୫୦୦ ମେଟ୍ରିକ ଟନ କ୍ଷମତା ବିଶିଷ୍ଟ ଗୋଦାମ ଘର ସ୍ଥାପନ କରାଗଲେ ମିଲରମାନେ ଅଧିକ ଧାନ ସଂଗ୍ରହ ପୂର୍ବକ ଚାଉଳ ଉତ୍ପାଦନ ଲାଗି ଉତ୍ସାହିତ ହେବେ। ଏଥିସହ ଭଦ୍ରକ ଜିଲ୍ଲାର ବଳକା ଚାଉଳ ପଡୋଶୀ କେନ୍ଦୁଝର, କେନ୍ଦ୍ରାପଡା, ମୟୂରଭଞ୍ଜ ଆଦି ଜିଲ୍ଲାକୁ ଯୋଗାଣ ହୋଇପାରିବ। ଏହିସବୁ ଜିଲ୍ଲା ଚାଉଳ ସଂଗ୍ରହ କ୍ଷେତ୍ରରେ ଅଭାବୀ ଜିଲ୍ଲା ହୋଇଥିବା ବେଳେ ବହୁ ଦୂର ଜିଲ୍ଲାରୁ ଏହିସବୁ ଜିଲ୍ଲାକୁ ଚାଉଳ ଯୋଗାଣ ହୋଇଛି। ଭଦ୍ରକ ଜିଲ୍ଲାରୁ ପଡ଼ୋଶୀ ଜିଲ୍ଲାକୁ ଚାଉଳ ଯୋଗାଣ ହେଲେ ସରକାରଙ୍କ ପରିବହନ ଖର୍ଚ୍ଚ ବାବଦକୁ ଲକ୍ଷଲକ୍ଷ ଟଙ୍କା ବଞ୍ଚି ଯିବ ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି। ଦାବି କରାଯାଇଥିବା ୩ଟି ଗୋଦାମ ମଧ୍ୟରୁ ଜିଲ୍ଲାର ତିହିଡି, ଚାନ୍ଦବାଲିରେ ଗୋଟିଏ ଲେଖାଏଁ ଓ ଜିଲ୍ଲାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅନ୍ୟ ଏକ ସ୍ଥାନରେ ଗୋଦାମ ଘର ନିର୍ମାଣ କରାଯିବାକୁ ଆସୋସିଏସନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହା ସମ୍ଭବ ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ମିଲରମାନେ ମଧ୍ୟ ନେଇଥିବା ଧାନ ସମାନୁପାତିକ ଚାଉଳ ସରକାରଙ୍କୁ ହସ୍ତାନ୍ତର କରିପାରିବେ ବୋଲି କୁହାଯାଇଛି। ପ୍ରକାଶ ଥାଉକି, ଜିଲ୍ଲାରେ ଏବେ ୨୨ଟି ରାଇସ ମିଲ ରହିଥିବା ବେଳେ ମାତ୍ର ୬ଟି ଚାଉଳ ଗୋଦାମ କାର୍ଯ୍ୟକ୍ଷମ ଅଛି। ତହିଁରୁ ୨ଟି ଘରୋଇ-ସରକାରୀ ଭାଗୀଦାରିରେ ଚାଲିଛି।

# ଧାମନଗର ମଣ୍ଡଳସ୍ତରୀୟ 'ସୁରଭି' ମହୋତ୍ସବ



ଧାମନଗର/ଅସୁରାଳି, ୩୧।୧୦(ସମିସ): ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ମୁରଲୀଧର ସରକାରୀ ଉଚ୍ଚବିଦ୍ୟାଳୟରେ ଧାମନଗର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଧାମନଗର ବ୍ଲକ ଅଧ୍ୟକ୍ଷ ଶର୍ମିଷ୍ଠା ବେହେରା ଉଦଘାଟନ କରିବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଅତିଥି ଭାବେ ଧାମନଗର ବିଡିଓ ବନବିହାରୀ ଦିନ୍ଦା, ଧୂଷୁରୀ ପଞ୍ଚାୟତର ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ମନ୍ତ୍ରୀଙ୍କ ପ୍ରତିନିଧି ଦୀପ୍ତିରଞ୍ଜନ ଜେନା, ସାଂସଦ ପ୍ରତିନିଧି ଅନିରୁଦ୍ଧ ସାହୁ, ଏବିଇଓ ଭୀମସେନ ହୋ ଓ ସତ୍ୟସୁନ୍ଦର ପରିଡ଼ା, ଆଞ୍ଚଳିକ ସାଧନ କର୍ମୀ ଅଭୟ ସାହୁ, ଶିକ୍ଷକ ସୁରେନ୍ଦ୍ର ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସର୍ବପ୍ରଥମେ ଶିକ୍ଷୟିତ୍ରୀ ତନିସା ନାଥ ଅତିଥି ପରିଚୟ ସହ ମଞ୍ଚ ଆହ୍ୱାନ କରିଥଲେ। ପ୍ରଧାନଶିକ୍ଷକ ଅକ୍ଷୟ ହୋତା ପ୍ରାରମ୍ଭିକ ସୂଚନା ଦେଇଥିଲେ। ବ୍ଲକର ୧୯ଟି କ୍ଲଷ୍ଟରରୁ କନିଷ୍ଠ, ବରିଷ୍ଠ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ପ୍ରାୟ ୫୭୦ ଜଣ ପ୍ରତିଯୋଗୀ ଏହି କାର୍ଯକ୍ରମରେ ଅଂଶଗ୍ରହଣ କରିଥିଲେ। ପିଲାମାନଙ୍କ ମଧ୍ୟରେ ତର୍କ, ବକ୍ତୃତା, ସଂଗୀତ, ପ୍ରବନ୍ଧ, ସୃଜନଶୀଳ ରଚନା, କୁଇଜ୍, ଚିତ୍ର କଳା, ଶିଳ୍ପକଳା, ଚିତ୍ରାଙ୍କନ ଓ ଦଳଗତ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ଉତ୍ସବରେ ବ୍ଲକ୍ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ଭୀମସେନ ହୋ, ସତ୍ୟସୁନ୍ଦର ପରିଡ଼ା ଓ ପ୍ରଧାନଶିକ୍ଷକ ଅକ୍ଷୟ ହୋତା ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥଲେ। ଏହାକୁ ପରିଚାଳନା କରିଥିଲେ ପ୍ରଧାନ ଶିକ୍ଷକ ମଦନମୋହନ ସାମନ୍ତରାୟ ଦେବେନ୍ଦ୍ର ମଲ୍ଲିକ, ନିତ୍ୟାନନ୍ଦ ମଲ୍ଲିକ, ସଞ୍ଜୟ ଜେନା, ବ୍ରଜ ଶିଅଳ, ମୁଜାଫର୍ ହୋସେନ୍, ନୃସିଂହ ସାହୁ, ଦେବିକା ରାୟ, ଅଶୋକ ବେହେରା, ଗଙ୍ଗାଧର ବେହେରା ବକାଶ ନାୟକ, ତୃପ୍ତିରଞ୍ଜନ ବିଶ୍ୱାଳ, ସଦାନନ୍ଦ ବେହୁରିଆ, ଜ୍ୟୋତିରଞ୍ଜନ ମହାପାତ୍ର, ସ୍ୱର୍ଣ୍ଣଲତା ବେହେରା, ତନିଶା ନାଥ, ସ୍ମୃତିରେଖା ମାଝୀ, ସୁଚିସ୍ମିତ ନନ୍ଦି, ଅଳକା ମିଶ୍ର ସହଯୋଗ କରିଥିଲେ।

# ସୂଚନା ଅଧିକାର କର୍ମୀଙ୍କୁ ଧମକ

ଦୋଲସାହି, ୩୧।୧୦(ସମିସ): ଗୁଆମାଳ ପଞ୍ଚାୟତରେ ସୂଚନାଧିକାର କର୍ମୀ ଘନଶ୍ୟାମ ମିଶ୍ର ପଞ୍ଚାୟତରେ ହୋଇଥିବା ଦୁର୍ନୀତିକୁ ନେଇ ସୂଚନା ଅଧିକାର ଆଇନ (ଆରଟିଆଇ)ରେ ଏକାଧିକ ସୂଚନା ଆଦେବନ କରିଛନ୍ତି। ତେବେ ଘନଶ୍ୟାମଙ୍କୁ ଆରଟିଆଇ ତଥ୍ୟ ପ୍ରଦାନରେ ତିହିଡ଼ି ବ୍ଲକ ପ୍ରଶାସନ ଜାଣିଶୁଣି ବିଳମ୍ବ କରୁଥିବା ନେଇ ଗତ ଗୁରୁବାର ବ୍ଲକ ଏବିଡିଓଙ୍କ କାର୍ଯ୍ୟାଳୟ ପରିସରରେ ପହଞ୍ଚିଥିଲେ। ତାଙ୍କୁ ଶାସକ ଦଳର କିଛି ନେତା ଧମକ ଚମକ ଦେଇ ଗାଳି କରିଥିଲେ। ଫଳରେ ଶ୍ରୀ ମିଶ୍ର ତିହିଡ଼ି ଥାନା ଏନେଇ ଅଭିଯୋଗ କରିଛନ୍ତି।

# ଜାତୀୟ ଏକତା ଦିବସରେ ଚାରା ରୋପଣ

ତୁରୁମୁଙ୍ଗା, ୩୧।୧୦(ସମିସ): ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଶୁକ୍ରବାର ପାଟଣା ବନବିଭାଗ ପକ୍ଷରୁ ଏକତା ଦିବସ ଓ ଚାରା ରୋପଣ ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜନବାର୍ଷିକୀ ପାଳନ ଅବସରରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବନାଞ୍ଚଳ ଅଧିକାରୀ ବନବିହାରୀ ସର୍ଦ୍ଦାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଟଣା ବନପାଳ ନିରଞ୍ଜନ ସେଠୀ ସାହାରପଡା ବନପାଳ ଶ୍ରୀମନ୍ତ ବେହେରା ଓ ଖିରେଇଟାଙ୍ଗରି ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ସହକାରୀ ବନପାଳ ଦୀପକ ସ୍ୱାଇଁ, ହୃଦାନନ୍ଦ ମହାନ୍ତି, ଦୀପକ ରଣା, ଡଲିରାଣୀ ସାହୁ, ଦେବଜାନୀ ମହାନ୍ତ, ରାଜେଶ ଜେନା, ରଞ୍ଜିତା ମହାନ୍ତ ଓ ଝରଣାରାଣୀ ସାହୁଙ୍କ ସମେତ ଟିମ ଲିଡ଼ର ରଣଜିତ ପଲେଇ ଓ ସମସ୍ତ ପାରା କର୍ମଚାରୀ ସାମିଲ ଥିଲେ। ବନାଞ୍ଚଳର ସମସ୍ତ କର୍ମଚାରୀ ଜାତୀୟ ଏକତା ଓ ଅଖଣ୍ଡତା ରକ୍ଷା ପାଇଁ ଶପଥ ପାଠ କରିବା ସହ ବନାଞ୍ଚଳ କାର୍ଯ୍ୟାଳୟ ପରିସରେ ବଉଳ, ପଣସ, କାଞ୍ଚନ, ଓଉ, ନାଗ ଚମ୍ପା, ଫୁଲିଆରୀ ଓ ଅମୃତଭଣ୍ଡା ଆଦି ଚାରା ରୋପଣ କରାଯାଇଥିଲା। କୃପାଚାର୍ଯ୍ୟ ମହାନ୍ତ ଓ ଖଗେଶ୍ୱର ମହାନ୍ତ ସହଯୋଗ କରିଥିଲେ।

# ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ପ୍ରଦାନ



ଭଦ୍ରକ, ୩୧।୧୦(ସମିସ): ଜିଲ୍ଲା ପ୍ରଶାସନ, ଭଦ୍ରକ (ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ) ଏବଂ ଜିଲ୍ଲା ଭିନ୍ନକ୍ଷମ ପୁନର୍ବାସ କେନ୍ଦ୍ର (ଡିଡିଆର୍ସି) ଭଦ୍ରକ ମିଳିତ ଆନୁକୁଲ୍ୟରେ ଆଜି ପୁନର୍ବାସ ସେବା ଓ ଅନୁସନ୍ଧାନ କେନ୍ଦ୍ର (ସିଆରଏସ୍ଆର) ପରିସରରେ ଭିନ୍ନକ୍ଷମମାନଙ୍କୁ ବ୍ୟାଟେରିଚାଳିତ ତିନିଚକିଆ ସାଇକେଲ(ମଟୋରାଇଜଡ ଟ୍ରାଇସାଇକଲ) ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଦିଲୀପ ରାଉରତାଏ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସଚନ୍ଦ୍ର ନାୟକ ଓ ସିଆରଏସ୍ଆରର ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ଭଗବାନ ପରିଡ଼ା ଯୋଗଦେଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସୁବାସଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଂସଦ ଶ୍ରୀ ସେଠୀ ଭିନ୍ନକ୍ଷମମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏକ ଉତ୍ତମ ପ୍ରୟାସ ଏବଂ ଏହା ସମସ୍ତଙ୍କର ପ୍ରଚେଷ୍ଟା ହେବା ଆବଶ୍ୟକତା ବୋଲି ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଶ୍ରୀ ରାଉତରାଏ ଭିନ୍ନକ୍ଷମମାନଙ୍କୁ ସ୍ୱାଧୀନ ଭାବରେ ବଞ୍ଚିବା ଏବଂ ସେମାନଙ୍କର ଅଧିକାରକୁ ସରକାରୀ ଓ ବେସରକାରୀ ସ୍ତରରେ ସମ୍ମାନ ଦେବା ସମସ୍ତଙ୍କ ଦାୟିତ୍ୱ ବୋଲି ଅଭିମତ ପ୍ରକାଶ କରିଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ନାୟକ ଏହିଭଳି କାର୍ଯ୍ୟକ୍ରମର ଆୟୋଜନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭଦ୍ରକ ଜିଲ୍ଲାର ୨୭ଜଣ ଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବ୍ୟାଟେରି ଚାଳିତ ତିନିଚକିଆ ସାଇକଲ (ମଟୋରାଇଜଡ଼ ଟ୍ରାଇସାଇକଲ) ପ୍ରଦାନ ନରାଯାଇଥିଲା। ଏହିଭଳି କାର୍ଯ୍ୟକ୍ରମ ଜିଲ୍ଲାରେ ୮୦% ଭିନ୍ନକ୍ଷମତା ଥିବା ସମସ୍ତ ଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀଙ୍କୁ ପର୍ଯ୍ୟାୟକ୍ରମେ ପ୍ରଦାନ କରାଯିବ ବୋଲି ମୁଖ୍ୟ କାର୍ଯ୍ୟନିର୍ବାହୀ ଡା. ପରିଡ଼ା ମତବ୍ୟକ୍ତ କରିଥିଲେ।

### ହୋ ଭାଷାକୁ ସାମ୍ବିଧାନର ଅଷ୍ଟମ ଅନୁସୂଚୀରେ ସ୍ୱୀକୃତି ପ୍ରସଙ୍ଗ

# ନୂଆଦିଲ୍ଲୀ ଯନ୍ତରମନ୍ତରରେ ଧାରଣା



ବାରିପଦା/ରାଇରଙ୍ଗପୁର, ୩୧।୧୦(ସମିସ): ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ତରଫରୁ ଓଡିଶା, ଝାରଖଣ୍ଡ, ପଶ୍ଚିମବଙ୍ଗ, ବିହାର ଏବଂ ଆସାମର ହୋ ଭାଷାଭାଷୀଙ୍କ ତରଫରୁ ଏକ ଦିବସୀୟ ଗଣଧାରଣା ଅନୁଷ୍ଠିତ ହୋଇଥିଲା। ଭାରତ ବର୍ଷରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଦ୍ୱାରା ମାତୃଭାଷା ଭାବରେ ବ୍ୟବହୃତ ହୋ ଆଦିବାସୀ ଭାଷାକୁ ସମ୍ବିଧାନ ସଂଶୋଧନ ମାଧ୍ୟମରେ ନୂତନ ଭାବରେ ଅଷ୍ଟମ ଅନୁସୂଚୀରେ ସାମିଲ କରିବା ପାଇଁ ଏହି ଗଣଧାରଣା ଦିଆଯାଇଥିଲା। ଧାରଣାରେ ୫ଟି ରାଜ୍ୟରୁ ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ହୋ ଭାଷାଭାଷୀ, ସାମାଜିକ ଓ ରାଜନୈତିକ ନେତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଭିନ୍ନ ଦିନରୁ ହୋ ଭାଷାଭାଷୀଙ୍କ ତରଫରୁ ଲଗାତର ଭାବରେ ଆନ୍ଦୋଳନ ହେଉଥିଲେ ମଧ୍ୟ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉନଥିବାରୁ ନେତୃମଣ୍ଡଳୀ କ୍ଷୋଭ ପ୍ରକାଶ କରିଥିଲେ। ପ୍ରକାଶ ଥାଉକି, ଝାରଖଣ୍ଡ ଏବଂ ଓଡ଼ିଶା ସରକାରଙ୍କ ତରଫରୁ ବିଗତ ଦିନରେ ହୋ ଭାଷାକୁ ସରକାରୀ ମାନ୍ୟତା ପାଇଁ ସୁପାରିସ ହୋଇଥିଲେ ମଧ୍ୟ କେନ୍ଦ୍ର ସରକାର କ୍ରମାଗତ ଭାବରେ ଅବହେଳା କରିଆସୁଛନ୍ତି। ତେଣୁ ବିଲୁପ୍ତ ପ୍ରାୟ ଏହି ଭାଷା ଆଗାମୀ ଦିନରେ ଚିହ୍ନ ବର୍ଣ୍ଣ ହରାଇ ଦେବ ବୋଲି ବକ୍ତାମାନେ ଆଶଙ୍କା ବ୍ୟକ୍ତ କରିଥିଲେ। ସରକାର ଇତିମଧ୍ୟରେ ଠୋସ୍ ପଦକ୍ଷେପ ନ ନେଲେ ହୋ ଭାଷା ସହିତ ସଂଶ୍ଳିଷ୍ଟ ଥିବା ପାରମ୍ପରିକ ଜ୍ଞାନ, ମୌଖିକ କାହାଣୀ ଆଦି ଲୁପ୍ତ ହେଇ ହୋ ଆଦିବାସୀ ଜାତିର ଅସ୍ତିତ୍ୱ ରହିବ ନାହିଁ। ଏହି ଅବସରରେ ରାମରାଇ ମୁନ୍ଦୁଇୟା, ଲକ୍ଷ୍ମୀଧର ସିଂ, ସୁରା ବିରୁଲୀ, ଡମ୍ବରୁଧର ଜାମୁଦା, ନାରଣ ପୂର୍ତ୍ତି, ପ୍ରହ୍ଲାଦ ପୂର୍ତ୍ତି, କ୍ଷିରୋଦ ହେମ୍ବ୍ରମ, ଗମେୟା ଅଙ୍ଗ, ରମେଶ ବିରୁଆ, ଇପିଲ ସାମାଡ, ବାବୁଲି ହାଇବୁରୁ, ଗବର ସିଂ ହେମ୍ବ୍ରମ, ସୁକଦେବ ହେମ୍ବ୍ରମ, ଜବାହାର ଲାଲ ବାଙ୍କୀରା, ଗମେୟା ଅମଙ୍ଗ, ବୈଜୁ ସିର୍କା, ଯାଦୁନାଥ ଟିୟୁ, ଗଣେଶ ଚନ୍ଦ୍ର ହେମ୍ବ୍ରମ ଲବେନ୍ଦ୍ର ହେମ୍ବ୍ରମ, ଜଗନାଥ ହେସା ପ୍ରମୁଖ ନେତୃତ୍ୱ ନେଇଥିଲ।

# ଜିଲ୍ଲାସ୍ତରୀୟ 'ଏକତାର ଦୌଡ଼'



ଭଦ୍ରକ, ୩୧।୧୦(ସମିସ): ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଜିଲ୍ଲା ପୁଲିସ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟରୁ ଜିଲ୍ଲା ସଂରକ୍ଷିତ ପୁଲିସ କାର୍ଯ୍ୟାଳୟ ପର୍ଯ୍ୟନ୍ତ 'ଏକତାର ଦୌଡ଼' ଆୟୋଜନ କରାଯାଇଥିଲା। ଏହି ଅବସରରେ ଜିଲ୍ଲାପାଳ ଦିଲୀପ ରାଉତରାଏ ଓ ଏସ୍‌ପି ମନୋଜ କୁମାର ରାଉତଙ୍କ ସହ ଅନ୍ୟ ଅଧିକାରୀ ଓ କ୍ରୀଡ଼ାବିତ ଯୋଗ ଦେଇଥିଲେ। ଅନୁରୂପ ଭାବେ ଜିଲ୍ଲା ପ୍ରଶାସନ ପକ୍ଷରୁ ଚାନ୍ଦବାଲି କାଳୀମନ୍ଦିରଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଆୟୋଜିତ ଏକତା ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଜିଲ୍ଲାପାଳ ଦିଲୀପ ରାଉତରାଏ, ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ, କ୍ରୀଡାବିତ ରାଷ୍ଟ୍ରୀୟ ଏକତା ଶପଥ ପାଠ କରିଥିଲେ। ସେହିପରି ଜିଲ୍ଲାର ବିଭିନ୍ନ ଥାନାରେ ଏକତା ଦିବସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

### ଆଗକୁ ବୋଇତ ବନ୍ଦାଣ

# କୁଳ ବେଉସାରୁ ମୁହଁ ଫେରାଉଛି ମାଳି

ବନ୍ତ/ଆଗରପଡ଼ା,୩୧।୧୦(ସମିସ)

ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କୁ ଫୁଲର ଆଭୂଷଣରେ ବିଭୂଷିତ କରୁଥିଲା ମାଳି ସୁଦାମା କିନ୍ତୁ ଆଜି ଯୁଗରେ ପ୍ରଭୁଙ୍କୁ ବିଭୂଷିତ କରିବାକୁ ନା ଅଛି ମାଳି ନା ତା ବେଉସା ଦେଖିବାକୁ ମିଳୁଛି। ଆଧୁନିକ ଯୁଗରେ ନିଜର ଜୀବନ ଶୈଳିକୁ ପରିବର୍ତ୍ତନ କରିବା ଓ ନିଜର ଜୀବିକାକୁ ଉନ୍ନତମାନର କରିବା ଆଶାରେ ଏପରି ପରିସ୍ଥିତି ସୃଷ୍ଟି ହେଲାଣିଯେ ବହୁ ସଂପ୍ରଦାୟ ନିଜ କୂଳ ବେଉସାକୁ ଭୁଲିବାକୁ ବସିଲେଣି। ଯେତେ ନୂତନତ୍ୱକୁ ଆପଣେଇଲେ ମଧ୍ୟ ଏମିତି କିଛି ସାମଗ୍ରୀ ଅଛି ଯାହା ପ୍ରତ୍ୟେକ କାର୍ଯ୍ୟରେ ନିତ୍ୟାନ୍ତ ଆବଶ୍ୟକ। ଏହି ସାମଗ୍ରୀ ବିନା କାର୍ଯ୍ୟ ସମ୍ପାଦନ କରିବା ଅସମ୍ଭବ। ଯେପରିକି ପୂଜା, ବିଭାଘର,ବ୍ରତଘର ଆଦିରେ ସର୍ବ ପ୍ରଥମେ ଫୁଲ ଓ ସୋଲରେ ତିଆରି ସାମଗ୍ରୀ ମୁକୁଟ, ଡ଼ୋହୋଳ, ପଦୁକ, ନୁଳ, ଗଜରା, ହାତଫାସିଆ, ଟାହିଆ, ପାନିକି ଗଛ, ଝାଡ଼ ଇତ୍ୟାଦିର ନିତ୍ୟାନ୍ତ ଆବଶ୍ୟକ ରହିଥାଏ। ଏସବୁ ସାମଗ୍ରୀ ବିନା ଉପରୋକ୍ତ କାର୍ଯ୍ୟ ସମ୍ପାଦନ କରିବା ଅସମ୍ଭବ ହୋଇପଡ଼ିଥାଏ କିନ୍ତୁ ଏପରିସ୍ଥଳେ ଏହି ସବୁ ସାମଗ୍ରୀ ସମ୍ପାଦନ କରୁଥିବା ସଂପ୍ରଦାୟ ମାଳି ଆଜି ଅବହେଳିତ। ସେମାନଙ୍କୁ ସେମାନଙ୍କ କୌଳିକ ବୃତ୍ତିକୁ ପ୍ରୋତ୍ସାହନ ଦେବାପାଇଁ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆ ନଯାଉଥିବାରୁ ସେମାନେ ସେମାନଙ୍କ ବେଉସାକୁ ଭୁଲିବାକୁ ବସିଲେଣି। ଓଡ଼ିଆ ସଂସ୍କୃତିରେ ପାଳିତ ପ୍ରତ୍ୟେକ ପର୍ବପର୍ବାଣୀରେ ମାଳିର ସ୍ୱତନ୍ତ୍ର ଆବଶ୍ୟକତା ରହିଥାଏ। ଯେପରିକି ସାଧବ ପୁଅମାନେ ବାଣିଜ୍ୟ ବ୍ୟବସାୟ କରିବା ପାଇଁ ବିଦେଶ ଯାଇଥାନ୍ତି ଓ ସେହି ବିଦେଶ ଯାତ୍ରାକୁ ଉଜ୍ଜିବିତ ରଖିବା ପାଇଁ କାର୍ତ୍ତିକ ପୂର୍ଣ୍ଣିମାରେ ଡ଼ଙ୍ଗା ଭସାଯାଇଥାଏ। ଯେଉଁ ଡ଼ଙ୍ଗା ମାଳି ଦ୍ୱାରା ନିର୍ମିତ। ବନ୍ତ ବ୍ଲକ ଅଧିନ ଆଗରପଡ଼ା ଓ ତା ଆଖପାଖ ଅଞ୍ଚଳ କାଉପୁର, ମଙ୍ଗଳପୁର, ଅଣିଜୋ, ପୁରୁଷଣ୍ଡ ଆଦି ଗ୍ରାମରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବହୁ ବର୍ଷରୁ ମାଳି ସମ୍ପ୍ରଦାୟ ବସବାସ କରନ୍ତି। ସେମାନେ ସେମାନଙ୍କ କୌଳିକ ବୃତ୍ତିକୁ ପାଥେୟ କରି ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଅଣିଜୋ ଗ୍ରାମର ମିନହରି ରଣା, ଭରତ ରଣା, ଲକ୍ଷ୍ମୀଧର ରଣା, ବାବାଜୀ ରଣା, ମୁରଲୀ ରଣା, ପୂର୍ଣ୍ଣଚନ୍ଦ୍ର ରଣା, ଅଶୋକ ରଣା,



ସାଗର ରଣା, କୌଶଲ୍ୟା ରଣା, ରଙ୍ଗଲତା ରଣା ଓ କନକ ରଣାଙ୍କ ସହ ଅବସ୍ଥାପିତ ଏହି ସମ୍ପ୍ରଦାୟର କିଛି ପରିବାରଙ୍କୁ ଯୋଗାଯୋଗ କରିବାରୁ ଜଣାଯାଏ। ସେମାନେ ତାଙ୍କ ପୂର୍ବ ପୁରୁଷ କରି ଆସୁଥିବା ଏହି ବେଉସାକୁ ନିଜର ରୋଜଗାର ମାଧ୍ୟମ ରୂପେ ବାଛି ନେଇଛନ୍ତି। ସେମାନେ ମୁକୁଟ, ଡ଼ୋହଳ, ପଦୁକ, ନୁଳ, ଗଜରା, ହାତଫାସିଆ, ଟାହିଆ, ପାନିକି ଗଛ, ଝାଡ଼ ଇତ୍ୟାଦି ତିଆରି କରି ଏହି ସବୁ ସାମଗ୍ରୀକୁ ସହରର ବିଭିନ୍ନ ଦୋକାନରେ ବିକ୍ରି ପାଇଁ ଦେବା ସହ ପୂଜା ପର୍ବରେ ନିଜେ ତାକୁ ନେଇ ମନ୍ଦିରରେ ବିକ୍ରି କରିଥାନ୍ତି। ଯୁଗେ ଯୁଗେ ରାଜା ମହାରାଜା ଓ ଜମିଦାରମାନେ ମାଳି ମାନଙ୍କୁ ନିଷ୍କର ଜମି ବାଡ଼ି ଯୋଗାଇ ଦେଇଥାନ୍ତି। ଏହି ସବୁ ଜମିରେ ଫୁଲ .ଷ କରି ମାଳିମାନେ ଦେବତା ମନ୍ଦିରରେ ଫୁଲ ଦେବା ସହ ନିଜର ଗୁଜୁରାଣ ମେଣ୍ଟାଇ ଥାନ୍ତି କିନ୍ତୁ ଏହି ଅଞ୍ଚଳର ମାଳିମାନେ ଅଭିଯୋଗ କରିଥାନ୍ତି ଯେ ସେମାନଙ୍କ ପାଇଁ ସେ ସୁବିଧାର ପ୍ରଚଳନ ନାହିଁ ବୋଲି। ଜମିତ ନାହିଁ ଫୁଲ ଚାଷ କରିବେ କେଉଁଠି। ରାଜ୍ୟ ବାହାରୁ ଫୁଲ ବେପାରୀମାନେ ଆସି ଫୁଲ ଆଣି ସହରରେ ଅଳ୍ପ ମୂଲ୍ୟରେ ବିକ୍ରି କରୁଥିବାରୁ ଲୋକମାନେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଜିନିଷର ଉଚିତ ମୂଲ୍ୟ ଦେଉନଥିବା ହେତୁ ସେମାନେ ଏହି ବୃତ୍ତିକୁ ଭୂଲିବାକୁ ବାଧ ହେଉଛନ୍ତି। କିଛି ମାଳି ଅଭିଯୋଗ କରନ୍ତି ଯେ ସୋଲର ଅଭାବି ଯୋଗୁଁ ସେମାନେ ରାଜ୍ୟ ବାହାରୁ ଚଢା ଦରରେ ସୋଲ କିଣି ସେଥିରୁ ନିର୍ମାଣ କରୁଥିବା ସାମଗ୍ରୀକୁ ବିକ୍ରି କରି ତାର ଉଚିତ ପାରିଶ୍ରମିକ ମୂଲ୍ୟ ପାଇପାରୁନାହାନ୍ତି। ତାଙ୍କ କୌଳିକ ବୃତ୍ତିର ଚାହିଦା ନଥିବା ସ୍ଥଳେ ସ୍ଥାନିୟ ବରଦା ଅଞ୍ଚଳରେ ପ୍ରତ୍ୟେକ ଗୁରୁବାର ଅବସ୍ଥାପିତ ମୁସଲିମ ସମ୍ପ୍ରଦାୟ ଠାକୁର ମନସୁର ବାବା(ପିର ବାବା)ଙ୍କ ମଝାରକୁ ଫୁଲରେ ଆଚ୍ଛାଦିତ କରାଯାଇଥାଏ। ସେଥିପାଇଁ ସେଠାରେ ଷ୍ଟଲମାନ କରି ଫୁଲ ବିକ୍ରି କରିଥାନ୍ତି। ପ୍ରତ୍ୟେକ ସପ୍ତାହର ବୁଧବାର ଦିନ ସେମାନେ ଚଳଚଞ୍ଚଳ ହୋଇଉଠିବା ସହ ୧୪ରୁ ୧୫ ଘଣ୍ଟା କାଳ ଫୁଲର ହାର ତିଆରି କରିବାରେ ନିଜକୁ ନିୟୋଜିତ କରିଥାନ୍ତି। ଏହି ରୋଜଗାରରୁ ନିଜ ପରିବାର ପ୍ରତିପୋଷଣ କରିଥାନ୍ତି। ଯେଉଁଥିରୁ ଆଧୁନିକ ଯୁଗରେ ପରିବାର ପ୍ରତିପୋଷଣ କରିବା ପାଇଁ ବହୁ କଷ୍ଟ ଅନୁଭବ କରନ୍ତି। ଅଣିଜୋ ଗ୍ରାମର ମିନହରି ରଣା(୭୬) ଏହି ସଂପ୍ରଦାୟର ହୋଇଥିଲେ ମଧ୍ୟ ଏହି ରୋଜଗାରରେ ପରିବାର ପ୍ରତିପୋଷଣ କରିବା ପାଇଁ କଷ୍ଟ ଅନୁଭବ କରୁଥିବାରୁ ସେ ନିଜକୁ ଗାହାଣ କାର୍ଯ୍ୟରେ ନିୟୋଜିତ କରିଆସୁଛନ୍ତି। ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା କମ୍ ଥିବାରୁ ସରକାରଙ୍କ ପ୍ରଦତ୍ତ ଇନ୍ଦିରାଆବାସ, ମୋ କୁଡ଼ିଆ, ଭତ୍ତା ଓ ତତ୍‌ସହିତ ହସ୍ତଶିଳ୍ପ ପାଇଁ ପ୍ରଯୁଜ୍ୟ ସୁବିଧା ତାଙ୍କ ପାଖରେ ଆଜିବି ଅପହଞ୍ଚ। ଏହି କୌଳିକ ବୃତ୍ତିକୁ ବଞ୍ଚାଇବା ପାଇଁ ଓ ତାଙ୍କ ଜୀବନକୁ ସରସ ସୁନ୍ଦର କରିବା ପାଇଁ ଯଦି ସରକାର ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିବା ସହ ନିଷ୍କର ଜମିର ବ୍ୟବସ୍ଥା କରାଇପାରନ୍ତେ ତେବେ ସେମାନେ ସେଥିରେ ଫୁଲ ଚାଷ କରି ନିଜର ରୋଜଗାରକୁ ଉନ୍ନତ କରିବା ସହ କୌଳିକ ବୃତ୍ତିକୁ ଉଜ୍ଜିବିତ ରଖିପାରନ୍ତେ ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରୁଛନ୍ତି।

## ସେମାନେ ଯାହା କହନ୍ତି..



ସରକାରୀ ସ୍ତରରେ ଏହି ସଂପ୍ରଦାୟ ପାଇଁ ସେପରି କୌଣସି ସ୍ୱତନ୍ତ୍ର ସୁବିଧା ନାହିଁ। ଯଦି କୌଣସି ସୁବିଧା ଉପଲବ୍ଧ ହୁଏ ମୁଁ ଏହାକୁ ସେମାନଙ୍କୁ ଯୋଗାଇ ଦେବାକୁ ଚେଷ୍ଟା କରିବି।

- ମାଳତୀଲତା ପୃଷ୍ଟି, ସରପଞ୍ଚ, ଅଣିଜୋ



ମୁଁ ସରପଞ୍ଚ ଥିବା ସମୟରେ ଏମାନଙ୍କ ସମସ୍ୟାକୁ ନେଇ ଅନେକ ସମୟରେ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛି। କିନ୍ତୁ କୌଣସି ସୁଫଳ ମିଳିପାରିନଥିଲା କି ଅଦ୍ୟାବଧି କୌଣସି ସୁଫଳ ମିଳିପାରି ନାହିଁ।

- ଜଗବନ୍ଧୁ ବେହେରା, ପୂର୍ବତନ ସରପଞ୍ଚ, ଅଣିଜୋ



ସରକାରୀ ସ୍ତରରେ ରାଜ୍ୟ ଓ କେନ୍ଦ୍ର ସରକାର କୁଟୀର ଶିଳ୍ପର ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା ପ୍ରଣୟନ କରୁଛନ୍ତି। ଯଦି ଏହି ସଂପ୍ରଦାୟ ପାଇଁ ସେପରି କୌଣସି ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିପାରନ୍ତେ ତାହାହେଲେ ଏହି ସଂପ୍ରଦାୟ ତାର କୌଳିକ ବୃତ୍ତିକୁ ଉଦ୍‌ଜୀବିତ କରିପାରନ୍ତା।

- ବସନ୍ତ ଖିଲାର, ଯୁବ ଆଇନଜୀବୀ ତଥା ସମ୍ପାଦକ ଦିଶା ସାମାଜିକ ସଂଗଠନ, ଆଗରପଡ଼ା

### ଶିକ୍ଷାଦାନ ଛାଡ଼ି ଗୋଷ୍ଠୀକନ୍ଦଳରେ ଶିକ୍ଷକଶିକ୍ଷୟିତ୍ରୀ

# ଟାୟାର ଜାଳି ଛାତ୍ରଛାତ୍ରୀଙ୍କ ରାସ୍ତାରୋକ

ହାଟଡିହୀ,୩୧।୧୦(ସମିସ)



କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଜଳସରପୁର ହାଇସ୍କୁଲରେ ଶିକ୍ଷକଶିକ୍ଷୟିତ୍ରୀମାନେ ଶିକ୍ଷାଦାନକୁ ଗୁରୁତ୍ୱ ନଦେଇ ଗୋଷ୍ଠୀ କନ୍ଦଳରେ ସମୟ ବିତାଉ ଥିବାବେଳେ ଏହାର ପ୍ରତିବାଦ କରି ଆଜି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଟାୟାର ଜାଳି ଜାବିନୀପୁର-ଗେଡ଼ମା ରାସ୍ତାକୁ ଅବରୋଧ କରି ବସିଥିଲେ। ହାଟଡିହୀ ତହସିଲଦାର ଶିବବ୍ରତ ତ୍ରିପାଠୀ, ନନ୍ଦିପଦା ଥାନା ଆଇଆଇସି ଧର୍ମେନ୍ଦ୍ର ଶାନ୍ତି ଘଟଣାସ୍ଥଳରେ ପହଞ୍ଚି ଛୁଆମାନଙ୍କୁ ବୁଝାସୁଝା କରି ସେମାନଙ୍କଠାରୁ ଦାବିପତ୍ର ଗ୍ରହଣ କରିବା ପରେ ଛାତ୍ରଛାତ୍ରୀମାନେ ରାସ୍ତାରୁ ହଟିଥିଲେ।

ବିଦ୍ୟାଳୟରେ ଥିବା ଶିକ୍ଷକଶିକ୍ଷୟିତ୍ରୀମାନେ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇ ରହୁଛନ୍ତି। ଶିକ୍ଷାଦାନ ପ୍ରତି କେହି ଯତ୍ନବାନ ହେଉନାହାନ୍ତି। ବିଜ୍ଞାନଶିକ୍ଷୟିତ୍ରୀ ସ୍କୁଲକୁ ନିୟମିତ ଆସୁ ନଥିବା ବେଳେ ଠିକ ଭାବେ ମଧ ପଢାଉ ନାହାନ୍ତି। ଏପରିକି ସେ ପାଠ ପଢ଼ାଇବା ବଦଳରେ ଭେଷ୍ଟିଜ କମ୍ପାନୀର ବ୍ୟବସାୟ କରୁଛନ୍ତି। ସେହି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବୁଝାଇ ସୁଝାଇ ବିକ୍ରି କରୁଛନ୍ତି। ଯେଉଁ ଛାତ୍ରଛାତ୍ରୀ ନକିଣିବେ ତାଙ୍କୁ ଗାଳି ଗୁଲଜ କରୁଛନ୍ତି ବୋଲି ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନଶିକ୍ଷକ ଜଣକ କୌଣସି ଅଭିଯୋଗ ଶୁଣୁ ନଥିବା ବେଳେ ସେ ବି ଅନୁପସ୍ଥିତ ରହୁଥିବା ଅଭିଯୋଗ କରିଛନ୍ତି।

ଗତକାଲି ଶାଳଣିଆଁ ବଜାରରେ ଜଣେ ଶିକ୍ଷୟିତ୍ରୀ ସେହି ସ୍କୁଲର କିରାଣି ଓ ଜଣେ କର୍ମଚାରୀ ହାତାହାତି ହେବାକୁ ନେଇ ବିଦ୍ୟାଳୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଘଟଣାରେ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ଦୁଇଟି ମାମଲା ରୁଜୁ ହୋଇଥିବା ତଦନ୍ତ କାରି ଅଧିକାରୀ କହିଛନ୍ତି। ଶୁକ୍ରବାର ପ୍ରଧାନଶିକ୍ଷକ, ବିଜ୍ଞାନ ଶିକ୍ଷୟିତ୍ରୀ, କିରାଣି ଓ ଅନ୍ୟ ଜଣେ କର୍ମଚାରୀ ଅନୁପସ୍ଥିତ ରହିବାରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ଘୋର ବିରୋଧ କରିଛନ୍ତି। ବିଦ୍ୟାଳୟ ଭଳି ଏକ ମନ୍ଦିରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଏପରି ଆଚରଣରେ ଅତିଷ୍ଠ ହୋଇପଡିଛନ୍ତି ଛାତ୍ରଛାତ୍ରୀ। ସକାଳୁ ପ୍ରିୟଙ୍କା ମହାପାତ୍ର, ଶୁଭସ୍ମିତା ଚକ୍ର, ଅଭିଷେକ ଜେନା, ଶେଷଦେବ କାଣ୍ଡି, ମେଘନା କର, ବର୍ଷାପ୍ରିୟଦର୍ଶିନୀ ପଣ୍ଡା, ବନ୍ୟାରାଣୀ ନାୟକ, ଅମର ସିଂ, ଅପର୍ଣ୍ଣା ଦେହୁରୀ, ସୌମ୍ୟଜିତ ଦାସ, କ୍ରିଷ୍ଣା ଦାସ, ପୃଥ୍ୱୀରାଜ ଖଣ୍ଡେଇ, ସାଇସତ୍ୟ ସ୍ୱରୂପ ଜେନାଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ବିଭିନ୍ନ ପ୍ଲା-କାର୍ଡ ଧରି ଟାୟାର ଜାଳି ସକାଳ ୧୦ଟାରୁ ବସି ରହିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଆନନ୍ଦପୁର ବିଧାୟକ କହିଛନ୍ତି, ଏହି ବିଦ୍ୟାଳୟରେ ଶିକ୍ଷାଦାନ କମ୍ ରାଜନୀତି ଅଧିକ। ତୁରନ୍ତ ଏହାର ସମାଧାନ କରାଯିବ।

### ମଟନ୍ ମିଳିଲାନି ବୋଲି ଭୋଜିରେ ହତ୍ୟା ମାମଲା

## ହତ୍ୟାକାରୀକୁ ଆଜୀବନ ଜେଲ୍

ଭଦ୍ରକ,୩୧।୧୦(ସମିସ): ଗତ ୨୦୨୨ ମସିହାରେ ଭଦ୍ରକ ଗ୍ରାମାଚଞ୍ଚ ଥାନା ଅଧୀନ ଆହାରପଦା ଗ୍ରାମର ବିଦ୍ୟାଧର ମାଝୀ ଓରଫ ବିଦୁ ହତ୍ୟା ମାମଲାର ହତ୍ୟାକାରୀ ଆଦିତ୍ୟ କୁମାର ରାଉତ ଓରଫ ଗୁଡୁକୁ ଭଦ୍ରକ ଜିଲ୍ଲା ତଥା ଦୌରାଜଜ ସଂଗ୍ରାମ କେଶରୀ ପଟ୍ଟନାୟକ ଆଜୀବନ ଜେଲ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ପୁଣି ୬ ମାସ ଜେଲ ଦଣ୍ଡ ଭୋଗିବାକୁ ବିଚାରପତି ତାଙ୍କ ରାୟରେ ଆଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୨୦୨୨ ଜୁଲାଇ ମାସ ୪ ତାରିଖରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଆହାରପଦା ଗାଁର ବିଦ୍ୟାଧର ମାଝୀଙ୍କ ଜଣେ ସମ୍ପର୍କୀୟଙ୍କ ବିବାହ ପୌରପାଳିକା ବିଜୁ କଲ୍ୟାଣ ମଣ୍ଡପରେ ହେଉଥିଲା। ଉକ୍ତ ବିବାହ ଭୋଜିକୁ ଆଦିତ୍ୟକୁ ମଧ ନିମନ୍ତ୍ରଣ ହୋଇଥିଲା। ମାତ୍ର ଖାଇବା ବେଳକୁ ମାଂସ ତରକାରୀ ସରି ଯାଇଥିବାରୁ ସେ ଏହାର ପ୍ରତିବାଦ କରିଥିଲା। ଏହାକୁ ନେଇ ବିଦ୍ୟାଧର ବିରୋଧ କରିବାରୁ ଉଭୟଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଆଦିତ୍ୟ ଉତ୍ତ୍ୟକ୍ତ ହୋଇ ଆହାରପଦା ଫେରିବା ରାସ୍ତାରେ ବିଜେଗଙ୍ଗାଧରପୁର ଛକରେ ଆକ୍ରମଣ କରିବାକୁ ଯୋଜନାବଦ୍ଧଭାବେ ଅପେକ୍ଷା କରି ରହିଥିଲା। ବିଦ୍ୟାଧର ସେହି ରାସ୍ତାରେ ନିଜ ଘର ଆହାରପଦାକୁ ବିଳମ୍ବିତ ରାତିରେ ଫେରିବା ବେଳେ ଆଦିତ୍ୟ ଏକ ଧାରୁଆ ଛୁରୀରେ ଆକ୍ରମଣ କରି ରକ୍ତାକ୍ତ କରି ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲେ ମଧ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ଘଟଣା ନେଇ ମୃତକଙ୍କ ଭାଇ ମଧୁସୂଦନ ମାଝୀଙ୍କ ଏତଲାକ୍ରମେ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା ରୁଜୁ ହୋଇ ପୁଲିସ ଆଦିତ୍ୟକୁ ଗିରଫ କରି ଜେଲ ପଠାଇଥିଲା। ସେହି ଦିନ ଠାରୁ ଆଦିତ୍ୟ ବିଚାରାଧୀନ ବନ୍ଦୀ ଭାବରେ ଜେଲରେ ଅଟକ ରହିଥିଲା। ପରେ ଏହି ମାମଲା (ସ୍ପେଶାଲ କେଶ ନଂ-୧୮୮/୨୨)ର ବିଚାର ହୋଇଥିଲା। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ସରକାରୀ ଓକିଲ ପବନ କୁମାର ଶର୍ମା ମକଦ୍ଦମା ପରିଚାଳନା କରୁଥିଲେ।

### ଅଁଳା ନବମୀରେ ଅଘଟଣ; ଦ୍ୱିତୀୟ ଶ୍ରୀକ୍ଷେତ୍ରରୁ ଉଡ଼ିଗଲା ନେତ

## ନୀତିକାନ୍ତି ବିଭ୍ରାଟକୁ ଦାୟୀ କଲେ ସେବାୟତ

ବାରିପଦା, ୩୧।୧୦(ସମିସ)




ପବିତ୍ର ଅଁଳା ନବମୀରେ ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ଅଘଟଣ ଘଟିଛି। ଶ୍ରୀ ଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ମନ୍ଦିରର ନେତ ଉଡିଯାଇଛି; ଯାହାକି ଆସନ୍ନ ବିପଦର ସଙ୍କେତ ବୋଲି ସେବାୟତମାନେ କହିଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ଅଁଳା ନବମୀ ଥିବାରୁ ମନ୍ଦିରରେ ସକାଳେ ନୀତିକ୍ରାନ୍ତି ଜାରି ରହିଥିଲା; ହେଲେ ସକାଳ ୧୦ଟାରେ ମନ୍ଦିରର ନେତ ଉଡିଯାଇଛି। ବର୍ଷା ନ ଥିଲେ ମଧ ହାଲୁକା ପବନ ଯୋଗୁ ଏହି ଅଘଟଣ ଘଟିଛି। ଏହାକୁ ନେଇ ସମସ୍ତଙ୍କ ମନରେ ଛନକା ସୃଷ୍ଟି କରିଛି। ପହଡ ଖୋଲିବା ପରେ ଧୂପ ଓ ଠା ସେବା ନୀତି ଚାଲିଥିବା ବେଳେ ନେତ ଉଡିଯାଇଛି। ନେତ ଦୂରକୁ ଉଡିଯାଇଥିବା ବେଳେ ବହୁ ଖୋଜଖୋଜି କରିବା ପରେ ବି ମିଳିନଥିଲା। ଏହା ଦେଖି ଚୁନୁରା ସେବାୟତମାନେ ମନ୍ଦିର ଉପରକୁ ଉଠି ପୁଣି ନେତ ବାନ୍ଧିଥିଲେ। ଏହାପରେ ଅଧାରୁ ଅଟକି ଥିବା ସମସ୍ତ ନୀତିକ୍ରାନ୍ତି ସମ୍ପନ୍ନ ହୋଇଛି। ତେବେ ଏହା ଆସନ୍ନ ବିପଦର ସଙ୍କେତ ବୋଲି ମୁଖ୍ୟ ସେବାୟତ ଅରୁଣ କୁମାର ମିଶ୍ର କହିଛନ୍ତି। ତେବେ ପବିତ୍ର ଅଁଳା ନବମୀରେ ଏଭଳି ଅଘଟଣକୁ ସେବାୟତ ଓ ଶ୍ରଦ୍ଧାଳୁ ସହଜରେ ଗ୍ରହଣ କରି ପାରୁନାହାନ୍ତି। ବାରିପଦା ସ୍ଥିତ ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ମନ୍ଦିରରେ ବାରମ୍ବାର ନୀତିକାନ୍ତି ବିଭ୍ରାଟ ପାଇଁ ଏଭଳି ଅଘଟଣ ଘଟିଛି ବୋଲି ସେବାୟତମାନେ ଅଭିଯୋଗ କରିଛନ୍ତି। ଶ୍ରୀ ଶ୍ରୀ ହରିବଳ ଦେବ ଜୀଉ ହେଲେ ଅମାପ ସମ୍ପତ୍ତି ମାଲିକ; କିନ୍ତୁ ମହାପ୍ରଭୁ ଟଙ୍କା ଅଭାବ ଯୋଗୁଁ ଉପାସରେ ରହୁଛନ୍ତି। ଫଳରେ ନୀତିକ୍ରାନ୍ତି ବହୁ ବିଭ୍ରାଟ ହେଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ସମାଧାନ ପାଇଁ ରାଜ୍ୟ ସରକାର ଏଥିପ୍ରତି କୋଣସି ଦୃଷ୍ଟି ଦେଉନାହାଁନ୍ତି। ତେଣୁକରି ଏପରି ଅଘଟଣ ଆସନ୍ନ ବିପଦର ସୂଚନା ଦେଉଛି ବୋଲି ମତ ଦେଇଛନ୍ତି। ପ୍ରକାଶ ଥାଉ କି ଗତ ବର୍ଷ ଅକ୍ଟୋବର ୨୪ ତାରିଖରେ ଦାନା ବାତ୍ୟା ପ୍ରଭାବରେ ଜୋରରେ ପବନ ବୋହିଥିବା ବେଳେ ନେତ ଉଡି ରଥଖଳାରେ ପଡିଥିଲା।

### ରାତି ଅଧରେ ଲୁଚି ଲୁଚି ଚେକିଂ କରିବା ମହଙ୍ଗା ପଡ଼ିଲା

## ଚୋର ଭାବି ୩ ବିଦ୍ୟୁତ୍ କର୍ମଚାରଙ୍କୁ ନିର୍ଘୁମ୍ ପିଟିଲେ

ପାଣିକୋଇଲି,୩୧।୧୦(ସମିସ)

ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମରେ ଗୁରୁବାର ବିଳମ୍ବିତ



ରାତ୍ରୀରେ ୩ଜଣ ବିଦ୍ୟୁତ କର୍ମଚାରୀଙ୍କୁ ଚୋର ବୋଲି ଭାବି ମାଡ଼ ମାରି ପୁଲିସ ଜିମା ଦିଆଯାଇଛି। ଏନେଇ ଥାନାରେ ଦୁଇଟି ଅଭିଯୋଗ କରାଯାଇଛି। ତିନି କର୍ମଚାରୀଙ୍କ ମଧ୍ୟରୁ ଜଣେ ଅଣଓଡ଼ିଆ କର୍ମଚାରୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

ଚାନ୍ଦପୁର ଗ୍ରାମର ପ୍ରଦୀପ ପଣ୍ଡାଙ୍କ ସ୍ତ୍ରୀ କଳ୍ପନା ପଣ୍ଡାଙ୍କ ଅଭିଯୋଗ ମୁତାବକ ଗୁରୁବାର ରାତି ୩ଟା ସମୟରେ ଘରର ମହିଳାମାନେ କାର୍ତ୍ତିକ ସ୍ନାନ ପାଇଁ ରାତ୍ରୀରୁ ଉଠିଥିଲେ। ଘରର କବାଟ ଖୋଲାଥିଲା। ଏହି ସମୟରେ ଜଣେ ଅଣଓଡ଼ିଆ ବ୍ୟକ୍ତି ତାଙ୍କ ଘରେ ପଶିଯାଇଥିଲା। ଏହା ଦେଖି ସେମାନେ ଚୋର ଚୋର ପାଟି କରିବାରୁ ପରିବାରର ସମସ୍ତେ ଓ ଗ୍ରାମବାସୀ ଉଠିଆସିଥିଲେ। ସେମାନଙ୍କୁ ଉତ୍ତମ ମଧ୍ୟମ ଦେଇ ପୁଲିସକୁ ଫୋନ୍ କରିଥିଲେ। ଉକ୍ତ ଯୁବକ ମହିଳାମାନଙ୍କୁ ଧକ୍କା ମାରିବା ସହ ସୁନା ଅଳଙ୍କାର ଛଡ଼ାଇନେଇଥିବାର ଅଭିଯୋଗରେ ମଧ ଦର୍ଶାଇଛନ୍ତି। ଖବରପାଇ ପାଣିକୋଇଲି ପୁଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଥାନାକୁ ଆଣି ଚିକିତ୍ସା ପାଇଁ ପଠାଇଥିଲା। ଅପରପକ୍ଷେ ବିଦ୍ୟୁତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଥାନାରେ ମଧ ପାଲଟା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ ଉକ୍ତ ପରିବାର ପ୍ରତିଦିନ ରାତିରେ ହୁକ ପକାଇ ବିଦ୍ୟୁତ ବ୍ୟବହାର କରନ୍ତି। ଖବର ପାଇ ଗୁରୁବାର ଏକ ଟିମ୍ ବିଦ୍ୟୁତ ତାରରୁ ହୁକ କେଉଁଆଡେ ଯାଇଛି ବୋଲି ଟର୍ଚ୍ଚ ମାରି ଚେକିଂ କରିଥିଲେ। ତାରଟି କୁଆଡେ ଯାଇଛି ଖୋଜିବା ବେଳକୁ ଉକ୍ତ ଘରକୁ ଯାଇଥିଲା। ସେ ଏହା ଦେଖିବା ପରେ ସେମାନେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ଶଶିଶେଖର ଶର୍ମା ନାମକ କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। ଦୁଇଟି ଯାକ ଅଭିଯୋଗକୁ ପୁଲିସ ଗ୍ରହଣ କରି ତଦନ୍ତ ଜାରି ରଖିଛି। ଅପରପକ୍ଷେ ବିଦ୍ୟୁତ ବିଭାଗର ଜୁଲମକୁ ନେଇ ପ୍ରଶ୍ନ ଉଠିଛି। ରାତି ଅଧରେ ବିନା ପୁଲିସ ଓ ବିନା ମହିଳା କର୍ମଚାରୀରେ ଜଣଙ୍କ ଘରେ ପଶିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।

## ଜାତୀୟ ଭଲିବଲ୍‌କୁ ଦୀପକ ମନୋନୀତ



ବାସୁଦେବପୁର, ୩୧।୧୦ (ସମିସ): ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତର ରଜନୀଦେବୀ ହାଇସ୍କୁଲର ୯ମ ଶ୍ରେଣୀ ଛାତ୍ର ଦୀପକ କୁମାର ଜେନା ଜାତୀୟ ସ୍ତରରେ ଭଲିବଲ ଖେଳିବା ପାଇଁ ମନୋନୀତ ହୋଇଛନ୍ତି। ରାଜ୍ୟସ୍ତରରେ ତାଙ୍କର କ୍ରୀଡା ପ୍ରତିଭା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା। ରାଜ୍ୟରୁ ଜାତୀୟ ସ୍ତରର ଟିମରେ ଦୀପକ ତିନି ନମ୍ବର ଖେଳାଳି ଭାବେ ତାଲିକାରେ ସ୍ଥାନ ପାଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ନଭେମ୍ବର ୨ରୁ ୭ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲ ପରିସରରେ କୋଚିଂ ନେବାର ବ୍ୟବସ୍ଥା କରାଯାଇଛି। ଆଜି ରଜନୀଦେବୀ ହାଇସ୍କୁଲ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ସହିତ ଛାତ୍ରଛାତ୍ରୀମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ଦୀପକ ରାଜ୍ୟ ପାଇଁ ଗୌରବ ଆଣି ଦିଅନ୍ତୁ ବୋଲି ସ୍ଥାନୀୟ ସରପଞ୍ଚ ବାସୁଦେବ କାଣ୍ଡି କହିଛନ୍ତି।

## ଚୋରା ଅଳଙ୍କାର କିଣି ସୁନା ଦୋକାନୀ ଗିରଫ

ଭଦ୍ରକ, ୩୧।୧୦(ସମିସ): ଜଣେ ନାବାଳକଠାରୁ ଚୋରି ଅଳଙ୍କାର କିଣିବା ପଡିଲା ମହଙ୍ଗା। ସୁନା ଦୋକାନୀକୁ ପୋଲିସ ଗିରଫ୍ କରିଛି। ପୀରହାଟ ଥାନାଞ୍ଚଳରେ



ଘଟିଛି ଏପରି ଅଘଟଣ। ପୁଲିସ ଏନେଇ ଚୋରିରେ ସଂପୃକ୍ତ ମାଷ୍ଟରମାଇଣ୍ଡ ସିନ୍ଦୋଳ ଗାଁର ଜଣେ ନାବାଳକକୁ ଅନୁଗୁଳସ୍ଥିତ ସୁଧାର ଗୃହରେ ଛାଡିଥିବା ବେଳେ ଚୋରା ଅଳଙ୍କାର କିଣିଥିବା ସୁନା ଦୋକାନୀ ତଥା ଦୌଲତପୁର ଗାଁର ବାସିନ୍ଦା ମହେଶ୍ୱର ସାହୁଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି। ସିନ୍ଦୋଳ ଘାଟିଆସାହି ଗାଁର ତ୍ରିନାଥ ଦାସଙ୍କ ଘରୁ ସୁନା ଅଳଙ୍କାର ଚୋରି ହୋଇଥିଲା। ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଚଳାଇ ତାଙ୍କ ସମ୍ପର୍କୀୟ ଜଣେ ନାବାଳକର ସଂପୃକ୍ତି ଜାଣିଥିଲା। ସୁନା ଅଳଙ୍କାର ବିକି ନାବାଳକ ଜଣକ ଅଭିଯୁକ୍ତ ମହେଶ୍ୱରଙ୍କଠାରୁ ୩ ଲକ୍ଷରୁ ଅଧିକ ଟଙ୍କା ନେଇଥିବା ଜଣାପଡ଼ିଛି।

## କାର୍ କାଚ ଭାଙ୍ଗି ୨ଲକ୍ଷ ଟଙ୍କା ଲୁଟ୍

ରାଇରଙ୍ଗପୁର, ୩୧।୧୦ (ସମିସ): ଶୁକ୍ରବାର ପୂର୍ବାହ୍ନରେ ରାଇରଙ୍ଗପୁର ପୌରପରିଷଦ ଅନ୍ତର୍ଗତ ବାଇଦାପୋଷି ୱାର୍ଡ ନଂ ୩ର ନିବାସୀ ଅବସରପ୍ରାପ୍ତ ସରକାରୀ କର୍ମଚାରୀ କାଳେଶ୍ୱର ହାଁସଦା ଓ ତାଙ୍କ ଧର୍ମ ପତ୍ନୀଙ୍କ ସହ ଆସି ବ୍ୟାଙ୍କରୁ ୨ ଲକ୍ଷ ଟଙ୍କା ଉଠାଇ କାରକୁ ଛିଡାକରି କିଛି ଜରୁରୀ ସଉଦା କିଣିବାକୁ ଯାଇଥିଲେ। ହେଲେ ସଉଦା କିଣି ଫେରିବା ପରେ ତାଙ୍କ ଗାଡିର କାଚ ଭାଙ୍ଗି ଦୁର୍ବୃତ୍ତମାନେ ୨ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଯାଇଥିଲେ। ପରେ ଏ ନେଇ ଶ୍ରୀ ହାଁସଦା ରାଇରଙ୍ଗପୁର ଟାଉନ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ କରୁଛି।

## ଜଳାଶୟରେ ପଡ଼ି ଶିଶୁକନ୍ୟା ମୃତ

ବୈଶିଙ୍ଗା, ୩୧।୧୦(ସମିସ): ବୈଶିଙ୍ଗା ଥାନା ଅଧୀନ ଭାଲିଆଡିହା ଗ୍ରାମର ବାପି ହାଁସଦାଙ୍କ ୨ ବର୍ଷର ଝିଅ ନାଗେଶ୍ୱରୀ ଘର ପାଖରେ ଖେଳୁଥିବବେଳେ ଏକ ଜଳାଶୟରେ ପଡିଯାଇଥିଲା। ଘରେ ଶିଶୁକୁ ନ ପାଇ ମାଆ ସୋନା ହାଁସଦା ଏଣେତେଣେ ଖୋଜାଖୋଜି କରିଥିଲେ; ହେଲେ ପାଇନଥିଲେ। ପରେ ସନ୍ଦେହ ହେବାରୁ ପରିବାର ଲୋକ ଘରପାଖ ଏକ ଗାଡିଆ ପାଣିରେ ପଶି ଖୋଜିଥିଲେ। କିଛି ସମୟ ପରେ ଗାଡିଆର ଶିଶୁକୁ ଚେତାଶୂନ୍ୟ ଭାବେ ଉଦ୍ଧାର କରି ତୁରନ୍ତ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର

ମୋରଡା/ରାସଗୋବିନ୍ଦପୁର,୩୧।୧୦(ସମିସ): ଶୁକ୍ରବାର ରାସଗୋବିନ୍ଦପୁର ଥାନା ପୁଲିସ ଏକ ନବଜାତ ଶିଶୁ କନ୍ୟାର ମୃତଦେହକୁ ଜବତ କରିଛି। ଅପରାହ୍ନ ୨ଟା ସମୟରେ ମୃଷାମାରୀ ଛକରୁ ଦୁଇଶହ ମିଟର ଦୂରରେ ଏକ ନିଛାଟିଆ ସ୍ଥାନରେ ଏକ ବ୍ୟାଗ ଏବଂ ଏକ ମସିଣା ପଡିଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ପରେ ବ୍ୟାଗରେ ଏକ ନବଜାତ ଶିଶୁ କନ୍ୟାର ମୃତଦେହ ଥିବା ଦେଖି ଲୋକେ ପୁଲିସକୁ ଜଣାଇଥିଲେ। ପରେ ପୁଲିସ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଛି। ଏ ନେଇ ରାସଗୋବିନ୍ଦପୁର ସିଡିପିଓ ମାଳତୀ ମାର୍ଣ୍ଡିଙ୍କୁ ପଚାରିବାରୁ ଘଟଣା ବାବଦରେ ସେ ଅବଗତ ହୋଇଛନ୍ତି ଏବଂ ଘଟଣାର ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି।

## ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖଇରା, ୩୧।୧୦ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ବର୍ତ୍ତନା ପଞ୍ଚାୟତ ଅଧୀନ ନୂଆଗାଁ ଗ୍ରାମର ସଂଗ୍ରାମ ଭୋଇ(୩୮)ଙ୍କ ମୃତଦେହ ଶୁକ୍ରବାର ବର୍ତ୍ତନା ହାଇସ୍କୁଲ ନିକଟସ୍ଥ ନାଳରୁ ଉଦ୍ଧାର କରାଯାଇଛି। ଗୁରୁବାର ରାତିରେ ଶୌଚ ହେବାକୁ ଆସି ସଂଗ୍ରାମ ଆଉ ଘରକୁ ଫେରି ନ ଥିଲେ। ତେବେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ରଘୁନାଥ ପଣ୍ଡା ଓ ସମିତିସଭ୍ୟ ପ୍ରତିନିଧି ପତିତପାବନ କର ତଥା ଅନ୍ୟ ଗ୍ରାମବାସୀଙ୍କ ଅନୁରୋଧ ପରେ ମଧ ପୁଲିସ ସଂଧ୍ୟା ପର୍ଯ୍ୟନ୍ତ ଘଟଣାସ୍ଥଳରେ ନ ପହଞ୍ଚିବାରୁ ଗ୍ରାମରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଶେଷରେ ଗାଁ ଲେକେ ନିଜ ପ୍ରଚେଷ୍ଟାରେ ଗାଡିକରି ଖଇରା ମେଡିକାଲ ଆଣିଥିବା କୁହାଯାଉଛି।

## ପଡ଼ୋଶୀଙ୍କୁ ଖଣ୍ଡାରେ ଆକ୍ରମଣ

ଆନନ୍ଦପୁର,୩୧।୧୦(ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ କେଶଦୁରାପାଳ ଗ୍ରାମରେ ଗଣ୍ଡଗୋଳ ଘଟିଯାଇଚି। ଗାଁର କୁନି ଓଝା ଖଣ୍ଡାରେ ପ୍ରତିପକ୍ଷଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ଘସିପୁରା ଥାନାରେ ଲିଖିତ ଅଭିଯୋଗ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ସୂଚନା ଅନୁସାରେ, ତ୍ରିଲୋଚନ ଓଝାଙ୍କ ଜମିରେ ଭାଡ଼ା ମାରି ନିଜ ଘର ପ୍ଲାଷ୍ଟର କରୁଥିଲେ ପଡ଼ୋଶୀ କୁନି ଓଝା। ବିନା ଅନୁମତିରେ ତ୍ରିଲୋଚନଙ୍କ ଜାଗାରେ ଭାଡ଼ା ମାରିଥିବାରୁ ସମସ୍ତ ଭାଇମାନେ ଯଥା କୋଦଣ୍ଡ ଓଝା, ତ୍ରିଲୋଚନ ଓଝା, କାହ୍ନୁଚରଣ ଓଝା, ଶ୍ରୀଧର ଓଝା, ରବୀନ୍ଦ୍ର ଓଝା ପ୍ରଶ୍ନ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ କୁନି ଓଝା ଏକ ଖଣ୍ଡା ଧରି ଆସି କାହ୍ନୁଚରଣ ଓଝାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସିତ ପାଇଁ ଆଣିଥିଲେ। ପରେ କୁନି ଓଝା ତ୍ରିଲୋଚନଙ୍କ ଘରକୁ ଆସି ପୁଣି ଥରେ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିବା କହିଛନ୍ତି ତ୍ରିଲୋଚନ। ସେପଟେ କୁନି ଓଝା ମଧ ଏକ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଘଷିପୁରା ଥାନାଧିକାରୀ କିଶୋର ପ୍ରଧାନ ଦୁଇ ଅଭିଯୋଗ କୁ ଭିତ୍ତିକରି ତଦନ୍ତ ହେଉଛି ଏବଂ କୌଣସି ମାମଲା ରୁଜୁ ହୋଇ ନଥିବା କହିଛନ୍ତି।

## ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୋର, ୩୧।୧୦(ସମିସ): ସୋର ଥାନା ମାଣିପୁର ପଞ୍ଚାୟତ ଖୁଣ୍ଟା ବେଙ୍ଗେଇ ଗ୍ରାମର ଜଣେ ଯୁବକ ବେକରେ ପିନ୍ଧା ଧୋତି ବାନ୍ଧି ଗଛ ଡାଳରେ ଝୁଲି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଗ୍ରାମର ଭିମା ହେମ୍ବ୍ରମ (୪୫) ଜଣେ ମାନସିକ ଅନଗ୍ରସର ରୋଗୀ। ଆଜି ସକାଳେ ତାଙ୍କୁ ପରିବାର ଲୋକେ ଘରେ ନ ପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଶେଷରେ ଘରଠାରୁ କିଛି ଦୁରରେ ଥିବା ଏକ ଶାଳ ଗଛରେ ବେକରେ ପିନ୍ଧା ଧୋତି ବାନ୍ଧି ଝୁଲୁଥିବାର ଦେଖିଥିଲେ। ଏହା ଦେଖି ଗ୍ରାମବାସୀ ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିଶମ ବିଭାଗ ସହାୟତାରେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି।

## ମାତୃ ହତ୍ୟାକାରୀ ନିର୍ଦ୍ଦୋଷରେ ଖଲାସ

ନୀଳଗିରି, ୩୧।୧୦ (ସମିସ): ମାତୃ ହତ୍ୟା ଅଭିଯୋଗର ବିଚାର କରି ନୀଳଗିରିର ଅତିରିକ୍ତ ଦୌରାଜଜ୍ ଶ୍ରତୋସିନୀ କର ସମସ୍ତ ସାକ୍ଷୀଙ୍କ ବୟାନ ରେକର୍ଡ ଓ ସମସ୍ତ ଦସ୍ତାବିଜ୍‌କୁ ଆଧାର କରି ମୁଦାଲାକୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ନୀଳଗିରି ଥାନା ଅନ୍ତର୍ଗତ ବାଘମରା ଗ୍ରାମର ବାବାଜି ସିଂଙ୍କ ପୁଅ ଦୁର୍ଗା ସିଂ ତାର ମାଆ କଙ୍କିମଣି ସିଂକୁ ଏକ କାଠ ଫାଳିଆ ରେ ପିଟି ପିଟି ହତ୍ୟା କରିକରିଥିବାର ଅଭିଯୋଗ ହୋଇଥିଲା। ଦୁର୍ଗା ସିଂର ଭାଇ ବୈଦା ସିଂ ଗତ ୧୯/୨/୨୫ରିଖରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୂଳେ ନୀଳଗିରି ପୁଲିସ ଦୁର୍ଗାଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇ ଦେଇଥିଲା। ନୀଳଗିରି ଜେଲରେ ବିଚାରଧିନ ବନ୍ଦୀ ଭାବେ ଜୀବନ ବିତାଉଥିବାବେଳେ ବିଚାରପତି ୬ଜଣ ସାକ୍ଷୀଙ୍କ ଜମାନବନ୍ଦୀକୁ ଭିତ୍ତି କରି ମୁଦାଲା ଦୁର୍ଗା ସିଂକୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଦାଲା ଦୁର୍ଗା ସିଂଙ୍କ ତରଫରୁ ଆଇନଜୀବୀ ସତ୍ୟଜିତ ମିଶ୍ର ଓ ତନୟ କୁମାର ପାତ୍ର ମକଦ୍ଦମା ଲଢୁଥିଲେ।

## ୨୧ ଲକ୍ଷର ବ୍ରାଉନ୍‌ସୁଗର୍ ଜବତ,୨ ଗିରଫ

ବସ୍ତା ବ୍ଲକ, ୩୧।୧୦ (ସମିସ): ଦିନକୁ ଦିନ ରୂପସା ଅଞ୍ଚଳରେ ବ୍ରାଉନସୁଗର ବେପାର ବଢ଼ିବାରେ ଲାଗିଛି। ଶୁକ୍ରବାର ରୂପସା ଅଞ୍ଚଳରୁ ବାଲେଶ୍ୱର ଅବକାରୀ ବିଭାଗ ଚଢ଼ାଉ କରି ୨୧୦ ଗ୍ରାମ ଓଜନର ବ୍ରାଉନସୁଗର୍ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରିଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୨୧ ଲକ୍ଷ ଟଙ୍କା ହେବ। ରୁପସା ଥାନା ରୁପ୍ସା ରେଳ



ଷ୍ଟେସନ ନିକଟରେ ବ୍ରାଉନ ସୁଗର କାରବାର ହେଉଥିବା ଖବର ପାଇ ବାଲେଶ୍ୱର ଅବକାରୀ ବିଭାଗ ଚଢ଼ାଉ କରି ଦୁଇ ଜଣକୁ ଗିରଫ କରିଥିଲା । ଗିରଫ ଯୁବକ ମାନେ ହେଲେ ରୂପସା ଥାନା ଅନ୍ତର୍ଗତ ମିର୍ଗାମୁଣ୍ଡି ଗ୍ରାମର ସୁଦାମ ବେହେରା(୩୦) ଓ ସାମିଲହାସନପୁର ଗ୍ରାମର ଗୋକୁଳ ବର ( ୫୩) । ଏହି ଚଢ଼ଉରେ ଇନ୍ସପେକ୍ଟର ଦୀପ୍ତିମୟୀ ସାହୁ, ଏସ୍ଆଇ ଭକ୍ତ ଚରଣ ସ୍ୱାଇଁ, ଏଏସଆଇ ଅନିଲ କୁମାର ସତୁଆ, କବିତା ସେନାପତି, ରଶ୍ମିରେଖା ପାତ୍ର ଓ ପଙ୍କଜ ମହାନ୍ତି ସାମିଲ ଥିଲେ।

## ପତ୍ନୀହନ୍ତା ସ୍ୱାମୀକୁ ୭ ବର୍ଷ କାରାଦଣ୍ଡାଦେଶ

ବାରିପଦା, ୩୧।୧୦(ସମିସ)

ଅତିରିକ୍ତ ଜିଲ୍ଲା ଦୌରାଜଜ (୨) କୋର୍ଟରେ ବିଚାରପତି ସୁମନ କୁମାର ମିଶ୍ର ଶୁକ୍ରବାର ଏକ ହତ୍ୟା ମାମଲାର ବିଚାର କରି ପତ୍ନୀହନ୍ତା ସ୍ୱାମୀକୁ ୭ବର୍ଷ କାରାଦଣ୍ଡ ଭୋଗ କରିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ବେତନଟୀ ଥାନା ଅନ୍ତର୍ଗତ ସିତୁଣ୍ଡି ଗ୍ରାମର ବାପି ବିନ୍ଧାଣି(୩୫)। ଅଭିଯୋଗ ଅନୁଯାୟୀ, ମଇନା କିସ୍କୁ ଆସାମୀ ବାପିଙ୍କୁ ଦ୍ୱିତୀୟ ବିବାହ କରି ବାରିପଦାରେ ରହୁଥିଲେ। ତେବେ କୌଣସି କାରଣ ପାଇଁ ତାଙ୍କର ବାରମ୍ବାର କଳହ ହେଉଥିଲା। ଯାହାକୁ ନେଇ ବାପି ସ୍ତ୍ରୀ ମଇନାକୁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲା। ଗତ ୮.୨.୨୦୨୪ରେ ମଇନା ମୁଣ୍ଡ ବ୍ୟଥା ହେବାରୁ ସ୍ୱାମୀକୁ ହସ୍ପିଟାଲ ନେବାକୁ କହିଥିଲା; କିନ୍ତୁ ସେ ହସ୍ପିଟାଲ ନେବା ପରିବର୍ତ୍ତେ ଗାଳିଗୁଲଜ କରିଥିଲା। ରାତିରେ ସେ ଘର ବାହାରେ ଚା’ କରୁଥିବା ବେଳେ ବାପି ଉତକ୍ଷିପ୍ତ ହୋଇ ପ୍ରବଳ ମାରଧର କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ମଇନାଙ୍କ ମୃତ୍ୟୁ ଘଟିଥିଲା। ପର ଦିନ ସକାଳୁ ତାଙ୍କ ମା’, ଝିଅର



ମୃତଦେହ ଘର ଭିତରେ ପଡିଥିବା ଦେଖିବାକୁ ପାଇଥିଲେ। ପରେ ସେ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ସମୟରେ ସାକ୍ଷୀଙ୍କ ବୟାନ, ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଉକ୍ତ ମାମଲାକୁ ଅତିରିକ୍ତ ପିପି (ସରକାରୀ ଆଇନଜୀବୀ) ବଜେନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

## ଆଜିର ରାଶିଫଳ

**ମେଷ:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ । ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଘର କାମରେ ବ୍ୟସ୍ତ ରହିବେ।

**କର୍କଟ:** ଧାର୍ମିକ ସ୍ଥାନକୁ ଯାତ୍ରା ଯୋଗ ଅଛି। ମନ ପ୍ରସନ୍ନ ରହିବ। ମାନସିକ ଚିନ୍ତା ଦୂର ହେବ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି।

**କନ୍ୟା:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ତୁଳା:** ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ବିଛା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଜମିବାଡ଼ିକୁ ନେଇ ବିବାଦ ଦେଖା ଦେଇପାରେ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରୁହନ୍ତୁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ଆୟ ଓ ବ୍ୟୟ ସମାନ ରହିବ। ପୂଜାର୍ଚ୍ଚନାରେ ସମୟ ବିତାଇବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ଘରେ ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

## ଆଜିର ଇତିହାସ

- ୧୯୨୨- ଅଟୋମନ ସାମ୍ରାଜ୍ୟର ଅନ୍ତ ହେଲା।
- ୧୯୫୦- ଭାରତର ପ୍ରଥମ ଷ୍ଟିମ୍ ଇଞ୍ଜିନ୍ ପଶ୍ଚିମବଙ୍ଗର ଚିତ୍ତରଞ୍ଜନ ରେଳ କାରଖାନାରେ ତିଆରି କରାଗଲା।
- ୧୯୫୮ - ତତ୍କାଳୀନ ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୧୯୭୩- ମୈସୁର ନାମ ବଦଳାଯାଇ କର୍ଣ୍ଣାଟକ ହେଲା।
- ୨୦୦୦- ଛତିଶଗଡ଼ ନୂଆ ରାଜ୍ୟ ହେଲା।

## ବିଶ୍ୱ ଧ୍ୱଂସ ଲାଗି ଯୁବତୀ ପ୍ରସ୍ତୁତ



ବିଶ୍ୱ କେବେ ଧ୍ୱଂସ ହେବ, ସେକଥା କେହି ଜାଣନ୍ତି ନାହିଁ। ହେଲେ ଆମେରିକାର ଜଣେ ଯୁବତୀ ଏବେଠୁ ଏଥିଲାଗି ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି। ସବୁଠୁ ବଡ଼ କଥା ହେଲା, ସେ ଏବେଠୁ ଖାଦ୍ୟ ଓ ମଞ୍ଜି ସଂଗ୍ରହ ଆରମ୍ଭ କରି ଦେଇଛନ୍ତି। ୱାଶିଂଟନରେ ରହୁଥିବା ୨୫ ବର୍ଷୀୟା ଗୁଜ୍ଜା କୁହନ୍ତି, ଯଦି ଆଗକୁ ପୂରା ଦୁନିଆର ସିଷ୍ଟମ ଠପ୍ ହୋଇଯିବ, ତାହେଲେ ସେ କାହାରି ସାହାଯ୍ୟ ବିନା ଜୀବନ ଜିଇଁପାରିବେ। ବିଗତ କିଛି ବର୍ଷ ହେଲାଣି ସେ ତାଙ୍କ ଛୋଟ ଫାର୍ମରେ ଖାଦ୍ୟ, ବିହନ, ଔଷଧ ଏବଂ ଅନ୍ୟାନ୍ୟ ସୁରକ୍ଷା ଉପକରଣକୁ ସଂରକ୍ଷିତ କରି ରଖିଛନ୍ତି। ସେହିପରି ଗୁଜ୍ଜା ତାଙ୍କର ସଞ୍ଚିତ ଅର୍ଥକୁ ଖାଦ୍ୟ, ଜଳ ସଂରକ୍ଷଣ, ସୌରଶକ୍ତିରେ ଖର୍ଚ୍ଚ କରୁଛନ୍ତି। ଅନ୍ୟପଟେ ଅଧିକାଂଶ ଲୋକଙ୍କୁ ଗୁଜ୍ଜାଙ୍କର ଏହି କାମ ପାଗଳାମୀ ଲାଗିଲେ ବି ତାଙ୍କ ପାଇଁ ଏହା ସ୍ୱାଧୀନତାକୁ କିଣିବା ଭଳି ବୋଲି ସେ କହିଛନ୍ତି। ଏବେ ସେ ତାଙ୍କ ଖାଦ୍ୟ ସଂରକ୍ଷଣକୁ ଦ୍ୱିଗୁଣା କରିଛନ୍ତି। ଏହା ସହିତ ଗୁଜ୍ଜା ଏକଥା କହିଛନ୍ତି ଯେ, ତାଙ୍କ ପାଖରେ ଏତେ ଖାଦ୍ୟପଦାର୍ଥ ସଂରକ୍ଷିତ ଅଛି, ଯାହାକୁ ଖାଇ ଏକ ପାଞ୍ଚ ଜଣିଆ ପରିବାର ଆସନ୍ତା ଦଶ ବର୍ଷ ପର୍ଯ୍ୟନ୍ତ ବଞ୍ଚି ରହିପାରିବେ। ସେହିଭଳି ଗୁଜ୍ଜା କୌଣସି ଖାଦ୍ୟ ପଦାର୍ଥ ନଷ୍ଟ କରିବାକୁ ପସନ୍ଦ କରନ୍ତି ନାହିଁ। ଏହାକୁ ସେ ଭବିଷ୍ୟତ ପାଇଁ ସଂରକ୍ଷିତ କରି ରଖିଥାନ୍ତି। ଆସନ୍ତା ଖ୍ରୀଷ୍ଟମାସରେ ଗୁଜ୍ଜା ଗତବର୍ଷରୁ ରଖିଥିବା ରୋଷ୍ଟ ଟର୍କି, ମାସଡ୍ ପଟାଟୋ, ଗ୍ରେଭି, ଗ୍ରୀନ୍ ବିନ୍ସ ଏବଂ ଆପଲ୍ ପାଏ (ଏହାକୁ ସେ ଶୁଖାଇ ସିଲ୍ କରି ରଖିଛନ୍ତି) ଆଦି ଖାଇବେ। ଯେକୌଣସି ପରିସ୍ଥିତିରେ ସେ ତାଙ୍କ ପରିବାରକୁ ଖାଦ୍ୟ ଯୋଗାଇ ପାରିଲେ ଏହା ତାଙ୍କ ପାଇଁ କୌଣସି ଉତ୍ସବଠାରୁ କମ୍ ନୁହେଁ ବୋଲି ଗୁଜ୍ଜା କହିଛନ୍ତି। ଯେତେବେଳେ ସାରା ଦୁନିଆ ଠପ୍ ହୋଇଯାଇଥିବ ସେତେବେଳେ ସେ ତାଙ୍କ ହାତ ତିଆରି ଜିନିଷ ଖାଉଥିବେ ବୋଲି ଗୁଜ୍ଜା କହିଛନ୍ତି।

## ଅଗଷ୍ଟ ୧୪ରେ 'ନାଗଜିଲା'




ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ ଆର୍ୟନ୍ ଶେଷ ଥର ପାଇଁ 'ଭୁଲଭୁଲୈୟା ୩'ରେ ଦେଖାଯାଇଥିଲେ। ଏହା ଗତବର୍ଷ ଦୀପାବଳିରେ ରିଲିଜ୍ ହୋଇଥିଲା। ସେବେଠୁ କାର୍ତ୍ତିକ୍‌ଙ୍କ ପ୍ରଶଂସକମାନେ ତାଙ୍କ ଆଗାମୀ ଫିଲ୍ମକୁ ଅପେକ୍ଷା କରିଛନ୍ତି। ଇତିମଧ୍ୟରେ ତାଙ୍କ ଆଗାମୀ ଫିଲ୍ମ 'ନାଗଜିଲା: ନାଗ ଲୋକ କା ପହଲା କାଣ୍ଡ'କୁ ନେଇ ଖବର ଆସିଛି। ଫିଲ୍ମ ନିର୍ମାତା ଏବେ ଏହାର ରିଲିଜ୍ ତାରିଖରୁ ପରଦା ହଟାଇଛନ୍ତି। ଫିଲ୍ମଟି ଆସନ୍ତାବର୍ଷ ନାଗପଞ୍ଚମୀ ଅର୍ଥାତ୍ ଅଗଷ୍ଟ ୧୪ରେ ପ୍ରେକ୍ଷାଳୟକୁ ଆସିବ। ଏହାର ପ୍ରଯୋଜନା ଦାୟିତ୍ୱରେ ଧର୍ମା ପ୍ରଡକ୍ସନ ରହିଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ମୃଗଦୀପ ସିଂହ ଲାମ୍ବା। ଏହି ସିନେମାରେ କାର୍ତ୍ତିକ ଇଚ୍ଛାଧାରୀ ନାଗ ପ୍ରିୟବନ୍ଦେଶ୍ୱର ପ୍ୟାରେ ଚନ୍ଦ ଭୂମିକାରେ ଅଭିନୟ କରିବେ। କାର୍ତ୍ତିକ୍ 'ନାଗଜିଲା' ବ୍ୟତୀତ ଅନନ୍ୟା ପାଣ୍ଡେଙ୍କ ସହ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଓ ଶ୍ରୀଲୀଲାଙ୍କ ସହ ଏକ ରୋମାଣ୍ଟିକ୍ ଫିଲ୍ମରେ ନଜର ଆସିବେ।

## କଖାରୁ ଡଙ୍ଗା ଦୌଡ଼ ପ୍ରତିଯୋଗିତା

ବିଶ୍ୱର ବିଭିନ୍ନ ସ୍ଥାନରେ ଅଜବ ପ୍ରତିଯୋଗିତାମାନ ଆୟୋଜନ ହୋଇଥାଏ। ଏହି କ୍ରମରେ ଆମେରିକା ଓରେଗନର ଟୁଆଲାଟିନ ସହରରେ ଏକ ନିଆରା ନୌକା ଦୌଡ଼ ପ୍ରତିଯୋଗିତାର ଆୟୋଜନ କରାଯାଏ। ଏଠାରେ ଲୋକେ ବିଶାଳକାୟ କଖାରୁରେ ନିର୍ମିତ ଡଙ୍ଗାରେ ବସି ନୌକା ଦୌଡ଼ରେ ଅଂଶଗ୍ରହଣ କରିଥାନ୍ତି। କଖାରୁକୁ ଭିତରୁ ଫମ୍ପା କରି ସେଥିରେ ବସି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥାନ୍ତି। ଏଥିରେ ପ୍ରତିବର୍ଷ ଶହ ଶହ ଲୋକେ ଭାଗ ନେବା ସହ ଏହି ପ୍ରତିଯୋଗିତା ଦେଖିବାକୁ ଆସିଥାନ୍ତି। ଏହି ନିଆରା ପ୍ରତିଯୋଗିତା ୨୦୦୪ ମସିହାରୁ ଆୟୋଜିତ ହୋଇ ଆସୁଛି। ଏଥିରେ ଭାଗ ନେଉଥିବା ପ୍ରତିଯୋଗୀମାନେ ହିଁ ନିଜେ କଖାରୁକୁ ଡଙ୍ଗାର ରୂପ ଦେଇଥାନ୍ତି। ଏହାପରେ ହ୍ରଦରେ ନୌକା ଦୌଡ଼ରେ ଅଂଶଗ୍ରହଣ କରିଥାନ୍ତି। ଚଳିତବର୍ଷ ୱେଷ୍ଟ କୋଷ୍ଟ ଜଏଣ୍ଟ ପମ୍ପକିନ୍ ରେଗାଟାର ୨୧ ତମ ବାର୍ଷିକ ଉତ୍ସବରେ ଏହି ପ୍ରତିଯୋଗିତାର ଆୟୋଜନ ହୋଇଥିଲା। ଏଥିରେ ଏପରି ଅନେକ କଖାରୁ ଥିଲା, ଯାହାର ଓଜନ ୪୫୦ କେଜିରୁ ଅଧିକ ଥିଲା। ଏହି ବିଶାଳକାୟ କଖାରୁଗୁଡ଼ିକୁ ହ୍ରଦରେ ଛାଡ଼ିବା ପାଇଁ ଆୟୋଜକଙ୍କୁ ଫୋର୍କ ଲିଫ୍ଟ ମେସିନ୍‌ର ସାହାରା ନେବାକୁ ପଡ଼ିଥିଲା। ଏହାପରେ ପ୍ରତିଯୋଗୀମାନେ କରତ ଓ ବଡ଼ ଛୁରୀ ସାହାଯ୍ୟରେ କଖାରୁକୁ ଭିତରୁ ଫମ୍ପା କରିଥିଲେ। କଖାରୁ ଭିତରେ ଥିବା ମଞ୍ଜି ଓ ଅନ୍ୟାନ୍ୟ ଅଂଶ ବାହାରିଯିବା ପରେ ଏହା ପାଣିରେ ଭାସିବା ସହଜ ହୋଇଥାଏ। ଏହି ପ୍ରତିଯୋଗିତାକୁ ଅଧିକ ମନୋରଞ୍ଜନଭିତ୍ତିକ କରିବା ପାଇଁ ପ୍ରତିଯୋଗୀମାନେ ହାଲୋୱିନ ପୋଷାକ ପିନ୍ଧିଥିଲେ। କେହି କେହି ସୁପରହିରୋ ପୋଷାକରେ ନଜର ଆସିଥିବାବେଳେ ଆଉ କେହି ଟିଭି ଶୋ' ତଥା ଫିଲ୍ମର କୌଣସି ଚରିତ୍ର ଭାବେ ଦେଖାଯାଇଥିଲେ। ଦର୍ଶକେ ହ୍ରଦ କୂଳରେ ଛିଡ଼ା ହୋଇ ଲୋକଙ୍କୁ ପ୍ରୋତ୍ସାହିତ କରୁଥିଲେ।



## ପ୍ରଦୂଷଣ ସମୟରେ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ହିତକର



ବାୟୁ ପ୍ରଦୂଷଣ ଏବେ ଚିନ୍ତାର କାରଣ ପାଲଟିଛି। ଦିଲ୍ଲୀ, ନୋଏଡା, ଗାଜିଆବାଦ ଏବଂ ଗୁଡଗାଓଁ ଆଦି ସ୍ଥାନର ଲୋକେ ପ୍ରଦୂଷଣକୁ ନେଇ ବେଶ୍ ଚିନ୍ତିତ। ପ୍ରଦୂଷଣ ଯୋଗୁ ଶ୍ୱାସକ୍ରିୟାରେ ସମସ୍ୟା, ଆଖି ଜଳାପୋଡ଼ା, କାଶ, ଆଲର୍ଜି ଭଳି ସମସ୍ୟା ବୃଦ୍ଧି ପାଉଛି। ପ୍ରଦୂଷିତ ପରିବେଶରେ ଜଣେ କେଉଁ ସମୟରେ ବାହାରେ ଚଲାବୁଲା କରିପାରିବେ ସେନେଇ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞ ଲୋକଙ୍କୁ ସଚେତନ କରିଛନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଭୋର ଏବଂ ସନ୍ଧ୍ୟା ସମୟରେ ପ୍ରଦୂଷଣ ମାତ୍ରା ଅଧିକ ଥାଏ। ତେଣୁ ଏହି ସମୟରେ ଚାଲିବା ହିତକର ନୁହେଁ। ସେହିପରି ଅକ୍ଟୋବର, ନଭେମ୍ବର ଏବଂ ଡିସେମ୍ବର ମାସରେ ଦିଲ୍ଲୀ ଏନ୍‌ସିଆରର ସକାଳ ବାୟୁ ଅଧିକ ପ୍ରଦୂଷିତ ଥାଏ। ଶୀତଦିନେ ଅଧିକ ଥଣ୍ଡା କାରଣରୁ ବାୟୁର ଗୁଣବତ୍ତା ମଧ୍ୟ ଅଧିକ ଖରାପ ଥାଏ । ବିଶେଷକରି କୁହୁଡ଼ି ଏବଂ ବିଷାକ୍ତ ଧୂଆଁର ପ୍ରଭାବ ସକାଳ ସମୟରେ ଅଧିକ ରହିଥାଏ। ଏପରି ସ୍ଥଳରେ ସୂର୍ଯ୍ୟାସ୍ତ ପୂର୍ବରୁ ଚାଲିବା ଉଚିତ। କାରଣ ଦିନରେ ଖରା ପଡୁଥିବାରୁ ପ୍ରଦୂଷଣ ମାତ୍ରା ହ୍ରାସ ପାଇଥାଏ। ତେଣୁ ସୂଯ୍ୟାସ୍ତ ପୂର୍ବରୁ ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ସୂର୍ଯ୍ୟାସ୍ତ ପରେ ତାପମାତ୍ରା ହ୍ରାସ ପାଇ ପ୍ରଦୂଷଣ ମାତ୍ରା ପୁଣି ବଢ଼ିଥାଏ। ଏ ଦୃଷ୍ଟିରୁ ସୂର୍ଯ୍ୟାସ୍ତ ପରେ ଚାଲିବା ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ସାବ୍ୟସ୍ତ ହୋଇପାରେ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୂଷିତ ବାୟୁରେ ଚାଲିବାକୁ ଯିବା ପୂର୍ବରୁ ପ୍ରଥମେ ବାୟୁର ଗୁଣବତ୍ତା ତଥା ଏୟାର ଇଣ୍ଡେକ୍ସ କ୍ୱାଲିଟି ପରୀକ୍ଷା କରି ଯିବା ଆବଶ୍ୟକ। ଯଦି ଏକ୍ୟୁଆଇସ୍ତର ୨୦୦ରୁ ଉପରକୁ ଥାଏ, ତେବେ ବାହାରେ ଚଲାବୁଲା ନ କରି ଘରେ ବ୍ୟାୟାମ କରିବା ଭଲ। ଅନ୍ୟପଟେ ପ୍ରଦୂଷିତ ବାୟୁରେ ଚାଲିବାକୁ ଯାଉଥିଲେ, ଉନ୍ନତମାନର ମାସ୍କ ପିନ୍ଧିବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଧରା ହୋଇଛି କାର୍ତ୍ତିକମୟ



ସୁଜିତ କୁମାର ମିଶ୍ର

ଧରା ହୋଇଛି କାର୍ତ୍ତିକମୟ
ଅଶିଣ ଗଲା ପରେ,
ପବିତ୍ର ଶଙ୍ଖ ଧ୍ୱନି ଶୁଭୁଛି
ସବୁରି ଘରେ ଘରେ ।
ସାତ୍ୱିକ ଖାଦ୍ୟ ଖାଇବା ପାଇଁ
ଝୁରୁଛି ଶ୍ରଦ୍ଧାପଣ,
ପଞ୍ଚୁକ ପୂଜା ପାଇଁ ହୋଇଛି
ଆତୁର ମନପ୍ରାଣ ।
ଅଳସ ଭାଙ୍ଗି ସଭିଏଁ ଦେଖ
କଲେଣି ଶଯ୍ୟାତ୍ୟାଗ,
ପ୍ରଭୁ ଦର୍ଶନ ପାଇଁ ଜାଗୁଛି
ଶ୍ରଦ୍ଧା ଭକତି ଭାବ ।
ଦୀନ ଦୁଃଖୀଙ୍କୁ ଦେଖି ରାସ୍ତାରେ
ବହୁଛି ଆଖି ଲୁହ,
ହୋଇଛି ହୃଦ ଧରମ ମାସେ
କରୁଣା ନଈ ସୁଅ ।
ଚଉରା ମୂଳେ ଶୋଭା ପାଉଛି
ପ୍ରଭୁଙ୍କ ଛବି ପରା,
ହଳଦୀ, ଧଳା, ସବୁଜ, କଳା
ମୁରୁଜ ରଙ୍ଗ ଭରା ।
ଭକତି ମନ୍ତ୍ର ବେଦପାଠରେ
ମନ୍ଦିର ମୁଖରିତ ,
ପାଲଟିଛି ସେ ସଭିଙ୍କ ପାଇଁ
ସକଳ ସୁଖତୀର୍ଥ ।
କାର୍ତ୍ତିକ ମାସ ଆଗମନରେ
ବହୁଛି ସୁଖଶିରୀ,
କୁହତ କେଉଁ ମାସଟେ ଅଛି
ମରତେ ତା' ପରି ? ■

ଜନାର୍ଦ୍ଦନପୁର ଶାସନ
କେନ୍ଦୁଝର
ମୋ-୭୬୮୩୮୬୭୭୪୨

## ଆ କା ମା ବୈ



ଶୁଭେନ୍ଦୁ ମହାପାତ୍ର

ପଞ୍ଚୁକକୁ ଧରି କାର୍ତ୍ତିକ ଆସଇ
ପବିତ୍ର ମାସଟି ପରା
ହେମନ୍ତ ପରଶେ ଶିଶିର ପଡ଼ଇ
ସୁନ୍ଦର ଦିଶଇ ଧରା ।।
ବଡ଼ି ସକାଳରୁ ଶଯ୍ୟା ତ୍ୟାଗ କରି
ହୃଦେ ଭକ୍ତିଭାବ ଭରି
ଏକାଦଶୀଠାରୁ ପାଞ୍ଚଦିନ ବ୍ରତ
ନିଷ୍ଠାରେ ବିଷ୍ଣୁଙ୍କୁ ସ୍ମରି ।।
କ୍ରୋଧ ଓ କପଟ କଟୁକ୍ତି ବଚନ
ତେଜି କୁସଙ୍ଗ କାମନା
ପଞ୍ଚୁକ ବ୍ରତ ଯେ ସାର୍ଥକ ହୁଅଇ
କଲେ ନାନା ଉପାସନା ।।
ପ୍ରଭାତରୁ ଉଠି ଚଉଁରା ମୂଳରେ
ପଞ୍ଚବର୍ଣ୍ଣ ମୁରୁଜରେ
ଭାବରେ ଆଙ୍କନ୍ତି ଜଗା ଓ ବଳିଆ
ସୁଭଦ୍ରାଙ୍କୁ ସଙ୍ଗତରେ ।।
ଶୁଦ୍ଧପୂତ ମନେ ଦାନ ପୁଣ୍ୟ କରି
ଧର୍ମ ଅରଜନ ପାଇଁ
ନାରାୟଣ ବ୍ରତ ପାଳନ୍ତି ଭକ୍ତିରେ
ଆକାଶ ଦୀପ ଜଳାଇ ।।
ପାପ ଯାଏ ଧୋଇ ଆ କା ମା ବୈ କହି
ବିଶ୍ୱାସେ ଭଜନ୍ତି ହରି
ଐତିହ୍ୟ ସ୍ମରନ୍ତି ନଦୀରେ ଭସାନ୍ତି
କଦଳୀ ପଟୁକା ତରୀ ।। ■

ଯାଜପୁର
ମୋ-୯୪୩୮୦୬୪୯୦୮






## ପ୍ରହେଳିକା

- ଶୈବପୀଠ ବୋଲି ରାଇଜେ ଖ୍ୟାତ
ମହାନଦୀ କୂଳେ ସେ ଅବସ୍ଥିତ
କାର୍ତ୍ତିକର ପ୍ରତି ସୋମବାରରେ
ଗହଳି ଚହଳି ହୁଏ ସେଠାରେ
ଗଜଭୋଗ ଲାଗେ ବଡ଼ଓଷାରେ
ଶ୍ରଦ୍ଧାଳୁ ପୂଜନ୍ତି ଭକ୍ତି ଚିତ୍ତରେ
ଝୁଲା ପୋଲ ଲୁଟେ ମନ
କାଳିଆ ବଳଦ ଧଳା ହୋଇଥିଲା
କୁହ ସେ'ପୀଠର ନାମ।

ଉତ୍ତର-ଧବଳେଶ୍ୱର ପୀଠ

- ଦୀପଟିଏ ସିଏ ପଞ୍ଚୁକ କାଳେ
ଭୂଇଁରେ ନ ଜଳି ଉର୍ଦ୍ଧ୍ୱରେ ଜଳେ
ମାଟିହାଣ୍ଡି ମଧ୍ୟେ ପ୍ରଦୀପ ରୁହେ
ଏକୋଇଶି ଛିଦ୍ର ହାଣ୍ଡିରେ ଶୋହେ
ବାଉଁଶରେ ବାନ୍ଧି ଦଉଡ଼ି ଶିକା
ହାଣ୍ଡିକୁ ସଞ୍ଜରେ ହୁଅଇ ଟେକା
ବାଉଁଶ ଶୀର୍ଷରେ ରହି
ଛିଦ୍ର ଦେଇ ଶିଖା ପ୍ରକାଶ ଦିଅଇ
କୁହ ତା'ର ନାମ କେହି।



ଉତ୍ତର-ଆକାଶ ଦୀପ

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା
ଜଗତସିଂହପୁର
ମୋ-୭୩୫୫୬୩୪୩୪୬

## ସୁମନ

## ରିମୁନର ଡଙ୍ଗାଭସା




ରାତି ନ ପାହୁଣୁ ରିମୁନ ଜେଜେମା ଆଉ ମମିଙ୍କ ସହିତ ଡଙ୍ଗା ଭସେଇବାକୁ ବାହାରି ପଡ଼ିଥାଏ। ବେଳାବେଳି ନ ଗଲେ ନଦୀ କୂଳରେ ଗହଳି ଲାଗିଯିବ। ରାତିରେ ଜେଜେମା କହିଥିଲେ ଆମେ ନିତ୍ୟକର୍ମ ସାରିକି ବେଳାବେଳି ଯିବା । ନଦୀରେ ଡଙ୍ଗା ଭସେଇ ଠାକୁର ଦର୍ଶନ କରି ଫେରିବା। ଜେଜେ କାଲି ସନ୍ଧ୍ୟାରେ ତିନିଜଣଙ୍କ ପାଇଁ କଦଳି ପାଟୁଆ ଡଙ୍ଗା କିଣି ଆଣିଥିଲେ। ଲୋକେ ଧାଡ଼ିଧାଡ଼ି ହୋଇ ନଦୀକୂଳ ଅଭିମୁଖେ ଛୁଟିଥାନ୍ତି। ହାଲୁକା ହାଲୁକା ପବନ ବହୁଥାଏ। ଆଖପାଖ ମନ୍ଦିରରୁ ଭଜନ କୀର୍ତ୍ତନ ସ୍ୱର ଭାସି ଆସୁଥାଏ। ଜେଜେମା କହିଲେ, ରିମୁନ ନଦୀ କୂଳରେ ଗହଳି ହେଇଥିବ ତୁ ଏଣେତେଣେ ଯିବୁ ନାହିଁ। ରିମୁନ ହଁ ମାରିଲା। ରିମୁନ ଜେଜେମାଙ୍କୁ ପଚାରିଲା- କାର୍ତ୍ତିକ ମାସରେ ତ ଶୀତ ଆରମ୍ଭ ହୁଏ ହେଲେ ଏ ବର୍ଷ କାହିଁକି ଟିକେ ବି ଥଣ୍ଡା ଲାଗୁନାହିଁ। ଜେଜେମା କହିଲେ- 'ଆରେ ଜଳବାୟୁ ପରିବର୍ତ୍ତନ ଲାଗି ଶୀତ ପା ଏବେ ଡେରିରେ ଆସୁଛି। ତାପରେ ଏ ସହରୀ ଜାଗାରେ କଂକ୍ରିଟ୍ କୋଠାକୁ ମାଳମାଳ ଗାଡ଼ି ମଟର, ସାରା ସହର ଧୂଆଁ ଧୂଳିରେ ଏଣୁ ଥଣ୍ଡା ଆଦୌ ଜଣା ପଡୁନି। ଗାଁ ଗହଳିରେ ଥଣ୍ଡା ନିଶ୍ଚିତ ଲାଗିବଣି।' ମମି କହିଲେ, ଆଗରୁ କୁଆଁର ପୁନେଇଁ ବେଳକୁ ଥଣ୍ଡା ଆସି ସାରିଥାଏ ହେଲେ ଏବେ କାର୍ତ୍ତିକ ପୁନେଇଁ ବେଳକୁ ବି ଥଣ୍ଡାର ଦେଖା ଦର୍ଶନ ନାହିଁ। ଗପସପରେ ସମସ୍ତେ ପହଞ୍ଚି ଯାଇଥିଲେ ନଦୀ କୂଳରେ।

ଜେଜେମା କହିଲେ, 'ଦେଖୁଛ ତ ନଦୀ କୂଳରେ କେତେ ଭିଡ଼ ଲାଗିଗଲାଣି। ଚାଲ ଆମେ ଆଗେ ଡଙ୍ଗା ସଜଡ଼ାସଜାଡ଼ି କରିଦେବା ତାପରେ ପାଣି ପାଖକୁ ଯିବା।' ଏଇ ସମୟରେ ରିମୁନ ଦେଖିଲା, ନଦୀ ଆଖପାଖରେ ସମସ୍ତେ ମନଇଚ୍ଛା ଏଣେତେଣେ ଜରି ପଲିଥିନ୍ ଆଉ କାଗଜ ପ୍ୟାକେଟ ଫିଙ୍ଗିଛନ୍ତି। ଏସବୁ ନଦୀ ପାଣିକୁ ଗଲେ ଅପରିଷ୍କାର ହେବ। ସେ ଆଉ ଡେରି ନ କରି ଏଠୁସେଠୁ ଗୋଟାଇ ଆଣି ଖାଲୁଆ ଜାଗାଟେ ଦେଖି ଫିଙ୍ଗିଦେଲା। ମମି ଡାକ ଦେଲେ, 'ଆରେ ରିମୁନ ସିଆଡ଼େ କ'ଣ କରୁଛୁ ଆସୁନୁ ଦେଖିବୁ ଜେଜେମା କେମିତି ଡଙ୍ଗା ସଜାଡୁଛନ୍ତି।' ରିମୁନ କହିଲା- 'ଟିକେ ରୁହ ମୁଁ ଯାଉଛି।' ସେ ତା' କାମରେ ଲାଗି ପଡ଼ିଥାଏ। ଆଖପାଖରେ ଆଉ ଗୋଟେ ବି ଜରି ଦିଶିଲା ନାହିଁ। ତା ଦେଖାଦେଖି ଅନ୍ୟମାନେ ବି ସେମିତି କଲେ ଆଉ ରିମୁନକୁ ବହୁତ ପ୍ରଶଂସା କଲେ। ଧୀରେ ଧୀରେ ଆକାଶ ଫର୍ଚ୍ଚା ହେଇଆସୁଥାଏ। ଏପଟେ ଜେଜେମା ଆଉ ମମି ଡଙ୍ଗା ଲାଗି ସବୁ ପୂଜା ସାମଗ୍ରୀ ପ୍ରସ୍ତୁତ କରିଦେଇଥାନ୍ତି । ମମି ରିମୁନ ରିମୁନ ଡାକ ଦେଲେ। ଜେଜେମାଙ୍କ ହାତ ଧରି ରିମୁନ ଡଙ୍ଗା ଭସେଇଲା। ଜେଜେଙ୍କ ସହିତ ରିମୁନ 'ଆ କା ମା ବୈ' ଗୀତ ଗାଇଲା ଆଉ ମମି ହୁଳହୁଳି ପକାଇଲେ। ଏଇ ସମୟରେ ଜଣେ ଅଙ୍କଲ ଆସି ରିମୁନକୁ କହିଲେ ତୁମ ବୁଦ୍ଧିକୁ ମାନିବାକୁ ପଡ଼ିବ। ଭଲ କାମ କରିଛ, ତୁମ ଲାଗି ଆଜି ନଦୀକୂଳଟା ପରିଷ୍କାର ଲାଗୁଛି। ତୁମେ ଆମର ସୁନା ଝିଅ। ସବୁକଥା ଶୁଣି ଜେଜେମା ହସହସ ମୁହଁରେ ରିମୁନ ମଥାକୁ ଆଉଁଶି ଦେଲେ। ■




ଦେବେନ୍ଦ୍ର କର

ମଙ୍ଗଳାବାଗ, କଟକ
ମୋ-୯୯୩୭୯୬୩୯୧୦





ସନ୍ଦୀପ୍ତା ଦିବ୍ୟାରାଣୀ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର




ଅଭିଲାଷ
ସପ୍ତମ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ, ନିମାପଡ଼ା




ପ୍ରୀତିରାଜ୍ ଦାସ
ପଞ୍ଚମ ଶ୍ରେଣୀ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ
ନୂଆ ବଜାର, କଟକ




ସଂସ୍କୃତି ପଟ୍ଟନାୟକ
ସପ୍ତମ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ, ପୁରୀ

## ମେଲବୋର୍ଣ୍ଣ ଟି-୨୦ରେ ହାଜଲେଉଡ୍ ଶୋ

# ଭାରତକୁ ୪ ୱିକେଟ୍‌ରେ ହରାଇଲା ଅଷ୍ଟ୍ରେଲିଆ

ମେଲବୋର୍ଣ୍ଣ, ୩୧।୧୦ (ଏଜେନ୍ସି)

ଭ୍ରମଣକାରୀ ଭାରତ ବିପକ୍ଷରେ ଶୁକ୍ରବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ରେ ଅଷ୍ଟ୍ରେଲିଆ ୪ ୱିକେଟ୍‌ରେ ବିଜୟୀ ହୋଇଛି। ଦ୍ରୁତ ବୋଲର ଜୋଶ୍ ହାଜଲେଉଡ୍‌ଙ୍କ ମାରାତ୍ମକ ବୋଲିଂ ଓ ଓପନିଂରେ ଅଧିନାୟକ ମିଚେଲ ମାର୍ଶଙ୍କ ଦ୍ରୁତ ବ୍ୟାଟିଂ ବଳରେ ଘରୋଇ ଦଳ ୪୦ ବଲ୍ ବଳକା ଥାଇ ଏହି ସହଜ ବିଜୟ ହାସଲ କରିଥିଲା। ଏଥିସହ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ହାସଲ କରିଛି। ପୂର୍ବରୁ କାନବେରାରେ ଖେଳାଯାଇଥିବା ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ସିରିଜର ତୃତୀୟ ମ୍ୟାଚ୍ ରବିବାର ହୋବାର୍ଟରେ ଅନୁଷ୍ଠିତ ହେବ।





### ହାଜଲେଉଡ୍‌ଙ୍କ ସାମ୍ନାରେ ଆତ୍ମସମର୍ପଣ

୮୨ ହଜାର ୪୩୮ ଦର୍ଶକଙ୍କ ସାମ୍ନାରେ ଶୁକ୍ରବାର ଅପରାହ୍ଣରେ ମେଲବୋର୍ଣ୍ଣ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯାଇଥିବା ଏହି ଦ୍ୱିତୀୟ ଟି-୨୦ରେ ଟସ୍ ଜିତି ଘରୋଇ ଦଳର ଅଧିନାୟକ ମିଚେଲ୍ ମାର୍ଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ଅଧିନାୟକଙ୍କ ନିଷ୍ପତ୍ତିକୁ ଯଥାର୍ଥ ପ୍ରତିପାଦିତ କରି ବରିଷ୍ଠ ଦ୍ରୁତ ବୋଲର ହାଜଲେଉଡ୍ ତାଙ୍କ ସୁଇଂ ଓ ବାଉନ୍ସରେ ଭାରତୀୟ ବ୍ୟାଟିଂ ଲାଇନଅପ୍‌କୁ ଧ୍ୱସ୍ତ କରିଦେଇଥିଲେ। ହାଜଲେଉଡ୍ ତାଙ୍କ ୪ ଓଭର ସ୍ପେଲକୁ ଆରମ୍ଭରୁ ଶେଷ କରିଦେଇଥିଲେ। ଯେଉଁଥିରେ ସେ ୧୫ଟି ଡଟ୍ ବଲ୍ ପକାଇ ମାତ୍ର ୧୩ ରନ ବ୍ୟୟ କରି ଶୁବମନ ଗିଲ୍ (୫ ରନ), ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୧) ଓ ତିଳକ ବର୍ମାଙ୍କୁ ପ୍ୟାଭିଲିୟନ ପଠାଇଦେଇଥିଲେ। ଏସିଆ କପ୍ ଫାଇନାଲରେ ପାକିସ୍ତାନ ବିପକ୍ଷରେ ମ୍ୟାଚ୍ ବିଜୟୀ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳିଥିବା ତିଲକ ଏଠାରେ ଖାତା ଖୋଲିପାରି ନ ଥିଲେ। ସେହିଭଳି ବ୍ୟାଟିଂକ୍ରମର ୩ୟ ସ୍ଥାନରେ ଆସିଥିବା ସଞ୍ଜୁ ସାମସନ ମଧ୍ୟ ମାତ୍ର ୨ ରନ କରି ନାଥନ ଏଲିସଙ୍କ ବଲରେ ଏଲ୍‌ବିଡବ୍ଲ୍ୟୁ ହୋଇଯାଇଥିଲେ। ଏହାପରେ ଅକ୍ଷର ପଟେଲ ମଧ୍ୟ ୭ ରନ କରିଥିବାବେଳେ ରନ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଫଳରେ ୮ ଓଭର ବେଳକୁ ଭାରତ ୫୦ ରନ ମଧ୍ୟରେ ଅଧା ବ୍ୟାଟରଙ୍କୁ ହରାଇସାରିଥିଲା।

### ଅଭିଷେକ-ହର୍ଷିତ ସମ୍ମାନ ରଖିଲେ

ଓପନିଂରେ ଧୈର୍ଯ୍ୟର ସହ ଖେଳୁଥିବା ଅଭିଷେକ ଶର୍ମା କିନ୍ତୁ ନିମ୍ନକ୍ରମରେ ଦ୍ରୁତ ବୋଲର ହର୍ଷିତ ରାଣାଙ୍କୁ ସାଥୀ କରି ୫୬ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ଯାହାକି ଦଳର ସ୍କୋରକୁ ଶହେ ରନ ଅତିକ୍ରମ କରାଇବାରେ ସହାୟତା କରିଥିଲା। ହର୍ଷିତ ୩୩ ବଲରେ ୩ ଚୌକା ଓ ଗୋଟିଏ ଛକା ସହ କ୍ୟାରିୟର ଶ୍ରେଷ୍ଠ ୩୫ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଅଭିଷେକ ଟି-୨୦ କ୍ୟାରିୟରର ୬ଷ୍ଠ ଅର୍ଦ୍ଧଶତକ ସହ ସର୍ବାଧିକ ୬୮ ରନ କରିଥିଲେ। ୩୭ ବଲର ଏହି ପାଳିରେ ସେ ୮ଟି ଚୌକା ଓ ୨ଟି ଛକା ମାରିଥିଲେ। ଏହି ଦୁଇ ବ୍ୟାଟର୍ ଆଉଟ୍ ହେବା ଫଳରେ ଭାରତ ୧୮.୪ ଓଭରରେ ୧୨୫ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଏକଦା ୫ ୱିକେଟ୍‌ରେ ୧୦୫ ରନ କରିଥିବା ଭାରତ ଆଉ ୨୦ ରନ ଯୋଡ଼ି ଶେଷ ୫ ୱିକେଟ ହରାଇଥିଲା। ଭାରତ ୯ଜଣ ବ୍ୟାଟର୍ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଯେଉଁଥିରେ ତିଲକଙ୍କ ସହ କୁଲଦୀପ ଯାଦବ, ବରୁଣ ଚକ୍ରବର୍ତ୍ତୀ ଓ ଯଶପ୍ରୀତ୍ ବୁମରା ଖାତା ମଧ୍ୟ ଖୋଲିପାରି ନ ଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ହାଜଲେଉଡ୍ ୩ ଏବଂ ନାଥନ ଏଲିସ ଓ ଜାଭିଅର ବାର୍ଟଲେଟ୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

ଜବାବରେ ଅଷ୍ଟ୍ରେଲିଆ ଅଧିନାୟକ ମାର୍ଶଙ୍କ ୪୬ ରନର ଦ୍ରୁତ ପାଳି ବଳରେ ୧୩.୨ ଓଭରରେ ୬ ୱିକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ମାର୍ଶ ୨୬ ବଲର ଏହି ପାଳିରେ ୨ଟି ଚୌକା ଓ ୪ଟି ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରାଭିସ ହେଡ୍ ୨୮, ଜୋଶ୍ ଇଂଲିଶ ୨୦, ମିଚେଲ ଓ୍ୱେନ ୧୪ ରନ କରିଥିଲେ। ବୋଲିଂରେ ବୁମ୍‌ରା, କୁଲଦୀପ୍ ଓ ବରୁଣଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ମାର୍ଶ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ**: ୧୨୫/୧୦, ୧୮.୪ ଓଭର (ଅଭିଷେକ- ୬୮, ହର୍ଷିତ- ୩୫, ଗିଲ୍- ୫, ସାମସନ- ୨, ଅକ୍ଷର- ୭, ଦୁବେ- ୪, ହାଜଲେଉଡ୍- ୩/୧୩, ଏଲିସ- ୨/୨୧)

**ଅଷ୍ଟ୍ରେଲିଆ**: ୧୨୬/୬, ୧୩.୨ ଓଭର (ମାର୍ଶ- ୪୬, ହେଡ୍- ୨୮, ଇଂଲିଶ- ୨୦, ଷ୍ଟୋଇନିସ- ଅପରାଜିତ ୬, ବୁମରା- ୨/୨୬, ବରୁଣ- ୨/୨୩)।

## ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

# ଏଥର ନୂଆ ବିଶ୍ୱବିଜେତା

**ନଭି ମୁମ୍ବଇ, ୩୧।୧୦ (ଏଜେନ୍ସି)**: ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୧୩ତମ ସଂସ୍କରଣ ଚୂଡ଼ାନ୍ତ ପର୍ଯ୍ୟାୟରେ ଉପନୀତ ହୋଇଛି। ରବିବାର ସ୍ଥାନୀୟ ଡି.ୱାଇ. ପାଟିଲ ଷ୍ଟାଡିୟମରେ ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟାଇଟଲ୍ ଲଢ଼େଇ ହେବ। ଗତକାଲି ରୋମାଞ୍ଚକ ଦ୍ୱିତୀୟ ସେମିଫାଇନାଲ ମୁକାବିଲାରେ ହର୍‌ମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୫ ୱିକେଟ୍‌ରେ ସାତଥରର ଚାମ୍ପିଅନ ଅଷ୍ଟ୍ରେଲିଆକୁ ମାତ୍ ଦେଇ ଫାଇନାଲରେ ପ୍ରବେଶ କରିଥିଲା। ସେହିଭଳି ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ୧୨୫ ରନର ବଡ଼ ବ୍ୟବଧାନରେ ଗତଥରର ରନର୍ସଅପ୍ ଇଂଲଣ୍ଡକୁ ହରାଇ ଫାଇନାଲରେ ପହଞ୍ଚିଥିଲା। ଦକ୍ଷିଣ ଆଫ୍ରିକା ବିଶ୍ୱକପ୍ ଇତିହାସର ପ୍ରଥମଥର ଲାଗି ଫାଇନାଲ ଖେଳିବ। ଅପରପକ୍ଷରେ ଭାରତ ପୂର୍ବରୁ ୨୦୦୫ ଓ ୨୦୧୭ରେ ଫାଇନାଲ ଖେଳିଥିଲେ ମଧ୍ୟ ଉଭୟଥର ପରାଜୟବରଣ କରି ରନର୍ସଅପ୍ ହୋଇଥିଲା। ତେଣୁ ଏଥର ବିଶ୍ୱକପ୍‌ରେ ନୂଆ ବିଜେତା ଦେଖିବାକୁ ମିଳିବ। ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରୁ କେଉଁ ଦଳ ବିଶ୍ୱ ଚାମ୍ପିଅନ ହେବ ତାହା ରବିବାର ସ୍ପଷ୍ଟ ହୋଇଯିବ।

### ଅଷ୍ଟ୍ରେଲିଆ-୭, ଇଂଲଣ୍ଡ-୪

ମହିଳା ଦିନିକିଆ ବିଶ୍ୱକପ୍ ଇତିହାସର ଗତ ୧୨ଟି ସଂସ୍କରଣ ମଧ୍ୟରୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମିଳିତଭାବେ ୧୧ଥର ଟ୍ରଫି ହାତେଇନେଇଛନ୍ତି। ଯେଉଁଥିରେ ଅଷ୍ଟ୍ରେଲିଆ ସର୍ବାଧିକ ରେକର୍ଡ ୭ଥର ଓ ଇଂଲଣ୍ଡ ୪ଥର ବିଶ୍ୱମୁକୁଟ ପିନ୍ଧିଛି। ତୃତୀୟ ଦଳ ଭାବେ ନ୍ୟୁଜିଲାଣ୍ଡ ଥରେ ବିଶ୍ୱକପ୍ ଜିତିବାର ସୌଭାଗ୍ୟ ଲାଭ କରିଥିଲା। ୨୦୦୦ ମସିହାରେ ଘରୋଇ ପରିବେଶରେ ଅନୁଷ୍ଠିତ ୭ମ ସଂସ୍କରଣରେ ନ୍ୟୁଜିଲାଣ୍ଡ ବାଜିମାତ୍ କରିନେଇଥିଲା। ଏହାପରେ ଖେଳାଯାଇଥିବା ୫ଟି ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ୩ଥର ଓ ଇଂଲଣ୍ଡ ୨ଥର ବିଜୟୀ ହୋଇଛନ୍ତି। ଅର୍ଥାତ୍ ୨୫ ବର୍ଷ ପରେ ଏଥର କ୍ରିକେଟ୍‌ପ୍ରେମୀ ଗୋଟିଏ ନୂଆ ବିଶ୍ୱବିଜେତାକୁ ଦେଖିବାକୁ ପାଇବେ।

**ମହିଳା ବିଶ୍ୱକପ୍‌ର ଫଳାଫଳ**

| ସଂସ୍କରଣ | ଚାମ୍ପିଅନ | ରନର୍ସଅପ୍ |
|---|---|---|
| ୧୯୭୩ | ଇଂଲଣ୍ଡ | ଅଷ୍ଟ୍ରେଲିଆ |
| ୧୯୭୮ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୮୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୮୮ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୧୯୯୩ | ଇଂଲଣ୍ଡ | ନ୍ୟୁଜିଲାଣ୍ଡ |
| ୧୯୯୭ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ |
| ୨୦୦୦ | ନ୍ୟୁଜିଲାଣ୍ଡ | ଅଷ୍ଟ୍ରେଲିଆ |
| ୨୦୦୫ | ଅଷ୍ଟ୍ରେଲିଆ | ଭାରତ |
| ୨୦୦୯ | ଇଂଲଣ୍ଡ | ନ୍ୟୁଜିଲାଣ୍ଡ |
| ୨୦୧୩ | ଅଷ୍ଟ୍ରେଲିଆ | ୱେଷ୍ଟଇଣ୍ଡିଜ |
| ୨୦୧୭ | ଇଂଲଣ୍ଡ | ଭାରତ |
| ୨୦୨୨ | ଅଷ୍ଟ୍ରେଲିଆ | ଇଂଲଣ୍ଡ |
| ୨୦୨୫ | --- | --- |

# ଫାଇନାଲ ମ୍ୟାଚ୍ ପରିଚାଳନା କରିବେ ଜ୍ୟାକ୍‌ଲିନ୍ ଓ ଏଲୋଇସ୍



**ନଭି ମୁମ୍ବଇ, ୩୧।୧୦ (ଏଜେନ୍ସି)**: ଆୟୋଜକ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ରବିବାର ଖେଳାଯିବ। ଏହି ହାଇଭୋଲଟେଜ ମୁକାବିଲା ଲାଗି କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ମ୍ୟାଚ୍ ଅଫିସିଆଲ୍‌ଙ୍କ ନାମ ଶୁକ୍ରବାର ଘୋଷଣା କରାଯାଇଛି। ଅଷ୍ଟ୍ରେଲିଆର ଏଲୋଇସ୍ ଶେରିଡାନ ଓ ଜାମାଇକାର ଜ୍ୟାକଲିନ୍ ୱିଲିୟମ୍ସ ଫାଇନାଲରେ ଫିଲ୍ଡ ଅମ୍ପାୟର ଭାବେ ଦାୟିତ୍ୱ ତୁଲାଇବେ। ଏଥିପୂର୍ବରୁ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ମଧ୍ୟ ଶେରିଡାନ ଓ ଜ୍ୟାକ୍‌ଲିନ୍ ଯୋଡ଼ି ଫିଲ୍ଡ ଅମ୍ପାୟର ଭୂମିକା ନିଭାଇଥିଲେ। ସେହିଭଳି ଅକ୍ଟୋବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ଲିଗ୍ ପର୍ଯ୍ୟାୟ ମ୍ୟାଚରେ ଜ୍ୟାକଲିନଙ୍କୁ ଫିଲ୍ଡ ଅମ୍ପାୟର ଭୂମିକାରେ ଦେଖିବାକୁ ମିଳିଥିଲା। ଅପରପକ୍ଷରେ ଫାଇନାଲରେ ଇଂଲଣ୍ଡର ସୁଏ ରେଡ୍‌ଫର୍ନ ତୃତୀୟ, ଶ୍ରୀଲଙ୍କାର ନୀଳିମା ପେରେରା ୪ର୍ଥ ଅମ୍ପାୟର ଭାବେ କାର୍ଯ୍ୟ କରିବେ। ଶ୍ରୀଲଙ୍କାର ମିଚେଲ ପେରେଇରାଙ୍କୁ ମ୍ୟାଚ୍ ରେଫରୀ ନିଯୁକ୍ତ କରାଯାଇଛି।

# ପର୍ତ୍ତୁଗାଲ ୧୬ ବର୍ଷରୁ କମ୍ ଦଳ ପାଇଁ ପଦାର୍ପଣ କଲେ ରୋନାଲ୍ଡୋଙ୍କ ପୁଅ

ଲିସବନ୍, ୩୧।୧୦ (ଏଜେନ୍ସି): ବିଶ୍ୱର ତାରକା ଫୁଟ୍‌ବଲ ଖେଳାଳି କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ବଡ଼ ପୁଅ ପର୍ତ୍ତୁଗାଲ୍‌ର ୧୬ ବର୍ଷରୁ କମ୍ ଦଳ ପାଇଁ ପଦାର୍ପଣ କରିଛନ୍ତି। ଫେଡେରେସନ କପ୍ ଟୁର୍ଣ୍ଣାମେଣ୍ଟରେ ଗତକାଲି ପର୍ତ୍ତୁଗାଲ ଓ ତୁର୍କୀ ଜୁନିଅର ଦଳ ମଧ୍ୟରେ ଅନୁଷ୍ଠିତ ମ୍ୟାଚରେ ରୋନାଲ୍ଡୋଙ୍କ ପୁଅ ୧୫ ବର୍ଷୀୟ କ୍ରିଷ୍ଟିଆନୋ ସାଣ୍ଟୋସ ଖେଳିଥିଲେ। ସେ ମ୍ୟାଚର ୯୦ତମ ମିନିଟ୍‌ରେ ବଦଳ ଖେଳାଳି ଭାବେ ପଡ଼ିଆକୁ ପ୍ରବେଶ କରିଥିଲେ। ଏହି ମ୍ୟାଚରେ ପର୍ତ୍ତୁଗାଲ ୧୬ ବର୍ଷରୁ କମ୍ ଦଳ ୨-୦ ଗୋଲରେ ବିଜୟୀ ହୋଇଥିଲା। ଉଲ୍ଲେଖଯୋଗ୍ୟ, ସାଣ୍ଟୋସ ବର୍ତ୍ତମାନ ସାଉଦୀ ଆରବର ଅନଲ୍-ନାସର କ୍ଲବର ୟୁଥ୍ ଏକାଡେମୀ ପକ୍ଷରୁ ଖେଳୁଛନ୍ତି। ଏହି ସମାନ କ୍ଲବ ପକ୍ଷରୁ ମଧ୍ୟ ସାଣ୍ଟୋସଙ୍କ ପିତା କ୍ରିଷ୍ଟିଆନୋ ମଧ୍ୟ ପ୍ରତିନିଧିତ୍ୱ କରୁଛନ୍ତି।

## ● ଅନ୍‌ଅଫିସିଆଲ୍ ଟେଷ୍ଟ

# ପନ୍ତ, ପାଟିଦାର, ପଡ଼ିକଲ୍ ଫେଲ୍

**ବେଙ୍ଗାଲୁରୁ, ୩୧।୧୦ (ଏଜେନ୍ସି)**: ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା-ଏ ଦଳ ବିପକ୍ଷରେ ଏଠାରେ ଚାଲିଥିବା ଚାରିଦିବସୀୟ ପ୍ରଥମ ଅନ୍‌ଅଫିସିଆଲ୍ ଟେଷ୍ଟ ମ୍ୟାଚରେ ଭାରତ-ଏ ପ୍ରଥମ ପାଳିରେ ପଛୁଆ ରହିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା-ଏ ୩୦୯ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା।



ଜବାବରେ ଘରୋଇ ଭାରତ-ଏ ପ୍ରଥମ ପାଳିରେ ୫୮ ଓଭରରେ ୨୩୪ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଦଳ ପକ୍ଷରୁ ଓପନର୍ ଆୟୁଷ ମହାତ୍ରେ ସର୍ବାଧିକ ୬୫ ରନ କରିଥିଲେ। ମହାତ୍ରେ ଓ ସାଇ ସୁଦର୍ଶନ (୩୨ ରନ) ଓପନିଂ ୱିକେଟ୍ ଯୋଡ଼ିରେ ୯୦ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ଦେଇଥିଲେ। କିନ୍ତୁ ମଧ୍ୟକ୍ରମ ବିଫଳତା ଯୋଗୁ ଭାରତ-ଏ ଅଗ୍ରଣୀ ହାସଲ କରିବାରେ ବିଫଳ ହୋଇଥିଲା। ବିଶେଷ କରି ଆହତ ସମସ୍ୟାରୁ ଫେରିଥିବା ତଥା ଦଳର ନେତୃତ୍ୱ ନେଉଥିବା ଋଷଭ ପନ୍ତ ମାତ୍ର ୧୭ ରନ କରି ଆଉଟ୍ ହୋଇଥିଲେ। ସେହିଭଳି ଅନ୍ୟ ଦୁଇ ତାରକା ଖେଳାଳି ରଜତ ପାଟିଦାର ଓ ଦେବଦତ୍ତ ପାଡିକଲ୍ ଯଥାକ୍ରମେ ୧୯ ଓ ୬ ରନ କରି ନିରାଶ କରିଥିଲେ। ଆୟୁଷ ବଦୋନୀ ୩୮ ରନର ଉପଯୋଗୀ ପାଳି ଖେଳିବାରୁ ଦଳୀୟ ସ୍କୋର ୨୦୦ ରନ ଅତିକ୍ରମ କରିଥିଲା। ବୋଲିଂରେ ଦକ୍ଷିଣ ଆଫ୍ରିକା-ଏ ପକ୍ଷରୁ ଅଫ୍-ସ୍ପିନର ପ୍ରିନେଲାନ ସୁବ୍ରାୟେନ ୫ ୱିକେଟ୍ ସଫଳତା ପାଇଥିଲେ। ଏହାପରେ ୭୫ ରନ ଅଗ୍ରଣୀ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା-ଏ ଶୁକ୍ରବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୧୨ ଓଭରରେ କୌଣସି ୱିକେଟ୍ ନ ହରାଇ ୩୦ ରନ ସଂଗ୍ରହ କରିଛି। ଫଳରେ ଭ୍ରମଣକାରୀ ଦଳ ଏବେ ମୋଟ୍ ଉପରେ ୧୦୫ ରନରେ ଆଗୁଆ ରହିଛି।

# ଏଥର ଦୁଇଟି ପର୍ଯ୍ୟାୟରେ ଆଇଡବ୍ଲ୍ୟୁଏଲ୍

**ନୂଆଦିଲ୍ଲୀ, ୩୧।୧୦ (ଏଜେନ୍ସି)**: ଇଣ୍ଡିଆନ୍ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ର ଆଗାମୀ ୨୦୨୫-୨୬ ସିଜନ ଦୁଇଟି ପର୍ଯ୍ୟାୟରେ ଖେଳାଯିବ। ଡିସେମ୍ବର ୨୦ରୁ ଜାନୁଆରୀ ୬ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ




ମ୍ୟାଚ୍ ଅନୁଷ୍ଠିତ ହେବ। ସେହିଭଳି ଏପ୍ରିଲରୁ ମେ ମଧ୍ୟରେ ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍ଏଫ୍) ପକ୍ଷରୁ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ତେବେ ଅଫିସିଆଲ୍ ଭାବେ ଏଆଇଏଫ୍ଏଫ୍ ପକ୍ଷରୁ ପରବର୍ତ୍ତୀ ସମୟରେ ତାରିଖ ଘୋଷଣା କରିବ। ଗୋଆର ବାମ୍ବୋଲିମସ୍ଥିତ ଜିଏମ୍‌ସି ଷ୍ଟାଡିୟମ ଓ ମାରଗାଁସ୍ଥିତ ପଣ୍ଡିତ ଜବାହରଲାଲ ନେହରୁ ଷ୍ଟାଡିୟମରେ ଏଥର ଆଇଡବ୍ଲ୍ୟୁଏଲର ମ୍ୟାଚ ଅନୁଷ୍ଠିତ ହେବାର ସମ୍ଭାବନା ରହିଛି।

## ସବ୍‌ଜୁନିୟର ଜାତୀୟ ବାଳକ ଫୁଟବଲ

# ଓଡ଼ିଶାର ଅଭିଯାନ ଶେଷ

**କଟକ,୩୧।୧୦(ସମିସ)**: ପଞ୍ଜାବ ଅମ୍ରିତସରର ମାଉଣ୍ଟ ଲିଟେରା ଜି ସ୍କୁଲ ଗ୍ରାଉଣ୍ଡରେ ଶୁକ୍ରବାର ଖେଳାଯାଇଥିବା ସବଜୁନିୟର ଜାତୀୟ ବାଳକ ଫୁଟବଲ ଚାମ୍ପିଅନସିପ୍‌ର ବିହାର ବିପକ୍ଷ ମ୍ୟାଚ୍‌କୁ ଓଡ଼ିଶା ୨-୨ ଗୋଲରେ ଡ୍ର ରଖିଛି। ଖେଳର ପ୍ରଥମାର୍ଦ୍ଧ ଗୋଲ୍‌ଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାର ସତ୍ୟଜିତ ସିଂହ, ଆୟନ ଖାନ, ବିହାରର ଚିରାଗ ରାଜ ଏବଂ ପ୍ରେମ କୁମାର ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ତେବେ ଚାମ୍ପିଅନସିପ୍‌ରେ ଓଡ଼ିଶାର ଅଭିଯାନ ଶେଷ ହୋଇଛି। ଓଡ଼ିଶା ପ୍ରଥମ ଦୁଇ ଲିଗ୍‌ରେ ଏକତରଫା ଭାବେ ମଣିପୁର ଏବଂ ମିଜୋରାମଠାରୁ ପରାସ୍ତ ହେବା ଦଳ ପାଇଁ ମହଙ୍ଗା ପଡ଼ିଛି।





# ଗୁଜରାଟଠାରୁ ହାରିଲା ଓଡ଼ିଶା

**କଟକ,୩୧।୧୦(ସମିସ)**: ୧୯ ବର୍ଷରୁ କମ୍ ଜାତୀୟ ମହିଳା ଟି-୨୦ ଟ୍ରଫିର ୪ର୍ଥ ଲିଗ୍ ମ୍ୟାଚ୍‌ରେ ଓଡ଼ିଶାକୁ ୧୦ ରନରେ ଗୁଜରାଟ ପରାସ୍ତ କରିଛି। ଭିଲାଇର ବିଏସପି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍ ବର୍ଷା ଯୋଗୁଁ ୫ ଓଭର ବିଶିଷ୍ଟ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗୁଜରାଟ ୪ ୱିକେଟ ବିନିମୟରେ ୪୦ ରନ ସଂଗ୍ରହ କରିଥିଲା। ଶ୍ରେୟା ପ୍ରିୟଦର୍ଶିନୀ ଏବଂ ପ୍ରିୟଦର୍ଶିନୀ ପରମାଣିକ ଯଥାକ୍ରମେ ୨ଟି ଓ ଗୋଟିଏ ୱିକେଟ ଦଖଲ କରିଥିଲେ। ଜବାବରେ ଓଡ଼ିଶା ୬ ୱିକେଟ ହରାଇ ୩୦ ରନ ସଂଗ୍ରହ କରିଥିଲା। ଅନନ୍ୟା ରାଉତ ସର୍ବାଧିକ ୧୩ ରନ କରିଥିଲେ। ବିଜୟୀ ଦଳର ଆଚସା ପରମାର ଏବଂ ଗୌରୀ ଗୋଏଲ ୨ଟି ଲେଖାଏ ୱିକେଟ ହାସଲ କରିଥିଲେ।

## ଭାରତରେ ଚେସର୍ ପ୍ରସାର ନେଇ ଉଦ୍ୟମ

# ଫିଡେ ସହ ବୁଝାମଣା କଲା କିଟ୍

**ଭୁବନେଶ୍ୱର, ୩୧।୧୦ (ସମିସ)**: ଭାରତରେ ଚେସ୍‌ର ପ୍ରସାର ନିମନ୍ତେ କିଟ୍ ବିଶ୍ୱବିଦ୍ୟାଳୟ ଆଗେଇ ଆସିଛି। ଏଥିଲାଗି କିଟ୍, ଭାରତୀୟ ଚେସ୍ ସଂଘ (ଏଆଇସିଏଫ୍) ଓ ଅନ୍ତର୍ଜାତୀୟ ଚେସ୍ ସଂଘ (ଫିଡେ) ମଧ୍ୟରେ ଶୁକ୍ରବାର ଗୋଆଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଭାରତରେ ବିଦ୍ୟାଳୟସ୍ତରରୁ ଚେସ୍‌ର ପ୍ରସାର ଲକ୍ଷ୍ୟରେ ଏହି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଫିଡେ ସଭାପତି ଆର୍କାଡି ଭର୍କୋଭିଚ୍, ଫିଡେ ମ୍ୟାନେଜମେଣ୍ଟ ବୋର୍ଡ ଉପାଧ୍ୟକ୍ଷ ଜିଏମ୍ ଦାନା ରେଜିନାଇସ୍, ଫିଡେ ଚୟନ କମିଟିର ସଦସ୍ୟ ତଥା ମୁଖ୍ୟ କୋଚ୍ ଜିଏମ୍ ଅଭିଜିତ କୁନ୍ତେ, ଚେସ୍ ତାରକା ବିଶ୍ୱନାଥନ୍ ଆନନ୍ଦ, ଏଆଇସିଏଫ୍ ସଭାପତି ନତିନ୍ ନାରଙ୍ଗ, ଫିଡେ ଇଭେଣ୍ଟ କମିଟିର ସଦସ୍ୟ ରଞ୍ଜନ ମହାନ୍ତି ଏବଂ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା।



ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କିଟ୍ ଓ କିସ୍‌ର ବ୍ୟାପକ ଯୋଗଦାନ ଥିବାରୁ ଫିଡେ କିଟ୍ ସହ ବୁଝାମଣା କରିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ୨୦୨୬ ଜାନୁଆରୀ ମାସରେ କିଟ୍‌ରେ ଆନ୍ତର୍ଜାତିକ ଚେସ୍ ଫେଷ୍ଟିଭାଲ ଅନୁଷ୍ଠିତ ହେବାକୁ ଯାଉଛି। ଏହାର ଅବ୍ୟବହିତ ପୂର୍ବରୁ ଏହି ବୁଝାମଣା ହୋଇଛି। ଏହି ଫେଷ୍ଟିଭାଲରେ ପ୍ରାୟ ୩୫ ଦେଶର ଚେସ୍ ସଂଘର ମୁଖ୍ୟ ତଥା ଫିଡେ ଓ ଏଆଇସିଏଫ୍‌ର ସଭାପତି ଓ ଚେସ୍ ତାରକାମାନେ ମଧ୍ୟ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ପ୍ରଥମ ଥର ପାଇଁ ଭାରତରେ ବିଶେଷ କରି ଓଡ଼ିଶାର କିଟ୍ ପରିସରରେ ଏଭଳି ଚେସ୍ ଫେଷ୍ଟିଭାଲ୍ ଅନୁଷ୍ଠିତ ହେବାକୁ ଯାଉଛି। ଏହା ପୂର୍ବରୁ ଫୁଟ୍‌ବଲ୍‌ର ପ୍ରସାର ନିମନ୍ତେ କିଟ୍ ମଧ୍ୟ ଅନ୍ତର୍ଜାତୀୟ ଫୁଟ୍‌ବଲ୍ ସଂଘ (ଫିଫା) ସହ ବୁଝାମଣା କରି ଇତିହାସ ସୃଷ୍ଟି କରିଥିଲା। ସେହିଭଳି ଭଲିବଲ୍‌ର ପ୍ରସାର ନିମନ୍ତେ ଅନ୍ତର୍ଜାତୀୟ ଭଲିବଲ୍ ସଂଘ (ଏଫ୍ଆଇଭିବି) ସହ କିଟ୍ ବୁଝାମଣା କରିଛି। ଚେସ୍‌ର ପ୍ରସାର ନିମନ୍ତେ ଏବେ ଫିଡେ ସହ ବୁଝାମଣା ହେଉଛି କିଟ୍‌ର ତୃତୀୟ ଅନ୍ତର୍ଜାତୀୟ କ୍ରୀଡ଼ା ସଂଘ ସହ ବୁଝାମଣା।

## ରଣଜୀ ଟ୍ରଫି

# ଆଜିଠୁ ବାରବାଟୀରେ ଓଡ଼ିଶା-ଆନ୍ଧ୍ର ଲଢ଼େଇ

କଟକ,୩୧।୧୦(ସମିସ)

ଚଳିତ ରଣଜୀ ଟ୍ରଫିର ୩ୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶନିବାରଠାରୁ ଆରମ୍ଭ ହେବ। ପ୍ରଥମ ଦୁଇ ମୁକାବିଲାରେ ନିରାଶ କରିଥିବା ଓଡ଼ିଶା ୩ୟ ମ୍ୟାଚ୍ ନିଜସ୍ୱ ଘରୋଇ ଗ୍ରାଉଣ୍ଡ ବାରବାଟୀ ଷ୍ଟାଡିୟମରେ ଖେଳିବ। ଶୁଭ୍ରାଂଶୁ ସେନାପତିଙ୍କ ନେତୃତ୍ୱାଧୀନ ଓଡ଼ିଶା ରିକି ଭୁଇଙ୍କ ନେତୃତ୍ୱାଧୀନ ଆନ୍ଧ୍ରପ୍ରଦେଶକୁ ଭେଟିବ। ଉଭୟ ଦଳ ଚଳିତ ସିଜନ୍‌ରେ ଏପର୍ଯ୍ୟନ୍ତ ବିଜୟର ସ୍ୱାଦ ଚାଖି ପାରିନାହାନ୍ତି। ଆନ୍ଧ୍ର ୨ଟି ଯାକ ମ୍ୟାଚ୍ ଡ୍ର ରଖିଥିବା ବେଳେ ଓଡ଼ିଶା ଗୋଟିଏ ବିଜୟ ଏବଂ ଗୋଟିଏ ପରାଜୟର ସାମ୍ନା କରିଛି। ଆନ୍ଧ୍ରପ୍ରଦେଶଠାରୁ ବିଜୟ ପଏଣ୍ଟ ଆଶା ନେଇ ଓଡ଼ିଶା ଦଳ ଶନିବାର ପଡ଼ିଆକୁ ଓହ୍ଲାଇବ।



ଗତ ୧୮ ବର୍ଷ ଭିତରେ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶା ରଣଜୀ ଟ୍ରଫିରେ ଦୁଇଥର ମୁହାଁମୁହିଁ ହୋଇଛନ୍ତି। ଆନ୍ଧ୍ର ଗୋଟିଏ ମ୍ୟାଚ୍ ଜିତିଛି। ଅନ୍ୟ ମ୍ୟାଚ୍‌ଟି ଅମୀମାଂସିତ ରହିଛି। ଏଣୁ ସାମ୍ନାସାମ୍ନି ମୁକାବିଲାରେ ଆନ୍ଧ୍ରର ପଲା ଭାରି ରହିଛି। ଚଳିତ ସଂସ୍କରଣରେ ଉତ୍ତରପ୍ରଦେଶ ଏବଂ ବରୋଦା ଭଳି ଶକ୍ତିଶାଳୀ ଦଳ ବିପକ୍ଷ ମ୍ୟାଚ୍‌କୁ ଆନ୍ଧ୍ରପ୍ରଦେଶ ଡ୍ର ରଖିଛି। ସେଖ୍ ରସିଦ ଏବଂ ୱିକେଟକିପର ଶ୍ରୀକର ଭାରତଙ୍କ ବ୍ୟାଟରୁ ଶତକୀୟ ପାଳି ଦେଖିବାକୁ ମିଳିଛି। ଏହି ଦୁଇ ବ୍ୟାଟରଙ୍କ ବ୍ୟତୀତ ଆନ୍ଧ୍ରପ୍ରଦେଶ ଅନ୍ୟ କୌଣସି ଖେଳାଳିଙ୍କଠାରୁ ଆଶାନୁରୂପ ପ୍ରଦର୍ଶନ ପାଇ ପାରିନାହିଁ। ଆନ୍ଧ୍ରର ବୋଲିଂ ଆଟାକ୍‌କୁ ନଜର ପକାଇଲେ ମଧ୍ୟ ମିଶ୍ରିତ ଫଳ ଜଣାପଡେ। କାଭୁରି ସୈତେଜା, ତ୍ରିପୁରନା ବିଜୟ, ସେଖ୍ ରସିଦ, ୱାଇ ପୃଥ୍ୱୀରାଜ ଦଳର ପ୍ରମୁଖ ବୋଲର ହୋଇଥିଲେ ମଧ୍ୟ ୱିକେଟ ହାସଲରେ ଏମାନଙ୍କ ଭୂମିକା ପଛୁଆ ରହିଛି। ଗତ ଦୁଇ ମ୍ୟାଚରେ ଓଡ଼ିଶାର ପ୍ରଦର୍ଶନକୁ ନଜର ପକାଇଲେ ଗୋଟିଏ ହେଲେ ବି ଶତକୀୟ ଇନିଂସ୍ ଦେଖିବାକୁ ମିଳିନି। ଅଧିନାୟକ ଶୁଭ୍ରାଂଶୁଙ୍କ ସମେତ ଗୋବିନ୍ଦ ପୋଦ୍ଦାର, ସ୍ୱସ୍ତିକ ସାମଲ, ସନ୍ଦୀପ ପଟ୍ଟନାୟକ, ରାଜେଶ ଧୂପର ଓ ସମ୍ବିତ ବରାଳ ଅର୍ଦ୍ଧଶତକୀୟ ଇନିଂସ୍ ଖେଳିଛନ୍ତି। ଆଶୀର୍ବାଦ ସ୍ୱାଇଁ, ଗୌରବ ଚୌଧୁରୀଙ୍କଠାରୁ ଆଶା କରି ଓଡ଼ିଶା ଦଳ ନିରାଶ ହୋଇଛି। ଅନ୍ୟପକ୍ଷରେ ପଦାର୍ପଣ ମ୍ୟାଚ୍‌ରେ ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ସମ୍ବିତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଉତ୍ତରପ୍ରଦେଶ ବିପକ୍ଷରେ ସେ ଅପରାଜିତ ୫୯ ରନ କରିବା ସହ ୩ଟି ୱିକେଟ ଅକ୍ତିଆର କରିଥିଲେ। ବୋଲିଂ ଅଲରାଉଣ୍ଡର କ୍ରମରେ ରାଜେଶ ମହାନ୍ତିଙ୍କ ଅବଦାନ ମଧ୍ୟ ଆଶାନୁରୂପ ରହିଛି। ବୋଲିଂରେ ସଫଳତା ପାଇ ନଥିଲେ ସୁଦ୍ଧା ରାଜେଶ ଉତ୍ତରପ୍ରଦେଶ ବିପକ୍ଷରେ ଗୁରୁତ୍ୱପୂର୍ଣ୍ଣ ୪୮ ରନର ପାଳି ଖେଳିଥିଲେ। ବାଦଲ ବିଶ୍ୱାଳ, ସୁମିତ ଶର୍ମା ଏବଂ ଗୋବିନ୍ଦ ପୋଦ୍ଦାରଙ୍କ ଉପରେ ଓଡ଼ିଶାର ସ୍ପିନ ବୋଲିଂ ଆଟାକ ନିର୍ଭରଶୀଳ। ପେସ୍ ବୋଲିଂରେ ରାଜେଶ, ସୁନୀଲ ରାଉଳ ଓ ସମ୍ବିତ ସଫଳତା ସାଉଁଟିଲେ ଆନ୍ଧ୍ରପ୍ରଦେଶକୁ ବାରବାଟୀରେ ଓଡ଼ିଶା ହରାଇ ପାରିବ ବୋଲି କ୍ରିକେଟ ସମୀକ୍ଷକଙ୍କ ଭିତରେ ଆଲୋଚନା ହେଉଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS